ଧରିତ୍ରୀ
DHARITRI
ବାଲେଶ୍ୱର, ଶୁକ୍ରବାର, ଫେବୃୟାରୀ ୮/୨୦୧୯ (୨୦ ପୃଷ୍ଠା) Balasore, Friday, February 8/ 2019 ★★★★
୪୫ଶ ଭାଗ ୭୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




KP GROUP
Quality Since 1965
ଛୋଟ ଛୋଟ
କ୍ଷଣଗୁଡ଼ିକର
ନିଆରା ଯାତ୍ରା...
Anokha Swad
20% EXTRA
कमला पसन्द
अनोखा स्वाद
पान मसाला
କମଳା ପସନ୍ଦ
ବୈଧାନିକ ସତର୍କତା: ପାନମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। (NOTFORMINORS) 0% TOBACCO * NICOTINE NOT ADDED * MAGNESIUM NOT ADDED
Watch at : f YouTube

# ଧରିତ୍ରୀ
DHARITRI

ବାଲେଶ୍ୱର, ଶୁକ୍ରବାର, ଫେବୃୟାରୀ ୮/୨୦୧୯ | Balasore, Friday, February 8/2019 | ପୃଷ୍ଠା-୧




## ମାର୍ଚ୍ଚ ୯ରେ ଆକାଶ ଅମ୍ବାନୀଙ୍କ ବିବାହ

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧକ୍ଷ ମୁକେଶ ଅମ୍ବାନୀଙ୍କ ପୁତ୍ର ଆକାଶ ଆସନ୍ତା ମାର୍ଚ୍ଚରେ ଶ୍ଲୋକା ମେହେଟ୍ଟାଙ୍କୁ ବିବାହ କରିବାକୁ ଯାଉଛନ୍ତି।

୧୨

୧୬

## ଗୋଲ୍ଡ କପ୍ ଫୁଟ୍‌ବଲକୁ ନେଇ ଉତ୍ସାହିତ ଶ୍ରଦ୍ଧାଞ୍ଜଳି

କଳିଙ୍ଗ ଷ୍ଟାଡିୟମରେ ଗୋଲ୍ଡ କପ୍ ଅନ୍ତର୍ଜାତୀୟ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟରେ ଭାରତ କଡ଼ା ଟକ୍କର ଦେବ ବୋଲି ଆଶା ରଖିଛନ୍ତି ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ।



# ରେପୋ ରେଟ୍ ୦.୨୫% ହ୍ରାସ




ମୁମ୍ବାଇ,୭।୨

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗୁରୁବାର ଚଳିତ ଆର୍ଥିକ ବର୍ଷ ପାଇଁ ଏହାର ୬ଷ୍ଠ ତଥା ଅନ୍ତିମ ମୁଦ୍ରାନୀତି ଘୋଷଣା କରିଛି। ଦୀର୍ଘ ୧୭ ମାସ ପରେ ରେପୋ ରେଟ୍‌ରେ ୨୫ ବେସିସ୍ ପଏଣ୍ଟ ଅର୍ଥାତ୍ ୦.୨୫% ହ୍ରାସ କରାଯାଇଛି। ୨୦୧୭ ଅଗଷ୍ଟରେ କେନ୍ଦ୍ରୀୟ ବ୍ୟାଙ୍କ ଏହାର ମୁଦ୍ରାନୀତିରେ ରେପୋ ରେଟ ହ୍ରାସ କରିଥିଲା। ଫଳରେ ଏହା ୬.୫ରୁ ୬.୨୫ପ୍ରତିଶତକୁ ହ୍ରାସ ପାଇବ। ଏଥିଯୋଗୁ ସାଧାରଣ ଜନତାଙ୍କୁ ଆଶ୍ୱସ୍ତି ମିଳିବାକୁ ଯାଉଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ମୁଦ୍ରା ନୀତି ସମୀକ୍ଷା କମିଟି(ଏମ୍‌ପିସି)ର ୬ ସଦସ୍ୟଙ୍କ ମଧ୍ୟରୁ ୪ ଜଣ ରେପୋ ରେଟ ହ୍ରାସକୁ ସମର୍ଥନ କରିଥିବା ବେଳେ ଡେପୁଟି ଗଭର୍ନର ବିରଳ ଆଚାର୍ଯ୍ୟ ଓ ଚେତନ ଘାଟେ ଏହାକୁ ବିରୋଧ କରିଥିଲେ। ସୂଚନାଥାଉ କି, ଆର୍‌ବିଆଇ ବିଗତ ୩ ଥର ନିଜର ମୁଦ୍ରାନୀତିରେ କୌଣସି ପରିବର୍ତ୍ତନ ଆଣି ନ ଥିଲା। ପୂର୍ବରୁ ଏହା ଦୁଇଥର ୦.୨୫% ହିସାବରେ ରେପୋ ରେଟ ବଢ଼ାଇଥିଲା। ଡିସେମ୍ବର ୨୦୧୮ ମୁଦ୍ରା ନୀତିରେ ରିଜର୍ଭ ବ୍ୟାଙ୍କ ସୁଧ ହାର ଅପରିବର୍ତ୍ତିତ ରଖିଥିଲେ ମଧ୍ୟ ଆଗାମୀ ଦିନରେ କୌଣସି ବିପଦ ଦେଖା ନ ଦେଲେ ସୁଧ ହାର ହ୍ରାସ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ରିଜର୍ଭ ବ୍ୟାଙ୍କର ଗଭର୍ନର ଭାବେ ଶକ୍ତିକାନ୍ତ ଦାସ ଦାୟିତ୍ୱ ନେବା ପରେ ପ୍ରଥମଥର ମୁଦ୍ରା ନୀତି କମିଟି ବୈଠକରେ ଅଧ୍ୟକ୍ଷତା କରିଥିଲେ। ଚଳିତ ଆର୍ଥିକ ବର୍ଷ ଲାଗି ରିଜର୍ଭ ବ୍ୟାଙ୍କ ଶେଷ ମୁଦ୍ରା ନୀତି ଘୋଷଣା କରିଛି।


### ବିଧାନସଭାରେ କାମଚଳା ବଜେଟ ଉପସ୍ଥାପନ କଲେ ଅର୍ଥମନ୍ତ୍ରୀ

# ୪ ମାସ ପାଇଁ ୫୬,୯୨୧ କୋଟି


### ବ୍ୟୟ ଅଟକଳ

- ୨୦୧୯-୨୦ ପାଇଁ ୧.୩୨ କୋଟି
- ନିର୍ବାଚନ ପାଇଁ ୯୦ କୋଟି
- ୧୦୦ କୋଟିରେ ହେବ ହାଇକୋର୍ଟ ବେଞ୍ଚ ଭିତ୍ତିଭୂମି
- ୧ ଲକ୍ଷ ୩ ହଜାର କୋଟିରେ ପହଞ୍ଚିବ ରାଜ୍ୟ ଋଣଭାର
- ଖୋଲାବଜାରରୁ ଉଠାଯିବ ୧୪ ହଜାର କୋଟି ଋଣ
- ୮.୫% ଆର୍ଥିକ ଅଭିବୃଦ୍ଧି ଲକ୍ଷ୍ୟ

ଟଙ୍କାଟିଏ ଆୟ




ଟଙ୍କାଟିଏ ବ୍ୟୟ






ଶଶୀଭୂଷଣ ବେହେରା

ଭୁବନେଶ୍ୱର, ୭।୨(ବ୍ୟୁରୋ)

ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଆସନ୍ତା ୪ ମାସ ପାଇଁ ୫୬ ହଜାର ୯୨୧ କୋଟି ଟଙ୍କାର କାମଚଳା ବଜେଟ ପ୍ରସ୍ତୁତ କରିଛନ୍ତି। ଗୁରୁବାର ଅପରାହ୍ନରେ ଅର୍ଥମନ୍ତ୍ରୀ ଶଶୀଭୂଷଣ ବେହେରା ଏହି ବଜେଟକୁ ଅନୁମୋଦନ ପାଇଁ ବିଧାନସଭାରେ ଉପସ୍ଥାପନ କରିଛନ୍ତି। ନିର୍ବାଚନକୁ ଦେଖି ରାଜ୍ୟ ସରକାର କୃଷକ, ଯୁବଗୋଷ୍ଠୀ, ମହିଳାମାନଙ୍କୁ ଖୁସି କରାଇବାକୁ ଉଦ୍ୟମ କରିଛନ୍ତି। ଏହାଛଡ଼ା ଖାଦ୍ୟ ନିରାପତ୍ତା, ସାମାଜିକ ନିରାପତ୍ତା, ସ୍ୱାସ୍ଥ୍ୟ, ମହିଳା ସଶକ୍ତୀକରଣ, ଜନଜାତି ବିକାଶ, ଶିକ୍ଷା, କୁଶଳୀ ଓଡ଼ିଶା, କ୍ରୀଡ଼ା, ଜଳସେଚନ ଆଦି ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ବଜେଟରେ ପ୍ରାକୃତିକ ବିପର୍ଯ୍ୟୟ ଓ ନିର୍ବାଚନ ପରିଚାଳନା ନିମନ୍ତେ ଶତ ପ୍ରତିଶତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ବାର୍ଷିକ ବ୍ୟୟ ଅଟକଳ ପାଇଁ ମୂଳ ବଜେଟର ପ୍ରାୟ ଶତକଡ଼ା ୪୦ ପ୍ରତିଶତ ବ୍ୟୟବରାଦ କରାଯାଇଛି। ଦରମା ବାବଦରେ ୨୫ ହଜାର ୫ ଶହ କୋଟି, ପେନ୍‌ସନ୍ ୧୩ ହଜାର ୩ଶହ କୋଟି, ସୁଧଦେୟ ବାବଦରେ ୬ହଜାର ୫ଶହ କୋଟି ଏବଂ ପୁଞ୍ଜି ପରିଚାଳନା ପାଇଁ ୪ ହଜାର ୮ଶହ ୮୦ କୋଟି ଟଙ୍କାକୁ ମିଶାଇ ମୋଟ ପ୍ରଶାସନିକ ବ୍ୟୟ ୫୮ ହଜାର ୧୭୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି।

୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ୧ ଲକ୍ଷ ୩୨ ହଜାର ୬୬୦ କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ପ୍ରସ୍ତୁତ ☞ପୃଷ୍ଠା-୧୩

# ପ୍ରତିଶ୍ରୁତି ନୁହେଁ, ପ୍ରକୃତ କାମରେ ବିଶ୍ୱାସ ରଖୁ: ମୁଖ୍ୟମନ୍ତ୍ରୀ

### ବଜେଟକୁ କହିଲେ ବିକାଶମୁଖୀ



ଭୁବନେଶ୍ୱର,୭।୨(ବ୍ୟୁରୋ)

ପ୍ରତିଶ୍ରୁତି ନୁହେଁ, ପ୍ରକୃତ କାର୍ଯ୍ୟରେ ବିଶ୍ୱାସ ରଖୁ। ରାଜ୍ୟ ସରକାରଙ୍କ କାମ ହିଁ କଥା କହିଥାଏ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଚଳିତ ବିଧାନସଭା ବଜେଟ ଅଧିବେଶନରେ ୪ ମାସିଆ କାମଚଳା ବଜେଟ ଉପସ୍ଥାପନ ପରେ ମତାମତ ଦେଇ ମୁଖ୍ୟମନ୍ତ୍ରୀ ଏହି କଥା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବଜେଟ କୃଷକ, ଗରିବ, ମହିଳା, ଅନୁସୂଚିତ ଜାତି(ଏସ୍‌ସି), ଅନୁସୂଚିତ ଜନଜାତି(ଏସ୍‌ଟି) ଏବଂ ଯୁବବର୍ଗ ପାଇଁ କଲ୍ୟାଣକାରୀ। ଭୋଟ୍-ଅନ୍-ଆକାଉଣ୍ଟ ତଥା ଲେଖାନୁଦାନ ହୋଇଥିଲେ ବି ବଜେଟ ବିକାଶମୁଖୀ। ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ପର୍ଯ୍ୟାପ୍ତ ଅର୍ଥ ପ୍ରଦାନ କରାଯାଇଥିବାରୁ ସେ ଖୁସି ବୋଲି କହିଛନ୍ତି। ଆଗତ ବଜେଟରେ କାଳିଆ ଯୋଜନା, କାଳିଆ ସ୍କଲାରଶିପ୍ ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ), ଲୋକପ୍ରିୟ ଆମ ଗାଁ ଆମ ବିକାଶ ଯୋଜନା, ସାମାଜିକ ସୁରକ୍ଷା ଅଧୀନରେ ଆସୁଥିବା ମଧୁବାବୁ ପେନ୍‌ସନ୍ ଯୋଜନା, ଗୃହ ନିର୍ମାଣ, ପାନୀୟ ଜଳ ଏବଂ ସମସ୍ତଙ୍କୁ ବିଜୁଳି ଆଦି କାର୍ଯ୍ୟକ୍ରମରେ ଆବଶ୍ୟକ ବ୍ୟୟବରାଦ କରାଯାଇଛି। ସେହିପରି ମେକ୍ ଇନ୍ ଓଡ଼ିଶାକୁ ତୃଣମୂଳସ୍ତରରେ ସଫଳ ରୂପାୟନ ସହ ରାଜସ୍ୱ ଏବଂ ରୋଜଗାର ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ବଜେଟ ରାଜ୍ୟ ସରକାରଙ୍କୁ ଉନ୍ନତିମୂଳକ କାର୍ଯ୍ୟ କରିବାରେ ସହାୟକ ହେବା ନେଇ ମୁଖ୍ୟମନ୍ତ୍ରୀ ଆଶାବାଦୀ।



ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଗୁରୁବାର ଭାଜପା ଯୁବ ମୋର୍ଚ୍ଚାର ଆନ୍ଦୋଳନକାରୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି।

### ପୋଲିସ ଉପରେ ଭାରି ପଡ଼ିଲା ଭାଜପା ଯୁବମୋର୍ଚ୍ଚା ଆନ୍ଦୋଳନ

# ଗାନ୍ଧୀମାର୍ଗ ରଣକ୍ଷେତ୍ର: ୭ ଆହତ, ୪ଶହ ଗିରଫ

- ବିଧାନସଭା ଘେରାଉବେଳେ ପୋଲିସ-ଆନ୍ଦୋଳନକାରୀ ମୁହାଁମୁହିଁ
- ମାଡ଼ମାରି ଗିରଫ କରାଯାଇଥିବା ଅଭିଯୋଗ
- ପୋଲିସ ଉପରକୁ ପାଣି ପାଉଚ୍, ଟମାଟୋ ଓ ପଥର ମାଡ଼

ଭୁବନେଶ୍ୱର,୭।୨ (ବ୍ୟୁରୋ)

ଚାଷୀ ଆନ୍ଦୋଳନକୁ ଦମ୍ ଲଗାଇ ପୋଲିସ ବୁଧବାର ଭଣ୍ଡୁର କରିଥିଲା। ଗୁରୁବାର କିନ୍ତୁ ପରିସ୍ଥିତି ଓଲଟିଯାଇଥିଲା। ପୋଲିସ ଉପରେ ଭାରି ପଡ଼ିଗଲା ଭାଜପା ଯୁବ ମୋର୍ଚ୍ଚାର ଆନ୍ଦୋଳନ। ବେକାରି ସମସ୍ୟା ନେଇ ହଜାର ହଜାର ଯୁବମୋର୍ଚ୍ଚା କର୍ମୀ ବିକ୍ଷୋଭ ଶୋଭାଯାତ୍ରାରେ ବିଧାନସଭା ଘେରାଉ କରିବାକୁ ଯାଉଥିବାବେଳେ ବାଟ ଓଗାଳିଥିଲା ପୋଲିସ। ଏତେ ସଂଖ୍ୟକ ଆନ୍ଦୋଳନକାରୀଙ୍କୁ ଅଟକାଇବାରେ ପୋଲିସକୁ ନାକେଦମ୍ ହେବାକୁ ପଡିଥିଲା। ଏପରି ସ୍ଥିତି ଉପୁଜିଥିଲା ଯେ ଦୁଇଘଣ୍ଟା ଧରି ଗାନ୍ଧୀମାର୍ଗ ରଣକ୍ଷେତ୍ର ପାଲଟିଯାଇଥିଲା। ମାଡ଼ମାରି ଗିରଫ କରାଯାଉଥିବା ଅଭିଯୋଗ ଆଣି ଆନ୍ଦୋଳନକାରୀ ପୋଲିସ ଉପରକୁ ଆକ୍ରମଣ ଆରମ୍ଭ କରିଦେଇଥିଲେ। ପ୍ରଥମେ ଧସ୍ତାଧସ୍ତି ଓ ପରେ ପାଣିପାଉଚ୍, ଟମାଟୋ, ପଥର ମାଡ଼ ହୋଇଥିଲା। ଏଥିରେ ୭ଜଣ ଆହତ ହୋଇଥିବା ଜଣାପଡିଛି। ଆହତଙ୍କ ମଧ୍ୟରେ ୪ଜଣ ଆନ୍ଦୋଳନକାରୀ, ଜଣେ ଖବରଦାତା ଓ ଅନ୍ୟ ଦୁଇଜଣ ପୋଲିସ ରହିଛନ୍ତି। ତେବେ ଏହି ଘଟଣାରେ ପୋଲିସ ୪ଶହ ଆନ୍ଦୋଳନକାରୀଙ୍କୁ ଗିରଫ କରିଥିବା ଜଣାପଡିଛି।

ରାଜ୍ୟରେ ବେକାରି ସମସ୍ୟା ବଢୁଛି। ରାଜ୍ୟ ସରକାର ଯୁବକମାନଙ୍କୁ ରୋଜଗାର ଦେଇ ପାରୁ ନ ଥିବାରୁ ସେମାନେ ଦାଦନ ଖଟିବାକୁ ଯାଉଛନ୍ତି। ଏପରି ଅଭିଯୋଗ ଆଣି ଯୁବମୋର୍ଚ୍ଚା ବିଧାନସଭା ଘେରାଉ ଡାକରା ଦେଇଥିଲା। ଗୁରୁବାର ରାମ ମନ୍ଦିର ଛକ ନିକଟ ଭାଜପା ରାଜ୍ୟ କାର୍ଯ୍ୟାଳୟରୁ ୧୦ ହଜାରରୁ ଉର୍ଦ୍ଧ୍ୱ ଯୁବକ ଶୋଭାଯାତ୍ରାରେ ☞ପୃଷ୍ଠା-୨

### ଆଜିର ସମ୍ପାଦକୀୟ

## ଅସାର ବଜେଟ

### ଆଜିର ମନ୍ତବ୍ୟ

"ସିରିଆ ରାଷ୍ଟ୍ରପତି ବଶର ଅଲ୍-ଅସାଦ୍ ଆମେରିକାର ଶତ୍ରୁ ନୁହଁନ୍ତି।

– ତୁଲସୀ ଗାବାର୍ଡ, ଆମେରିକା ଡେମୋକ୍ରାଟିକ୍ ପାର୍ଟି ନେତା

### କିଛି ତଥ୍ୟ

୧୦ମ ସିଟି ଗ୍ୟାସ୍ ପ୍ରକଳ୍ପ ଡିଷ୍ଟ୍ରିବ୍ୟୁଶନ ରାଉଣ୍ଡରେ ଦେଶରେ ୫୦,୦୦୦ କୋଟି ନିବେଶ ଲକ୍ଷ୍ୟ ରଖାଯାଇଛି।

- ପିଏନ୍‌ଜିଆର୍‌ବି


SUDHAKAR
PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com



NECC NATIONAL EGG CO-ORDINATION COMMITTEE 07.02.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 78 | 129 | 139 |
| CTC | 79 | 131 | 141 |
| DKL | 78 | 129 | 139 |
| BDK | 80 | 132 | 142 |
| BLS | 81 | 133 | 143 |
| ANG | 80 | 132 | 142 |

*Conditions Apply

Eggs Retail Price- 50/-Dozen
Issued in the Interest of Consumers


# ସ୍କୁଲ ଯାଉଥିବା ସମ୍ପର୍କୀୟ ଭଉଣୀଙ୍କୁ ବଳାତ୍କାର

- ଛୁରି ଦେଖାଇ ରାସ୍ତାରୁ ଉଠାଇ ନେଇଥିଲେ ଭାଇ
- ଆଠଗଡ଼ ଜଙ୍ଗଲରେ ଧମକାଇ କରିଥିଲେ ବଳାତ୍କାର
- ଭୁବନେଶ୍ୱର ଷ୍ଟେଶନରୁ ଧରିଲା ଅନୁଗୋଳ ପୋଲିସ

ଅନୁଗୋଳ ଅଫିସ, ୭।୨

ଅନୁଗୋଳ ଥାନା ଅଞ୍ଚଳର ଏକ ବାଳିକା ବିଦ୍ୟାଳୟକୁ ଯାଉଥିବା ନାବାଳିକା ଭଉଣୀଙ୍କୁ ବୁଧବାର ରାସ୍ତାରୁ ଉଠାଇ ନେଇ ସମ୍ପର୍କୀୟ ଭାଇ ସୁମିତ ସ୍ୱାଇଁ (୨୩) ଓରଫ ସାଗର ଆଠଗଡ଼ ଜଙ୍ଗଲରେ ବଳାତ୍କାର କରିବା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଛୁରି ଦେଖାଇ ବଳାତ୍କାର ପରେ ଭଉଣୀଙ୍କୁ ନେଇ ରାଜ୍ୟ ବାହାରକୁ ଖସି ଯିବାକୁ ଭୁବନେଶ୍ୱର ଷ୍ଟେଶନରେ ଅପେକ୍ଷା କରିଥିବା ଅଭିଯୁକ୍ତ ଭାଇ ସାଗରଙ୍କୁ ଅନୁଗୋଳ ପୋଲିସ ଗିରଫ କରିଛି। ଏ ସଂକ୍ରାନ୍ତରେ ନଂ. ୯୩/୧୯ରେ ଏକ ମାମଲା ରୁଜୁ କରି ପୋଲିସ ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଛି। ଗୁରୁବାର ଅଭିଯୁକ୍ତ ସାଗରଙ୍କୁ କୋର୍ଟଚାଲାଣ କରାଯାଇଛି।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ବୁଧବାର ପୂର୍ବାହ୍ନରେ ନାବାଳିକା ଭଉଣୀ ସାଙ୍ଗମାନଙ୍କ ସହ ସ୍କୁଲ ଯାଉଥିଲେ। ଏହି ସମୟରେ ଅଭିଯୁକ୍ତ ଭାଇ ସାଗର ଏକ ବାଇକ୍ (ନଂ.ଓଡି୧୯ଜେ-୬୯୧୩)ରେ ଆସି ଭଉଣୀଙ୍କ ବେକରେ ଛୁରି ଲଗାଇ ତାଙ୍କ ସହ ଯିବାକୁ ବାଧ୍ୟ କରିଥିଲେ। ଭୟରେ ଭଉଣୀ ଗାଡ଼ି ପଛରେ ବସିବା ପରେ ସାଗର ଆଠଗଡ଼ ଦେଇ ତାଙ୍କୁ ଭୁବନେଶ୍ୱର ଅଭିମୁଖେ ନେଇଯାଇଥିଲେ। ହେଲେ ରାସ୍ତା ପାର୍ଶ୍ୱରେ ଥିବା ଏକ ଜଙ୍ଗଲ ମଧ୍ୟରେ ଭଉଣୀଙ୍କୁ ବଳାତ୍କାର କରିଥିଲେ। ପରେ ଭଉଣୀଙ୍କୁ ରାଜ୍ୟ ବାହାରକୁ ନେଇଯିବାକୁ ଭୁବନେଶ୍ୱର ଷ୍ଟେଶନରେ ଟ୍ରେନ୍‌କୁ ଅପେକ୍ଷା କରିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ପିଛା କରୁଥିବା ଅନୁଗୋଳ ପୋଲିସ ସେଠାରେ ପହଞ୍ଚି ସାଗରଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଉଭୟଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା। ଅଭିଯୁକ୍ତ ସାଗର ନିଜ ଦୋଷ ସ୍ୱୀକାର କରିବା ସହ ସମ୍ପର୍କୀୟ ଭଉଣୀଙ୍କୁ ପୂର୍ବରୁ ଭଲ ପାଇବା ଓ ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ତିକ୍ତତା ଦେଖାଦେବାରୁ ରାଗରେ ଏପରି କରିଥିବା ପୋଲିସକୁ କହିଥିଲେ। ଅପରପକ୍ଷରେ ସମ୍ପୃକ୍ତା ନାବାଳିକା ଭଉଣୀ ଥାନାରେ ବଳାତ୍କାର ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରିବା ସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ଉଭୟଙ୍କ ଡାକ୍ତରୀ ମାଇନା କରିଥିଲା। ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି। ଅଭିଯୁକ୍ତ ବ୍ୟବହାର କରିଥିବା ବାଇକ୍‌କୁ ମଧ୍ୟ ଜବତ କରାଯାଇଛି।

# ବାପା ସମ୍ମୁଖରେ ଝିଅକୁ ଗଣବଳାତ୍କାର

କିଷନଗଞ୍ଜ,୭।୨(ପି.ଟି.)

ବିହାର କିଷନଗଞ୍ଜ ଜିଲାରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଜଣେ ୧୯ ବର୍ଷୀୟା ଯୁବତୀଙ୍କୁ ତାଙ୍କ ବାପାଙ୍କ ଆଖି ସାମନାରେ ୬ ଜଣ ଯୁବକ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତମାନେ ଜୋର ଜବରଦସ୍ତ ଘରେ ପଶି ବାପଝିଅଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇଯାଇଥିଲେ। ସେମାନେ ବାପାଙ୍କୁ ଏକ ଗଛରେ ବାନ୍ଧିଦେଇ ତାଙ୍କ ସମ୍ମୁଖରେ ଝିଅକୁ ବଳାତ୍କାର କରିଥିଲେ ବୋଲି ଏତଲାରେ ଦର୍ଶାଯାଇଛି। ଏ ସମ୍ପର୍କରେ କାହାକୁ ଜଣାଇଲେ ବାପଝିଅଙ୍କୁ ମାରିଦେବେ ବୋଲି ଅଭିଯୁକ୍ତମାନେ ଧମକ ଦେଇଥିଲେ। ଏସ୍‌ପି ଘଟଣାସ୍ଥଳ ପରିଦର୍ଶନ କରିବା ସହ ପୀଡିତା ଓ ତାଙ୍କ ବାପାଙ୍କୁ ଭେଟିଛନ୍ତି। ଫେରାର ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ଲାଗି ଏସ୍‌ପି କୋଡ଼ିୱାଡି ସମେତ ପାଖ ଥାନାଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି।

### ନାବାଳିକାଙ୍କୁ ଅପହରଣ

# ବଳାତ୍କାର ଅଭିଯୋଗ, ଜଣେ ଗିରଫ

ଦାରିଙ୍ଗବାଡ଼ି,୭।୨(ଡି.ଏନ.ଏ.)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ପ୍ରଥମେ ଅପହରଣ ଓ ପରେ ବଳାତ୍କାର କରିଥିବା ଅଭିଯୋଗରେ ଦାରିଙ୍ଗବାଡ଼ି ପୋଲିସ ଜଣେ ବିବାହିତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳର ଇସାକ୍ ପ୍ରଧାନ। ସେ ଗତ ଡିସେମ୍ବରରେ ନାବାଳିକାଙ୍କୁ ଅପହରଣ କରି କେଉଁ ଆଡ଼େ ନେଇଯାଇଥିଲେ। ଏନେଇ ନାବାଳିକାଙ୍କ ପରିବାର ଲୋକ ଖୋଜାଖୋଜି କରିବା ପରେ ଡିସେମ୍ବର ୨୨ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା(ନଂ.୧୬୩/୧୮) ରୁଜୁ କରି ତଦନ୍ତ ଚଳାଇବା ସହ ନାବାଳିକାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରୁଥିଲା। ତେବେ ଯୁବକ ଜଣକ ନାବାଳିକାଙ୍କୁ କେଉଁ ଆଡ଼େ ନେଇ ପଳାଇ ଯାଇଥିଲେ। ବୁଧବାର ସିମନବାଡ଼ି ଅଞ୍ଚଳରେ ଥିବା ଜାଣି ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଯୁବକଙ୍କୁ ଗିରଫ କରିଥିଲା। ଉଭୟଙ୍କ ଡାକ୍ତରୀ ମାଇନା କରାଯିବା ସହ ନାବାଳିକାଙ୍କୁ ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରାଯାଇଥିବା ତଦନ୍ତ କରୁଥିବା ସବ୍‌ଇନ୍ସପେକ୍ଟର ଚନ୍ଦ୍ରିକା ସ୍ୱାଇଁ କହିଛନ୍ତି।

### ପୋଲିସ-ମାଓବାଦୀ ଗୁଳି ବିନିମୟ

# ୧୦ ମାଓବାଦୀ ନିହତ

ମାଲକାନଗିରି,୭।୨(ଡି.ଏନ.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ନିକଟସ୍ଥ ମାଡ଼ ଜଙ୍ଗଲରେ ଗୁରୁବାର ପୋଲିସ ମାଓବାଦୀ ମୁହାଁମୁହିଁ ହୋଇଛନ୍ତି। ଫଳରେ ପୋଲିସ ଗୁଳିରେ ୧୦ ଜଣ ମାଓବାଦୀ ନିହତ ହୋଇଛନ୍ତି। ଏହା ବିଜାପୁର ପୋଲିସ ପାଇଁ ଏକ ବଡ଼ ସଫଳତା ବୋଲି କୁହାଯାଉଛି। ତେବେ ଏହାଦ୍ୱାରା ଲାଲବାହିନୀକୁ ବଡ ଝଟକା ଲାଗିଛି।

ଖବରରୁ ଜଣାପଡିଛି ବିଜାପୁର ଜିଲାର ଭେରମଗଡ଼ ଥାନା ଅନ୍ତର୍ଗତ ମାଡ଼ ଜଙ୍ଗଲ ଅଞ୍ଚଳରେ ମାଓବାଦୀଙ୍କ ଶିବିର ଚାଲିଥିବା ଖବର ପୋଲିସ ପାଖରେ ପହଞ୍ଚିଥିଲା। ପରେ ଏନେଇ ଡିଷ୍ଟ୍ରିକ୍ ରିଜର୍ଭ ଗାର୍ଡ (ଡିଆରଜି) ଓ ସ୍ପେଶାଲ ଟ୍ୟାକ୍ସ ଫୋର୍ସ (ଏସଟିଏଫ) ପକ୍ଷରୁ ମିଳିତ ଅପରେଶନ କରାଯାଇଥିଲା। ପୋଲିସକୁ ଦେଖି ମାଓବାଦୀମାନେ ପ୍ରଥମେ ଗୁଳିଚାଳନା କରିଥିଲେ। ପୋଲିସ ମଧ୍ୟ ଏହାର ଜବାବ ଦେଇଥିଲା। ବହୁ ସମୟ ଧରି ଗୁଳିଚାଳନା ପରେ ଜଙ୍ଗଲ ଦେଇ ମାଓବାଦୀମାନେ ସେଠାରୁ ଖସି ପଳାଇଥିଲେ। ଶେଷରେ ଘଟଣା ସ୍ଥଳ ତଲାସି ବେଳେ ୧୦ ଜଣ ମାଓବାଦୀଙ୍କ ମୃତଦେହ ମିଳିଥିଲା। ସେଠାରୁ ୧୧ଟି ବନ୍ଧୁକ ସହ ଅନ୍ୟାନ୍ୟ ମାଓବାଦୀ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି। ବିଜାପୁର ଏସପି ମୋହିତ ଗର୍ଗ କହିଛନ୍ତି ଯେ, ପୋଲିସ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ................................


ମିରା
ପରିବାରବର୍ଗ


ଗୋପିନାଥ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




### SALE

L&T Pc 71 Komatsu show room condition, 2009 Dec. (Mo): 7978887806. D-10897

Army jeep left hand 4x4wheel drive, diesel Issuz engine with all Army fittings Bhubaneswar. 9437022665. D-65472

### HIRE

HAIWA- 10/12 chaka dalabody required monthly Tonej basis. 7008390351, 9348408215. D-10963




### SALE

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

Ready 2BHK/ 3BHK flat, Kalinga Nagar, Bhubaneswar (ORERA Approved) @ 40 lakh, No GST. 7381087905. D-65530

Gharabari boundary plot infront Krupajal Engineering College, Bhubaneswar: 9090899281, 8908805482. D-65461

ORERA registered 1BHK, studio flats @ Narendrakona, Puri. Construction in full swing. Mobile: 9238356740, 9437030740. D-65550

Gharabari boundary plots 200ft. road side, KIIT price- 900/-, 750/- gharabari plots AIIMS- 1250, Raghunathpur- 1700/-. 9040273330. D-10877

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଞ୍ଚାରୁ ବିକ୍ରିହେବ। 9178660666. D-65558

**Plot on lowest bduget Brahmanajharilo, 9km. from BBSR 16km. from Cuttack 250/- sqft. 7809525452.** D-65817

Plot 2000 sqft. sale by owner at Arugul IIT Ranipur Mouza. Cont.: 7328861537. D-10863

7 guntha ghara-badi converted road side land at Bhatapada, Salepur, located adjacent to (Jagatpur-Kendrapada Highway) for immediate sale. Contact: 07829553888. D-10995

Bhubaneswar AIIMS Hospital, MOBus stand ନିକଟରେ gharabari plot sale. 8480745797. D-65342

Tamando ବଜାର ପଛପଟେ ଏବଂ Infocity-II ପାଚେରି ପାଖରେ plot ପ୍ଲଟ ମିଳୁଅଛି। 9439864322. D-65356

ଭୁବନେଶ୍ୱର ତମାଣ୍ଡୋ ନିକଟରେ electricity 30' ରୋଡ ଥାଇ sqft. 970/-ରେ ପ୍ଲଟ କିଣନ୍ତୁ। 9776452737. D-65355

Gharabari boundary, 30' road plots available at Hanspal, Pahal, Pathargadia,Gudiapokhari, Sundarpada. 9937927876. D-11000

2000 sqft. plot (10Nos) at Sankarpur, Vipul garden backside Ghatikia, Bhubaneswar (electricity, supply water, 30ft. road). 7381564227. D-65470

VISAKHAPATNAM: Independent Houses, Apartments, open plots in VUDA approved Gated community with Bank Loan Facility. 9703400096, 27. D-11014

### GENERAL

### SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65350




300 sqft. with showroom for shop near Reliance Fresh, Ruchika Market, Baramunda, Bhubaneswar. Contact: 8763246739. D-58040

3BHK ground floor enough parking for office/ residence at VSS Nagar near Prabhujee School. 7978059473. D-10999




New opening ayurvedic full body massage. 7077444583. D-10885

Fantacy newly opening ayurvedic fullbody massage ledies, gents. 7609923705, 7438851534. D-38544

### ବିବାହ ଶୁଭେଚ୍ଛା



**ରବୀନ୍ଦ୍ର ସହିତ ଦୀପା**

ତା. ୦୮।୦୨।୨୦୧୯ ଶୁକ୍ରବାର

ଭଗବାନ ତମ ଦୁଇଜଣଙ୍କୁ ଆଶୀର୍ବାଦ କରିବା ସହ ଭଲରେ ରଖନ୍ତୁ। ନବଦମ୍ପତିଙ୍କର ଚଲାପଥ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ପରୀକ୍ଷିତ, ସନ୍ଧ୍ୟା, ଖୁଡୀ, କାଜଲ, ନେହା, ଅନୀମା, ମୋନାଲିସା। ଧ-୧୦୯୯୮

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ତୃତୀୟ ଜନ୍ମଦିନ ଶୁଭେଚ୍ଛା



(ମିରା)

**ସ୍ୱାଗତିକା ମହାରଣା**

ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ତୁମ ଚଲାପଥ କୁସୁମିତ କରନ୍ତୁ ଏବଂ ତୁମକୁ ଦୀର୍ଘାୟୁ କରନ୍ତୁ।

ଶୁଭେଚ୍ଛା ସହ
ବାବା, ମମି, ଦାଦା, ଖୁଡୀ, ପିଉସା, ପିଉସୀ, ଜେଜେ, ଅଜା, ଆଈ, ମାମୁ, ମଉସା, ମାଉସୀ, ଭାଇ, ଭଉଣୀ ଏବଂ ପରିବାରର ସମସ୍ତ ସଦସ୍ୟ। ଧ-୧୦୯୯୨

### 8th Marriage Anniversary



**Kuna & Jhili**
Athantar
Best wishes from: Family, Friends & Relatives. D-10994

### Marriage Wish



**Rajib Lochan (Ganu)**
Naranpur, Balipatna, Khurdha
&
**Swetalina (Little)**
Khajuriapada, Niali, Cuttack
Best wishes from: Family, Friends & Relatives. D-11008

## ବିଜେଡି କାଉନସିଲର ହତ୍ୟା ମାମଲା

# ଥାନାରେ ହାଜର ହେଲେନି ଗୋଲକ

**ଛତ୍ରପୁର,୭।୨(ଡି.ଏନ.ଏ.)**

**ଓକିଲଙ୍କ ଜରିଆରେ ମାସେ ସମୟ ମାଗିଲେ**

ଗଞ୍ଜାମ ଜିଲା ଛତ୍ରପୁର ଏନ୍‌ଏସିର ବହୁଚର୍ଚ୍ଚିତ ବିଜେଡି କାଉନ୍‌ସିଲର ଲକ୍ଷ୍ମୀଦତ୍ତ ପ୍ରଧାନ ହତ୍ୟା ମାମଲାରେ ରାଜ୍ୟ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ଗୁରୁବାର ଥାନାରେ ହାଜର ହେବାକୁ ନୋଟିସ ହୋଇଥିଲା। ଅସୁସ୍ଥତା କାରଣ ଦର୍ଶାଇ ସେ ଛତ୍ରପୁର ଥାନାରେ ହାଜର ହୋଇନାହାନ୍ତି। ଗୁରୁବାର ଅପରାହ୍ଣରେ ଗୋଲକଙ୍କ ଓକିଲ ପାର୍ଥ ସାରଥି ନାୟକ ଓ ଗୌରୀ କୁମାର ରଥ ଛତ୍ରପୁର ଥାନାରେ ଆସି ଏ ସମ୍ପର୍କିତ ଏକ ଚିଠି ଏସ୍‌ଡିପିଓ ରମେଶ ଚନ୍ଦ୍ର ସେଠୀଙ୍କୁ ଦେଇଥିଲେ। ଥାନାରେ ହାଜର ହେବାକୁ ଏକ ମାସ ସମୟ ଦେବାକୁ ଗୋଲକଙ୍କ ପକ୍ଷରୁ ଉକ୍ତ ଚିଠି ଜରିଆରେ ପୋଲିସକୁ ଅନୁରୋଧ କରାଯାଇଛି। ଚିଠି ସହ ଏକ ଘରୋଇ ହସ୍ପିଟାଲର ଜଣେ ଡାକ୍ତରଙ୍କ ପ୍ରେସ୍‌କ୍ରିପସନର ନକଲ ମଧ୍ୟ ଥାନା ଅଧିକାରୀ ପ୍ରିୟସ ରଞ୍ଜନ ଛୋଟରାୟଙ୍କ ଉପସ୍ଥିତିରେ ଏସଡିପିଓଙ୍କୁ ଦିଆଯାଇଛି।

ଲକ୍ଷ୍ମୀଦତ୍ତଙ୍କୁ ତାଙ୍କ ଘର ଆଗରେ ୨୦୧୭ ସେପ୍ଟେମ୍ବର ୧୬ରେ ଖଣ୍ଡାରେ ହାଣି ହତ୍ୟା କରାଯାଇଥିଲା। ଏହି ମାମଲାରେ ଛତ୍ରପୁର ପୋଲିସର ନୋଟିସ ଅନୁଯାୟୀ ୨୦୧୭ ନଭେମ୍ବର ୧ରେ ମଧ୍ୟ ଗୋଲକ ଥାନାରେ ହାଜର ହୋଇଥିଲେ। ତାଙ୍କୁ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପଚରାଉଚୁରା କରାଯାଇଥିଲା। ଗୁରୁବାର ଗୋଲକ ଓ ଆସନ୍ତା ୯ ତାରିଖରେ ଭାଜପା ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ଛତ୍ରପୁର ଥାନାରେ ହାଜର ହେବାକୁ ଗତ ୨୮ ତାରିଖରେ ପୋଲିସ ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ତେବେ ଥାନାରେ ହାଜର ହେବା ପାଇଁ ଭୃଗୁଙ୍କୁ ପ୍ରଥମଥର ପାଇଁ ଛତ୍ରପୁର ପୋଲିସ ନୋଟିସ ଜାରି କରିଛି। ସୂଚନାଯୋଗ୍ୟ, ହତ୍ୟା ମାମଲାରେ ଏ ପର୍ଯ୍ୟନ୍ତ ୧୯ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣ ଜାମିନରେ ମୁକୁଳିଛନ୍ତି।

# ସଡ଼କ ଦୁର୍ଘଟଣାରେ ୨ ମୃତ

**ଖଲ୍ଲିକୋଟ,୭।୨(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ମାଣିପୁର ଗ୍ରାମ ନିକଟ ରାସ୍ତାରେ ଗୁରୁବାର ଅପରାହ୍ଣରେ ଏକ ଟାଟା ଏସଇ ସହ ବାଇକ୍ ଧକ୍କା ହେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ଖଲ୍ଲିକୋଟ ବ୍ଲକ ଧକାବାଲି ଗ୍ରାମର ମୁନା ଦାସ (୨୦) ଓ ଅମର ଦାସ (୧୮)। ଗୁରୁତର ମର୍ଦ୍ଦରାଜପୁର ଗ୍ରାମର ଶାନ୍ତି ଦାସ (୪୫)ଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ମୁନା, ଅମର ଓ ଶାନ୍ତି ଗୋଟିଏ ବାଇକରେ ମାଣିକପୁର ରାସ୍ତା ଦେଇ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଟାଟା ଏସଇର ଚକା ଫାଟିଯିବାରୁ ଭାରସାମ୍ୟ ହରାଇ ବାଇକ୍ ସହ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ମୁନାଙ୍କର ମୃତ୍ୟୁ ଘଟିଥିଲା। ଗୁରୁତର ଅବସ୍ଥାରେ ଅମର ଓ ଶାନ୍ତିଙ୍କୁ ଖଲ୍ଲିକୋଟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଅମରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଶାନ୍ତିଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖଲ୍ଲିକୋଟ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ମେଡିକାଲକୁ ପଠାଇଛି। ଦୁର୍ଘଟଣାଗ୍ରସ୍ତ ଗାଡି ୨ଟି ଜବତ କରାଯାଇଛି।

# ଦିନସାରା ଅଚଳ, ବଜେଟ ବେଳେ ସ୍ୱାଭାବିକ

**ଭୁବନେଶ୍ୱର,୭।୨(ବ୍ୟୁରୋ)**

ବିଧାନସଭା ବଜେଟ ଅଧିବେଶନର ଚତୁର୍ଥ ଦିନ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ଦ୍ୱାରା ବଜେଟ ଆଗତ କରାଯାଇଛି। ଗୁରୁବାର ଦ୍ୱିତୀୟାର୍ଦ୍ଧରେ ଏହା ବଜେଟ ଆଗତ କରାଯାଇଥିଲା। ବଜେଟ ଉପସ୍ଥାପନ ସମୟରେ ହିଁ ଗୃହରେ ଅଚଳାବସ୍ଥା ନ ଥିଲା। ହେଲେ ପ୍ରଥମାର୍ଦ୍ଧ ଏବଂ ଅପରାହ୍ଣରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଏହା ସମ୍ପୂର୍ଣ୍ଣ ଧୋଇ ହୋଇଯାଇଥିଲା। ପୂର୍ବାହ୍ଣ ୧୦ଟା ୩୦ରେ କାର୍ଯ୍ୟ ଆରମ୍ଭ ମାତ୍ରେ କଂଗ୍ରେସ ସଭ୍ୟ ଗୃହର ମଧ୍ୟଭାଗକୁ ଚାଲିଆସି ସ୍ଲୋଗାନ ଦେଇଥିଲେ। ଅନୁରୂପ ଭାବେ ଭାଜପା ସଦସ୍ୟମାନେ ମଧ୍ୟ ହୋହଲ୍ଲା କରିଥିଲେ। ବାଚସ୍ପତି ପ୍ରଦୀପ ଅମାତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ଆଗକୁ ବଢାଇବାକୁ ଚେଷ୍ଟା କରିଥିଲେ। ହେଲେ ତାହା ସମ୍ଭବ ହୋଇ ନ ଥିଲା। ଶେଷରେ ଗୃହ ୧୧ଟା ୩୦ ପର୍ଯ୍ୟନ୍ତ ମୁଲତବୀ ହୋଇଥିଲା। ପୁନଶ୍ଚ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଶାସକ ଦଳ ମୁଖ୍ୟ ସଚେତକ ଅମର ଶତପଥୀ ଚାଷୀ ପ୍ରସଙ୍ଗରେ ସରକାର ନେଇଥିବା ପଦକ୍ଷେପ ସମ୍ପର୍କରେ କହିବାକୁ ଆରମ୍ଭ କରିଥିଲେ। ତାଙ୍କ ବକ୍ତବ୍ୟକୁ ବିରୋଧୀମାନେ ଧ୍ୟାନ ଦେଇ ନ ଥିଲେ। ପୁନର୍ବାର ଗୃହର ମଧ୍ୟଭାଗକୁ ଚାଲିଆସି ହୋହଲ୍ଲା କରିଥିଲେ। ଏହାପରେ ବାଧହୋଇ ବାଚସ୍ପତି ଗୃହକୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ମୁଲତବୀ କରିଥିଲେ। ଅପରାହ୍ଣରେ ମଧ୍ୟ ଦିନର ପ୍ରଥମାର୍ଦ୍ଧ ପରି ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇପାରି ନ ଥିଲା। ମାତ୍ର ୩ ମିନିଟ୍ ଚାଲିବା ପରେ ଗୃହକୁ ଅପରାହ୍ଣ ୫ଟା ୩୦ ଯାଏ ମୁଲତବୀ କରାଯାଇଥିଲା।

ପ୍ରଥମ ପୃଷ୍ଠାରୁ...

## ଗାନ୍ଧୀମାର୍ଗ ରଣକ୍ଷେତ୍ର...

ମାଷ୍ଟରକ୍ୟାଣ୍ଟିନ ଅଭିମୁଖେ ଆସିଥିଲେ। ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଟଙ୍କଧର ତ୍ରିପାଠୀ ଓ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୌରଭ ଚୌଧୁରୀଙ୍କ ନେତୃତ୍ୱରେ ସେମାନେ ଗାନ୍ଧୀମାର୍ଗରେ ପହଞ୍ଚିବାକ୍ଷଣି ପୋଲିସ ଅଟକାଇଥିଲା। କିନ୍ତୁ କର୍ଡନ ଭାଙ୍ଗି ସେମାନେ ବିଧାନସଭା ଅଭିମୁଖେ ଯିବାକୁ ଉଦ୍ୟମ କରିବାରୁ ପୋଲିସ ସହ ମୁହାଁମୁହିଁ ହୋଇଥିଲେ। ଆନ୍ଦୋଳନକାରୀ ଦୁଇ ଗ୍ରୁପ୍ ହୋଇ ୧୨୦ ବାଟାଲିୟନ ଓ ରବୀନ୍ଦ୍ର ମଣ୍ଡପ ପଟୁ ବିଧାନସଭା ଭିତରକୁ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ। ଟଙ୍କଧର କହିଛନ୍ତି, ୨୦୦୯ରୁ ବର୍ତ୍ତମାନ ସୁଧା ପାଖାପାଖି ୨୨ଲକ୍ଷ ଯୁବକ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ ନାମ ପଞ୍ଜୀକୃତ କରିଛନ୍ତି। ମାତ୍ର ୨୬ ହଜାର ଯୁବକଙ୍କୁ ସରକାର ନିଯୁକ୍ତି ଦେଇଛନ୍ତି। ଆନ୍ଦୋଳନକାରୀଙ୍କୁ ପୋଲିସ ଯେପରି ମାଡ଼ ମାରି ଗିରଫ କଲା ତାହାର ଜବାବ ଆଗାମୀ ନିର୍ବାଚନରେ ଯୁବ ସମାଜ ହିଁ ଦେବେ ବୋଲି ସେ କହିଛନ୍ତି। ସେହିପରି ସୌରଭ କହିଛନ୍ତି, ଆମ ସ୍ୱରକୁ କେହି ଅଟକାଇ ପାରିବେ ନାହିଁ। ଶୋଇଥିବା ମୁଖ୍ୟମନ୍ତ୍ରୀ ଗାଦିରୁ ନ ହଟିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି, ଯୁବମୋର୍ଚ୍ଚାର ବିକ୍ଷୋଭ ଆଇନ ସମ୍ମତ ନ ଥିଲା। ୧୪୪ ଧାରା ଅଞ୍ଚଳରେ ପଶିବାକୁ ଉଦ୍ୟମ କରିବାରୁ ୪ଶହରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କୁ ଗିରଫ କରାଯାଇଛି।

## କେଉଁ ଯୋଜନା ପାଇଁ କେତେ

| ଯୋଜନା | ବ୍ୟୟବରାଦ (କୋଟିରେ) |
|---|---|
| କାଳିଆ ଯୋଜନା | ୪୪୬୧ |
| କୃଷି ଋଣ ସୁଧ ରିହାତି | ୮୦୦ |
| ଆମ ଗାଁ: ଆମ ବିକାଶ-ପିଠା | ୪୦୦ |
| ଗ୍ରାମୀଣ ଜଳ ଯୋଗାଣ-ବସୁଧା | ୨୯୩୫ |
| ମଧୁବାବୁ ପେନ୍‌ସନ ଯୋଜନା | ୨୧୨୦ |
| ମିଶନ ଶକ୍ତି | ୩୦୧ |
| ମମତା | ୩୦୫ |
| ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା | ୮୬୪ |
| ଗୋପବନ୍ଧୁ ଗ୍ରାମୀଣ ଯୋଜନା | ୫୦୦ |
| ବିଜୁ ଯୁବ ବାହିନୀ | ୧୦୫ |
| ପାର୍ବତୀଗିରି ଉଠାଜଳ ସେଚନ | ୧୭୬୭ |
| ଜଳକ୍ଷେତ୍ର ଭିତ୍ତିଭୂମି ଉନ୍ନୟନ | ୧୪୬୫ |
| ସଡ଼କ ଉନ୍ନୟନ | ୧୩୦୦ |
| ଏକ ଟଙ୍କିଆ ଚାଉଳ | ୧୦୨୮ |
| ଏସ୍‌ସି/ଏସ୍‌ଟି ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ | ୯୫୯ |
| ୩୩/୧୧ କେଭି ସବ୍‌ଷ୍ଟେଶନ୍ | ୫୩୩ |
| ବିଜୁ ସେତୁ ଯୋଜନା | ୫୦୦ |
| ରେଳପ୍ରକଳ୍ପ ଉନ୍ନତୀକରଣ | ୪୧୦ |
| ଉନ୍ନତି | ୪୦୧ |
| ଆଡ଼ିବନ୍ଧ ନିର୍ମାଣ | ୩୫୭ |
| ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା | ୩୫୦ |
| ଓଡ଼ିଶା ଆଦର୍ଶ ବିଦ୍ୟାଳୟ | ୩୦୦ |
| ବିହନ ଓ ସାର ପାଇଁ କର୍ପସ ପାଣ୍ଠି | ୨୬୦ |
| ଭୂତଳ ଜଳ ଉତ୍ତୋଳନ | ୨୫୦ |
| ଏସ୍‌ସି/ଏସ୍‌ଟି ଛାତ୍ରାବାସ ନିର୍ମାଣ | ୨୨୭ |
| କେନାଲ ପ୍ରଣାଳୀର ସୁବ୍ୟବସ୍ଥିତ କାର୍ଯ୍ୟକ୍ରମ | ୧୦ |
| ରାଜ୍ୟ ରାଜପଥ ଉନ୍ନୟନ ପ୍ରକଳ୍ପ | ୨୦୦ |
| ରାଜ୍ୟ ରାଜଧାନୀ ଅଞ୍ଚଳ ବିଦ୍ୟୁତୀକରଣ | ୧୯୦ |
| ଆଇପିଆର୍ ଅନ୍ତର୍ଗତ ପ୍ରୋତ୍ସାହନ | ୧୮୮ |

# ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ମମତା ମହାନ୍ତି**

ମାଘ ଶୁକ୍ଳ ତୃତୀୟା
ବାଲିସାହି, ବାଲିକୁଦା
ମା, ତୋର ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା ଓ ପ୍ରେରଣା ସର୍ବଦା ଆମ ପାଇଁ ଅବିସ୍ମରଣୀୟ।
ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ। ଧ-୧୦୯୭୬

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ଅଗଣୀ ଚରଣ ମହାନ୍ତି**

ଅବସରପ୍ରାପ୍ତ ଶିକ୍ଷକ
କଳ୍ପତରୁ ଭବନ
ଗୌଡ ଗାଁ, ଡମପଡା, ମାର୍ଶାଘାଇ, କେନ୍ଦ୍ରାପଡ଼ା- ୭୫୪୨୪୪
ଆବିର୍ଭାବ: ୦୮।୦୩।୧୯୯୩
ତିରୋଧାନ: ୨୯।୦୧।୨୦୨୬
ବାପା, ଆପଣଙ୍କ ତ୍ୟାଗ, ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ସ୍ନେହ ଓ ଶ୍ରଦ୍ଧା ଆମର ପାଥେୟ ହେଉ। ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ। ଶୋକସନ୍ତପ୍ତ: ପରିବାର ଓ ବନ୍ଧୁବର୍ଗ, ପୁତ୍ର-କାବୁ, ଟୁଲୁ, ଟୁକୁନା, କୁନା, କନ୍ୟା- ବୁଡୀ, ବିନ୍ଦୁ, ପୁତ୍ରବଧୂ- କାମିନୀ, ମିଲି, ପିଙ୍କି, ନାତି- ବାପୁନ, ସିପୁନ, ହରେକୃଷ୍ଣ, ରାମକୃଷ୍ଣ, ନାତୁଣୀ- ଲିପୁନ, ବଙ୍କୁ, ରିଙ୍କୁ, ମାମାଲି, ନାତୁଣୀବୋହୂ- ରିଙ୍କୁ। ଧ-୧୦୯୯୬

### ଅଷ୍ଟମ ଶ୍ରାଦ୍ଧବାର୍ଷିକ



**ସ୍ୱର୍ଗତ କୃଷ୍ଣଚନ୍ଦ୍ର ପୁଷ୍ପାଳକ**

ଅବସରପ୍ରାପ୍ତ ଅନୁଶାସନ ସଚିବ, ସ୍ୱରାଷ୍ଟ୍ର ବିଭାଗ
ଦାଣ୍ଡମୁକୁନ୍ଦପୁର, ପିପିଲି
ଆବିର୍ଭାବ: ୦୫।୧୦।୧୯୪୪
ତିରୋଧାନ: ୦୫।୦୨।୨୦୧୧
ଆପଣଙ୍କର ନିଷ୍ଠାପରତା, କର୍ତ୍ତବ୍ୟପରାୟଣତା, ପରୋପକାରିତା ଆମ ଜୀବନର ପାଥେୟ। ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି। ଶୋକସନ୍ତପ୍ତ: ଧର୍ମପତ୍ନୀ, ଭଉଣୀ, ପୁଅ-ବୋହୂ, ଝିଅ-ଜ୍ୱାଇଁ ଓ ନାତିନାତୁଣୀ। ଧ-୧୧୦୦୯

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜି ବୁଧଙ୍କ ସହ ଚନ୍ଦ୍ରଙ୍କ ସଂଯୋଗ ହେତୁ ବିବାଦୀୟ ମନ୍ତବ୍ୟ ଦେଇ ସମାଲୋଚିତ ହୋଇପାରନ୍ତି। ତଥାପି ଏକାଦଶସ୍ଥ ହେତୁ ଆପଣଙ୍କ ଯାତ୍ରା, କାର୍ଯ୍ୟସାଧନ ସାଙ୍ଗକୁ ପାରିବାରିକ ସମସ୍ୟାକୁ ସୁଧାରି ନେବାର ପ୍ରଯତ୍ନ କରିବେ। ଧାର କରଜ କରିବାକୁ ବନ୍ଧୁଙ୍କୁ ଅନୁରୋଧ କରିପାରନ୍ତି। ଭ୍ରମଣଜନିତ ଅବସାଦ ଦେଖାଦେଇପାରେ।

**ବୃଷ**

ଆସନ୍ତାକାଲିର ମାଙ୍ଗଳିକ କିମ୍ବା ଆନୁଷ୍ଠାନିକ କାମ ସକାଶେ ବ୍ୟସ୍ତତା ଅନୁଭବ କରିପାରନ୍ତି। ଅପେକ୍ଷା କରିଥିବା ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଶିଳ୍ପ, ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ ନିକଟ ସମ୍ପର୍କୀୟମାନଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ମିଥୁନ**

ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରର ସମସ୍ୟାକୁ କେନ୍ଦ୍ର କରି ମାନସିକ ସ୍ଥିରତା ରହି ନ ପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସାମୟିକ ବାଧାପ୍ରାପ୍ତ ହୋଇପାରେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି। କୌଣସି ମୂଲ୍ୟବାନ ଜିନିଷ କିଣିବା ସକାଶେ ଆର୍ଥିକ ଅନଟନ ଲାଗି ରହିବା କାରଣରୁ ବିଚଳିତ ବୋଧ କରିବେ।

**କର୍କଟ**

ବନ୍ଧୁମାନଙ୍କ ଆଶ୍ୱାସନା କ୍ରମେ ଅର୍ଥ ସମ୍ପର୍କୀୟ ଅନୁଚିନ୍ତା ସାୟାହ୍ନେ ଦୂର ହେବ। ଦୀର୍ଘ ଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ଅଫିସ୍‌ରୁ ଫେରନ୍ତା ବାଟରେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପିତ ହେବାର ସୂଚନା ରହିଛି। ପାରିବାରିକ ସ୍ତରରେ ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ସିଂହ**

ପରିବାରର ଆବଶ୍ୟକତା ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। ଆକସ୍ମିକ ଭାବରେ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। କଳା, ସାହିତ୍ୟ, ସାମ୍ବାଦିକତା ସାଙ୍ଗକୁ ଶିଳ୍ପ, ବାଣିଜ୍ୟ ଓ ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା**

ଘରୋଇ ବ୍ୟାପାରକୁ ନେଇ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ତରବର ନ ହୋଇ କାମ କଲେ ସମସ୍ୟାର ସରଳ ସମାଧାନ ହୋଇଯିବ। ଇଚ୍ଛା ନ ଥିଲେ ମଧ୍ୟ ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବକେୟା ଅର୍ଥ ଆଦାୟ କରିବାରେ ଅନ୍ୟମାନଙ୍କର ସାହାଯ୍ୟ ନେବାକୁ ପଡିପାରେ।

**ତୁଳା**

ପରିବାରରେ କାହା ମନ କାହା ସାଙ୍ଗରେ ନ ମିଶିବା କାରଣରୁ ମନ ଭଲ ରହିବ ନାହିଁ। କୌଣସି ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କର ଆବଶ୍ୟକତା ପଡିପାରେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିପାରେ। କର୍ମକ୍ଷେତ୍ରରେ, ସଭା ସମିତିରେ, ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ବିଛା**

ନିଜ ମନ ମୁତାବକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ପ୍ରଶାସନିକ ସ୍ତରରେ ସମସ୍ୟା ସରଳ ସମାଧାନ କରିବା କଷ୍ଟକର ହୋଇପାରେ। ପାରିବାରିକ କ୍ଷେତ୍ରରେ ଜାଣିଶୁଣି ସବୁ କଥାରେ ନୀରବ ରହିବାକୁ ପଡିବ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି।

**ଧନୁ**

କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ ଭାବୁଥିବା କଥାଟି ଆଜି ଯଥା ସମୟରେ ହୋଇଯିବ। ଯେ କୌଣସି ପ୍ରତିଯୋଗିତାରେ ଯୋଗଦେଲେ ଅବଶ୍ୟ ସଫଳତା ପାଇବା ଯୋଗୁ ମନ ଖୁସି ରହିବ। ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ମକର**

ଦୀର୍ଘ ଦିନରୁ ସ୍ଥଗିତ ରହିଥିବା କାମଗୁଡିକ ସୁବିଧାରେ ସମ୍ପନ୍ନ ହୋଇଯିବାର ସୂଚନା ରହିଛି। ବନ୍ଧୁମାନଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡିବେ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ରରେ ଉନ୍ନତି କରିବେ। ଆତ୍ମୀୟମାନଙ୍କ ପୃଷ୍ଠପୋଷକତା ଲାଭ କରି ଅର୍ଥ ଓ ସମ୍ମାନ ଲାଭ ଯୋଗ ରହିଛି।


**କୁମ୍ଭ**

ଭଲ ସମ୍ପର୍କ ନଥିବା ବନ୍ଧୁମାନେ ଯେତେ ପ୍ରକାରର ସମସ୍ୟା ସୃଷ୍ଟି କଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ଦୀର୍ଘ ଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ପରିବାରରେ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମୀନ**

କର୍ମକ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇପାରନ୍ତି। ବନ୍ଧୁମାନଙ୍କ ହସ୍ତକ୍ଷେପ ଫଳରେ ପାରିବାରିକ କିମ୍ବା ଜମିଜମା ସମ୍ବନ୍ଧୀୟ ବିବାଦୀୟ ପରିସ୍ଥିତିକୁ ସୁଧାରି ନେବେ। ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହାକି ବ୍ୟସ୍ତତାର କାରଣ ହୋଇପାରେ। କଠିନ ଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ।

ଆଜି ମାଘ ଶୁକ୍ଳ ତୃତୀୟା ଯୁକ୍ତ ଚତୁର୍ଥୀ ଶୁକ୍ରବାର, ଫେବୃୟାରୀ ୮ ତାରିଖ, ରାଶି ନକ୍ଷତ୍ର-ପୂର୍ବଭାଦ୍ରପଦ୍/କୁମ୍ଭ, ଦିବା ଘ୮।୫୨ମି. ଗତେ ମୀନ ଚନ୍ଦ୍ର, ଧନୁ ରାଶିର ଘାତଚନ୍ଦ୍ର,ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିଦ୍ୟାରମ୍ଭ ପାଇଁ ଶୁଭଦିନ, ଦିବା ଘ୭।୪୫ ମି. ମଧ୍ୟେ ଘ୪।୧୩ମି. ଗତେ, ଘ୫।୩୮ମି. ମଧ୍ୟେ ଅମୃତବେଳା। ଦିବା ଘ୭।୪୫ମି. ଗତେ ଘ୯।୧୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୩୬ମି. ଗତେ ଘ୧୨।୦୧ମି. ମଧ୍ୟେ ରାହୁକାଳ।




## ହାଇକୋର୍ଟରେ ଆଜି ଶପଥ ନେବେ ଜଷ୍ଟିସ୍ ପ୍ରମଥ ପଟ୍ଟନାୟକ

**କଟକ ଅଫିସ, ୭।୨:** ହାଇକୋର୍ଟର ବିଚାରପତି ଭାବେ ଶୁକ୍ରବାର ଶପଥ ନେବେ ଜଷ୍ଟିସ ପ୍ରମଥ ପଟ୍ଟନାୟକ। ପୂର୍ବାହ୍ନ ୧୦ଟା ୧୫ ମିନିଟ୍‌ରେ ଜଷ୍ଟିସ ପଟ୍ଟନାୟକଙ୍କୁ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଶପଥ ପାଠ କରାଇବେ। ଏଥିପାଇଁ ହାଇକୋର୍ଟରେ ଏକ ଉତ୍ସବର ଆୟୋଜନ କରାଯାଇଛି। ସୂଚନାଥାଉ କି, ଜଷ୍ଟିସ ପଟ୍ଟନାୟକ ଝାଡ଼ଖଣ୍ଡ ହାଇକୋର୍ଟରୁ ଓଡ଼ିଶା ହାଇକୋର୍ଟକୁ ବଦଳି ହୋଇ ଆସିଛନ୍ତି। ଏହାପୂର୍ବରୁ ସେ ଓଡ଼ିଶା ହାଇକୋର୍ଟରେ ଅତିରିକ୍ତ ବିଚାରପତି ଭାବେ କାର୍ଯ୍ୟ କରିଛନ୍ତି। ୨୦୧୪ ଡିସେମ୍ବର ୨୨ରେ ଝାଡ଼ଖଣ୍ଡ ହାଇକୋର୍ଟକୁ ତାଙ୍କର ବଦଳି ହୋଇଥିଲା।


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ପ୍ରକଳ୍ପକୁ ଉଦ୍‌ଘାଟନ କରୁଛନ୍ତି।

### ■ ପ୍ରଶ୍ନପତ୍ର ଲିକ୍ ରୋକିବାକୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

# ଅଧିକାରୀ, କର୍ମଚାରୀଙ୍କୁ ମୋବାଇଲ ଫୋନ୍ ମନା

**ଯୁକ୍ତ୨ ପରୀକ୍ଷା**

- ■ କେବଳ ସୁପରିଣ୍ଟେଣ୍ଡେଣ୍ଟ ରଖିପାରିବେ ମୋବାଇଲ
- ■ ସ୍କ୍ୱାଡ୍, ପର୍ଯ୍ୟବେକ୍ଷକଙ୍କ ଉପରେ ବି କଟକଣା

ଭୁବନେଶ୍ୱର,୭।୨(ବ୍ୟୁରୋ)

ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ଘଟଣା ରାଜ୍ୟ ସରକାରଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଥିବା ବେଳେ ଏବେ ଏ ଦିଗରେ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରଥମେ ମାଟ୍ରିକ୍ ଓ ପରେ ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଆଗାମୀ ଯୁକ୍ତ୨ ପରୀକ୍ଷାକୁ ନେଇ ଏବେଠାରୁ ତତ୍ପରତା ପ୍ରକାଶ ପାଇଛି। ପରୀକ୍ଷା ସୁପରିଚାଳନା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ପ୍ରଶ୍ନପତ୍ର ଯେଭଳି ଲିକ୍ ନ ହେବ, ତାହାକୁ ଦୃଷ୍ଟିରେ ରଖି ପରୀକ୍ଷା ହଲ୍ ଏବଂ ପରୀକ୍ଷା କେନ୍ଦ୍ର କ୍ୟାମ୍ପସ୍‌ରେ ମୋବାଇଲ ଫୋନ୍ ବ୍ୟବହାର ଉପରେ କଟକଣା ଲଗାଯାଇଛି। ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ଏପରି କି, ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ କ୍ୟାମ୍ପସ୍‌କୁ ମୋବାଇଲ ଫୋନ୍ କିମ୍ବା କୌଣସି ବୈଦ୍ୟୁତିକ ସାମଗ୍ରୀ ନେଇପାରିବେ ନାହିଁ। ସେହିଭଳି ପରୀକ୍ଷା ଯାଞ୍ଚ କରିବାକୁ ଆସୁଥିବା ସ୍କ୍ୱାଡ୍ ଓ ପର୍ଯ୍ୟବେକ୍ଷକମାନେ ବି ସାଙ୍ଗରେ ମୋବାଇଲ ଫୋନ୍ ଆଣିପାରିବେ ନାହିଁ।

ପରୀକ୍ଷା କେନ୍ଦ୍ରରେ କେବଳ ପରୀକ୍ଷାର୍ଥୀଙ୍କ ଲାଗି ଯେଉଁ ବୈଦ୍ୟୁତିକ ସାମଗ୍ରୀ ଆବଶ୍ୟକ, ତାହାକୁ ନେବାକୁ ଅନୁମତି ମିଳିବ। କର୍ମଚାରୀମାନେ ମୋବାଇଲ ଫୋନ୍ ସହ ନିଜର ସମସ୍ତ ବୈଦ୍ୟୁତିକ ଉପକରଣ ରଖିବା ପାଇଁ ସୁପରିଣ୍ଟେଣ୍ଡେଣ୍ଟ ଏକ ସ୍ୱତନ୍ତ୍ର କୋଠରି ଚୟନ କରିବେ। ପ୍ରଶ୍ନପତ୍ର ପ୍ୟାକେଟ୍ ଖୋଲାଯିବା ସମୟରେ ସରକାରୀ ଅଧିକାରୀ କିମ୍ବା ଶିକ୍ଷକ ମୋବାଇଲ ପାଖରେ ରଖିବେ ନାହିଁ। କେନ୍ଦ୍ର ମଧ୍ୟକୁ ପ୍ରବେଶ ପୂର୍ବରୁ ମୁଖ୍ୟ ଫାଟକ ନିକଟରେ ପରୀକ୍ଷାର୍ଥୀମାନଙ୍କୁ ଭଲ ଭାବେ ଯାଞ୍ଚ କରାଯିବ। ପରୀକ୍ଷା ଆରମ୍ଭ ହେବାର ୩୦ ମିନିଟ୍ ପୂର୍ବରୁ କେନ୍ଦ୍ର ଭିତରକୁ ପ୍ରବେଶ ଲାଗି ଅନୁମତି ଦିଆଯିବ ଏବଂ ୧୫ ମିନିଟ୍ ପୂର୍ବରୁ ପରୀକ୍ଷାର୍ଥୀ ସିଟ୍‌ରେ ବସିପାରିବେ। ପରୀକ୍ଷାର୍ଥୀମାନେ ଯେପରି କୌଣସି ପ୍ରକାର ବହି, ଖାତା ଓ କପି ହଲ୍ ଭିତରକୁ ନେଇପାରିବେ ନାହିଁ, ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯିବ। ସେହିଭଳି ଅଭିଭାବକମାନେ ହଲ୍ ବାହାରେ ଭିଡ଼ ଜମାଇବାକୁ ବାରଣ କରାଯାଇଥିବା ବେଳେ ଯଦି ଆବଶ୍ୟକ ପଡ଼େ ସୁପରିଣ୍ଟେଣ୍ଡେଣ୍ଟ ପୋଲିସର ସହାୟତା ନେଇପାରିବେ। ପରୀକ୍ଷା ପରିଚାଳନା ଆଇନ୍ ୧୯୮୮ ଅନୁଯାୟୀ, ସମସ୍ତ ପଦକ୍ଷେପ ନେବାକୁ ପରିଷଦ ପକ୍ଷରୁ କୁହାଯାଇଛି। ଏହାବ୍ୟତୀତ ପରୀକ୍ଷା ପରିଚାଳନା ଏବଂ ଛାତ୍ରୀଛାତ୍ରଙ୍କ ସୁବିଧାକୁ ମଧ୍ୟ ଦୃଷ୍ଟି ଦିଆଯାଇଛି। କେନ୍ଦ୍ର ପରିସରରେ ଆବଶ୍ୟକ ପାନୀୟଜଳ ସହ ଶୌଚାଳୟ ବ୍ୟବସ୍ଥା କରିବାକୁ କୁହାଯାଇଛି। ଯୁକ୍ତ୨ ପରୀକ୍ଷା ଲାଗି ଚଳିତବର୍ଷ ରାଜ୍ୟରେ ମୋଟ ୧୦୯୧ଟି ପରୀକ୍ଷା କେନ୍ଦ୍ର ହୋଇଥିବା ବେଳେ ପରୀକ୍ଷା ପରିଚାଳନା ଲାଗି ୨୦୨ଟି ହବ୍ ହୋଇଛି। ମୋଟ ୩ ଲକ୍ଷ ୬୬ ହଜାର ଛାତ୍ରୀଛାତ୍ର ଏଥର ଯୁକ୍ତ୨ ପରୀକ୍ଷା ଦେବେ।

# ୬୬ କୋଟି ଟଙ୍କାର ୧୨୯ ପ୍ରକଳ୍ପ ଉଦ୍‌ଘାଟିତ

**ମୁଖ୍ୟମନ୍ତ୍ରୀଙ୍କ ଗଜପତି ଜିଲା ଗସ୍ତ**

- ■ ପଦ୍ମସମ୍ଭବଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ
- ■ ପର୍ଯ୍ୟଟନର ବିକାଶ ପାଇଁ ସରକାର ସର୍ବଦା ଚେଷ୍ଟିତ

ଚନ୍ଦ୍ରଗିରି/ରାୟଗଡ଼ (ଗଜପତି), ୭।୨(ଡି.ଏନ.ଏ.)

ଗଜପତି ଜିଲା ମୋହନା ବ୍ଲକ ଗସ୍ତରେ ଆସି ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିରାଙ୍ଗ ବୁଦ୍ଧ ମନ୍ଦିର ନିକଟରେ ନିର୍ମିତ ମହାଗୁରୁ ପଦ୍ମ ସମ୍ଭବଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଛନ୍ତି। ସେହିଠାରୁ ଜିଲାର ୧୨୯ ପ୍ରକଳ୍ପ ଉଦ୍‌ଘାଟନ ସହ ୯୮ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ପ୍ରାୟ ଘ.୧୧.୩୦ମିନିଟରେ ହେଲିକପ୍ଟର ଯୋଗେ ମୋହନା ବ୍ଲକ ଜିରାଙ୍ଗ ପଦ୍ମସମ୍ଭବ ମହାବିହାର ନିକଟରେ ଅବତରଣ କରିଥିଲେ। ସେଠାରୁ ବୁଦ୍ଧମନ୍ଦିରକୁ ଯାଇ ଦର୍ଶନ କରିଥିଲେ। ପରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିବା ସହ ନୂତନ ପ୍ରକଳ୍ପ ପାଇଁ ଶୁଭ ଦେଇଥିଲେ। ପ୍ରଥମେ ପଦ୍ମସମ୍ଭବ ସାଗର ମଧ୍ୟରେ ଥିବା ମହାଗୁରୁ ପଦ୍ମସମ୍ଭବଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ଏହାପରେ ସଭାସ୍ଥଳକୁ ଯାଇ ଅଭିଭାଷଣ ରଖିବା ସହ ସେଠାରୁ ଗଜପତି ଜିଲା ପାଇଁ ୬୬.୬୨କୋଟି ଟଙ୍କାର ୧୨୯ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ଉପସ୍ଥିତ ଜନତାଙ୍କ ଉଦ୍ଦେଶ୍ୟରେ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ କହିଥିଲେ, ବୌଦ୍ଧଧର୍ମ ସହ ଓଡ଼ିଶାର ସମ୍ପର୍କ ବହୁ ପୁରୁଣା ଏବଂ ଓଡ଼ିଶାରେ ଥିବା ବୌଦ୍ଧ କୀର୍ତ୍ତିରାଜିଗୁଡ଼ିକର ସୁରକ୍ଷା ଓ ପର୍ଯ୍ୟଟନର ବିକାଶ ପାଇଁ ରାଜ୍ୟ ସରକାର ସବୁବେଳେ ଉଦ୍ୟମ କରିଆସିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଏମ୍‌ପି ଅଚ୍ୟୁତ ସାମନ୍ତ ଯୋଗଦେଇ କହିଥିଲେ, ଗତ ୬୦ବର୍ଷ ଧରି ତିବ୍ବତୀୟମାନେ ନିଜ ଦେଶ ଛାଡ଼ି ବାହାର ଦେଶରେ ଆଶ୍ରୟ ନେଇଥିଲେ ମଧ୍ୟ କେବେହେଲେ ସେମାନଙ୍କ ଖାଦ୍ୟପେୟ, ଧର୍ମ, ଚାଲିଚଳଣ ଓ ବେଶପୋଷାକକୁ ଭୁଲିନାହାନ୍ତି।

ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଥିବା ପ୍ରକଳ୍ପ ମଧ୍ୟରେ ଆର୍.ଉଦୟଗିରି ବ୍ଲକର ୮ ସେତୁ, ମଙ୍ଗରାଜପୁର, ରାଇସିଂ ଏବଂ ବୁରିପଦର ପାଇପ ଜଳଯୋଗାଣ ପ୍ରକଳ୍ପ, ରାମଗିରିରେ ୩୩ କେଭି ସବ୍‌ଷ୍ଟେଶନ, ଗୁଣ୍ଡିମା ଆଦର୍ଶ ବିଦ୍ୟାଳୟର ୧୦୦ ସିଟ୍ ବିଶିଷ୍ଟ ଛାତ୍ରୀନିବାସ, ମୋହନା ବ୍ଲକ ଲେଖାପଦର ଅନ୍ତରବା ରାସ୍ତାର ଖରିଗୁଡା ନାଳ ଏବଂ ମୋହନା-କିରିମା ରାସ୍ତାର ଅଠର ନଳା ଉପରେ ୨ ହାଇଲେଭଲ ସେତୁ। ଆର୍.ଉଦୟଗିରି ଭାଲିଆସାହି ଓ କୁଆଁପଡାରେ ୨ ହାଇଲେଭଲ ସେତୁ ରହିଛି। ସେହିପରି ନୂଆଗଡ ବ୍ଲକର ୫ ମିଶନଶକ୍ତି ଭବନ, ତବରଡା ଓ କେରଡାଙ୍ଗରେ ଅବସର ବିନୋଦନ କେନ୍ଦ୍ର, ମୋହନା ବ୍ଲକର ୪ ଗୋଷ୍ଠୀ ଉନ୍ନୟନ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

ମଞ୍ଚରେ ତିବ୍ବତୀୟ ଗୁରୁଜୀ ଜିଗ୍‌ମେ ରେମ୍ପୋଛେ, ସାନଗୁରୁଜୀ ଖେମ୍ପୋ ପେମା ଟେମ୍ପଲ, ଟୁଲ୍‌କୁ କୁଂଛପଙ୍କ ସମେତ ଅନ୍ୟମାନଙ୍କ ମଧ୍ୟରେ ମୋହନା ବିଧାୟିକା ବାସନ୍ତୀ ମଲ୍ଲିକ, ଅନ୍ତର୍ଯାମୀ ଗମାଙ୍ଗ, କେ. ନାରାୟଣ ରାଓ, ଜିଲା ବିଜେଡି ସଭାପତି ପ୍ରଦୀପ ନାୟକ, ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ, ଚନ୍ଦ୍ରଶେଖର ସାହୁ ଓ ରାମଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରତ୍ୟେକ ବସ୍ତୁରେ, ପ୍ରତ୍ୟେକ କ୍ଷେତ୍ରରେ, ପ୍ରତିଟି ସଂପର୍କରେ ସତ୍ୟକୁ ପରିପୂର୍ଣ୍ଣ ଛନ୍ଦ ସହ ବିକଶିତ କରିବାକୁ ହେବ। ଏବଂ ଜୀବନର ପ୍ରତିଟି ଗତିବୃତ୍ତି ସୌନ୍ଦର୍ଯ୍ୟ ଓ ସଂଗତିର ପ୍ରକାଶକ ହେବା ଉଚିତ। —ଶ୍ରୀମା



# ଅସାର ବଜେଟ

ଅନ୍ତରୀଣ ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ଫେବୃୟାରୀ ପହିଲାରେ ଯେଉଁ ଅନ୍ତରୀଣ ବଜେଟ ଉପସ୍ଥାପନ କରିଛନ୍ତି, ତାହା ବାହାରକୁ ଦେଖିବାକୁ ବେଶ୍ ଭଲ ଓ ଲୋକପ୍ରିୟ ହୋଇଥିଲେ ମଧ୍ୟ ବାସ୍ତବରେ ତାହା ଅତ୍ୟନ୍ତ ଅସାର। ବାହାରକୁ ଦେଖିବାକୁ ଭଲ କାରଣ ତାହା ସମ୍ପୂର୍ଣ୍ଣରୂପେ ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ସବୁ ସ୍ତରର ଲୋକଙ୍କୁ ସନ୍ତୁଷ୍ଟ କଲା ଭଳି କରାଯାଇଛି। ନିର୍ବାଚନର ଅବ୍ୟବହିତ ପୂର୍ବରୁ ଏହି ବଜେଟ ମାଧ୍ୟମରେ ଏନ୍‌ଡିଏ ସରକାରର କେତେକ ଦୋଷତ୍ରୁଟିକୁ ଘୋଡ଼ାଇବା ଓ ସମ୍ମାନ ରକ୍ଷା କରିବା ଲାଗି ଉଦ୍ୟମ କରାଯାଇଛି। ସତ କଥା ହେଲା ସାଧାରଣ ନିର୍ବାଚନର ମାତ୍ର ଦୁଇମାସ ପୂର୍ବରୁ ଯେ କୌଣସି ବି ସରକାର ବଜେଟ ଉପସ୍ଥାପନ କରନ୍ତି, ତାହାକୁ ସେମାନେ ଲୋକପ୍ରିୟ କରିବାକୁ ବାଧ୍ୟ ହୁଅନ୍ତି। ଏନ୍‌ଡିଏ ସରକାର ବା ସେଥିରୁ ବାଦ୍ ଯାଆନ୍ତା କିପରି ? କିନ୍ତୁ ଏ ଅନ୍ତରୀଣ ବଜେଟରେ ଯେଉଁସବୁ ପଦକ୍ଷେପ ଓ ଦୁଃସାହସିକତା ଦେଖିବାକୁ ମିଳିଛି, ତାହା ଆଗରୁ ଦେଖାଯାଇ ନ ଥିଲା। ଏହାକୁ ଅସାର କହିବାର କାରଣ ଏଥିରେ କୃଷକମାନଙ୍କୁ ବାର୍ଷିକ ଯେଉଁ ୬୦୦୦ ଟଙ୍କା ସହାୟତା ଓ ଅସଙ୍ଗଠିତ କ୍ଷେତ୍ରର ଶ୍ରମିକମାନଙ୍କୁ ଯେଉଁ ପେନ୍‌ସନ ଦିଆଯିବା ଲାଗି ପ୍ରତିଶ୍ରୁତି ଦିଆଯାଇଛି, ତାକୁ ଯଦି ନୂଆ ସରକାର ଚାହିଁବେ ତେବେ ତାହା କାର୍ଯ୍ୟକାରୀ ହେବ। କିନ୍ତୁ ତାହା କାର୍ଯ୍ୟକାରୀ ହେବ, ଏହା ଆପାତତଃ ନିଶ୍ଚିତ, କାରଣ ତାହାକୁ କାର୍ଯ୍ୟକାରୀ ନ କରିବା ଏକ ରାଜନୈତିକ ଆତ୍ମଘାତୀ ନିଷ୍ପତ୍ତି ହେବ। ପୁଣି ଏହି ଅନ୍ତରୀଣ ବଜେଟରେ ଅନେକ ବିଭ୍ରାନ୍ତି ସୃଷ୍ଟି କରାଯାଇଛି। ବ୍ୟକ୍ତିଗତ ଆୟକରରେ ଯେଉଁ ପରିବର୍ତ୍ତନ କରାଯାଇଛି, ତାହା ବିଭ୍ରାନ୍ତି ସୃଷ୍ଟି କରୁଛି।

ଏପରି କି ଅନ୍ତରୀଣ ବଜେଟ ଉପସ୍ଥାପନର ସପ୍ତାହେ ପରେ ବି ଗୋୟଲ ଯେଉଁ ଟିକସ ସୁବିଧା ଘୋଷଣା କରିଛନ୍ତି, ତାହା ଟିକସଦାତାମାନଙ୍କ ପାଇଁ ବାସ୍ତବରେ କିଛି ଫରକ ଆଣିବ କି ନା ସେ ନେଇ ସନ୍ଦେହ ଦୂର ହୋଇପାରି ନାହିଁ। ଗୋୟଲ ତାଙ୍କ ବଜେଟ ଅଭିଭାଷଣରେ ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକାରୀମାନଙ୍କ ପାଇଁ ପୂର୍ଣ୍ଣ ରିହାତି ଘୋଷଣା କରିଥିଲେ। ଗଣମାଧ୍ୟମ ତାହାର ମୂଳ ତତ୍ତ୍ୱକୁ ନ ଯାଇ ଉକ୍ତ ଘୋଷଣାର ଅର୍ଥ ବୁଝାଇଲେ ଯେ, ବର୍ତ୍ତମାନ ଯେଉଁ ଆୟକର ଛାଡ଼ ସୀମା ଅଢ଼େଇ ଲକ୍ଷ ଟଙ୍କା ରହିଛି, ତାକୁ ଦ୍ୱିଗୁଣିତ କରି ୫ ଲକ୍ଷ ଟଙ୍କା କରାଗଲା। କିନ୍ତୁ ଅର୍ଥ ବିଲ୍‌ରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ, ଅଢ଼େଇ ଲକ୍ଷ ଓ ୫ ଲକ୍ଷ ଟଙ୍କା ମଧ୍ୟରେ ସ୍ଲାବ୍ ଯେମିତି ଥିଲା, ସେମିତି ରହିଛି ଏବଂ କେବଳ ଟିକସ ହାର ୫ ପ୍ରତିଶତ ରହିବ। ଗୋଟିଏ ଗୋଷ୍ଠୀ ଲୋକ ଦାବି କରୁଛନ୍ତି ଯେ, ବେତନଭୋଗୀ ଶ୍ରେଣୀ ପାଇଁ ଏହା ଏକ ଉପହାର। କିନ୍ତୁ ବିଶ୍ଳେଷକମାନଙ୍କ କହିବା ଅନୁସାରେ ଏହା ଏକ ରିହାତି ମାତ୍ର, ପୂର୍ଣ୍ଣ ଛାଡ଼ ନୁହେଁ। ଏହା ସେହି ଲୋକମାନଙ୍କୁ ସାହାଯ୍ୟ କରିବ, ଯେଉଁମାନଙ୍କ ବାର୍ଷିକ ମୋଟ ଆୟ ୫ ଲକ୍ଷ ଟଙ୍କାରୁ ଅଧିକ ନୁହେଁ। ପ୍ରସ୍ତାବିତ ପରିବର୍ତ୍ତନରେ ଅନେକ ସଂଶୟ ରହିଥିଲେ ମଧ୍ୟ ସରକାର କିଛି ସ୍ପଷ୍ଟୀକରଣ ନ ଦେଇ ଆରାମରେ ଚୁପ୍‌ଚାପ୍ ବସିଯାଇଛନ୍ତି।

## ଆଜିର ଅର୍ଥନୀତି

ପିଏମ୍–କିଷାନ ଯୋଜନା ଯଦି କାର୍ଯ୍ୟକାରୀ ହୁଏ, ତେବେ ତାହା ଦେଶରେ ଜମି–ମାଲିକଙ୍କ ମଧ୍ୟରେ ଅନେକ ବିଭାଜନ ସୃଷ୍ଟି କରିବ। ଦୁଇ ହେକ୍ଟରରୁ କମ୍ ଜମି ଥିବା କୃଷକଙ୍କୁ ବାର୍ଷିକ ୬୦୦୦ ଟଙ୍କା ଦିଆଯିବ ବୋଲି ଯେଉଁ ଘୋଷଣା କରାଯାଇଛି, ସେଥିପାଇଁ ଅଧିକ ଜମି ଥିବା ପରିବାରରେ ବାପ–ପୁଅ, ଭାଇ–ଭାଇ ଭିନ୍ନେ ହୋଇ ନଗଦ ଟଙ୍କା ପାଇବା ଲାଗି ନିଜର ଜମି ପରିମାଣ ଦୁଇ ହେକ୍ଟରରୁ କମ୍ ବୋଲି ଦର୍ଶାଇବାକୁ ଉଦ୍ୟମ କରିବେ। ଜମି ଭାଗ ଭାଗ ହେଲେ ତାହାର ଉତ୍ପାଦକତା ଉପରେ ସିଧାସଳଖ ପ୍ରଭାବ ପଡ଼ିବ। ଏହା ମଧ୍ୟ ଗ୍ରାମୀଣ ଭାରତରେ ଅନେକ ସାମାଜିକ ଉତ୍ତେଜନା ଓ ଗଣ୍ଡଗୋଳ ସୃଷ୍ଟି କରିବ। କାରଣ ପରିବାର ଭାଗ ଭାଗ ହୋଇଗଲେ ତାହା ପାରିବାରିକ ବନ୍ଧନକୁ ଶିଥିଳ କରିବ। ଚାଷରେ ମାତ୍ରାଧିକ ଅନିଶ୍ଚୟତାର ସମ୍ମୁଖୀନ ହେଉଥିବା କ୍ଷୁଦ୍ରଚାଷୀମାନେ ନଗଦ ରାଶି ପାଇ ଜମି ପଡ଼ିଆ ରଖିବା କଥା ଚିନ୍ତା କରିପାରନ୍ତି। ପୁନଶ୍ଚ ଯଦି ସେମାନେ ଅନ୍ୟ କିଛି ଅଣ–କୃଷି ବେଉସା ପାଇଯାନ୍ତି ଏବଂ ତା' ସହ ବାର୍ଷିକ ନଗଦ ରାଶି ବି ପାଆନ୍ତି, ତେବେ ମଧ୍ୟ ଜମି ପଡ଼ିଆ ରଖିବା କଥା ବିଚାର କରିପାରନ୍ତି। ତା' ଛଡ଼ା ଯଦି ବି ପରବର୍ତ୍ତୀ ସରକାର ଖୁବ୍ ଦୂରଦୃଷ୍ଟିସମ୍ପନ୍ନ ହୁଅନ୍ତି, ତଥାପି ସେମାନେ ଏ ସମ୍ପର୍କରେ କିଛି କରିବାର ଅବସ୍ଥାରେ ରହି ନ ପାରନ୍ତି। ଆସନ୍ତା ଏପ୍ରିଲରୁ ଆରମ୍ଭ ହେଉଥିବା ଆର୍ଥିକ ବର୍ଷ ଲାଗି ଏ ବଜେଟ ଉଦ୍ଦିଷ୍ଟ, ଯେଉଁ ସମୟ ବେଳକୁ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇସାରିଥିବ ଏବଂ ଏ ସରକାର ବଜେଟ କାର୍ଯ୍ୟକାରୀ କରିବା ଅବସ୍ଥାରେ ନ ଥିବ।

## ଚିରନ୍ତନୀ

ଚପଳ ଡୋଳା ହୁଅଇ ଥିର
    ନ ଜାଗେ ତହିଁ ଜଳ
ରକତହୀନ ଅଧରୁ ଝାସେ ହାସ
ନୀରବି ଯାଏ ଜୀବନମୟ
    ବିପୁଳ କୋଳାହଳ।
ଆସଇ ଘୋଟି ଅସୀମ ଅବକାଶ !
(ଅମର ଆଶା)
—କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | E | | | B | | | D | | | | 3 | | |
| | D | 4 | | | 5 | | | B | 2 | | A | | 6 | |
| C | B | 7 | | | | | | | 6 | 3 | | 8 | 0 | |
| | 2 | | | | | 3 | | | | | | | | 4 |
| | | 8 | | A | | | 0 | E | | 7 | 4 | | | |
| | | 2 | 7 | | | | | | | | | | | 8 |
| | | B | | E | 1 | A | 7 | | 3 | 4 | | 0 | 9 | |
| | 9 | 3 | | | 2 | | 5 | | | | 8 | C | | |
| | 0 | | | | A | 4 | | | 9 | 1 | | E | | |
| | | | | B | | 0 | | | | D | | | | |
| | | | 2 | | 4 | | B | | | | 5 | | | D |
| 9 | | | | | 6 | 5 | | 3 | A | | E | | | |
| | | | | 7 | | | | | | | 6 | | | |
| A | | | | 8 | | C | E | 7 | | 2 | | | 4 | 1 |
| | | | B | 3 | | | | | 0 | | | 5 | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 3 | 1 | C | 9 | 0 | D | 5 | 4 | 8 | 7 | E | B | A | 2 |
| 5 | 9 | 2 | A | D | 4 | 7 | 6 | 0 | 1 | C | B | 3 | E | 8 |
| 0 | 8 | 4 | E | 6 | 1 | B | 3 | A | 2 | 9 | D | C | 5 | 7 |
| A | 7 | E | 5 | B | 2 | 8 | 1 | C | 3 | 0 | 6 | 4 | 9 | D |
| B | C | D | 3 | 8 | 7 | E | 9 | 2 | A | 4 | 5 | 6 | 1 | 0 |
| C | 2 | 7 | 6 | 0 | 8 | 3 | B | 9 | 5 | E | A | 1 | D | 4 |
| 9 | 1 | 6 | D | A | C | 4 | 0 | E | B | 2 | 3 | 7 | 8 | 5 |
| 4 | A | B | 9 | 7 | 3 | 5 | 2 | D | C | 1 | 8 | E | 0 | 6 |
| 8 | 5 | 3 | 1 | 2 | E | A | 7 | 6 | 4 | D | 0 | 9 | B | C |
| D | E | 0 | B | 4 | 5 | C | 8 | 1 | 9 | 6 | 7 | 2 | 3 | A |
| 7 | D | 5 | 8 | 1 | 6 | 9 | C | B | E | A | 2 | 0 | 4 | 3 |
| 2 | 6 | 9 | 0 | 3 | B | 1 | A | 8 | 7 | 5 | 4 | D | C | E |
| E | 4 | 8 | 7 | C | A | 0 | D | 3 | 6 | B | 9 | 5 | 2 | 1 |
| 3 | 0 | C | 2 | E | 9 | 6 | 4 | 5 | D | 8 | 1 | A | 7 | B |
| 1 | B | A | 4 | 5 | D | 2 | E | 7 | 0 | 3 | C | 8 | 6 | 9 |

ଗତକାଲିର ଉତ୍ତର

# ପ୍ରତିମୂର୍ତ୍ତି ସ୍ଥାପନ ପରମ୍ପରା



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ପ୍ରତିମୂର୍ତ୍ତି ସ୍ଥାପନ ଓ ବିସ୍ଥାପନକୁ ନେଇ ଭାରତରେ ଅନେକ ସମୟରେ ରାଜନୈତିକ ବାଦବିବାଦର ସୂତ୍ରପାତ ହୋଇଛି। ତ୍ରିପୁରାରେ ସରକାର ପରିବର୍ତ୍ତନ ହେବା ପରେ ଲେଲିନ୍‌ଙ୍କ ପ୍ରତିମୂର୍ତ୍ତି ଭାଙ୍ଗି ଦିଆଗଲା। ପରେ ପରେ ଉତ୍ତରପ୍ରଦେଶ ଓ ତାମିଲନାଡୁରେ ଆମ୍ବେଦକର ଓ ପେରିୟାରଙ୍କ ପ୍ରତିମୂର୍ତ୍ତି ଭଙ୍ଗାଗଲା। ପ୍ରତିକ୍ରିୟାସ୍ୱରୂପ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତି ମଧ୍ୟ ଆକ୍ରମଣର ଶିକାର ହେଲା। ପ୍ରତିମୂର୍ତ୍ତି ଯେଉଁ ଆଦର୍ଶକୁ ପ୍ରତିନିଧିତ୍ୱ କରେ ସେହି ଆଦର୍ଶରେ ବିଶ୍ୱାସ କରୁ ନ ଥିବାବେଳେ ଲୋକେ ସେହି ପ୍ରତିମୂର୍ତ୍ତିକୁ ଭାଙ୍ଗିଦିଅନ୍ତି। ମାତ୍ର ଆମେ ଭୁଲିଯିବା ଉଚିତ ନୁହେଁ ଯେ, ଗଣତନ୍ତ୍ରରେ ବିଭିନ୍ନ ଆଦର୍ଶର ସୁସ୍ଥ ସହାବସ୍ଥାନ ରହିବା ଆବଶ୍ୟକ। ସୁଖର କଥା ବାଲେଶ୍ୱର ଜିଲାର ବସ୍ତା ନିକଟସ୍ଥ ଦାଣ୍ଡି ଗାଁରେ ଭିନ୍ନ ଭିନ୍ନ ଆଦର୍ଶର ପ୍ରବକ୍ତା ଗାନ୍ଧୀ ଓ ଲେଲିନ୍‌ଙ୍କ ପ୍ରତିମୂର୍ତ୍ତି ଗୋଟିଏ ସ୍ଥାନରେ ସ୍ଥାପିତ ହୋଇଛି। ଅନ୍ୟମାନଙ୍କ ସହ ଅସମ୍ମତ ହେବା ପାଇଁ ସମ୍ମତ ହେବା ହେଉଛି ଏକ ସୁସ୍ଥ ଗଣତାନ୍ତ୍ରିକ ମୂଲ୍ୟବୋଧ। ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଆଜି ଭାରତରେ ଏହି ସୁସ୍ଥ ଗଣତାନ୍ତ୍ରିକ ମୂଲ୍ୟବୋଧ ଭୁଶୁଡ଼ିଯାଉଛି।

ପ୍ରାଚୀନ ଗ୍ରୀସ୍ ଓ ରୋମ୍‌ରେ ପ୍ରଶାସକମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ପରମ୍ପରା ଥିଲା। ମାତ୍ର ଇଂରେଜମାନେ ଭାରତକୁ ଶାସନ କରିବା ପୂର୍ବରୁ ଭାରତରେ ଏହି ପରମ୍ପରା ନ ଥିଲା। ଅବଶ୍ୟ ଭାରତରେ ଦେବଦେବୀଙ୍କ ମୂର୍ତ୍ତି ଓ ବୁଦ୍ଧ, ଜୀନ ଭଳି ବିଶିଷ୍ଟ ଧର୍ମପ୍ରଚାରକମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାର ଧାରା ପ୍ରଚଳିତ ଥିଲା। ୧୮୫୮ ମସିହା ପରେ ଭାରତରେ ବ୍ରିଟିଶ ଶାସନ ସମୟରେ ରାଣୀ ଭିକ୍ଟୋରିଆଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଗଲା ପରେ ଭାରତସାରା ବ୍ରିଟିଶ ଶାସକ ଓ ପ୍ରଶାସକମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଗଲା। ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଏହି ଧାରା ତ୍ୱରାନ୍ୱିତ ହୋଇ ଶୀର୍ଷରେ ପହଞ୍ଚିଲା। ରାସ୍ତାକଡ଼ରେ ପ୍ରତିମୂର୍ତ୍ତି ହୋଇ ଛିଡ଼ାହେଲେ ଗାନ୍ଧୀ, ନେହେରୁ, ସୁଭାଷ ବୋଷ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି। ନିକଟରେ ଗୁଜରାଟରେ ସର୍ଦ୍ଦାର ପଟେଲଙ୍କ ଉଚ୍ଚତମ ପ୍ରତିମୂର୍ତ୍ତି ତିନି ହଜାର କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି। ପ୍ରତିମୂର୍ତ୍ତି ସ୍ଥାପନର ଉଦ୍ଦେଶ୍ୟ ହେଉଛି ସେହି ମହାପୁରୁଷମାନଙ୍କ କୀର୍ତ୍ତି ସମ୍ପର୍କରେ ମନେ ପକାଇଦେଇ ସେମାନଙ୍କ ଆଦର୍ଶରେ ଆଗାମୀ ଯୁବପିଢ଼ିକୁ ଉଦ୍‌ବୁଦ୍ଧ କରିବା। ମାତ୍ର ବିଡ଼ମ୍ବନାର ବିଷୟ ଯେ, ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଅଧିକାଂଶ ଯୁବତୀଯୁବକ ସେହି ପ୍ରତିମୂର୍ତ୍ତିଗୁଡ଼ିକୁ ଚିହ୍ନନ୍ତି ନାହିଁ, ସେମାନଙ୍କ ଆଦର୍ଶରେ ଉଦ୍‌ବୁଦ୍ଧ ହେବା ତ ଦୂରର କଥା।

ଏହି ଲେଖକ କଲେଜ ଅଧ୍ୟକ୍ଷ ଥିବାବେଳର ଏକ ଅନୁଭୂତି– ଅଧ୍ୟାପକମାନଙ୍କ ସାଧାରଣ କକ୍ଷରେ ଟଙ୍ଗା ହୋଇଥିବା ଭାରତର ବିଭିନ୍ନ ବରପୁତ୍ରଙ୍କ ପ୍ରତିକୃତିକୁ ଚିହ୍ନେଇଦେବା ପାଇଁ କେତେଜଣ ଛାତ୍ରଙ୍କୁ କୁହନ୍ତେ ଅଧିକାଂଶ ସେଗୁଡ଼ିକୁ ଚିହ୍ନିତ କରିପାରି ନ ଥିଲେ। ସ୍କୁଲ କଲେଜରେ ଏହି ବରପୁତ୍ରମାନଙ୍କ ସମ୍ପର୍କରେ ପରିଚୟ ଦେବା ପାଇଁ ଓ ସେମାନଙ୍କ ପ୍ରତି ସମ୍ମାନବୋଧ ସୃଷ୍ଟି କରିବା ଲାଗି କୌଣସି ପାଠ୍ୟକ୍ରମ ନାହିଁ। ଯେଉଁ ପାଠ ପଢ଼ିଲେ ଅର୍ଥକରୀ ଚାକିରି ମିଳିବ ସେହି ପାଠ୍ୟକ୍ରମ ଉପରେ ଜୋର ଦିଆଯାଉଛି। ଆମ ମହାପୁରୁଷମାନଙ୍କୁ ରାସ୍ତାଘାଟରେ ପ୍ରତିମୂର୍ତ୍ତି ଭାବରେ ଛିଡ଼ା କରାଇଦେଇ ଓ ବର୍ଷକୁ ଥରେ ସେମାନଙ୍କ ଜନ୍ମଦିନରେ ଫୁଲମାଳଟିଏ ଗଳାରେ ଚଢ଼ାଇଦେଇ ଆମେ ଆତ୍ମସନ୍ତୋଷ ଲାଭ କରୁଛୁ। ପରବର୍ତ୍ତୀ ସମୟରେ ସେହି ପ୍ରତିମୂର୍ତ୍ତିଗୁଡ଼ିକ ପକ୍ଷୀମାନଙ୍କର ବସାଘରରେ ପରିଣତ ହେଉଛି। ଆଜି ସେହି ପ୍ରତିମୂର୍ତ୍ତିଗୁଡ଼ିକ ଯୁବପିଢ଼ିକୁ ଉଦ୍‌ବୁଦ୍ଧ କରିବାର ସ୍ମାରକୀ ହୋଇ ରହିନାହିଁ। ହୁଏତ ଏମିତି ଦିନ ଆସିବ ଲୋକେ ଏହି ବରପୁତ୍ରମାନଙ୍କୁ ଚିହ୍ନି ନ ପାରି ସେଗୁଡ଼ିକୁ ବିସ୍ଥାପନ କରିବା ପାଇଁ କିମ୍ବା ଉତ୍ପାଟନ କରି ଫୋପାଡ଼ି ଦେବା ପାଇଁ କୁଣ୍ଠାବୋଧ କରିବେ ନାହିଁ। ଏହି ପ୍ରସଙ୍ଗରେ ମନକୁ ଆସେ ବିଶିଷ୍ଟ କଥାକାର ଆର୍.କେ. ନାରାୟଣନ୍‌ଙ୍କ ଏକ ପ୍ରସିଦ୍ଧ କାହାଣୀ 'ଲଲେ ରୋଡ୍'।

ସ୍ୱାଧୀନତା ପରବର୍ତ୍ତୀ ଭାରତବର୍ଷର କଥା। ମାଲଗୁଡ଼ି ପୌର ପରିଷଦର ଅଧ୍ୟକ୍ଷ ଚାହିଁଲେ ଜନସାଧାରଣଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରିବେ। ନିଷ୍ପତ୍ତି ନିଆଗଲା ଯେ ସହରରେ ସ୍ଥାପିତ ହୋଇଥିବା ବ୍ରିଟିଶ ଶାସନର ସ୍ମାରକୀ ପ୍ରତିମୂର୍ତ୍ତିଗୁଡ଼ିକୁ ହଟାଇ ଦିଆଯାଇ ସେହି ସ୍ଥାନରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀମାନଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ଓ ରାସ୍ତା ତଥା ପାର୍କଗୁଡ଼ିକୁ ସେମାନଙ୍କ ନାମରେ ନାମିତ କରାଯିବ। ବୈଠକରେ ମହାତ୍ମା ଗାନ୍ଧୀ, ନେତାଜୀ, ନେହେରୁଙ୍କ ଭଳି ବିଶିଷ୍ଟ ଜନନାୟକମାନଙ୍କ ନାମକୁ ଅଧିକାଂଶ ସଦସ୍ୟ ପସନ୍ଦ କରନ୍ତେ ସେମାନଙ୍କ ଦାବିକୁ ସମ୍ମାନ ଜଣାଇ ଶେଷରେ ଚାରିଗୋଟି ବିଭିନ୍ନ ରାସ୍ତାକୁ ଜଣଙ୍କ ନାମରେ ନାମିତ କରାଯାଇ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଗଲା। ଏହି ତଥାକଥିତ ଦେଶପ୍ରେମର ନିଦର୍ଶନ ସୃଷ୍ଟି କଲା ଏକ ବଡ଼ ସମସ୍ୟା। ଯେଉଁଠି ଚିଠି ପହଞ୍ଚିବା କଥା ନୁହେଁ ସେଠି ଚିଠି ପହଞ୍ଚିଲା। ଡାକପିଅନକୁ ଚିଠିର ଠିକ୍ ଠିକଣା ପାଇବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଲା। ତା'ସତ୍ତ୍ୱେ ପୌର ପରିଷଦର ଅଧ୍ୟକ୍ଷ ଆଉ କିଛି ଦେଶପ୍ରେମ ଉଦ୍ଦୀପକ କାର୍ଯ୍ୟ କରିବାକୁ ଚାହିଁଲେ। ଲଲେ ଏକ୍ସଟେନ୍‌ଶନ ନାମରେ ଥିଲା ଏକ ଅଞ୍ଚଳ। ତାକୁ ପରିବର୍ତ୍ତନ କରାଯାଇ ଗାନ୍ଧୀନଗର ନାମ ରଖାଗଲା। ଏଣୁ ସେଠି ସ୍ଥାପିତ ହୋଇଥିବା ଫ୍ରେଡ୍‌ରିକ ଲଲେ ନାମଧାରୀ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ଏକ ବିଶାଳ ପ୍ରତିମୂର୍ତ୍ତି ଅପ୍ରାସଙ୍ଗିକ ହୋଇଗଲା। ସେ କିଏ ସେ ସମ୍ପର୍କରେ କେହି କେବେ ଚିନ୍ତା କରି ନ ଥିଲେ। ପ୍ରତିମୂର୍ତ୍ତିର ଚେହେରା ଓ ବେଶଭୂଷାରୁ ଲୋକେ ଅନୁମାନ କରିନେଲେ ଯେ ସେ ଥିଲେ ଜଣେ ଦୁର୍ଦ୍ଧର୍ଷ ଏକଛତ୍ରବାଦୀ ବ୍ରିଟିଶ ଶାସକ। ସେ ଭାରତୀୟମାନଙ୍କୁ ଯୁଦ୍ଧରେ ପରାଜିତ କରି ତାଙ୍କ ବିରୋଧୀମାନଙ୍କୁ ଦମନ କରିଥିଲେ। ଏଣୁ ସମସ୍ତେ କହିଲେ ଏଭଳି ଜଣେ ଦୁର୍ଦ୍ଧର୍ଷ ଅତ୍ୟାଚାରୀ ଶାସକଙ୍କ ପ୍ରତିମୂର୍ତ୍ତି ସ୍ୱାଧୀନ ଭାରତରେ ଅବସ୍ଥାପିତ ହେବା ଅପମାନଜନକ। ଏଣୁ ସେହି ପ୍ରତିମୂର୍ତ୍ତିକୁ ସେଠାରୁ ହଟାଇବା ପାଇଁ ଟେଣ୍ଡର ଆହ୍ୱାନ କରାଗଲା। ପ୍ରତିମୂର୍ତ୍ତିଟି ୨୦ ଫୁଟ୍ ଉଚ୍ଚ ପ୍ରକାଣ୍ଡ ହୋଇଥିବାରୁ ତାକୁ ଉତ୍ପାଟନ କରିବା ଅତ୍ୟନ୍ତ ବ୍ୟୟସାପେକ୍ଷ ହେଲା। ଏଣୁ କେହି ସେହି ଟେଣ୍ଡର ଗ୍ରହଣ କଲେ ନାହିଁ। ଶେଷରେ ନିଜ ଖର୍ଚ୍ଚରେ ଯିଏ ସେହି ପ୍ରତିମୂର୍ତ୍ତିକୁ ଉତ୍ପାଟନ କରିବ, ତାକୁ ତାହା ବିନା ମୂଲ୍ୟରେ ଦିଆଯିବ ବୋଲି ଘୋଷଣା କରାଯାଆନ୍ତେ ଜଣେ ଭଦ୍ରଲୋକ ପ୍ରତିମୂର୍ତ୍ତିରେ ବ୍ୟବହୃତ ହୋଇଥିବା ଧାତୁର ମୂଲ୍ୟକୁ ବିଚାରକରି ତାହା ଲାଭଦାୟକ ହେବ ଭାବି ସେହି ପ୍ରସ୍ତାବରେ ରାଜି ହେଲେ। ପଚାଶ ଜଣ ଶ୍ରମିକଙ୍କ ୧୩ ଦିନର ଅକ୍ଳାନ୍ତ ପରିଶ୍ରମ ପରେ ମୂର୍ତ୍ତିଟି ଉତ୍ପାଟିତ ହେଲା ଓ ବହୁ କଷ୍ଟରେ ଏକ ଶଗଡ଼ରେ ସେହି ଭଦ୍ରବ୍ୟକ୍ତି ତାକୁ ନେଇ କବୀର ଲେନ୍‌ରେ ଥିବା ତାଙ୍କ ଘରେ ରଖିଲେ।

ଏହି ଖବରଟି ଚାରିଆଡ଼େ ପ୍ରଚାରିତ ହେଲା। ସଙ୍ଗେ ସଙ୍ଗେ ଚାରିଆଡୁ ଐତିହାସିକମାନଙ୍କ ପ୍ରତିବାଦର ସୁଅ ଛୁଟିଲା। ସେହି ପ୍ରତିମୂର୍ତ୍ତିକୁ ଯେଉଁ ଏକଚ୍ଛତ୍ରବାଦୀ ଶାସକ ଫ୍ରେଡ୍‌ରିକ ଲଲେଙ୍କର ଭାବି ପୌର ପରିଷଦର ଅଧ୍ୟକ୍ଷ ତାକୁ ଉତ୍ପାଟନ କରାଇଥିଲେ, ତାହା ପ୍ରକୃତରେ ଥିଲା ଏକ ଭିନ୍ନ ଫ୍ରେଡ୍‌ରିକ ଲଲେଙ୍କ ପ୍ରତିମୂର୍ତ୍ତି। ସେ ଥିଲେ ଓ୍ୱାରେନ ହେଷ୍ଟିଙ୍ଗ୍‌ସଙ୍କ ସମୟର ଜଣେ ସାମରିକ ଶାସକ। ସେ ମାଲଗୁଡ଼ି ସହରକୁ ପ୍ରତିଷ୍ଠା କରି ବହୁ ଜନହିତକର କାର୍ଯ୍ୟ କରିଥିଲେ ଓ ମାଲଗୁଡ଼ିବାସୀଙ୍କ ମଙ୍ଗଳ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ସେ ହିଁ ଦିନେ କହିଥିଲେ, ଇଂରେଜମାନେ ଭାରତକୁ ଛାଡ଼ି ଚାଲିଯିବା ଉଚିତ। ଏହି ତଥ୍ୟ ପ୍ରକାଶ ପାଇବା ପରେ ପୌରାଧ୍ୟକ୍ଷ ବିବ୍ରତ ହୋଇପଡ଼ିଲେ। ପ୍ରତିମୂର୍ତ୍ତିକୁ ପୁନଃ ସ୍ଥାପନ କରିବା ପାଇଁ ସରକାରୀ ନିର୍ଦ୍ଦେଶ ଆସିଲା। ମାତ୍ର ବହୁ ଅର୍ଥ ବ୍ୟୟରେ ପ୍ରତିମୂର୍ତ୍ତି ଉତ୍ପାଟନ କରାଇଥିବା ଭଦ୍ରବ୍ୟକ୍ତି ତାକୁ ଫେରାଇଦେବା ପାଇଁ ରାଜି ହେଲେ ନାହିଁ। ଶେଷରେ ଅଧ୍ୟକ୍ଷ ଅନନ୍ୟୋପାୟ ହୋଇ ପ୍ରତିମୂର୍ତ୍ତି ସଂରକ୍ଷିତ ଥିବା କବୀର ଲେନ୍‌ରେ ସେହି ଭଦ୍ରଲୋକଙ୍କ ଘରଟିକୁ କିଣିନେଲେ ଓ ତାକୁ ଏକ ଜାତୀୟ ପାର୍କ ଭାବରେ ଘୋଷଣା କରି ସେହି ରାସ୍ତାର ପୂର୍ବ ନାମ କବୀର ଲେନକୁ ପରିବର୍ତ୍ତନ କରି ଲଲେ ରୋଡ ଘୋଷଣା କଲେ। ସ୍ୱାଧୀନ ଭାରତରେ ସ୍କୁଲ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭକରି ନାଗରିକମାନଙ୍କ ପର୍ଯ୍ୟନ୍ତ ଅଧିକାଂଶ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ପ୍ରତିମୂର୍ତ୍ତିଗୁଡ଼ିକୁ ଚିହ୍ନନ୍ତି ନାହିଁ। ସେମାନଙ୍କ ବିଷୟରେ କିଛି ଜାଣନ୍ତି ନାହିଁ। ଆଗାମୀ ଦିନରେ ବହୁସଂଖ୍ୟାରେ ପ୍ରତିଷ୍ଠା କରାଯାଉଥିବା ପ୍ରତିମୂର୍ତ୍ତିକୁ ଫ୍ରେଡ୍‌ରିକ ଲଲେଙ୍କ ଅବସ୍ଥା ଭୋଗିବାକୁ ପଡ଼ିବ ନାହିଁ ତ!

ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼,
ମୋ– ୯୪୩୭୩୨୯୨୬୩

# ପ୍ରେମ ଓ ପ୍ରାର୍ଥନାର କବି



ଡ. ସିଦ୍ଧାର୍ଥ କାନୁନ୍‌ଗୋ

ଦେଶର ସ୍ୱାଧୀନତା ଆନ୍ଦୋଳନ ସମୟରେ ଯେଉଁ କେତେଜଣ କବୀ/ଲେଖିକା ସେମାନଙ୍କ ଲେଖନୀ ଦ୍ୱାରା ବିପ୍ଳବର ବହ୍ନି ଜାଳି ଦେଇଥିଲେ, ତନ୍ମଧ୍ୟରୁ କୁନ୍ତଳା କୁମାରୀଙ୍କ ନାମ ସର୍ବାଗ୍ରେ ସ୍ମରଣୀୟ। ତାଙ୍କୁ କେବଳ କବୀ ବା ଲେଖିକା କହିଲେ ତାଙ୍କ ବ୍ୟକ୍ତିତ୍ୱର ସମ୍ପୂର୍ଣ୍ଣ ମୂଲ୍ୟାୟନ ହେବନାହିଁ। ଏକାଧାରରେ ସେ ଥିଲେ ଡାକ୍ତର, ଲେଖିକା, କବୀ, ଜାତୀୟ ଆନ୍ଦୋଳନର ପୁରୋଧା ଓ ସମାଜସେବୀ। ଅନେକେ ହୁଏ ତ ଏ କଥା ଜାଣି ନ ଥିବେ ଯେ, ସେ ହେଉଛନ୍ତି ଓଡ଼ିଶାର ପ୍ରଥମ ମହିଳା ଡାକ୍ତର। ଉଭୟ ହିନ୍ଦୀ ଓ ଓଡ଼ିଆ ସାହିତ୍ୟରେ ସେ ନିଜର ଅଲିଭା ସ୍ୱାକ୍ଷର ଛାଡ଼ି ଯାଇଛନ୍ତି। ଏହି ଆଲେଖ୍ୟର କ୍ଷୁଦ୍ର ପରିସର ଭିତରେ କୁନ୍ତଳା କୁମାରୀଙ୍କର ବ୍ୟକ୍ତିତ୍ୱ ସମ୍ପୂର୍ଣ୍ଣ ମୂଲ୍ୟାୟନ ହୁଏ ତ ସମ୍ଭବ ହୋଇ ନ ପାରେ, କିନ୍ତୁ ଏହି ଆଲେଖ୍ୟରେ ଆମେ କୁନ୍ତଳା କୁମାରୀଙ୍କର ଓଡ଼ିଆ ସାହିତ୍ୟରେ ଥିବା ଭୂମିକା ବିଷୟରେ ଯତ୍‌କିଞ୍ଚିତ ଆଲୋଚନା କରିବା।



କୁନ୍ତଳା କୁମାରୀ ସାବତଙ୍କ ଜୟନ୍ତୀ ଉପଲକ୍ଷେ

ସାହିତ୍ୟିକା ଭାବେ କୁନ୍ତଳା କୁମାରୀଙ୍କୁ ଦୁଇ ଭାଗରେ ବିଚାର କରାଯାଇପାରେ– ଔପନ୍ୟାସିକା ଓ କବୀ। ତାଙ୍କ ସମୟରେ ଫକୀରମୋହନ ସେନାପତିଙ୍କର ୩–୪ଟି ଉପନ୍ୟାସକୁ ଛାଡ଼ିଦେଲେ ବୋଧହୁଏ ପଠନୋପଯୋଗୀ ଉପନ୍ୟାସ ନ ଥିଲା କହିଲେ ଚଳେ। ଦୀର୍ଘବର୍ଷର ନୀରବତା ପରେ ଓଡ଼ିଶାର ବାଣୀମନ୍ଦିର ମଣ୍ଡିତ କଲା କୁନ୍ତଳା କୁମାରୀଙ୍କ ଗଳ୍ପ ଓ ଉପନ୍ୟାସ। ଏ ଦିଗରେ ତାଙ୍କର ଐତିହାସିକ ଗୁରୁତ୍ୱ ଅଛି, ଯାହାକୁ ଅସ୍ୱୀକାର କରିହେବ ନାହିଁ।

ଫକୀରମୋହନ ଓ କୁନ୍ତଳା କୁମାରୀ ଭିନ୍ନ ଭିନ୍ନ ଦୃଷ୍ଟିକୋଣ ନେଇ ଗଳ୍ପ ବା ଉପନ୍ୟାସ ରଚନା କରିଛନ୍ତି। ଫକୀରମୋହନ ସମାଜର ଯେଉଁ ଯେଉଁ ସ୍ତରରେ ଆଖି ପକାଇ ନ ଥିଲେ, କୁନ୍ତଳା ସେଗୁଡ଼ିକୁ ନେଇ ଆମ ସାହିତ୍ୟରେ ସ୍ଥାନ ଦେଲେ। ଫକୀରମୋହନଙ୍କ ଉପନ୍ୟାସରେ ସ୍ଥାନ ପାଇଛନ୍ତି ଗାଁର ଜମିଦାର, ତନ୍ତୀ, ଚଷା, ବାରିକ, ବ୍ରାହ୍ମଣ ଇତ୍ୟାଦି ପେସାଦାର ଚରିତ୍ର। କିନ୍ତୁ ଇଂଲିଶ ଶିକ୍ଷାର ଅଭ୍ୟୁଦୟ ପରେ ଯେଉଁ ନୂତନ ଗୋଷ୍ଠୀ ଯଥା– କିରାଣି, ଶିକ୍ଷକ, ଡାକ୍ତର ଇତ୍ୟାଦିଙ୍କ ଆବିର୍ଭାବ ହେଲା, ସେମାନେ ହେଲେ କୁନ୍ତଳା କୁମାରୀଙ୍କ ଗଳ୍ପ ବା ଉପନ୍ୟାସର ଉପଜୀବ୍ୟ।

କୁନ୍ତଳା କୁମାରୀଙ୍କ ବାଲ୍ୟ ଜୀବନ କଟିଲା ସୁଦୂର ବର୍ମାରେ। ଯୌବନ ବିତିଲା ଓଡ଼ିଶାର ସ୍କୁଲ ହଷ୍ଟେଲରେ ଏବଂ ପରିଣତ ଜୀବନ ଅତିବାହିତ କଲେ ଦିଲ୍ଲୀରେ। ସୁତରାଂ ସେ ଓଡ଼ିଶାର ପାରିବାରିକ ଓ ସାମାଜିକ ଚଳଣି ସହ ଅଙ୍ଗାଙ୍ଗୀଭାବେ ଜଡ଼ିତ ନ ଥିଲେ। ତେଣୁ ତାଙ୍କ ଗଳ୍ପ ବା ଉପନ୍ୟାସରେ ପ୍ରତିଫଳିତ ଚରିତ୍ରର ବାସ୍ତବତା ସମୁଦାୟ ଫୁଟି ପାରିନାହିଁ। କାବ୍ୟକବିତା ପରି ସେ ଉପନ୍ୟାସକୁ ମଧ୍ୟ ତାଙ୍କର ଦେଶପ୍ରେମ ଓ ଅନ୍ୟାନ୍ୟ ବିଶ୍ୱାସର ବାହକ ରୂପେ ବ୍ୟବହାର କରିବସିଛନ୍ତି।

କୁନ୍ତଳା କୁମାରୀଙ୍କ ବ୍ୟକ୍ତିତ୍ୱର ଉନ୍ମେଷ ଓ ଉତ୍ତରଣ ବିଶେଷ ଭାବେ ଘଟିଛି ତାଙ୍କ ରଚିତ କାବ୍ୟକବିତାରେ। ଏଥିରେ ସେ ସାଧିକା ଓ ଭକ୍ତ, ପ୍ରଣୟିନୀ ଓ ପ୍ରେମିକା, ଶିଳ୍ପୀ ଓ ଦେଶପ୍ରେମୀ। ତାଙ୍କ କବିତା ପାଠକଲେ ଜଣାଯାଏ, ଏକ ଛଳଛଳ ନାରୀପ୍ରାଣ କେବଳ ବହିଯିବାକୁ ସତେଯେପରି ଚେଷ୍ଟା କରୁଛି! ଉଚ୍ଛ୍ୱାସରେ ସେ ଆଉ କାହାକୁ ନ ପାଇ ତାରା ଓ ଗଙ୍ଗଶିଉଳି ଫୁଲକୁ ଶୁଣାଇଛନ୍ତି ନିଜ ଅନ୍ତରର କଥା। ତା'ପରେ କହିଛନ୍ତି ନିଜ ଦେଶ, ବୃହତ୍ତର ପୃଥିବୀ ଏବଂ ଈଶ୍ୱରଙ୍କ କଥା।

କୁନ୍ତଳା କୁମାରୀଙ୍କ କବିତାରେ ନାହିଁ ଭକ୍ତକବି ମଧୁସୂଦନଙ୍କ ଗୁରୁଗାମ୍ଭୀର୍ଯ୍ୟ ଅଥବା ନାହିଁ ରାଧାନାଥ ଓ ମେହେରଙ୍କ ବର୍ଣ୍ଣନାଚାତୁରୀ କିମ୍ବା ନାହିଁ ନନ୍ଦକିଶୋରଙ୍କ ପଲ୍ଲୀର ରୂପଶ୍ରୀ, କିନ୍ତୁ ଏପରି କିଛି ଅଛି, ଯାହା ସୃଷ୍ଟି କରେ ପାଠକ ମନରେ ଉଦ୍ଦୀପନା।

କବିଙ୍କ ବ୍ୟକ୍ତିଗତ ଜୀବନ ଥିଲା ଦୁଃଖମୟ, କିନ୍ତୁ ସେ ଏଥିରେ ଭାଙ୍ଗିଯାଇ ନାହାନ୍ତି। 'ଶେଫାଳି ପ୍ରତି' କବିତାରେ ଲେଖିଛନ୍ତି– ''ଶେଫାଳି, ତୋହ ପରି କ୍ଷୁଦ୍ର ମୁହିଁ ତୋହ ପରି କ୍ଷଣିକ/ହସେ ବାସେ ରସେ ମାତ୍ର ଫୁଟିଅଛି କ୍ଷଣିକ/ ମାଟିରେ ମିଶିବୁ ତୁହି ମାଟିରେ ମିଶିବି ମୁହିଁ/ ତଥାପି ମୋ ଆତ୍ମାଫୁଲ ନ ଯିବରେ ମଉଳି/ ତେଣୁ ଆଶା ବହି ଦିନ କାଟେ ଗଙ୍ଗଶିଉଳି।''

କୁନ୍ତଳା ଖ୍ରୀଷ୍ଟିଆନ ଥିଲେ ବି ପରେ ଆର୍ଯ୍ୟସମାଜ ମତରେ ହିନ୍ଦୁଧର୍ମ ଗ୍ରହଣ କରିଥିଲେ। ତେଣୁ ଧର୍ମକୁ ନେଇ ତାଙ୍କ ଲେଖନୀରେ ସଂକୀର୍ଣ୍ଣତା ସ୍ଥାନ ପାଇନାହିଁ। କବି କହିଛନ୍ତି, ''କୃଷ୍ଣ କହି କେହି କରେ ଆରାଧନା/ଖ୍ରୀଷ୍ଟ କହି କେହି କରଇ ବନ୍ଦନା/ସବୁ ତ ପ୍ରାର୍ଥନା, ସବୁ ତ ସାଧନା/ସବୁ ସତ୍ୟ ମିଥ୍ୟା ନୁହେଁ।'' କହିବା ବାହୁଲ୍ୟ ଯେ, ଏହି କବିତାଟି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ଏତେ ଉଦ୍‌ବୁଦ୍ଧ କଲା ଯେ, ସେ ଏହାକୁ ସତ୍ୟବାଦୀ ବନବିଦ୍ୟାଳୟରେ ପ୍ରାର୍ଥନା ରୂପେ ଗ୍ରହଣ କରିଥିଲେ। ତେବେ ପ୍ରତିଭା ବିକାଶର ଉତ୍ତୁଙ୍ଗ ଶିଖରରେ ପହଞ୍ଚିଲା ବେଳକୁ ମାତ୍ର ୩୮ ବର୍ଷ ବୟସରେ ସେ ଏ ଧରାଧାମରୁ ବିଦାୟ ନେଲେ।

ମୋ– ୯୪୩୮୦୭୨୮୫୦

## ଏଇ ଭାରତରେ

ପରୀକ୍ଷା ଚାପରୁ ମୁକ୍ତି ପାଇଁ କିଏ କେତେ ପ୍ରକାର ପନ୍ଥା ଆପଣାଇ ଥାଆନ୍ତି। କିଏ ଉପାସନା ପୀଠ ଯାଇ ନିଜ ଆରାଧ୍ୟ ଦେବତାଙ୍କୁ ପ୍ରାର୍ଥନା କରନ୍ତି, କିଏ ପରୀକ୍ଷାରେ ପାସ୍ କଲେ ଠାକୁରଙ୍କୁ ବିଭିନ୍ନ ଦେବପ୍ରିୟ ଦ୍ରବ୍ୟ ଭୋଗ ଲଗାଇବେ ବୋଲି କାମନା କରନ୍ତି। କିନ୍ତୁ ପରୀକ୍ଷା ଚାପରୁ ମୁକ୍ତି ଲାଗି ଏକ ସ୍କୁଲରେ ଯଜ୍ଞ ଆୟୋଜନ କରାଯିବା କଥା ସମ୍ପୂର୍ଣ୍ଣ ନିଆରା ନିଶ୍ଚୟ। ମଧ୍ୟପ୍ରଦେଶର ଏକ ସ୍କୁଲରେ ଆପଣାଯାଇଛି ଏଭଳି ଏକ ଧାର୍ମିକ କାର୍ଯ୍ୟକ୍ରମ। ଏଠାରେ ଅନୁଷ୍ଠିତ ହେଉଛି ହୟଗ୍ରୀବ ଯଜ୍ଞ। ଏହାଦ୍ୱାରା ପରୀକ୍ଷାର୍ଥୀ ମାନସିକ ସ୍ତରରେ ଚାପମୁକ୍ତ ରହିପାରିବେ ବୋଲି ଅଭିଭାବକମାନେ ପ୍ରକାଶ କରିଛନ୍ତି। ମଧ୍ୟପ୍ରଦେଶର ଇନ୍ଦୋର ଅନ୍ତର୍ଗତ ସେକ୍ଟର ୫୪ଠାରେ ଥିବା ଏହି ସ୍କୁଲର ଶିକ୍ଷାର୍ଥୀ ଯୋଗ, ପ୍ରାଣାୟାମ ଏବଂ ଧାର୍ମିକ ଗ୍ରନ୍ଥ ପଢ଼ିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହାଦ୍ୱାରା ପରୀକ୍ଷାର୍ଥୀ ସହଜରେ ଚାପମୁକ୍ତ ହୁଅନ୍ତି। ଏହାଦ୍ୱାରା ପରୀକ୍ଷାର୍ଥୀଙ୍କ ମଧ୍ୟରେ ସକାରାତ୍ମକ ଭାବନା ଜାଗ୍ରତ ହୁଏ ବୋଲି ସ୍କୁଲ ପକ୍ଷରୁ କୁହାଯାଇଛି। ଏଭଳି ଯଜ୍ଞାଦି କର୍ମାନୁଷ୍ଠାନ ଶିକ୍ଷାର୍ଥୀଙ୍କ ନୈତିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ସହିତ ଭବିଷ୍ୟତ ଜୀବନଯାପନକୁ ସହଜ କରିଥାଏ ବୋଲି କୁହାଯାଉଛି। ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକରେ ମାନସିକ ସ୍ଥିରତା ଲାଗି କରାଯାଉଥିବା ଏଭଳି ଉପାୟକୁ 'ଷ୍ଟାବିଲିଟି ଅଫ୍ ମାଇଣ୍ଡ' କୁହାଯାଏ। ତେବେ ସ୍କୁଲ ପକ୍ଷରୁ ଭାରତୀୟ ପରମ୍ପରା ଶୈଳୀରେ ଏଭଳି ଯଜ୍ଞର ଆୟୋଜନ ପରୀକ୍ଷାର୍ଥୀଙ୍କ ମାନସିକ ସ୍ଥିରତା ଆଣିବାରେ ଖୁବ୍ ସହାୟକ ହୋଇପାରିବ ବୋଲି ଆଶା କରାଯାଏ।

## ୨୫ ବର୍ଷ ତଳର ଧରିତ୍ରୀ

୮ ଫେବୃୟାରୀ ୧୯୯୪

- ଶାନ୍ତି ଓ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମଦର ଟେରେସା ଅନ୍ତର୍ଜାତୀୟ ସଂସ୍କୃତି ବିକାଶ ସଂଗଠନ ପକ୍ଷରୁ ପୁରସ୍କୃତ।
- କୃଷି ଏବଂ ଆଗ୍ରୋ–ଇଣ୍ଡଷ୍ଟ୍ରିଜ କ୍ଷେତ୍ରରେ ପାରସ୍ପରିକ ସହଯୋଗ ତଥା ସମ୍ପର୍କ ବୃଦ୍ଧି ଲାଗି ଭାରତ ଓ ଫ୍ରାନ୍ସ ମଧ୍ୟରେ ପ୍ୟାରିସଠାରେ ଏକ ରାଜିନାମା ସ୍ୱାକ୍ଷରିତ।
- ପାକିସ୍ତାନରେ ସର୍ବସାଧାରଣରେ ଫାଶୀଦଣ୍ଡକୁ ପ୍ରଧାନମନ୍ତ୍ରୀ ବେନଜିର ଭୁଟ୍ଟୋଙ୍କ ସରକାର ବନ୍ଦ କରିଦେଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଲାଞ୍ଚ ଗ୍ରହଣ ବିରୋଧରେ ପଦକ୍ଷେପ

ମହାଶୟ,

ଦପ୍ତର ଅଧିକାରୀଙ୍କ ଅନୁମୋଦନ ବା ମଞ୍ଜୁରୀରେ ଆବେଦକର ଆବେଦନ କାର୍ଯ୍ୟକାରୀ ହୁଏ। ବୈଧତା ସତ୍ତ୍ୱେ ଆବେଦନର ବିଚାର ବିଳମ୍ବ ବା ବିଫଳ ହେଲେ ଲୋକେ ବ୍ୟସ୍ତ ହୋଇ ଲାଞ୍ଚ ଦେବା ପନ୍ଥା ଅବଲମ୍ବନ କରନ୍ତି। କାର୍ଯ୍ୟପାଳିକା ପାଖରେ ଆବେଦକ ଦୁର୍ବଳ ଥିବାରୁ ପ୍ରତିବାଦ ବିଫଳ ହୁଏ। ରାଜ୍ୟ ଦୁର୍ନୀତି ନିବାରଣ ବିଭାଗର ପଦକ୍ଷେପ ଫଳରେ କେତେକ ସ୍ଥଳରେ ଲାଞ୍ଚ ନେଉଥିବା ବ୍ୟକ୍ତି ଧରା ପଡୁଛନ୍ତି। ମାତ୍ର ସେଇ କାର୍ଯ୍ୟପାଳିକାର ଗୁରୁତ୍ୱହୀନ ପଦକ୍ଷେପ ଯୋଗୁ ଅଭିଯୁକ୍ତ କିଛିଦିନ କେବଳ ନିଲମ୍ବିତ ହୋଇ ପରେ ଅବସ୍ଥାପିତ, ଏପରିକି ପ୍ରମୋଶନ ଲାଭ କରୁଛନ୍ତି। ପୁନଶ୍ଚ ଯେଉଁ ଅଧିକାରୀଙ୍କ ପରୋକ୍ଷ ସହମତି ଯୋଗୁ ଅମଲା ଲାଞ୍ଚ ନେଉଛନ୍ତି ସେମାନେ ତ କେବେ ଦଣ୍ଡ ବା ଉତ୍ତରଦାୟିତ୍ୱର ଶିକାର ହେଉନାହାନ୍ତି। ଗଣତନ୍ତ୍ରରେ ସରଳ, ଦୁର୍ବଳ ଜନସାଧାରଣ ଲାଞ୍ଚ ଭଳି ଭୟଙ୍କର ରାକ୍ଷସ ପ୍ରଭାବରୁ ରକ୍ଷା ପାଇବା ପାଇଁ କଠୋର ତଥା ଦୃଷ୍ଟାନ୍ତମୂଳକ ଦଣ୍ଡ ପ୍ରଦାନ ଏକାନ୍ତ ପ୍ରୟୋଜନ।

ଗନ୍ଧର୍ବ ଜେନା, ଡେଲାଙ୍ଗ, ପୁରୀ

### ଦଳବଦଳ ଏକ ରୁଗ୍ଣ ପରମ୍ପରା

ବର୍ତ୍ତମାନ ଦେଖାଯାଉଛି ବିଭିନ୍ନ ଦଳର ନେତା ଓ କର୍ମୀମାନେ ବାରମ୍ବାର ଦଳବଦଳ କରୁଛନ୍ତି। ବିଶେଷକରି ନିର୍ବାଚନ ପୂର୍ବରୁ ଏହା ବହୁଳ ଭାବରେ ଦେଖାଯାଉଛି। ଏହାର ଅନେକ କାରଣ ମଧ୍ୟରୁ ସ୍ୱାର୍ଥପରତା ମୁଖ୍ୟ କାରଣ। ଯିଏ ବ୍ୟକ୍ତିଗତ ଭାବେ କିଛି ସୁବିଧାସୁଯୋଗ ପାଇଲା ନାହିଁ, ସେ ଗୋଟିଏ ଦଳରୁ ଇସ୍ତଫା ଦେଇ ଅନ୍ୟ ଗୋଟିଏ ଦଳରେ ଯୋଗ ଦେଉଛି। ଫଳରେ ନିଜ ଦଳକୁ ଦୁର୍ବଳ ସ୍ଥିତିରେ ପକାଇ ଅନ୍ୟ ଦଳରେ ମିଶିବା ଯୋଗୁ ସେ ଦଳର ନେତା ଓ କର୍ମୀମାନଙ୍କର ରୋଷର ଶିକାର ହେଉଛି ଏବଂ ସେ ଦଳକୁ ମଧ୍ୟ ଦୁର୍ବଳ କରୁଛି। ବ୍ୟକ୍ତିଗତ ଭାବେ ସେମାନଙ୍କର ଯାହା କ୍ଷତି ବା ଲାଭ ହେଉଛି ତାହା ବଡ଼ କଥା ନୁହେଁ। ବଡ଼କଥା ହେଲା ସେମାନେ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିପାରୁନାହାନ୍ତି। ଫଳରେ ସେମାନେ ଲୋକଙ୍କର ଆଉ ବିଶ୍ୱାସଭାଜନ ହୋଇପାରୁନାହାନ୍ତି। ଏଥିପାଇଁ ଦଳ ବଦଳକୁ ସବୁ ଦଳ ବିରୋଧ କରିବା ଉଚିତ ଓ ଦଳବଦଳ ଆଇନକୁ କଡ଼ାକଡ଼ି ପାଳନ କରିବା ଦରକାର। କାରଣ ବ୍ୟକ୍ତିଗତ ସ୍ୱାର୍ଥଠାରୁ ସମଷ୍ଟିଗତ ସ୍ୱାର୍ଥ ବଡ଼।

ଭଗବାନ ଦାସ, ହରି ନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବଜେଟକୁ ନେଇ ବିଭିନ୍ନ ବର୍ଗର ପ୍ରତିକ୍ରିୟା

## ନିର୍ବାଚନ ବୈତରଣୀ ପାର୍ ହେବାକୁ ଅନାବଶ୍ୟକ ତଥ୍ୟ ଦେଉଛନ୍ତି



ବଜେଟ୍ ଉପସ୍ଥାପନା କରିବାବେଳେ ଯେଉଁ ତଥ୍ୟ ଦେଉଛନ୍ତି ତାହା ସତ୍ୟ ଉପରେ ଆଧାରିତ ହେବା କଥା। କିନ୍ତୁ ସରକାରଙ୍କ ତଥ୍ୟ ସତ୍ୟ ଉପରେ ଆଧାରିତ ନୁହେଁ। ସେଥିପାଇଁ ପ୍ରତିବାଦ କରି କକ୍ଷତ୍ୟାଗ କରିଛୁ। ଅର୍ଥମନ୍ତ୍ରୀଙ୍କ ବକ୍ତବ୍ୟରୁ ଯାହା ଜଣାପଡୁଛି ଏହା କାମଚଳା ବଜେଟ୍ ହେଲେ ତା'ଭିତରେ ମଧ୍ୟ ସେ ରାଜନୀତି କରିବାକୁ ଚେଷ୍ଟା କରୁଛନ୍ତି। ନିର୍ବାଚନୀ ବୈତରଣୀ ପାର ହେବାକୁ ଅନାବଶ୍ୟକ ତଥ୍ୟ ଉପସ୍ଥାପନ କରୁଛନ୍ତି। ନିର୍ବାଚନକୁ ଆଖି ଆଗରେ ରଖି ସରକାର ବକ୍ତବ୍ୟ ଦେଉଛନ୍ତି ହେଲେ ଓଡ଼ିଶାର ବିକାଶ କଥା କହୁନାହାନ୍ତି। ରାଜ୍ୟର ବିକାଶ କରିବା ପାଇଁ ମଧ୍ୟ ତଥ୍ୟ ଦେଉ ନାହାନ୍ତି।

**– ନରସିଂହ ମଶ୍ର, ବିରୋଧୀ ଦଳ ନେତା**

## ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇବାକୁ ଉଦ୍ଦିଷ୍ଟ



ଏହି ବଜେଟ୍‌ରେ କିଛି ନୂଆ ଯୋଜନା ନାହିଁ। ଏଥିରେ ରାଜ୍ୟର ବାସ୍ତବ ଚିତ୍ର ଉପସ୍ଥାପନ କରାଯିବା ପରିବର୍ତ୍ତେ ଭୁଲ ତଥ୍ୟ ଦିଆଯାଇ ନିର୍ବାଚନ ବୈତରଣୀ ପାରହେବାକୁ ଚେଷ୍ଟା କରାଯାଇଛି। ରାଜ୍ୟ ସରକାର ନିଜ ପାଖରେ ଅର୍ଥ ନ ଥାଇ କାଳିଆ, ପିଠା, ଭଳି ବହୁ ଯୋଜନା କାର୍ଯ୍ୟକାରୀ କରିସାରିଛନ୍ତି। ତାହାସହିତ ଯୁବଗୋଷ୍ଠୀଙ୍କୁ ନିଯୁକ୍ତି ଦେବାରେ ବିଫଳ ହୋଇଥିବା ସରକାର ବିଜୁ ଯୁବ ବାହିନୀ ନାମରେ ଏକ ସଂଗଠନ ଗଠନ କରି ସେଥିରେ ସରକାରୀ ଅର୍ଥର ଅପଚୟ କରିବା ଆରମ୍ଭ କରିଛନ୍ତି। ଏଥିରେ ସାମିଲ ହେଉଥିବା ଯୁବଗୋଷ୍ଠୀଙ୍କର ଭବିଷ୍ୟତ କ'ଣ ତାହା କେହି ଜାଣନ୍ତି ନାହିଁ। ମୋଟ ୫୬,୯୨୧ କୋଟି ଟଙ୍କାର ଲେଖାନୁଦାନ ବିଧାନସଭାରେ ଆଗତ କରାଯାଇଥିବାବେଳେ ସେଥିରେ କର୍ମଚାରୀଙ୍କ ଦରମା ବାବଦରେ ୨୫,୫୦୦ କୋଟି ଏବଂ ପେନସନ, ଭତ୍ତା ବାବଦରେ ୧୩,୩୩୦ କୋଟି ଟଙ୍କା ରହିଛି। ତେଣୁ ମୋଟ ବ୍ୟୟ ବରାଦର ପାଖାପାଖି ଅର୍ଦ୍ଧେକ କେବଳ ଦରମା ଓ ପେନ୍‌ସନରେ ଯିବ। ତାହାସହିତ ଋଣ ପରିଶୋଧ ବାବଦରେ ୬,୫୦୦ କୋଟି ଟଙ୍କା ଦିଆଯିବ। ଏହା କେବଳ ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇବାକୁ ଉଦ୍ଦିଷ୍ଟ ବୋଲି କହିଛନ୍ତି।

**– ନିରଞ୍ଜନ ପଟ୍ଟନାୟକ, ପିସିସି ସଭାପତି**

## ଯୁବକ ଓ ଚାଷୀଙ୍କୁ ପ୍ରତାରିତ କରାଯାଇଛି



ଏହା ଏକ ନୈରାଶ୍ୟଜନକ ବଜେଟ୍। ନିର୍ବାଚନକୁ ଆଖି ଆଗରେ ରଖି ଆଗରୁ ସରକାର କରିଥିବା ଯୋଜନାଗୁଡିକ ପାଇଁ ଅଧିକ ଅର୍ଥ ବରାଦ କରିଛନ୍ତି। ବଜେଟ୍‌ରେ ଉଭୟ ଯୁବଗୋଷ୍ଠୀ ଏବଂ ଚାଷୀଙ୍କୁ ଅଣଦେଖା କରାଯାଇଛି। ଯୁବକମାନଙ୍କ ପାଇଁ ସ୍ଥାୟୀ ସମାଧାନ ନ କରି ସେମାନଙ୍କୁ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରାଇବା ଠିକ୍ ନୁହେଁ। ରାଜ୍ୟରେ ଖାଲି ପଡିଥିବା ୧ଲକ୍ଷ ୩୬ହଜାର ସରକାରୀ ପଦବୀ ପୂରଣ ପାଇଁ ବ୍ୟବସ୍ଥା କରିଥିଲେ ଭଲ ହୋଇଥାଆନ୍ତା। କାଳିଆ ଯୋଜନା ଘୋଷଣା କରି ସରକାର କୃଷକମାନଙ୍କୁ ଭୁଆଁ ବୁଲାଇଛନ୍ତି। ବର୍ତ୍ତମାନ ସ୍ଥିତିରେ ଚାଷୀଙ୍କ ଋଣ ଛାଡ଼ କରିବାପରେ କାଳିଆ ଯୋଜନାରେ ସାହାଯ୍ୟ କରାଯାଇଥିଲେ ଭଲ ହୋଇଥାଆନ୍ତା। ଧାନର ଏମ୍‌ଏସ୍‌ପି ୨୯୩୦ଟଙ୍କାକୁ ବୃଦ୍ଧି କରିବାକୁ ନେଇ ଗୃହ କମିଟି ଯେଉଁ ନିଷ୍ପତ୍ତି ନେଇଥିଲା ସେ ନେଇ ରାଜ୍ୟ ସରକାର ଚିନ୍ତା କଲେନାହିଁ। ସରକାର ତୁରନ୍ତ ୧୭୫୦ଟଙ୍କା ଏମ୍‌ଏସପି ଉପରେ ବୋନସ୍ ଦେବାକୁ ଘୋଷଣା କରନ୍ତୁ।

**– ଅଳି ପଟ୍ଟନାୟକ, ସିପିଏମ୍ ନେତା**

## ଉପରକୁ ଚିକ୍କଣ ଭିତରେ କିଛିନାହିଁ



ବଜେଟ୍‌ରେ ସେମିତି କିଛି ହେଲେ ନାହିଁ, ଯେଉଁଥିରେ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ହୋଇପାରିବ। ପକେଟ୍‌ରେ ଟଙ୍କା ନାହିଁ ହେଲେ ପୁଅ ବାହାଘର ପାଇଁ ମନ ଭଳି ନିର୍ବାଚନକୁ ଦୃଷ୍ଟିରେ ରଖି ବଜେଟ କରାଯାଇଛି। ଏଥିରେ ବେକାର ଯୁବପିଢିଙ୍କ ପାଇଁ କିଛି ନାହିଁ। ସୁରଟରେ ୧୦ଲକ୍ଷ ଯୁବକ ରହି କାମ କରୁଛନ୍ତି। ପିଠା, କାଳିଆ ଆଦି ଯୋଜନାରୁ କଣ ମିଳିବ। ଏହା ବିଜେଡିର ପ୍ରଚାର ପାଇଁ ଉଦ୍ଦିଷ୍ଟ। କାଳିଆ ଯୋଜନାରେ ଚାଷୀ କିଭଳି ଉପକୃତ ହେବେ। ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ଟଙ୍କା କାହିଁକି ଦେଲେ ନାହିଁ। ଏ ବଜେଟ୍ ଉପରକୁ ଚିକ୍କଣ ଭିତରେ କିଛିନାହିଁ।

**– ନାରାୟଣ ରେଡ୍ଡି, ସିପିଆଇ ନେତା**

## ବେକାରିଙ୍କୁ ଅର୍ଥମନ୍ତ୍ରୀ ନିରାଶ କରିଛନ୍ତି



୨୦୧୯-୨୦ ପାଇଁ ରାଜ୍ୟ ଅଏର୍ଥମନ୍ତ୍ରୀଙ୍କ ଦ୍ୱାରା ଆଗତ ବଜେଟ ଯଦିଓ ପରମ୍ପରା ଓ ଦ୍ୱିତୀୟ ଶୃଙ୍ଖଳାକୁ ବଜାୟ ରଖିଛି ହେଲେ ଉତ୍କଟ ବେକାରି ସମସ୍ୟା ଉପରେ ଏଥିରେ ଗୁରୁତ୍ୱାରୋପ କରାଯାଇ ନାହିଁ। ବଜେଟର ନିରବତା ୪୦ଲକ୍ଷ ବେକାର ଯୁବତୀ ଯୁବକଙ୍କୁ ହତାଶ କରିଛି। କାଳିଆ ଏବଂ କାଳିଆ ଛାତ୍ରବୃତ୍ତି ପାଇଁ ବଜେଟରେ ୪୪୬୧କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସ୍ୱାସ୍ଥ୍ୟସେବା, ମହିଳା ସଶକ୍ତିକରଣ, ଜଳସେଚନ ଏବଂ କୃଷି ସମସ୍ୟା ଉପରେ ବଜେଟରେ ଗୁରୁତ୍ୱ ଦିଆଯିବା ସହିତ ଜାତୀୟ ହାର ଅପେକ୍ଷା ଓଡ଼ିଶାର ସମୃଦ୍ଧି ଦ୍ରୁତତର ହେବ ବୋଲି ଆଶା କରାଯାଉଛି। କିନ୍ତୁ ବେକାରିମାନେ ଭତ୍ତା ଆଶା କରୁଥିବାବେଳେ ଅର୍ଥମନ୍ତ୍ରୀ ସେମାନଙ୍କୁ ନିରାଶ କରିଛନ୍ତି।

**– ରବି ବେହେରା, ସମାଜବାଦୀ ପାର୍ଟିର ନେତା**

## କୃଷି, କୃଷକର ଉନ୍ନତି ଉପରେ ଧ୍ୟାନ



ରାଜ୍ୟ ସରକାର ଅନ୍ତରୀଣ ବଜେଟ ଉପସ୍ଥାପନ କରିଛନ୍ତି। ବିଶେଷତଃ କୃଷି, କୃଷକର ଉନ୍ନତି ଓ ମହିଳା ସଶକ୍ତୀକରଣ ଉପରେ ଧ୍ୟାନ ଦେଇଛନ୍ତି। ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ। ପୁରାତନ ପରମ୍ପରା ବଜାୟ ରଖି ଗଣତନ୍ତ୍ରକୁ ସମ୍ମାନ ପ୍ରଦାନ କରିଥିବା ବଜେଟରୁ ଅନୁମେୟ। ନିର୍ବାଚନୀ ବର୍ଷରେ ଯେତିକି ପ୍ରତିଶ୍ରୁତି ଦେଇଛନ୍ତି ଓ ବଜେଟ ବରାଦି ଅର୍ଥର ସଦୁପଯୋଗ ହେବା ଦରକାର। ଟିକସ କ୍ଷେତ୍ର ପ୍ରତି ବିଶେଷ ଧ୍ୟାନ ଦେଇ ଦରଦାମ ସ୍ଥିର ରଖିବା ସରକାରଙ୍କ ଆଭିମୁଖ୍ୟ ହେବା ଉଚିତ।

**– ରଜନୀକାନ୍ତ ମହାପାତ୍ର, ସଭାପତି, ପୁରୀ ଟ୍ୟାକ୍ସ ବାର ଆସୋସିଏଶନ**

## ଆଖିଦୃଶିଆ ବଜେଟ ନୁହେଁ



ରାଜ୍ୟ ସରକାର ୪ମାସିଆ କାମଚଳା ବଜେଟ ଉପସ୍ଥାପନ କରିଛନ୍ତି। ଏହା ଆଖିଦୃଶିଆ ବଜେଟ ନୁହେଁ। ନିର୍ବାଚନୀ ବୈତରଣୀ ପାର ହେବା ଲାଗି ସରକାର ଏଭଳି ବଜେଟ କରିଛନ୍ତି। ସାଧାରଣ ବର୍ଗର ଲୋକଙ୍କ ବିକାଶ ଲାଗି ସେଭଳି କୌଣସି ଯୋଜନା ନାହିଁ। ନିର୍ବାଚନକୁ ଆଖି ଆଗରେ ରଖି ସରକାର ଗୋଟିଏ ପରେ ଗୋଟିଏ ଯୋଜନା କରି ଚାଲିଛନ୍ତି। ଏହା ରାଜ୍ୟର ଆର୍ଥିକ ସ୍ଥିତିକୁ ଦୋହଲାଇ ଦେବ। କେନ୍ଦ୍ରର ବଜେଟକୁ ଦେଖି ପ୍ରତିଯୋଗିତାମୂଳକ ବଜେଟ କରାଯାଇଛି। ଏହା ରାଜ୍ୟର ବିକାଶ ଲାଗି ନୁହଁ, ବିନାଶ ପାଇଁ ଉଦ୍ଦିଷ୍ଟ।

**– ସୂର୍ଯ୍ୟ ନାରାୟଣ ରଥ, ସାମାଜିକ କର୍ମୀ, ପୁରୀ**

## ସଙ୍କୁଚିତ ବଜେଟ



ରାଜ୍ୟ ବଜେଟରେ ପୂର୍ବ ପ୍ରଚଳିତ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇଛି। ବଜେଟରେ ସାମାଜିକ କ୍ଷେତ୍ରକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି। ମାତ୍ର ବଜେଟ ଆକାର ଅଭିବୃଦ୍ଧି ଅନୁଯାୟୀ ବୃଦ୍ଧି ପାଇନାହିଁ। ୨୦୧୯-୨୦ରେ ନାମାଙ୍କନ ଅଭିବୃଦ୍ଧି ୧୧.୧୧ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି। କିନ୍ତୁ ବଜେଟ୍‌ର ଆକାର ୧୦.୪ ପ୍ରତିଶତକୁ ବୃଦ୍ଧି କରାଯାଇଛି। ତଥାପି ବଜେଟ୍‌ରେ ବିତ୍ତୀୟ ଶୃଙ୍ଖଳାକୁ ସମ୍ପୂର୍ଣ୍ଣ ଧ୍ୟାନ ଦିଆଯାଇଛି। ମୋ' ମତରେ ଏହା ଏକ ସଙ୍କୁଚିତ ବଜେଟ୍।

**– ସନ୍ତୋଷ ମହାପାତ୍ର, ସ୍ତମ୍ଭକାର, କଟକ**

## ବଜେଟ ପ୍ରତିଶ୍ରୁତିମୂଳକ



ଓଡ଼ିଶା ସରକାରଙ୍କର ଏହା ଏକ ଲେଖାନୁଦାନ ରୂପୀ କାମଚଳା ବଜେଟ। ନିର୍ବାଚନ ବର୍ଷରେ କାମଚଳା ବଜେଟରେ ବିଶେଷ କିଛି ଦିଶା ନିର୍ଦ୍ଦେଶ ନ ଥାଏ। କାରଣ ନୂତନ ସରକାରଙ୍କ ଉପରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବାର ଦାୟିତ୍ୱ ଛାଡ଼ି ଦିଆଯାଏ। ତଥାପି ଏହି କାମଚଳା ବଜେଟକୁ ଓଡ଼ିଶା ସରକାର ନିର୍ବାଚନ ଅଭିମୁଖୀ କରିବାକୁ ସବୁମତେ ଉଦ୍ୟମ କରିଛନ୍ତି। କାଳିଆ, ପିଠା, ସ୍ୱାସ୍ଥ୍ୟସେବା ଭଳି ଯେଉଁସବୁ ଲୋକଦେଖାଣିଆ କାର୍ଯ୍ୟକ୍ରମ ଓ ଯୋଜନା ଆବଶ୍ୟକ ଅର୍ଥ ବ୍ୟବସ୍ଥା ନ କରି ଲାଗୁ କରିଦେଇଥିଲେ ସେଥିପାଇଁ ଏହି ଅସ୍ଥାୟୀ ବଜେଟରେ ବ୍ୟୟବରାଦ କରାଯାଇଛି। ତେଣୁ ସରକାର ବିଭିନ୍ନ ଯୋଜନା ପାଇଁ ଆପତ୍‌କାଳୀନ ପାଣ୍ଠିରୁ ଯେଉଁ ଅର୍ଥ ଉଠାଇଥିଲେ ତାହାକୁ ପୈଠ କରିବେ ଏବଂ ନିଜର ଯୋଜନାମାନ ଚାଲୁ ରଖିବେ। ଯେଉଁସବୁ ମନଭୁଲାଣିଆ କାର୍ଯ୍ୟକ୍ରମ ସରକାର ଆରମ୍ଭ କରିଛନ୍ତି ସେଥିପାଇଁ ବଜେଟରେ ବ୍ୟୟବରାଦ କରାଯାଇ ଭୋଟରଙ୍କୁ ନିର୍ବାଚନ ଥୋପ ଦେଖାଯାଉଛି। ସଂକ୍ଷେପରେ ଏହା ଲୋକଦେଖାଣିଆ ଓ ନିର୍ବାଚନ ସର୍ବସ୍ୱ ହୋଇଛି ବୋଲି ଜଣାପଡୁଥିଲେ ମଧ୍ୟ ଏଥିରେ ସାମାଜିକ କ୍ଷେତ୍ର, ଭିତ୍ତିଭୂମି ବିକାଶ, ଅଭିବୃଦ୍ଧି ତ୍ୱରାନ୍ୱୟନ ତଥା କୃଷି ଓ ଶିଳ୍ପ ବିକାଶର ପ୍ରତିଶ୍ରୁତି ରହିଛି।

**– ଡା. ରବି ରଞ୍ଜନ ସାହୁ, ସଭାପତି, କଟକ ଜିଲା ଉତ୍କଳ ସମ୍ମିଳନୀ**

## ଋଣ ବୋଝ ବଢ଼ିପାରେ



ଚଳିତ ବର୍ଷ ବଜେଟରେ ବିଭିନ୍ନ ଯୋଜନା ଖର୍ଚ୍ଚ ବାବଦକୁ ଅତିରିକ୍ତ ପ୍ରାୟ ୧୦% ଦିଆଯାଇଛି। କୃଷି ସମେତ ବିଭିନ୍ନ କ୍ଷେତ୍ରର ଉନ୍ନତୀକରଣ ଲାଗି ବ୍ୟୟ ବରାଦ ଭଲ କଥା ମାତ୍ର ରାଜ୍ୟ ଉପରେ ଯେଭଳି ଭାବେ ଅଧିକ ଋଣ ଭାର ନ ପଡ଼ିବ ତାକୁ ମଧ୍ୟ ବିଚାର କରିବାକୁ ହେବ।

**– ରମେଶ ମହାପାତ୍ର, ସଭାପତି, ଉତ୍କଳ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ**

## ନୈରାଶ୍ୟଜନକ ବଜେଟ



ବଜେଟ ନୈରାଶ୍ୟଜନକ ହୋଇଛି। ଏଥିରେ କିଛି ନୂତନତ୍ୱ ନାହିଁ। ବଜେଟ କାମଚଳା ହୋଇଛି। କୃଷକଙ୍କ ଲାଗି ଉତ୍ପାଦିତ ଶସ୍ୟ ତଥା ବଜାର ବ୍ୟବସ୍ଥା ସମେତ ବିଭିନ୍ନ ପ୍ରସଙ୍ଗ ଉପରେ ଧ୍ୟାନ ଦେବାର ଥିଲା। ବଜେଟ ଆହୁରି ଭଲ ହୋଇପାରିଥାନ୍ତା। ଯୋଜନା ବାବଦକୁ କେବଳ ବ୍ୟୟ ବରାଦ ହୋଇଛି ଯାହା ନୂତନତ୍ୱ ନାହିଁ। ବଜେଟରେ ସେମିତି କିଛି ବଡ ଘୋଷଣା ହୋଇନାହିଁ।

**– ସୁଧାକର ପଣ୍ଡା, ସଭାପତି, ଓଡ଼ିଶା ବ୍ୟବସାୟୀ ମହାସଂଘ**

## ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଅଣଦେଖା



ଆଗକୁ ନିର୍ବାଚନ ଆସୁଥିବାରୁ ବଜେଟରେ ଏହା ପ୍ରତିଫଳିତ ହୋଇଛି। ଲୋକଙ୍କ ସ୍ୱୟଂସମ୍ପୂର୍ଣ୍ଣ କରାଇବା ଲାଗି ବିଭିନ୍ନ ପଦକ୍ଷେପ ଉପରେ ଯୋଜନା ଆସିବା କଥା, ଯାହା ହୋଇନାହିଁ। ଦକ୍ଷତା ବିକାଶ ଏବଂ ଏମ୍‌ଏସ୍‌ଏମ୍‌ଇକୁ ଅଣଦେଖା କରାଯାଇଛି। ଏହା ନିଯୁକ୍ତି ସୃଷ୍ଟିରେ ସହାୟକ ହେଉଥିବାରୁ ବଜେଟରେ ଏଥି ନେଇ ବିଚାର କରିବାର ଥିଲା।

**–ସାତ୍ତ୍ୱିକ ସ୍ୱାଇଁ, ମହାସଚିବ, ଓସ୍‌ମେ**

DADLS-271



ବିଶିଷ୍ଟ ସଂଗ୍ରାମୀ ତଥା ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ
ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୮ ଫେବୃଆରୀ, ୨୦୧୯

ସାଧାରଣ ସଭା
ସମୟ – ସଂଧ୍ୟା ୬ ଘଟିକା
ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – **ଡ. ନୃସିଂହ ଚରଣ ସାହୁ**, ମାନ୍ୟବର ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ
ସମ୍ମାନିତ ଅତିଥି – **ଶ୍ରୀଯୁକ୍ତ ମହେଶ ସାହୁ**, ମାନ୍ୟବର ବିଧାୟକ ତଥା ଅନୁଗୁଳ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ
– **ଶ୍ରୀଯୁକ୍ତ ରଜନୀକାନ୍ତ ସିଂହ**, ମାନ୍ୟବର ବିଧାୟକ
– **ଶ୍ରୀଯୁକ୍ତ ବ୍ରଜ କିଶୋର ପ୍ରଧାନ**, ମାନ୍ୟବର ବିଧାୟକ
ମୁଖ୍ୟ ବକ୍ତା – **ଶ୍ରୀଯୁକ୍ତ ପ୍ରଦୋଷ ପଟ୍ଟନାୟକ**, ବରିଷ୍ଠ ସାମ୍ବାଦିକ

ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ ।

ସଭା ପରେ ପ୍ରଦୀପ ପଲାଇ, ମୋନାଲିସା ପଣ୍ଡା, ଇପସିତା ପଣ୍ଡା, ଅଲିଭା ରଥ, ହୃଦାନନ୍ଦ, ବେଣୁମାଧବ, ନିହାରିକା ଏବଂ ଅମ୍ରିତାୟନୀଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯିବ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ ।

ଲକ୍ଷ୍ମୀଧର ମହାନ୍ତି
ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0577/1819

DSPL-388

ODISHA
Scenic • Serene • Sublime

15th Dhauli-Kalinga Mahotsav 2019
8th to 10th February
6:30 pm to 9:00 pm
at Foothills of Dhauli
Bhubaneswar



PROGRAMME HIGHLIGHTS

8 February 2019 (Friday)
Gitamahatmyam – Anitha Guha & group, Chennai; Gauri Diwakar & group, New Delhi; Janardhan Raj Urs & group, Bengaluru & Aruna Mohanty & group, Bhubaneswar
Mayurbhanji Chhau Dance (Paika Bidroha) – Mayur Art Centre, Bhubaneswar

9 February 2019 (Saturday)
Musical Orchestra (Mahodadhi) – Dhaneswar Swain & group, Vadya Vanee, Bhubaneswar
Odissi Dance – Ratikanta Mohapatra & group, Srjan, Bhubaneswar
Thang-Ta – Rajen Mangang, Manipuri Thang ta Cultural Association, Imphal



10 February 2019 (Sunday)
Odissi Dance – Madhulita Mohapatra & group, Nrityantara Academy of Performing Arts, Bengaluru
Kathak Dance – Rani Khanam, New Delhi
Contemporary Dance (Kalaripayttu) – Sreejith T. R & group, Kerala
Make in Odisha – Orissa Dance Academy, Bhubaneswar; Cornucopia Creations, Bengaluru & Md. Saiful Haque, Moksha, Cuttack.

*N. B : Above programmes are subject to last minute changes.*

www.odishatourism.gov.in
Organised by Orissa Dance Academy
In association with ART VISION
BHARATI Live
telecast in DD Bharati and Live streaming in www.webcast.gov.in

37001/13/0084/1819

# ଏପ୍ରିଲ ସୁଦ୍ଧା ରାଜ୍ୟ ଚଳଚ୍ଚିତ୍ର ଓ ଟେଲି ପୁରସ୍କାର

ଭୁବନେଶ୍ୱର,୭।୨(ବ୍ୟୁରୋ)

## ଚୟନ ଲାଗି ଗଠନ ହେଲା ଜୁରି କମିଟି

୨୦୧୭ ମସିହାର ରାଜ୍ୟ ଚଳଚ୍ଚିତ୍ର ଓ ଟେଲି ପୁରସ୍କାର ପ୍ରଦାନ କରିବାକୁ ଶେଷରେ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ଆସନ୍ତା ମାର୍ଚ୍ଚ ଶେଷ ସପ୍ତାହ କିମ୍ବା ଏପ୍ରିଲ ପ୍ରଥମ ସପ୍ତାହରେ ଏହି ବହୁ ପ୍ରତୀକ୍ଷିତ ପୁରସ୍କାର ପ୍ରଦାନ କରାଯିବାକୁ ସ୍ଥିର ହୋଇଛି। ଇତିମଧ୍ୟରେ ପୁରସ୍କାର ଲାଗି ଆବେଦନ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଏବେ ଚୟନ ପ୍ରକ୍ରିୟା ଲାଗି ଜୁରି କମିଟି ଗଠନ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଫିଲ୍ମ ପୁରସ୍କାର ଚୟନ ପାଇଁ ୬ଜଣିଆ ଜୁରି କମିଟି ଗଠନ କରାଯାଇଛି।

ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଚୟନ ଲାଗି ଗଠିତ ହୋଇଥିବା କମିଟିରେ ପ୍ରସିଦ୍ଧ ସଙ୍ଗୀତଜ୍ଞ ପ୍ରଫୁଲ୍ଲ କର ଅଧ୍ୟକ୍ଷ ରହିଛନ୍ତି। ତାଙ୍କ ସହ ଜଣାଶୁଣା ଫିଲ୍ମ ସାମ୍ବାଦିକ ପରିକ୍ଷିତ ଜେନା, ପ୍ରସିଦ୍ଧ ସଂଳାପ ଲେଖକ ବିଜୟ ମଲ୍ଲ, ଫିଲ୍ମ ନିର୍ଦ୍ଦେଶକ ହିମାଂଶୁ ଖଟୁଆ, ନାଟ୍ୟ ନିର୍ଦ୍ଦେଶକ ଧୀର ମଲ୍ଲିକ ଓ ଜଣାଶୁଣା ସଙ୍ଗୀତ ନିର୍ଦ୍ଦେଶକ ଅମରେନ୍ଦ୍ର ମହାନ୍ତି ସଦସ୍ୟ ରହିଛନ୍ତି। ସଂସ୍କୃତି ବିଭାଗ ନିର୍ଦ୍ଦେଶକ ତଥା ଅତିରିକ୍ତ ସଚିବ ଜୁରି କମିଟି ଅଧ୍ୟକ୍ଷଙ୍କ ସହ ଆଲୋଚନା କରି ବିଭିନ୍ନ ସମୟରେ ବୈଠକ କରିବାକୁ ସ୍ଥିରୀକୃତ ହୋଇଛି। ୩ ମାସ ମଧ୍ୟରେ ଚୟନ ପ୍ରକ୍ରିୟା ଶେଷ କରିବାକୁ କୁହାଯାଇଛି। ନିର୍ମାତାଙ୍କ ପକ୍ଷରୁ ଦିଆଯାଇଥିବା ଫିଲ୍ମଗୁଡ଼ିକୁ ସେମାନେ ସ୍କ୍ରିନିଂ କରି ଦେଖିବା ପରେ ଚୟନ ପ୍ରକ୍ରିୟାରେ ସାମିଲ କରିବେ। ସେହିଭଳି ୨୦୧୭ ମସିହା ଲାଗି ଏହି ଜୁରି କମିଟି ଓଡ଼ିଆ ଫିଲ୍ମ ଜଗତର ସର୍ବୋଚ୍ଚ ପୁରସ୍କାର 'ଜୟଦେବ ପୁରସ୍କାର' ମଧ୍ୟ ଚୟନ କରିବ। ଚଳିତବର୍ଷ ମୋଟ ୨୧ଟି ଫିଲ୍ମ ଆବେଦନ ପ୍ରକ୍ରିୟାରେ ସାମିଲ ହୋଇଥିବା ଜଣାପଡ଼ିଛି। ଆସନ୍ତା ୧୧ତାରିଖରେ ଜୁରି କମିଟିର ପ୍ରଥମ ବୈଠକ ବସିବା ପରେ ଫିଲ୍ମ ସ୍କ୍ରିନିଂ ପ୍ରକ୍ରିୟା ଆରମ୍ଭ ହେବା ନେଇ ସୂଚନା ରହିଛି।

ଟେଲିଭିଜନ ପୁରସ୍କାର ଲାଗି ଗଠିତ ୫ଜଣିଆ କମିଟିରେ ଫିଲ୍ମ ନିର୍ଦ୍ଦେଶକ ଘନଶ୍ୟାମ ମହାପାତ୍ର ଅଧ୍ୟକ୍ଷ ରହିଛନ୍ତି। ତାଙ୍କ ବ୍ୟତୀତ ଅଭିନେତ୍ରୀ ତ୍ରିପୁରା ମିଶ୍ର, ସଙ୍ଗୀତଜ୍ଞ ପ୍ରଶାନ୍ତ ପାଢ଼ୀ, ଫିଲ୍ମ ସାମ୍ବାଦିକ ଆଦିକନ୍ଦ ରାଉତ ଓ ନାଟ୍ୟ ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ ସଦସ୍ୟ ରହିଥିବା ସୂଚନା ମିଳିଛି। ଟେଲି ପୁରସ୍କାର ଲାଗି ମଧ୍ୟ ବିଭିନ୍ନ ସମୟରେ ଅନୁଷ୍ଠିତ ହେବାକୁ ଥିବା ବୈଠକ ସଂସ୍କୃତି ବିଭାଗ ନିର୍ଦ୍ଦେଶକଙ୍କ ତତ୍ତ୍ୱାବଧାନରେ ହେବ। ଅନ୍ୟପକ୍ଷରେ ପ୍ରତିବର୍ଷ ଉଭୟ ଫିଲ୍ମ ଏବଂ ଟେଲିଭିଜନ ପୁରସ୍କାର ପାଇଁ ୭ଜଣିଆ ଜୁରି କମିଟି ଗଠନ କରାଯାଉଥିବା ବେଳେ ଏଥର ୬ଜଣିଆ ଓ ୫ଜଣିଆ କମିଟି ଗଠନ କରାଯାଇଛି।

# ଆନ୍ଦୋଳନରୁ ଓହରିଲା ହାବିଲଦାର, କନ୍‌ଷ୍ଟେବଲ, ସିପାହି ମହାସଂଘ

ଭୁବନେଶ୍ୱର, ୭।୨(ବ୍ୟୁରୋ):

ଡିଜିପିଙ୍କ ସହ ଆଲୋଚନା ପରେ ଆନ୍ଦୋଳନରୁ ଓହରିଛି ଓଡ଼ିଶା କନଷ୍ଟେବଲ, ହାବିଲ୍‌ଦାର, ସିପାହି ମହାସଂଘ। ୪ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଥିଲା ମହାସଂଘ। ଗୁରୁବାର କଳାବ୍ୟାଜ୍ ପରିଧାନ କରିଥିଲେ। ଶୁକ୍ରବାର ଅସ୍ତ୍ରଶସ୍ତ୍ର ସହ ପୋଷାକ ଓ ଗାଡ଼ିଚାବି ହସ୍ତାନ୍ତର କରି କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ଆନ୍ଦୋଳନକୁ ସମର୍ଥନ ଦେଇଥିଲା ଓଡ଼ିଶା ପୋଲିସ ସମନ୍ୱୟ ସମିତି। ତେବେ ସେମାନଙ୍କ ଦାବି ନେଇ ମହାସଂଘର ପ୍ରତିନିଧିମାନେ ଭୁବନେଶ୍ୱରସ୍ଥିତ କ୍ୟାମ୍ପ୍ ଅଫିସ୍‌ରେ ଡିଜିପି ଡ. ଆର୍.ପି. ଶର୍ମାଙ୍କୁ ଭେଟି ଆଲୋଚନା କରିଥିଲେ। ମହାସଂଘ ସଭାପତି ସନ୍ତୋଷ ଶତପଥୀ କହିଛନ୍ତି, ସପ୍ତମ ବେତନ ହାରରେ ଦରମା ପ୍ରଦାନ କରିବା ପାଇଁ ତ୍ରୁଟି ସଂଶୋଧନ କରିବା, କଣ୍ଟ୍ରାକ୍ଟୁଆଲ ଚାକିରି ବନ୍ଦ କରିବା, ଜୀବନ ବୀମା ରାଶିକୁ ବଢାଇବା ଏବଂ ଅନ୍ୟାନ୍ୟ ସରକାରୀ ସହାୟତା ରାଶିକୁ ବୃଦ୍ଧି କରିବା ସଂକ୍ରାନ୍ତରେ ଡିଜିପି ସରକାରଙ୍କ ସହ ଆଲୋଚନା କରି ଶୀଘ୍ର ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେଣୁ ଆନ୍ଦୋଳନକୁ ବନ୍ଦ ରଖାଯାଇଛି। ଯଦି ପ୍ରତିଶ୍ରୁତି ଅନୁସାରେ ଦାବି ପୂରଣ ନ ହୁଏ, ତେବେ ଆଗାମୀ ଦିନରେ ମହାସଂଘର ୬୦ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବ ବୋଲି ଶତପଥୀ କହିଛନ୍ତି।


+PILES CLINIC+

Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR

☎ 0674 - 2310255, 9861146916

ଅର୍ଶ (PILES)

ମଳକଣ୍ଟକ (FISSURE)

ଭଗନ୍ଦର (FISTULA)

WITHOUT SURGICAL OPERATION

DR. R. PRASAD
GAMS (PATNA)

DR. PREM KUMAR
BAMS, LLB (UTKAL)

10AM TO 8PM

VSS Nagar, Q.N.- B/L-107, Vanivihar, BBSR

☎ 0674 - 2581337, 9437301790


# ସୁବର୍ଣ୍ଣରେଖା: ପନ୍ତେଇଠାରେ ହାଇଲେଭଲ ବ୍ରିଜ୍

ଭୁବନେଶ୍ୱର,୭।୨(ବ୍ୟୁରୋ)

ଉତ୍ତର ବାଲେଶ୍ୱର ସହ ପଶ୍ଚିମବଙ୍ଗ ସୀମା ପର୍ଯ୍ୟନ୍ତ ସଡ଼କପଥରେ ସଂଯୋଗୀକରଣ ପାଇଁ ସୁବର୍ଣ୍ଣରେଖା ନଦୀର ପନ୍ତେଇଠାରେ ଏକ ହାଇଲେଭଲ ବ୍ରିଜ୍ ନିର୍ମିତ ହେବ। ରାଜ୍ୟ ସରକାର ଏହି ବ୍ରିଜ୍ ନିର୍ମାଣ ନିମନ୍ତେ ନିଷ୍ପତ୍ତି ନେବା ସହିତ ଟେଣ୍ଡର ଆହ୍ୱାନ କରିଛନ୍ତି। ୧.୬୪୨କିଲୋମିଟର ଦୈର୍ଘ୍ୟବିଶିଷ୍ଟ ଏହି ବ୍ରିଜ୍ ନିର୍ମାଣ ପାଇଁ ୧୯୦ କୋଟି ଟଙ୍କା ଖର୍ଚ୍ଚହେବ। ୧୬ ନଂ ଜାତୀୟ ରାଜପଥର ହଳଦୀପଡ଼ାଠାରୁ ୩୬ କିଲୋମିଟର ଦୂରବର୍ତ୍ତୀ ପନ୍ତେଇଠାରେ ଏହି ହାଇଲେଭଲ ବ୍ରିଜ୍ ନିର୍ମିତ ହେଲେ ଚନ୍ଦନେଶ୍ୱରଠାରୁ ବାଲେଶ୍ୱରର ଦୂରତ୍ୱ ପ୍ରାୟ ୨୦ କିଲୋମିଟର ହ୍ରାସ ପାଇବ। ଏଥିସହିତ ତାଳସାରୀ, ଉଦୟପୁର, ବାଲିଆପାଳର ତଗରା ବେଳାଭୂମି, ଚନ୍ଦନେଶ୍ୱର ଓ ଭୂଷଣ୍ଡେଶ୍ୱର ଶୈବପୀଠ ଓ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦରକୁ ସଡ଼କ ପଥରେ ଯୋଗାଯୋଗ ସହଜ ହେବ। ସ୍ଥାନୀୟ ଅଞ୍ଚଳରେ ଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ଯାତାୟାତରେ କୌଣସି ଅସୁବିଧା ହେବ ନାହିଁ।

ପ୍ରକାଶ ଯେ, ୨୦୧୬ ସୁଲପଟାଠାରେ ପଞ୍ଝୁପଡ଼ା ବ୍ରିଜ୍ ନିର୍ମାଣ ସମୟରେ ଶିଳ୍ପମନ୍ତ୍ରୀ ଅନନ୍ତ ଦାସଙ୍କ ସମେତ ଏମ୍‌ପି ରବୀନ୍ଦ୍ର ଜେନା, ବିଧାୟକ ନିତ୍ୟାନନ୍ଦ ସାହୁ ଏବଂ ବିଧାୟକ ଜୀବନପ୍ରଦୀପ ଦାସ ପ୍ରମୁଖ ସୁବର୍ଣ୍ଣରେଖା ଉପରେ ହାଇଲେଭଲ ବ୍ରିଜ୍ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଥିଲେ।


## GOVT. OF ODISHA

**OFFICE OF THE SUPERINTENDING ENGINEER, RURAL WORKS CIRCLE, BHAWANIPATNA**

**BID IDENTIFICATION NO.:- BPT/ONLINE-13/2018-19 DATE:04.02.2019**

**NOTICE INVITING TENDERS UNDER PERIODICAL MAINTENANCE OF FIVE YEAR COMPLETED PMGSY ROAD WORKS IN ODISHA**

**NATIONAL COMPETITIVE BIDDING THROUGH E-PROCUREMENT**

No.1615-O

| | | |
|---|---|---|
| 1. | Name of the Work | Periodical maintenance of five year completed PMGSY road "Habaspur to Ambadola (OR-15-59), Champadeipur to Gopinathpur (OR-15-21), Champadeipur to Gopinathpur (OR-15-11), RD Road to Sirmaska (OR-15-80) & Gopalpur to Madhupur (OR-15-ADB-07) in the District of Kalahandi. |
| 2. | No of Works | 1 No. |
| 3. | Location details | Kalahandi District |
| 4. | Estimated Cost | As per NIT. |
| 5. | Period of Completion | As per NIT. |
| 6. | Cost of tender paper | Rs.10,000/- per set. |
| 7. | Other details | |

| Availability of tender for online bidding | | Last date & time for seeking tender clarification | Date and time of opening of technical bid |
|---|---|---|---|
| From | To | | |
| 08.02.2019, 11.00 A.M. | 25.02.2019, 5.00 P.M. | 23.02.2019 | 26.02.2019 |

Further details can be seen from the web site "www.tendersorissa.gov.in"

25102/11/0017/1819 **Sd/-Superintending Engineer, Rural Works, Circle, Bhawanipatna**



## Government of Odisha "e" Procurement Notice

**WORKS DEPARTMENT**

**E-mail: ceroads.bbsr@gmail.com**

**Bid Identification No.CE-DPI & R- 78/2018-19**

No.1229-B

1. The Chief Engineer (DPI & Roads), Odisha on behalf of Governor of Odisha invites expression of interest in OFFLINE MODE from eligible consultants for Supervision of Road/ Bridge works as mentioned below:
2. Nature of work : Construction Supervision
3. No. of work : 01 No.
4. Tender Paper cost : Nil
5. Availability of bid document in the website : From 10.00 AM of February 09, 2019 to 5.00 PM of February 25, 2019
6. Date of opening of Bid : 11.30 AM on February 26, 2019
7. The bidders have to participate in OFFLINE bidding only. Further details can be seen from the website: **http://tenderodisha.gov.in.** Any addendum / corrigendum / cancellation of tender can also be seen in the said website.

**Sd./-**
**Chief Engineer**
**(DPI & Roads), Odisha**

**34117/11/0202/1819**




# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରେ ନ ଥାଇ ତୋରାଣି ଲୁଣ**
**ପରଘରେ ଖୋଜେ ତିନି ତିଅଣ।**

ସୀମିତ ସମ୍ବଳ ଥିବା ବ୍ୟକ୍ତିଙ୍କ ଠାରେ କୌଣସି ପ୍ରକାରର ଲାଳସା ଭାବନା ଶୋଭାପାଇ ନ ଥାଏ। ଦିନକୁ ଦି'ଓଳି ଦି'ମୁଠା ଖାଇବାକୁ ପାଉ ନ ଥିବା ଦୀନହୀନ ଦରିଦ୍ର ବ୍ୟକ୍ତି ପରଘରେ ନାନା ରକମର ସ୍ୱାଦିଷ୍ଟ ବ୍ୟଞ୍ଜନ ଖୋଜିବା ନିହାତି ହାସ୍ୟାସ୍ପଦ ମନେହୋଇଥାଏ। ଏପରିସ୍ଥଳେ ଅଭାବୀ ବ୍ୟକ୍ତିର ସ୍ୱାଦିଷ୍ଟ ଭୋଜନ କରିବା ନେଇ ମନରେ ରହିଥିବା ଲାଳସା ଭାବନା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଘଇତା ଅଯୋଗ୍ୟ ପଣେ**
**ମାଇପ ଶୋଇଛି ଚାକୁଣ୍ଡା ବଣେ।**

ସ୍ୱାମୀ ହେଉଛି ସ୍ତ୍ରୀର ବଳ ଓ ଆଶା ଭରସା। କିନ୍ତୁ ଗୃହକର୍ତ୍ତା ବା ସ୍ୱାମୀ ଅଯୋଗ୍ୟ ହେଲେ ସ୍ତ୍ରୀର ଦୁଃଖକଷ୍ଟ ଦ୍ୱିଗୁଣିତ ହୋଇଯାଏ। ଫଳରେ ଘର ଚଳେଇବା ପାଇଁ ସେ ପରର ଆଶ୍ରା ନେଇଥାଏ। ପରଲୋକ ଯାହା କୁହେ ସେ ସେଇ ଅନୁସାରେ ଚଳିଥାଏ ଓ ସେଥିରେ ସାଲିସ କରିନେବା ଛଡ଼ା ଆଉ କିଛି ଚାରା ରହି ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଆସେଣ୍ଡ ବିଲ୍ଡର ସଂସ୍ଥାର ଦୁଇ ନିର୍ଦ୍ଦେଶକ ଗିରଫ

ଭୁବନେଶ୍ୱର,୭।୨ (ବ୍ୟୁରୋ)

ଜମିର କାଗଜପତ୍ରକୁ ଜାଲିଆତି କରି ଅନ୍ୟଜଣଙ୍କୁ ବିକ୍ରି କରିଥିଲା ବିଲ୍ଡର ସଂସ୍ଥା। ଏହି ଘଟଣାରେ ୮.୪୦ଲକ୍ଷ ଠକେଇ ମାମଲାରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ଗୁରୁବାର ଦୁଇ ଜଣଙ୍କୁ ଭୁବନେଶ୍ୱରରୁ ଗିରଫ କରିଛି। ସେମାନେ ହେଲେ ଆସେଣ୍ଡ୍ କ୍ରିଏଶନ ପ୍ରାଇଭେଟ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଚନ୍ଦ୍ରଶେଖର ପତି(୫୧) ଓ ନିର୍ଦ୍ଦେଶକ ନିରଞ୍ଜନ ପତି(୫୫)। ଇଓଡବ୍ଲ୍ୟୁ ସେମାନଙ୍କୁ କେସ୍ ନଂ-୩/୧୯ ଦଫା ୪୨୦, ୪୦୬ରେ କଟକ ଓପିଆଇଡି କୋର୍ଟକୁ ଚାଲାଣ କରିଛି। ଠକେଇର ଶିକାର ହୋଇଥିବା ଲକ୍ଷ୍ମୀସାଗର ଅଞ୍ଚଳର ତାରିଣୀ ରଞ୍ଜନ ସାହୁ ହାଇକୋର୍ଟରେ ଏକ ପିଟିଶନ କରିଥିଲେ। କୋର୍ଟ ଏହି ମାମଲାର ତଦନ୍ତ କରିବାକୁ ଇଓଡବ୍ଲ୍ୟୁକୁ ନିର୍ଦ୍ଦେଶ ଦେଇଥିଲେ।


## OFFICE OF THE PRINCIPAL
## UTKAL SANGEET MAHAVIDYALAYA, BHUBANESWAR

No. 186/ USM. Dated: 05.02.2019

### WALK-IN-INTERVIEW

**No.45-RR:-** A Walk-in-Interview for empanelment of Guest Assistant Lecturers/Instructors in the 10 (Ten) below mentioned department of Utkal Sangeet Mahavidyalaya, Bhubaneswar will be conducted on 12.02.2019 at 11 A.M. onwards in the Principal Chamber/Computer Room/Conference Hall of Utkal Sangeet Mahavidyalaya, Bhubaneswar during the Academic Session 2019-20.

| Sl. No. | Deptt. Name | A.G.L/ Instructors | Qualification |
|---|---|---|---|
| 1. | Odissi Vocal | -01(Pakhwaj) | Degree in O. Vocal |
| 2. | Tabla | -01(Instrument) | Degree in H. Violin |
| | | 01 (Vocal) | Degree in H. Vocal |
| 3. | O.Pakhwaj | -01(Vocal) | Degree in O. Vocal |
| 4. | C.Dance | -01(Dhola) | Degree in C. Dance with Knowledge of Playing Dhol or Traditional Dhola Player |
| | | 01(Mahuri) | Degree in C. Dance / Degree in Flute with Knowledge of Playing Mahuri/Flute or Traditional Mahuri Player |
| 5. | O.Dance | -01(Pakhwaj) | Degree in O. Pakhwaj |
| 6. | H.Vocal | -01(Tabla) | Degree in Tabla |
| 7. | Drama | -01(Instructor in Sounds) | Degree/Diploma/ITI in Sound Technology |
| | | -01 (Instructor in Carpentry) | Degree/Diploma/ITI in Carpentry or Traditional Carpenter having design knowledge in carpentry |
| | **Total -** | **10 (Ten)** | |

The engagement shall be purely on temporary basis with a period wise honorarium of Rs.300/- per class subject to maximum ceiling of Rs. 9,300/- per month. The candidates who have degree in the concerned subject or a Traditional Artist of repute shall be allowed to appear at the interview. The interested candidates are required to report with original and photocopies of certificates, mark sheets, publications, experience and other details two hours before the scheduled time of interview.

The engagement through empanelment shall be purely temporary and for the Academic Session 2019-20. The engagement shall be terminated at any point of time without assigning any reason thereof. The engagement shall not confer any right on the selected candidate to have a claim for regularization of his/her engagement.

No T.A./D.A. will be paid for attending the interview. The undersigned reserves the right to cancel the interview without assigning any reason thereof.

**03011/11/0007/1819** **Sd./- Principal**



## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KALAHANDI

(DISTRICT PROGRAMME MANAGEMENT UNIT)

**PHONE/FAX: 06670-230998,**

**EMAIL: dpmukalahandi@gmail.com**

Advertisement No:444/DPMU/NHM Date:05.Feb.2019

### WALK-IN INTERVIEW

No. 860-E: Walk in Interview will be conducted for filling-up of vacancies of different posts viz. Medical officer under NPCDCS (District NCD Clinic), M.O. MBBS-DEIC, Medical Officer-NMHP, Medical officer-SNCU, Ayush Doctor (RBSK), Pharmacist (RBSK), Block Data Manager/ Data Entry Operator under Zilla Swasthya Samiti, Kalahandi. All these posts are contractual and for a period of 11 months, subject to renewal as per society norms based on the performance and continuance of the programme. Details of vacancy, eligibility criteria, age, application form etc. can be downloaded from the District official website (www.kalahandi.nic.in). Number of vacancy as per category / remuneration as mentioned in the advertisement may vary at the time of actual engagement. The undersigned reserves the right to cancel this advertisement for contractual recruitment at any stage of recruitment process without assigning any reason thereof.

**Sd/- Chief District Medical & Public Health Oficer, Kalahandi**

10076/11/0022/1819



# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

CO-OPERATIVE INADIA
Co-Operative India ଦ୍ୱାରା। P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି। ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ। ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

BIKASA FINANCE
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଫାଇନାନ୍ସ ଧମାକା ୪% ସୁଧରେ ସବୁପ୍ରକାର ବ୍ୟକ୍ତି, ସଂସ୍ଥା କିମ୍ବା ଅନୁଷ୍ଠାନମାନଙ୍କୁ ୬୦ ଲକ୍ଷ ପର୍ଯ୍ୟନ୍ତ ବିନା ଗ୍ୟାରେଣ୍ଟରରେ ୨୦ ବର୍ଷ ପାଇଁ ଋଣ ଯୋଗାଇ ଦିଆଯାଉଛି। ମହିଳା ମାନଙ୍କ ପାଇଁ ୩% ସୁଧ।
Email- sixdocuments@gmail.com
B-19, Moti Bagh, New Delhi
7064382081
8658167603

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ
fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ସରକାରୀ ମୁଦ୍ରା ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ସନ୍ତୁଷ୍ଟ ଗ୍ରାହକ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରୀକଲ୍‌ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ଟଙ୍କା ନେଉନୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
8126568293
8126592819
SCO-106, Second Floor, Vishal Tower, Connaught Place, Delhi.

!! ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର !!
ଭାରତର ପ୍ରସିଦ୍ଧ ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ
ମାର୍କଶିଟ୍, ପର୍ସନାଲ, ଆଧାରକାର୍ଡ ଋଣ 3 ଘଣ୍ଟାରେ ପାଆନ୍ତୁ
2% ସୁଧ 50% ରିହାତି + ସବ୍‌ସିଡି
ଆଧାରକାର୍ଡ ଉପରେ ଋଣ ପାଆନ୍ତୁ
ମା/ଭଉଣୀ/ବେରୋଜଗାର ଭାଇମାନଙ୍କ ପାଇଁ ବିଶେଷ ଅଫର
7827094474
7827246964
Add : - 41/14, Sec-1 Pushp Vihar, Delhi

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ 6 ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

FINANCE
ବ୍ୟବସାୟୀମାନେ ନିଜ ବ୍ୟବସାୟର ଫଟୋ (ଦୋକାନ, ମେସିନ, ଗାଡ଼ି) ଓ ପ୍ରମାଣପତ୍ର ଦେଇ ୨୦ଲକ୍ଷ ଏବଂ ବେରୋଜଗାରୀ ନୂତନ ବ୍ୟବସାୟ କରିବାପାଇଁ ଆନୁମାନିକ ମୂଲ୍ୟର ବିବରଣୀ ଦେଇ ୧୫ଲକ୍ଷ ପର୍ଯ୍ୟନ୍ତ ବାର୍ଷିକ ୪% ସୁଧରେ ଋଣ ନେଇ ପାରିବେ।
Contact
8658340105

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

S.R. Network
କମ୍ପାନୀ ଦ୍ୱାରା ଜମି, ଛାତ, ଚାଷଜମି, ଫ୍ଲାଟ୍ ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ 65 ଲକ୍ଷ, ଭଡ଼ା 42,000/-, ବାଇକ୍ ମାଗଣା। ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।
ମୋବାଇଲ ନଂ.:
9179208056
8750476936
HNO.31, BLOCK NO.2, VILL. BHUNA, TEHSIL/DISTT.-FATEHABAD

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

SHRI DURGA FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଶ୍ରୀ ଦୁର୍ଗା ଋଣ (ISO: 9001:1993) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 50% ଛାଡ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

ଲୋନ୍ LOAN
ପର୍ସନାଲ ଲୋନ୍, ହୋମ ଲୋନ୍, ବ୍ୟବସାୟିକ, ପ୍ରୋଜେକ୍ଟ, ମଡ୍‌ଗେଜ, କୃଷି, ସ୍ୱରୋଜଗାର ଲୋନ୍। ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No.15 HB Colony, Lewis Road Bhubaneswar-751002
8987997062


**ପାଠକଙ୍କ ପାଇଁ ସୂଚନା।**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

# ତାମିଲନାଡୁରେ ୫ ଶ୍ରମିକ ନିର୍ଯାତିତ

**ବାଲେଶ୍ୱର ଅଫିସ, ୭।୨**

ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ପୁରୁଷୋତ୍ତମପୁରର ୫ଜଣ ଯୁବକ ତାମିଲନାଡୁ ରାଜ୍ୟକୁ କାମ କରିବାକୁ ଯାଇ ନିର୍ଯାତନାର ଶିକାର ହେଉଥିବା ଅଭିଯୋଗ ହୋଇଛି। ସେଠାରେ ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବା ସତ୍ତ୍ୱେ ମାଲିକ ସେମାନଙ୍କୁ ଚିକିତ୍ସା ଲାଗି ସୁଯୋଗ ନ ଦେବା ସହ ନାନା ନିର୍ଯାତନା ଦେଉଥିବା ଜଣାପଡ଼ିଛି। ପରିବାର ଲୋକେ ଏହା ଜାଣିବା ପରେ ଗୁରୁବାର ଶ୍ରମ ଅଧିକାରୀ କୁବେର ବେହେରାଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସେମାନଙ୍କୁ ଫେରାଇ ଆଣିବା ପାଇଁ ପରିବାର ପକ୍ଷରୁ ଆବେଦନ କରାଯାଇଛି।

ପୁରୁଷୋତ୍ତମପୁର ଗ୍ରାମର ନିଜାମୁଦ୍ଦିନ ବେଗ ନାମକ ଯୁବକ ପୂର୍ବରୁ ତାମିଲନାଡୁରେ ରହି କାମ କରୁଥିଲେ। ସେ ଗ୍ରାମକୁ ଆସିଥିବା ବେଳେ ଯୁବକମାନେ ତାଙ୍କୁ ଚାକିରି କରାଇ ଦେବାକୁ ଅନୁରୋଧ କରିଥିଲେ। ନିଜାମୁଦ୍ଦିନ ସେଠାରେ ଥିବା ମୋହନ ବିଜିନେସ୍ ପାର୍କ ହୋଟେଲ ମାଲିକଙ୍କ ସହ କଥାବାର୍ତ୍ତା କରିବାରୁ ସେ ମାସିକ ୯ହଜାର ଟଙ୍କା ଦରମା ସହ ସମସ୍ତ ପ୍ରକାର ସୁବିଧା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ୫ଜଣ ଯୁବକ ୨୦୧୮ ନଭେମ୍ବର ୨୫ ତାରିଖରେ ଟ୍ରେନ ଯୋଗେ ତାମିଲନାଡୁର କୋଏମ୍ବାଟୁର ଯାଇଥିଲେ। ସୁଶାନ୍ତ ଘଡ଼ାଇଙ୍କ ପୁଅ ରାଜୀବ, ଜଳେନ୍ଦ୍ର ରାଉଳଙ୍କ ପୁଅ ମାନସ ଓ ସନାତନ, ୱାଇଦ ବେଗ୍‌ଙ୍କ ପୁଅ ସାମାଉଦ୍ଦିନ ଓ ଆମୁ ୫ଜଣ ମିଶି ଯାଇଥିଲେ। ସେଠାରେ ପହଞ୍ଚି ୮/୧୦ଦିନ କାମ କରିବା ପରେ ରାଜୀବ, ମାନସ, ସନାତନ ଜ୍ୱର ଏବଂ ବସନ୍ତ ରୋଗରେ ପୀଡ଼ିତ ହୋଇଥିଲେ। ସେମାନେ ହୋଟେଲର ମାଲିକାଣୀଙ୍କୁ ଜଣାଇବା ପରେ ସେ କୌଣସି ଔଷଧପତ୍ର ନ ଦେଇ ଓଲଟା ଧମକଚମକ ଦେଇ କାମ କରାଇଥିଲେ। ଉକ୍ତ ଯୁବକମାନେ ଘରୁ ନେଇଯାଇଥିବା ଟଙ୍କାରେ ଗାଁକୁ ଫେରିବା ପାଇଁ ପ୍ରସ୍ତୁତ ହେଉଥିବା ମାଲିକାଣୀ ଜାଣିପାରି ସେମାନଙ୍କ ପାଖରେ ଥିବା ଟଙ୍କା, ଆଧାରକାର୍ଡ଼, ପାସପୋର୍ଟ ଛଡ଼ାଇ ନେଇଥିଲେ। ସେମାନଙ୍କୁ ଧମକଚମକ ଦେଇ କାମ କରାଇବା ପାଇଁ ବାଧ କରାଯାଉଥିବା ଶ୍ରମିକଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ସଞ୍ଜୟ ଘଡ଼ାଇ, ଜଳନ୍ଧର ରାଉଳ, ଜାନକୀ ବେଗ୍, ଅଞ୍ଜାନ ବେଗ୍, ଓଇଦ ବେଗ ପ୍ରମୁଖ ଶ୍ରମିକମାନଙ୍କୁ ସେଠାରୁ ଫେରାଇ ଆଣିବା ପାଇଁ ଜିଲା ଶ୍ରମ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ଜିଲା ଶ୍ରମ ଅଧିକାରୀ ଅଭିଯୋଗ ପାଇବା ପରେ ମୋହନ ବିଜିନେସ୍ ପାର୍କର ମାଲିକାଣୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ। ଉକ୍ତ ୫ଜଣ ଶ୍ରମିକଙ୍କ ସମ୍ପର୍କରେ ପଚାରି ବୁଝିବା ସହ ଯଥାଶୀଘ୍ର ସେମାନଙ୍କୁ ବାଲେଶ୍ୱର ପଠାଇବାର ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶ୍ରମ ଅଧିକାରୀଙ୍କ କହିବାନୁସାରେ ଆସନ୍ତା ୧୦ ତାରିଖରେ ହୋଟେଲ ମାଲିକାଣୀ ଶ୍ରମିକମାନଙ୍କର ସମସ୍ତ ବକେୟା ଟଙ୍କା ଏବଂ ରେଳ ଟିକେଟ୍ କରାଇ ବାଲେଶ୍ୱରକୁ ପଠାଇବାକୁ ପ୍ରତିଶ୍ରୁତି ଦେଇଥିବା କହିଛନ୍ତି।

**ଅଭିଯୋଗ ଆଣିଲେ ପରିବାର ଲୋକ**



ଶ୍ରମ ଅଧିକାରୀଙ୍କ ନିକଟରେ ଶ୍ରମିକଙ୍କ ପରିବାର ଲୋକେ ଅଭିଯୋଗ କରୁଛନ୍ତି।

# ସବୁଜ ବାହିନୀ ସଭ୍ୟଙ୍କୁ ଆକ୍ରମଣ, ମାମଲା ରୁଜୁ

**ଜଳେଶ୍ୱର, ୭।୨(ଡି.ଏନ.ଏ.)**

ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଶ୍ୟାମନଗର ପଞ୍ଚାୟତ କାଳାଜୋଡ଼ି ଅଞ୍ଚଳରେ ଝାଡ଼ଖଣ୍ଡ ଅଞ୍ଚଳରୁ ଏକ ଦନ୍ତାହାତୀ ଆସି ଗତ ୫ ଦିନ ହେଲା ଉପଦ୍ରବ ଚଳାଇଥିଲା। ବନବିଭାଗର ଅଧିକାରୀ, କର୍ମଚାରୀ ଓ ସ୍ଥାନୀୟ ଅବୈତନିକ ସବୁଜବାହିନୀର ସଭ୍ୟମାନେ ଉକ୍ତ ହାତୀକୁ କାଳାଜୋଡ଼ି ଅଞ୍ଚଳରୁ ଘଉଡ଼ାଇବା ସମୟରେ ସମ୍ପୃକ୍ତ ଗ୍ରାମର ଯୁବକ ଗୁଣାଧର ମହାନ୍ତ ଉତ୍କ୍ଷିପ୍ତ ହୋଇ ସବୁଜବାହିନୀର ସଭ୍ୟ ତଥା ରାଇବଣିଆ ବାସିନ୍ଦା ସୁରେଶ ଦାସଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଉକ୍ତ ଦନ୍ତାହାତୀ କାହିଁକି ତାଙ୍କ ଘର ଅଭିମୁଖେ ଆସିଲା ବୋଲି କହି ଯୁବକ ଗୁଣାଧର ତାଙ୍କୁ ଆକ୍ରମଣ କରିଥିବା ରାଇବଣିଆ ଥାନାରେ ସୁରେଶଙ୍କ ସୂଚନାକ୍ରମେ ଫରେଷ୍ଟର ତପନ ସିଂ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଏକ ମାମଲା(ନଂ.୮/୨୦୧୯) ରୁଜୁ ହୋଇଛି। ଗୁଣାଧରଙ୍କୁ ପୋଲିସ ଥାନାକୁ ଡାକି ପଚରାଉଚୁରା କରି ଆଇନ ଅନୁଯାୟୀ ସିଆର୍‌ପିସିର ଧାରା ୪୧ ଅନୁଯାୟୀ ନୋଟିସ୍ ଦେଇ ତଦନ୍ତ ସମୟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛି। ସୁରେଶ ଚିକିତ୍ସା ପରେ ଏବେ ସୁସ୍ଥ ଥିବା ଜଣାପଡ଼ିଛି।

# ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା

**ବାଲେଶ୍ୱର ଅଫିସ, ୭।୨**

ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଗତ ସୋମବାରଠାରୁ ଜିଲାରେ ପାଳିତ ହେଉଛି। ଗୁରୁବାର ପୂର୍ବାହ୍ନ ୮ଟା ସମୟରେ ବାଲେଶ୍ୱରର ଗଣମାଧ୍ୟମ ପ୍ରତିନିଧିଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ପୋଲିସ ଲାଇନ୍‌ଛକ ନିକଟସ୍ଥ ଟ୍ରାଫିକ୍ ଥାନାରୁ ବାହାରି ଫକୀରମୋହନ ଗୋଲେଇ, ଷ୍ଟେଶନ ଛକ ଦେଇ ସହର ପରିକ୍ରମା କରିଥିଲା। ଏହାକୁ ଆଞ୍ଚଳିକ ପରିବହନ ଅଧିକାରୀ ବିକାଶ ଚୌଧୁରୀ, ସହଦେବଖୁଣ୍ଟା ମଡ଼େଲ ଥାନା ଅଧିକାରୀ ଶୁଭ୍ରାଂଶୁ ନାୟକ ମିଳିତ ଭାବେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଟ୍ରାଫିକ ଥାନା ଇନ୍ସପେକ୍ଟର ପ୍ରଶାନ୍ତ ରଣସିଂହ ପରିଚାଳନା କରିଥିବା ବେଳେ ଖବରଦାତା ଦେବବ୍ରତ ପାଣିଗ୍ରାହୀ, ଅଭୟ ଦାସ, ରତିକାନ୍ତ ପାଢ଼ୀ, ତାରିଣୀ ପାଢ଼ୀ, ଅଜିତ୍ ମହାନ୍ତି, ସନ୍ଦୀପ୍ତ ଦାସ, ହିମାଂଶୁ ଦାସ, ବଂଶୀଧର ଦଳେଇ, ଉଜ୍ୱଳ କର, ମନୋଜ ରାଉଳ, ଅଧିପ ଜେନା ଓ ରବିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।




ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରାରେ ବାହାରିଥିବା ଖବରଦାତା।

# ମା’ ବାରୁହାଁ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ

**ଔପଦା, ୭।୨(ଡି.ଏନ.ଏ.)**

ଔପଦା ବଜାର ଉପକଣ୍ଠ ତଳକିଆ ସ୍କୁଲ ପଡିଆରେ ଏକଦିବସୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନିଳଗିରିର ଯୁବ ସମାଜସେବୀ ସନ୍ତୋଷ କୁମାର ଖଟୁଆ, ପୂର୍ବତନ ବ୍ଲକ ଅଧକ୍ଷ ପ୍ରତାପ ଚନ୍ଦ୍ର ଦାସ, ଔପଦା ଅଞ୍ଚଳର ସାମାଜିକ କର୍ମୀ ହରିହର ଦାସ ପ୍ରମୁଖ ଯୋଗଦେଇ ଭଲି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୮ଟି ଦଳ ଭାଗନେଇଥିଲା। ଏରଡା ଭଦ୍ରକକୁ ହରାଇ ଏପି ସିକ୍ସର ଯାଜପୁର ଟ୍ରଫି ହାସଲ କରିଛି। ସହଯୋଗୀ ଭାବେ କମଳଲୋଚନ ପଣ୍ଡା, ଜୟନ୍ତ ସାହୁ, ଗୋବିନ୍ଦ ଦାସ, ପ୍ରଶାନ୍ତ ସାହୁ ଟୁର୍ଣ୍ଣାମେଣ୍ଟ ଆୟୋଜନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

No. 1592-O

GOVERNMENT OF ODISHA
OFFICE OF THE EXECUTIVE ENGINEER,
RURAL WORKS DIVISION-II, CUTTACK
Email ID- cuttackrw2nd@yahoo.co.in
Telephone / Fax No. (0671)-2445119

e-procurement Notice for BUILDING works

Bid Identification No. EECTC-II- 08 of 2018-19 dt. 01.02.2019

| | | |
|---|---|---|
| 1. | Number of the work | 07 (Seven) No. of Building Works |
| 2. | Estimated Cost. (Approx) | Rs. 38.82 to 41.34 lakh |
| 3. | Period of completion | 02 (Two) calendar Months |
| 4. | Date & time of sale & receipt of bid document online | From: 11.02.2019 at 11:00 AM To: 25.02.2019 at 4:00 PM |
| 5. | Date & time of opening of bids | 26.02.2019 at 11:30 PM |
| 6. | Name and address of Inviting Officer | Executive Engineer, R. W. Division-II, Cuttack, Nayabazar, Cuttack-753004 |

Further details can be seen from the State Govt. portal https://tendersorissa.gov.in

Sd./- Executive Engineer
R.W. Division-II, Cuttack

25095/11/0014/1819

## ଦୁଇ ବଖରା ପାଉଁଶ

**ଆନନ୍ଦପୁର, ୭।୨(ସ୍ୱ.ପ୍ର.):** ଆନନ୍ଦପୁର ପୌରପରିଷଦ ଫକୀରପୁର ୧୧ ନଂ ୱାର୍ଡ଼ରେ ଗୁରୁବାର ଅଗ୍ନିକାଣ୍ଡ ଘଟି ଅଧିରାଜ ମହାନ୍ତିଙ୍କ ଦୁଇ ବଖରା ପାଉଁଶ ହୋଇଯାଇଛି। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ସମାଜସେବୀ ସୁରେନ୍ଦ୍ର ଦାସ, ବିଡିଡି ମହାନ୍ତି ପହଞ୍ଚି ସ୍ଥାନୀୟ ଆରଆଇ ସୀମାଶ୍ରୀମତିନୀ ସାହୁଙ୍କୁ ସୂଚନା ଦେଇଥିଲେ। ଆରଆଇ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ପରିବାରର କ୍ଷୟକ୍ଷତି ଆକଳ କରିବା ସହିତ ପଲିଥିନ୍ ବ୍ୟବସ୍ଥା କରିଥିଲେ। ଆହତ ଗାଈର ଚିକିତ୍ସା ପାଇଁ ଆବଶ୍ୟକୀୟ ସୁବିଧା କରାଯାଇଛି। କ୍ଷତିଗ୍ରସ୍ତ ପରିବାରବର୍ଗଙ୍କୁ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ସାମାଜିକ କର୍ମୀ ଦାସ ଦାବି ଜଣାଇଛନ୍ତି।

CLASSIFIED DISPLAY



















# ୩୦ ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ-୨୦୧୯

(ତା.୦୪/୦୨/୨୦୧୯ ଠାରୁ ତା.୧୦/୦୨/୨୦୧୯)

**“ସଡ଼କ ସୁରକ୍ଷା - ଜୀବନ ରକ୍ଷା”**

## ଅଜଣା ଗାଡ଼ି ଧକ୍କାରେ ମୃତାହତଙ୍କ ପାଇଁ ସହାୟତା

ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁବରଣ କରିଥିବା ତଥା ଗୁରୁତର ଆହତ ହୋଇଥିବା ବ୍ୟକ୍ତିଙ୍କୁ ସହାୟତା ପ୍ରଦାନ ନିମନ୍ତେ ରାଜ୍ୟ ସରକାର **Solatium Fund Scheme** ପ୍ରଚଳନ କରିଛନ୍ତି। ଉକ୍ତ ଯୋଜନାର ମୁଖ୍ୟ ବୈଶିଷ୍ଟ୍ୟ ନିମ୍ନରେ ପ୍ରଦାନ କରାଗଲା;

- ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ଆଇନତଃ ଉତ୍ତରାଧିକାରୀଙ୍କୁ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନର ବ୍ୟବସ୍ଥା ତଥା ଗୁରୁତର ଆହତଙ୍କ ଚିକିତ୍ସା ନିମନ୍ତେ ୫୦,୦୦୦/- ଟଙ୍କାର ଆର୍ଥିକ ସହାୟତା ବ୍ୟବସ୍ଥା।
- ଏହି ସହାୟତା / କ୍ଷତିପୂରଣ ପାଇବା ନିମନ୍ତେ ଦୁର୍ଘଟଣା ଘଟିବା ଦିନ ଠାରୁ ୬ ମାସ ମଧ୍ୟରେ ଦୁର୍ଘଟଣା ଘଟିଥିବା ସ୍ଥାନର ଆଞ୍ଚଳିକ ପରିବହନ ଅଧିକାରୀ (RTO)ଙ୍କ ନିକଟରେ ଫର୍ମ i,ii ଓ iv ରେ ଆବେଦନ କରିବା ଆବଶ୍ୟକ।
- ଏହି ଯୋଜନାରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଦାବି ଅନୁସନ୍ଧାନକାରୀ ଅଧିକାରୀ ଭାବେ ଘୋଷଣା କରାଯାଇଛି।
- ଆବେଦନ ପତ୍ର ପାଇବା ପରେ ସଂପୃକ୍ତ ଦାବି ଅନୁସନ୍ଧାନକାରୀ ଅଧିକାରୀ ତଥା ଆଞ୍ଚଳିକ ପରିବହନ ଅଧିକାରୀ ଆବଶ୍ୟକ କାଗଜପତ୍ର ସହ ଏହାକୁ ପରିବହନ କମିଶନର ତଥା ଦାବି ସମାଧାନ ଅଧିକାରୀ (Claim Settlement Officer) ଙ୍କ ପାଖକୁ ଏକମାସ ମଧ୍ୟରେ ସହାୟତା ପ୍ରଦାନ ନିମନ୍ତେ ପ୍ରେରଣ କରିବେ।
- ଏ ସମ୍ବନ୍ଧରେ ସବିଶେଷ ବିବରଣୀ ପାଇଁ www.odishatransport.gov.in ୱେବସାଇଟ୍‌କୁ ଦେଖନ୍ତୁ।

ପରିବହନ କମିଶନର, ଓଡ଼ିଶା

## ପଥ ଉତ୍ସବରେ ସଡ଼କ ସୁରକ୍ଷା ସଚେତନତା

୩୦ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଭୁବନେଶ୍ୱର ସହରର ପଥ ଉତ୍ସବରେ ତା. ୧୦/୦୨/୨୦୧୯ରିଖରେ ବିଭିନ୍ନ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ମାନ ଗ୍ରହଣ କରାଯିବ।
ଏହି ଉପଲକ୍ଷେ ନିମ୍ନଲିଖିତ ପ୍ରତିଯୋଗିତା ମାନ ଅନୁଷ୍ଠିତ ହେବ ;

| ପ୍ରତିଯୋଗିତାର ନାମ | ବର୍ଗ | ଶ୍ରେଣୀ ସୀମା / ବୟସ ସୀମା | ପୁରସ୍କାର ଅର୍ଥ (ଟ.) |
|---|---|---|---|
| ରଙ୍ଗୋଲି ପ୍ରତିଯୋଗିତା | ୧ କନିଷ୍ଠ ବର୍ଗ | ଅଷ୍ଟମ ରୁ ଦଶମ | ପ୍ରଥମ - ୩୦୦୦/-<br>ଦ୍ୱିତୀୟ - ୨୦୦୦/- |
| | ୨ ବରିଷ୍ଠ ବର୍ଗ | ଏକାଦଶ ରୁ ଉର୍ଦ୍ଧ୍ୱ ତଥା ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ | ପ୍ରଥମ - ୩୦୦୦/-<br>ଦ୍ୱିତୀୟ - ୨୦୦୦/- |
| କୁଇଜ୍ ପ୍ରତିଯୋଗିତା | ଜନସାଧାରଣ | କୌଣସି ନିର୍ଦ୍ଦିଷ୍ଟ ବୟସ ସୀମା ନାହିଁ | ଘଟଣା ସ୍ଥଳରେ ପୁରସ୍କାର ପ୍ରଦାନ କରାଯିବ |

ରଙ୍ଗୋଲି ପ୍ରତିଯୋଗିତା ପାଇଁ ଆବଶ୍ୟକ ସାମଗ୍ରୀ ପ୍ରତିଯୋଗୀ ମାନେ ନିଜେ ଆଣିବେ। ଛାତ୍ର ଛାତ୍ରୀ ମାନେ ନିଜ ବିଦ୍ୟାଳୟ / ମହାବିଦ୍ୟାଳୟ ଦ୍ୱାରା ପ୍ରଦତ୍ତ ପରିଚୟ ପତ୍ର ଆଣିବେ।

## ସଡ଼କ ସୁରକ୍ଷା ଶପଥ

**ମୁଁ ଜଣେ ସଚେତନ ନାଗରିକ;**

- ମୁଁ ଦୁଇ ଚକିଆ ଯାନ ଚଳାଇବା ବେଳେ ସଠିକ୍ ହେଲ୍‌ମେଟ୍ ପିନ୍ଧେ ଓ ଚାରି ଚକିଆ ଯାନ ଚଳାଇବା ବେଳେ ସିଟ୍ ବେଲ୍ଟ ବ୍ୟବହାର କରେ। (ହଁ / ନାହିଁ)
- ମୁଁ ନିଶା ସେବନ କରି ଗାଡ଼ି ଚଳାଏ ନାହିଁ। (ହଁ / ନାହିଁ)
- ମୁଁ ଧାର୍ଯ୍ୟ ବେଗ ଠାରୁ ଅଧିକ ବେଗରେ ଗାଡ଼ି ଚଳାଏ ନାହିଁ। (ହଁ / ନାହିଁ)
- ମୁଁ ଗାଡି ଚଳାଇବା ବେଳେ ମୋବାଇଲ୍ ଫୋନ୍ ବ୍ୟବହାର କରେ ନାହିଁ। (ହଁ / ନାହିଁ)
- ରାସ୍ତାରେ ଯାତାୟତ କରୁଥିବା ସମସ୍ତଙ୍କ ଅଧିକାରକୁ ମୁଁ ସମ୍ମାନ ଦିଏ। (ହଁ / ନାହିଁ)

**ଯଦି ଆପଣଙ୍କର ପାଞ୍ଚଟି ଯାକ ଉତ୍ତର ହଁ ହୁଏ ତେବେ ଆପଣ ଜଣେ ସଚେତନ ନାଗରିକ।**

୩୦ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ କୁଇଜ୍ ପ୍ରତିଯୋଗିତା, ଚିନ୍ତାଧାରା ପ୍ରତିଯୋଗିତା ଓ ଡ଼ିଜିଟାଲ୍ ହାକାଥନ୍ ପ୍ରତିଯୋଗିତା ପାଇଁ ପଦକ୍ଷେପ ନିଆଯାଇଛି। କୁଇଜ୍ ପ୍ରତିଯୋଗିତାଟି ତା.୦୮.୦୨.୨୦୧୯ରିଖ ପର୍ଯ୍ୟନ୍ତ ସମସ୍ତ ଦିନ ୨୪ ଘଣ୍ଟା ଚାଲୁ ରହିଛି। କୁଇଜ୍ ପ୍ରତିଯୋଗିତା ପାଇଁ ଘୋଷିତ ପୁରସ୍କାର ବ୍ୟତୀତ ପ୍ରତିଦିନ ତିନିଜଣ ପ୍ରତିଯୋଗୀଙ୍କୁ ୧୦୦୦ ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି। ଏ ସମ୍ବନ୍ଧରେ ସବିଶେଷ ବିବରଣୀ ପାଇଁ www.odisharoadsafety.org / www.odishatransport.gov.in ୱେବସାଇଟ୍‌କୁ ଦେଖନ୍ତୁ।

ସୌଜନ୍ୟ :-
ଓଡ଼ିଶା ରୋଡ଼ ସେଫ୍ଟି ସୋସାଇଟି

## ସଂକ୍ଷେପରେ

### ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର

**ଖୁଣ୍ଟା, ୭।୨(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଶିମିଳିପାଳ ପାଦଦେଶରେ ଥିବା ଏକ ବନ୍ଧ ନିକଟରୁ ବୁଧବାର ଅପରାହ୍ନରେ ଝୁଲନ୍ତା ଅବସ୍ଥାରେ ଥିବା ଜଣେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି । ଯୁବକ ଜଣକ ହେଲେ ମାହାଲିବସା ଖଣ୍ଡାବୁଡା ଗ୍ରାମର ସୁକୁରା ସିଂ( ୨୫ )। ସେ ଗତ ରବିବାର ଠାରୁ ନିଖୋଜ ଥିଲେ। ତେବେ ଗତ ଦୁଇଦିନ ଧରି ଗ୍ରାମର ଅଳ୍ପ ଦୂରରେ ଥିବା ଲାଲସାହେବ ବନ୍ଧ ନିକଟକୁ ଯାଇଥିବା କେତେକ ଗୋରୁ ଚରାଳି ବନ୍ଧ ଅଞ୍ଚଳରେ ଦୁର୍ଗନ୍ଧ ହେଉଥିବା ଘଟଣା ଗ୍ରାମରେ କହିଥିଲେ ।ଏହା ଶୁଣି ପରିବାର ପକ୍ଷରୁ ଉକ୍ତ ଦୁର୍ଗନ୍ଧ ବାରିବାରି ବନ୍ଧ ନିକଟରେ ଥିବା ଏକ ନିଛାଟିଆ ସ୍ଥାନରେ ଶୁକୁରାଙ୍କ ଗଳିତ ମୃତ ଦେହ ଏକ ଗଛରେ ଝୁଲୁଥିବାର ଦେଖିଥିଲେ ।ସୂଚନା ପାଇ ଖୁଣ୍ଟା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଛି । ଏନେଇ ପୋଲିସ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୭/୧୯) ରୁଜୁ କରି ତଦନ୍ତ ଜାରି ରଖିଛି।

### ଜଙ୍ଗଲ ସୁରକ୍ଷା ଲାଗି ସଚେତନତା

**ବିଶୋଇ, ୭।୨(ଡି.ଏନ.ଏ.):** ବିଶୋଇ ବନ ବିଭାଗ ପକ୍ଷରୁ ଗୁରୁବାର ପଥରଖମ ଓ ବାଉଁସବୁଧି ଗ୍ରାମରେ ଜଙ୍ଗଲ ସୁରକ୍ଷା ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶୋଇ ବନ ବିଭାଗ ଅଧିକାରୀ ତପନ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶୋଇ ବନ ବିଭାଗ କର୍ମଚାରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ପ୍ରଥମେ ଏକ ବୈଠକ ବସିଥିଲା। ଉକ୍ତ ବୈଠକରେ ଜଙ୍ଗଲ ରେ ନିଆଁ ନ ଲଗାଇବା ବା ଲାଗିଲେ ଏକତ୍ରିତ ହୋଇ ଲିଭାଇବା, ଶିକାର ପାଇଁ କୌଣସି ଲୋକ ଜଙ୍ଗଲ ମଧ୍ୟକୁ ନଯିବା ଆଦି ବିଷୟରେ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା ଏବଂ ଗ୍ରାମବାସୀ ମଧ ଜଙ୍ଗଲରେ ନିଆଁ ଲିଭାଇବା ପାଇଁ ବୈଠକରେ ପ୍ରତିଶ୍ରୁତି ଦେଇଥିଲେ। ବୈଠକ ସମାପ୍ତ ପରେ ଉକ୍ତ ଦ୍ୱୟର ଗ୍ରାମବାସୀଙ୍କୁ ନେଇ ସଚେତନତା ନିମନ୍ତେ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ସଂଯୋଜକ ବିଜୟ କେତନ ବିଶ୍ୱାଳ, ମାନସ ରଞ୍ଜନ ମହାକୁଡ଼, ସସ୍ମିତା ଘୋଷ ପ୍ରମୁଖ ଭାଗନେଇ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ।

### କୃଷକ ସଙ୍ଗଠନ ପକ୍ଷରୁ ପ୍ରତିବାଦ ସଭା

**ଖୁଣ୍ଟା,୭।୨(ଡି.ଏନ.ଏ.):** ଭୁବନେଶ୍ୱରରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ହୋଇଥିବା ସଭାରେ ଯୋଗ ଦେବା ପାଇଁ ଖୁଣ୍ଟା ଓ ଗୋପବନ୍ଧୁନଗର ବ୍ଲକ ଦ୍ୱୟର ଚାଷୀମାନେ ଯାଉଥିବା ବସକୁ ଉଦଳା ପୋଲିସ ଅଟକ ରଖିଥିଲେ। ଏହି ଘଟଣାକୁ ନେଇ ବ୍ଲକ ଦ୍ୱୟର ଚାଷୀମାନେ ଖୁଣ୍ଟା ବ୍ଲକ ଅଧୀନ ବାହାନଡା ପଞ୍ଚାୟତ ସମ୍ମୁଖ ପଡ଼ିଆରେ ଏକତ୍ରିତ ହୋଇ ସରକାରଙ୍କ ଏହି କୃଷକ ଦମନ ନୀତିକୁ ଘୋର ବିରୋଧ କରିଥିଲେ। ଏହାକୁ ପ୍ରତିବାଦ କରି ବିଭିନ୍ନ ସରକାର ବିରୋଧୀ ସ୍ଲୋଗାନ ମାନ ଦେବା ସହିତ ଏକ ଶୋଭାଯାତ୍ରାରେ ବାହାରି ବାହାନଡା ଓ ଭୋଲାଗଡ଼ିଆ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା ପରିକ୍ରମା କରିଥିଲେ। ଭୁବନେଶ୍ୱର ମନା ପରି ଗାଁରେ ନେତାଙ୍କୁ ପୂରାଇ ନ ଦେବା ପାଇଁ ସରକାରଙ୍କ ଉଦ୍ଦେଶ୍ୟରେ ଚାଷୀମାନେ ଚେତାବନୀ ଦେଇଥିଲେ। ଏହି ପ୍ରତିବାଦ କାର୍ଯ୍ୟକ୍ରମର ସଙ୍ଗଠନର ଖୁଣ୍ଟା ବ୍ଲକ ସଂଯୋଜକ ଶକ୍ତିପଦ ପାତ୍ର , କମଳାକାନ୍ତ ମହାକୁଡ଼ ଓ ସକ୍ରିୟ ସଦସ୍ୟ ଜୟଦିପ ସାହୁ ନେତୃତ୍ୱ ନେଇଥିଲେ।

### ଆଇନ ସଚେତନତା ଶିବିର

**କୋଷ୍ଠା, ୭।୨(ଡି.ଏନ.ଏ.):** ସାଇ ଏଜୁକେସନାଲ ଟ୍ରଷ୍ଟ ଆନୁକୂଲ୍ୟର କୋଷ୍ଠା ପ୍ରାଙ୍ଗଣରେ ଏକ ଆଇନ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ଶିବିରରେ ପୋଲିସ ସୁପରିଟେଣ୍ଡେଣ୍ଟ ମୟୂରଭଞ୍ଜ, ଏସ.ଡି.ପି.ଓ. ବାରିପଦା, ଫାୟାର ଅଫିସର, ମୟୂରଭଞ୍ଜଙ୍କ ସହିତ ଶୁଳିଆପଦା ଥାନା ଅଧିକାରୀ ଯୋଗ ଦେବାର ସ୍ଥିର ହୋଇଛି। ଏଥିରେ ମୁଖ୍ୟତଃ ନାରୀ ସୁରକ୍ଷା ତଥା ଅଧିକାର ସମ୍ବନ୍ଧୀୟ ଆଇନ ଉପରେ ଆଲୋଚନା ହେବାର ସ୍ଥିର କରାଯାଇଛି।

# ସଙ୍କଟରେ ଶାଳପତ୍ର କୁଟୀରଶିଳ୍ପ

- ୫ ଲକ୍ଷ ଆଦିବାସୀଙ୍କ ଜୀବିକା ପ୍ରଭାବିତ
- ରାଜ୍ୟ ସରକାରଙ୍କ ରୟାଲଟି ଛାଡ ଘୋଷଣା
- କେନ୍ଦ୍ର ସରକାରଙ୍କ ଜିଏସ୍‌ଟିକୁ ନେଇ ବ୍ୟବସାୟୀ ମାନେ ଦ୍ୱନ୍ଦ୍ୱରେ

**କପ୍ତିପଦା,୭।୨(ଡି.ଏନ୍.ଏ)**


ଜଣେ ବେପାରୀ ଶାଳପତ୍ର ବିକ୍ରି କରିବାକୁ ନେଉଛନ୍ତି।

ମୟୂରଭଞ୍ଜ ଜିଲାର ଅଧିକାଂଶ ଲୋକ ଆଦିବାସୀ ସମ୍ପ୍ରଦାୟର। ଏହି ଆଦିବାସୀ ଲୋକମାନେ ଜଙ୍ଗଲରୁ ମିଳୁଥିବା ଶାଳପତ୍ର, ମହୁଲ, ଟୋଲ ଇତ୍ୟାଦି ଜଙ୍ଗଲରୁ ସଂଗ୍ରହ କରି ନିକଟବର୍ତ୍ତୀ ବଜାରରେ ବିକ୍ରି କରି ସେମାନେ ନିଜର ତେଲ ଲୁଣ ସଂସାର ଚଳାଇଥାନ୍ତି। ବିଶେଷ କରି ଏହି ଅଞ୍ଚଳରେ ଜନସାଧାରଣଙ୍କ ସାମାଜିକ ଓ ଅର୍ଥନୈତିକ ପ୍ରଗତୀରେ ଶାଳପତ୍ରର ପ୍ରମୁଖ ଭୂମିକା ରହିଛି। କିନ୍ତୁ ବର୍ତ୍ତମାନ ଜଙ୍ଗଲଜାତ ସାମଗ୍ରୀ ଉପରେ ବିଭାଗ ତରଫରୁ ନାନା ପ୍ରକାର କଟକଣା ଲାଗୁ କରାଯାଇଥିବାରୁ ସେମାନେ ପୂର୍ବ ପରି ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିପାରୁ ନାହାନ୍ତି।

କେନ୍ଦ୍ର ସରକାରଙ୍କ ଜିଏସଟି ଓ ରାଜ୍ୟ ସରକାରଙ୍କ ରୟାଲଟିକୁ ଲାଗୁକୁ ନେଇ ଏହି ଶିଳ୍ପ ବହୁ ମାତ୍ରାରେ ପ୍ରଭାବିତ ହୋଇଛି। ଶାଳପତ୍ର ବ୍ୟବସାୟର ପେଣ୍ଠସ୍ଥଳ ବେତନଟୀ ଓ ବାଲେଶ୍ୱର ଜିଲାର ବସ୍ତା ତଥା ଅନ୍ୟାନ୍ୟ ମଣ୍ଡି ମାନଙ୍କରେ ଅଚଳାବସ୍ଥା ଦେଖାଦେଲାଣି। ବନ ବିଭାଗ ନିକଟରୁ ରୟାଲଟି ଡିପୋଜିଟ କରି ବ୍ୟବସାୟୀ ମାନେ ଏହି ସବୁ ଜିନିଷର ରପ୍ତାନୀ ପାଇଁ ଟ୍ରାନ୍ସଫର ଟ୍ରାଞ୍ଜିଟ ଆଣିଥାନ୍ତି। ହେଲେ ରପ୍ତାନୀ ବନ୍ଦ ହୋଇଯିବା ଫଳରେ ବ୍ୟବସାୟୀ କିମ୍ବା କୌଣସି ପରିବହନ ସଂସ୍ଥା ଏହି ଟ୍ରାଞ୍ଜିଟ୍ ଆଣିବାର ଆବଶ୍ୟକ ପଡୁନାହିଁ। ଫଳରେ ବନ ବିଭାଗ ରାଜସ୍ୱ ହରାଉଛି। ଏହି ବ୍ୟବସାୟ ପାଇଁ କେତେ ଜିଏସଟି ଲାଗୁ ହେବ ଓ ଏହା ଆଦାୟ କରିବାର ମାଧ୍ୟମ କିପରି ହେବ ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇ ନ ଥିବା ବେଳେ ରାଜ୍ୟ ସରକାର କୁଇଣ୍ଟାଲ ପ୍ରତି ୮୬ ଟଙ୍କା ରୟାଲଟି ଆଦାୟ କୁରଥିବା ବେଳେ ତାହା ଛାଡ କରିବେ ବୋଲି ଘୋଷଣା କରିଛନ୍ତି। ମାତ୍ର ଏହି ରୟାଲଟି ଛାଡ ବାବଦରେ କୌଣସି ସରକାରୀ ଚିଠି ଅଦ୍ୟାବଧି ପାଇ ନ ଥିବାର କପ୍ତିପଦା ରେଞ୍ଜର ମହେଶ୍ୱର ସିଂ ପ୍ରକାଶ କରିଛନ୍ତି। କେବଳ କପ୍ତିପଦା ନୁହେଁ ଜିଲାର ୫ ଲକ୍ଷରୁ ଊର୍ଦ୍ଧ୍ୱ ଆଦିବାସୀଙ୍କ ଜୀବିକା ବହୁ ମାତ୍ରାରେ ପ୍ରଭାବିତ ହୋଇଛି। ସେମାନେ ପ୍ରତ୍ୟହ ସକାଳେ ଆଦିବାସୀ ମହିଳା ଓ ପୁରୁଷମାନେ ଜଙ୍ଗଲକୁ ଯାଇ ଶାଳ ଗଛ ମୂଳେ ପଡିଥିବା ଶୁଖିଲା ପତ୍ରକୁ ଆଣି ଜାଳ ରୂପେ ବ୍ୟବହାର କରୁଥିବା ବେଳେ କଞ୍ଚା ପତ୍ରକୁ ଆଣି ଦୁଇଟି ପତ୍ରକୁ ଯୋଡି ଖଡିକାରେ ସିଲାଇ କରି ଦ୍ୱିପତ୍ରୀ ତିଆରି କରିଥାନ୍ତି। ଏହି ଦ୍ୱିପତ୍ରୀ ୧ ହଜାରକୁ ସେମାନେ ୮୦ ଟଙ୍କା ଦରରେ ବିକ୍ରି କରିଥାନ୍ତି। ଜଣେ ଜଣେ ବ୍ୟକ୍ତି ଦିନକୁ ୩ ହଜାର ପାଖାପାଖି ପାଲି ପ୍ରସ୍ତୁତ କରି ୨ଶହରୁ ୨୫୦ ଟଙ୍କା ପାଖାପାଖି ରୋଜଗାର କରୁଥିବାର ଜଣାଯାଇଛି। ମୟୂରଭଞ୍ଜ ଜିଲାରୁ ପୂର୍ବରୁ ବହୁ ମାତ୍ରାରେ ଖଲିପତ୍ର ଉତ୍ପାଦନ ହେଉଥିବା ବେଳେ ସେତେବେଳେ ଏହା ଖଲିପତ୍ର ଶିଳ୍ପକୁ ପ୍ରୋତ୍ସାହନ ଯୋଗାଇବା ସହିତ ଏହାର ଆବଶ୍ୟକତାକୁ ପୂରଣ କରୁଥିଲା। ମାତ୍ର ସରକାର ଶାଳପତ୍ର ଉପରେ କୁଇଣ୍ଟାଲ ପ୍ରତି ୮୬ଟଙ୍କା ରୟାଲଟି ଲାଗୁ କଲେ। ଫଳରେ ଜିଲା ତଥା ରାଜ୍ୟ ବ୍ୟବସାୟୀମାନେ ପଶ୍ଚିମବଙ୍ଗ, ଛତିଶଗଡ ଓ ଝାଡଖଣ୍ଡ ରାଜ୍ୟର ବ୍ୟବସାୟୀଙ୍କ ସହିତ ପ୍ରତିଯୋଗିତା କରି ପାରି ନାହାନ୍ତି। ଯାହା ଫଳରେ ଚାହିଦା କମିବାରୁ ଶାଳପତ୍ର ତୋଳାଳୀ ବି ପ୍ରଭାବିତ ହୋଇଛନ୍ତି।

ଜାନୁୟାରୀରୁ ମାର୍ଚ୍ଚ ଓ ଜୁଲାଇରୁ ସେପ୍ଟେମ୍ବର ମାସରେ ପତ୍ର ତୋଳିବା ପରମିଟ ସରକାର ବନ୍ଦ କରିଛନ୍ତି। ପ୍ରତି ୩ ମାସରେ ଥରେ ବର୍ଷରେ ମୋଟ ୬ ମାସ କଟକଣା ଲାଗୁ କରାଗଲା। ଫଳରେ ୬ ମାସ ବ୍ୟବସାୟ ବନ୍ଦ ରହିବାରୁ ଏହି ବୃତ୍ତି ଓ ବ୍ୟବସାୟରୁ ସମସ୍ତେ ଦୂରେଇ ରହିବାକୁ ଲାଗିଲେ। ଶାଳପତ୍ର ଉପରୁ ରୟାଲଟୀ ଉଚ୍ଛେଦ ଓ ଜିଏସଟି ଦ୍ୱନ୍ଦ ଦୂର କରିବା ସହିତ ପତ୍ର ତୋଳିବା ସମୟ ଉପରୁ କଟକଣା ନ ଉଠାଇଲେ ଏହି ଶିଳ୍ପ ଦିନେ ହଜିଯିବାକୁ ବସିବ ଏଥିରେ ସନ୍ଦେହ ନାହିଁ। ଏ ସମ୍ପର୍କରେ କପ୍ତିପଦା ରେଞ୍ଜର ମହେଶ୍ୱର ସିଂଙ୍କୁ ପଚାରିବାରୁ ସେ କୁହନ୍ତି ରୟାଲଟି ଲାଗୁ ପରେ ଶାଳପତ୍ର ବ୍ୟବସାୟ ପ୍ରଭାବିତ ହୋଇଛି। ବର୍ତ୍ତମାନ ଜିଏସଟିର ଲାଗୁ ପରେ ଏହାର ରୂପରେଖା କଣ ହେବ କହି ହେବ ନାହିଁ।

## ସେଲ୍ଫି କର୍ଣ୍ଣର


ଦୟାନିଧି


ଅମିତ

**ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

# ସଡ଼କ ସୁରକ୍ଷା ସପ୍ତାହ ସଚେତନତା

- ନିୟମ ଉଲ୍ଲଂଘନକାରୀଙ୍କୁ ଛାତ୍ରୀଛାତ୍ର ଦେଲେ ଚକୋଲେଟ୍

**ଉଦଳା, ୭।୨(ଡି.ଏନ.ଏ.)**



ସଡ଼କ ସୁରକ୍ଷା ସଚେତନତା ରାଲିରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ଉଦଳାର ବିଭିନ୍ନ କଲେଜରେ ଏହି ଦିବସ ପାଳିତ ହୋଇଯାଇଛି। ଉଦଳା କଲେଜ ସମେତ ସ୍ଥାନୀୟ ଆରଡିଏସ୍ ଡିଗ୍ରୀ ମହାବିଦ୍ୟାଳୟରେ ମଧ ଏହି ଦିବସ ପାଳନ କରାଯାଇଛି। ଉଦଳା କଲେଜ ଏନସିସି ବିଭାଗର ଛାତ୍ରୀଛାତ୍ରମାନେ 'ସଡକ ସୁରକ୍ଷା ଜୀବନ ରକ୍ଷା' ସ୍ଲୋଗାନ୍ ଦେଇ ଏକ ଶୋଭାଯାତ୍ରାରେ ଉଦଳା କଲେଜରୁ ବାହାରିଥିଲେ। ତତସହିତ ଯେଉଁ ଗାଡି ଚାଳକମାନେ ନିୟମକୁ ଉଲ୍ଲଂଘନ କରି ଗାଡି ଚଳାଉଥିଲେ ସେମାନଙ୍କୁ ଚକୋଲେଟ୍ ପ୍ରଦାନ କରାଯିବା ସହିତ ଆଗାମୀ ଦିନରେ ନିୟମକୁ ପାଳନ କରି ଗାଡି ଚଳାଇବାକୁ ସଚେତନ କରାଯାଇଥିଲା। ମହାବିଦ୍ୟାଳୟର ଏନସିସି ଅଫିସର ଯୋଗେଶ ଚନ୍ଦ୍ର ମହାକୁଡଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ବେଳେ ଏଥିରେ କଲେଜ ଅଧ୍ୟକ୍ଷ ଜ୍ୟୋତିରଞ୍ଜନ ଦାସ,ଅଧାପକ ସୌମେନ୍ଦ୍ର ଦାଶଙ୍କ ସମେତ ବହୁ ଅଧାପକ ସାମିଲ ହୋଇଥିଲେ। ସେହିପରି ସ୍ଥାନୀୟ ବ୍ଲକ ଅଧିନ କୁଣ୍ଡାବାଇ ସ୍ଥିତ ଆରଡିଏସ୍ ଡିଗ୍ରୀ ମହାବିଦ୍ୟାଳୟରେ ମଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀମାନେ ମହାବିଦ୍ୟାଳୟ ପରିସରରୁ ହେଲମେଟ ପରିଧାନ କରି ଏକ ବାଇକ୍ ଶୋଭାଯାତ୍ରା କରି ସଚେତନ କରାଇଥିଲେ। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ଦିଲ୍ଲୀପ କୁମାର ପ୍ରାମାଣିକଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି ସଚେତନତା କାର୍ଯ୍ୟକ୍ରମରେ ସମସ୍ତଙ୍କୁ ଫୁଲ ପ୍ରଦାନ କରାଯାଇ ସଚେତନ କରାଯାଇଥିଲା।

ଖୁଣ୍ଟା ଆଜି ଗୁରୁବାର ଖୁଣ୍ଟା ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ଥାନା ଅଧିକାରୀ ସତ୍ୟଜିତ ଦାସଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀ ସହିତ ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀଛାତ୍ର ମାନେ ସଡ଼କ ସୁରକ୍ଷା ସମ୍ପର୍କିତ ସ୍ଲୋଗାନ ଦେଇ ଖୁଣ୍ଟା ବଜାର ପରିକ୍ରମା କରିଥିଲେ ଏବଂ ରାଜ୍ୟ ରାଜପଥର ପୁରୁଣାପାଣି ଛକ ଠାରେ ବାଇକ ଆରୋହୀ ତଥା ଅନ୍ୟ ଯାନବାହନ ଅଟକାଇ ଚାଳକଙ୍କୁ ଗୋଲାପ ଫୁଲ ଦେବା ସହିତ ହେଲମେଟ ପିନ୍ଧିବା, ସିଟ୍ ବେଲ୍ଟ ଲଗାଇବା ନିଶାଖାଇ ଗାଡି ନ ଚଳେଇବା ଇତ୍ୟାଦି ବିଷୟରେ ସଚେତନ କରିବା ସହିତ ଟ୍ରାଫିକ ନିୟନ୍ତ୍ରଣ କରିଥିଲେ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ

**କପ୍ତିପଦା,୭।୨(ଡ଼ି.ଏନ୍.ଏ)**

କପ୍ତିପଦା ବ୍ଲକ୍ ବଡ଼ବିଶୋଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଉଦ୍‌ଘାଟନ କରିଥିଲେ। ରାଜ୍ୟ ପୁରସ୍କୃତ ଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଏବିଇଓ ଜଗନମୋହନ ବେହେରା, ସ୍ୱତନ୍ତ୍ର ଅତିଥି ଭାବେ ବିଆର୍‌ସିସି ବଳରାମ ବେହେରା, ସମ୍ମାନିତ ଅତିଥିଭାବେ ଶ୍ରୀନାଥ ପରିଡ଼ା, ଯୋଗେନ୍ଦ୍ର ବାରିକ୍, ବାବୁରାମ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଲକ୍ଷ୍ମୀଧର ପାଢ଼ୀ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିବା ବେଳେ ପ୍ରଧାନଶିକ୍ଷକ ପ୍ରଶାନ୍ତ ବିଶ୍ୱାଳ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସୁକାନ୍ତି ରାଉତ, ସସ୍ମିତା ପାରମାଣିକ, ଶିକ୍ଷା କମିଟିର ସମସ୍ତ ସଦସ୍ୟ ଓ ଅଭିଭାବକ ବୃନ୍ଦ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସଭା ପ୍ରାରମ୍ଭରୁ ଅତିଥିମାନେ ବିଦ୍ୟାଳୟ ପରିସରରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଧୂପପୁଷ୍ପ ଅର୍ପଣ କରିଥିଲେ।

## ୨୩ରୁ ସ୍ୱାମୀ ନିଗମାନନ୍ଦଙ୍କ ଭକ୍ତ ସମ୍ମିଳନୀ

**ବେତନଟୀ ୭।୨(ଡି.ଏନ.ଏ.)**

ନିଗମାନନ୍ଦ ସରସ୍ୱତୀ ପରମହଂସଦେବଙ୍କ ୨୦ତମ ବିଭାଗୀୟ ଭକ୍ତ ସମ୍ମିଳନୀ ଫେବୃୟାରୀ ୨୩ ତାରିଖରୁ ୩ ଦିନ ବ୍ୟାପୀ ମୟୂରଭଞ୍ଜ ଜିଲା ବେତନଟୀ ଧର୍ମଶାଳା ସଭା ଗୃହରେ ଅନୁଷ୍ଠିତ ହେବ। ଏହି ସୂଚନା ବେତନଟୀ ବଙ୍ଗଳାଛକ ନିକଟସ୍ଥ ନିଗମାନନ୍ଦ ଆଶ୍ରମରେ ଏକ ପ୍ରେସମିଟ ଜରିଆରେ ଆଶ୍ରମର ନିମାଇଁ ଚରଣ ସାହୁ, ଡା. ତପନ କୁମାର, ସରୋଜ କୁମାର ପାତ୍ରଙ୍କ ଉପସ୍ଥିତିରେ ସୂଚନା ପ୍ରଦାନ କରାଯାଇଛି। ସୂଚନା ଅନୁସାରେ ବିଭାଗୀୟ ସମ୍ମିଳନୀ ମୟୂରଭଞ୍ଜର ବେତନଟୀ ମହିଳା ସଂଘର ମୁଖ୍ୟ ବନଜାବାସିନୀ ନାୟକଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ ପୌରୋହିତ୍ୟ କରିବା ପାଇଁ ଆସାମ, ବଙ୍ଗୀୟ ସାରସ୍ୱତ ମଠର ପୂଜ୍ୟ ପାଦ ମହନ୍ତ ସ୍ୱାମୀ ଦିବ୍ୟାନନ୍ଦ ସରସ୍ୱତୀ ମହାରାଜ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏଥିରେ ବହୁ ସାଧୁସନ୍ଥ ଯୋଗଦାନ କରି ଭକ୍ତ ଓ ଶିଷ୍ୟଙ୍କୁ ଆର୍ଶୀବାଦ ପ୍ରଦାନ କରିବେ। ୨୦ତମ ବିଭାଗୀୟ ସମ୍ମିଳନୀ କମିଟି ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ, ସ୍ୱାମୀ ପରମେଶ୍ୱରା ନନ୍ଦ ସରସ୍ୱତୀ, ସ୍ୱାମୀ ପ୍ରକାଶା ନନ୍ଦ ସରସ୍ୱତୀ ଭକ୍ତ ଓ ଶିଷ୍ୟମାନଙ୍କୁ ବହୁ ସଂଖ୍ୟାରେ ଯୋଗଦାନ କରିବା ପାଇଁ ନିବେଦନ କରିଛନ୍ତି।

## ସହରାଞ୍ଚଳରୁ ହଟାଗଲା ବ୍ୟାନର, ହୋର୍ଡିଂ

**ଉଦଳା, ୭।୨(ଡି.ଏନ.ଏ.)**

ଉଦଳା ମୁଖ୍ୟ ସହରାଞ୍ଚଳରେ ଦୀର୍ଘ ଦିନ ଧରିଥିବା ବ୍ୟବସାୟ ପ୍ରତିଷ୍ଠାନ ସମ୍ମୁଖରେ ହୋଇଥିବା ଜବରଦଖଲକୁ ଉଦଳା ଏନଏସି ଉଚ୍ଛେଦ କରିଛି। ତାଛଡା ନୂଆବର୍ଷ ଠାରୁ ମକର ଉତ୍ସବ ନିମନ୍ତେ ରାସ୍ତା ପାର୍ଶ୍ୱରେ ବିଭିନ୍ନ ରାଜନୈତିକ ଦଳ ଏବଂ ବ୍ୟବସାୟିକ ପ୍ରଚାର ନିମନ୍ତେ ଲଗାଯାଇଥିବା ବ୍ୟାନର ଗୁଡିକୁ ମଧ୍ୟ ଏନଏସି ପକ୍ଷରୁ ଉଚ୍ଛେଦ କରି ଦିଆଯାଇଛି। ଗୁରୁବାର ଦିନ ଦଶଟା ଠାରୁ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ରତନ କୁମାର ପଟ୍ଟନାୟକ ପୋଲିସ୍ ସହାୟତାରେ ଉପସ୍ଥିତ ରହି କର୍ମଚାରୀଙ୍କୁ ଲଗାଇ ଏହି ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ରତନ ପଟ୍ଟନାୟକଙ୍କ ସୂଚନା ଅନୁସାରେ କୌଣସି ରାଜନୈତିକ ଦଳର ବ୍ୟକ୍ତିବିଶେଷ କିମ୍ବା ବ୍ୟବସାୟ ପ୍ରତିଷ୍ଠାନର ପ୍ରଚାର ନିମନ୍ତେ ବ୍ୟାନର ପୋଷ୍ଟର ଆଦି ଏନଏସି ଇଲାକାରେ ଲଗାଉଥିବା ବେଳେ ଏନଏସି କାର୍ଯ୍ୟାଳୟରୁ କୌଣସି ଅନୁମତି ନେଉ ନାହାନ୍ତି। ଯାହାକୁ ନେଇ ଦୀର୍ଘ ଦିନ ଧରି ରାସ୍ତା ପାର୍ଶ୍ୱରେ ବଡ ବଡ ହୋର୍ଡିଂ ଲଗାଇ ରାସ୍ତାକୁ ସଙ୍କୁଚିତ କରୁଛନ୍ତି। ବ୍ୟାନର କିମ୍ବା ହୋର୍ଡିଂ ଲଗାଇଲେ ଏନଏସି କାର୍ଯ୍ୟାଳୟର ଅନୁମତି ନିହାତି ଜରୁରୀ। ନଚେତ୍ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


ଏନ୍ଏସି ଏରିଆରୁ ବେଆଇନ ହୋର୍ଡିଂ ଉଚ୍ଛେଦ ହେଉଛି।

# ଭିଜିଲାନ୍ସ ଜାଲରେ କିରାଣି, ପିଇଓ

**ବାରିପଦା ଅଫିସ/କୁଳିଅଣା/କୁଆମରା, ୭।୨(ଡି.ଏନ.ଏ.)**

ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇପଡିଛନ୍ତି ମୟୂରଭଞ୍ଜ ଜିଲା କୁଳିଅଣା ତହସିଲର କିରାଣି ନାଜିର ନବ କିଶୋର ଦାସ ଓ ଗୋପବନ୍ଧୁନଗର ବ୍ଲକ ଆରପଟା ପଞ୍ଚାୟତର ପିଇଓ ଦାସମାଥ ମୁର୍ମୁ। କିରାଣି ନାଜିର ନବକିଶୋର ୧୫ଶହ ଟଙ୍କା ଲାଞ୍ଚ ନେଉଥିବା ବେଳେ ପିଇଓ ଦାସମାଥ ୫ ହଜାର ଟଙ୍କା ଲାଞ୍ଚ ନେଉଥିଲେ।

ସୂଚନା ଅନୁସାରେ, ମୟୂରଭଞ୍ଜ ଜିଲା ଉଦଳା ଚୁଲିପୋଷୀ ଅଞ୍ଚଳର ସରୋଜ କୁମାର ପ୍ରଧାନ କୁଳିଅଣା ବ୍ଲକ ଗାଙ୍ଗରାଜ ଅଞ୍ଚଳରେ ତାଙ୍କ ପତ୍ନୀଙ୍କ ନାମରେ ଏକ ୬ ଡିସିମିଲ ଜମି କିଣିଥିଲେ। ଉକ୍ତ ଜମିଟି ସାରଦ(୨) କିସମର ଥିଲା। ସେ ଏହି ଜମିର କିସମ ପରିବର୍ତ୍ତନ କରି ଘରବାରିକୁ କରିବା ପାଇଁ କୁଳିଅଣା ତହସିଲରରେ ୩ ମାସ ପୂର୍ବରୁ ଆବେଦନ କରିଥିଲେ। ଏନେଇ କୁଳିଅଣା ତହସିଲ ପକ୍ଷରୁ କୁଚେଇ ଆରଆଇଙ୍କୁ ଏହାକୁ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ କୁହାଯାଇଥିଲା। ଆରଆଇ ମଧ ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ। ତେବେ ସରୋଜ ଏନେଇ ତହସିଲର କିରାଣି ନାଜିର ଦାସଙ୍କୁ ତାଙ୍କର ଘରବାଡି ପଟ୍ଟା କରିବା ପାଇଁ କହିଥିଲେ। କିରାଣି ତାଙ୍କର ପଟ୍ଟା କରିଦେବା ପାଇଁ ସରୋଜଙ୍କୁ ୩ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ସେମାନଙ୍କ ମଧ୍ୟରେ ମୂଲଚାଲ ହେବା ପରେ ସରୋଜ ୧୫ଶହ ଟଙ୍କା ଲାଞ୍ଚ ଦେବେ ବୋଲି ରାଜି ହୋଇଥିଲେ। ଏନେଇ ସରୋଜ ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ଅନୁସାରେ ସରୋଜ କିରାଣି ଦାସଙ୍କୁ ତାଙ୍କ ଅଫିସ କାର୍ଯ୍ୟାଳୟ ପରିସରରେ ଉକ୍ତ ୧୫ଶହ ଟଙ୍କା ଲାଞ୍ଚ ଦେଉଥିବା ବେଳେ ଭିଜିଲାନ୍ସ ବିଭାଗ ତାଙ୍କୁ ଗିରଫ କରିଥିଲା। ତାଙ୍କ ଠାରୁ ୧୫ଶହ ଟଙ୍କା ମଧ ଜବତ କରାଯାଇଛି। ଏହାସହ ତାଙ୍କ ଅଫିସ କାର୍ଯ୍ୟାଳୟ ସମେତ ତାଙ୍କ ଘର ଉପରେ ମଧ ଚଢ଼ାଉ କରାଯାଇଛି। ନାଜିର ନବ କିଶୋରଙ୍କୁ କୋର୍ଟଚାଲାଣ କରାଯାଇଥିବା ଭିଜିଲାନ୍ସ ଡିଏସପି ଶରତ କୁମାର ମହାପାତ୍ର କହିଛନ୍ତି। ଚଢ଼ାଉରେ ଇନ୍ସପେକ୍ଟର ଅନିରୁଦ୍ଧ ନାୟକ, ସବଇନ୍ସପେକ୍ଟର ଏସ ପୋଇଙ୍କ ସମେତ ଲଳିତ କୁମାର ରାଉତ, ତରୁଣ କୁମାର ପାଲବାବୁ, ବ୍ରଜକିଶୋର ପଟ୍ଟନାୟକ, ମନୋରଞ୍ଜନ ବେହେରା, ଗଣନାଥ ବେହେରାଙ୍କ ସହ ଅନ୍ୟମାନେ ସାମିଲ ଥିଲେ।

ସେହିପରି ପାଳଶା ଗ୍ରାମର ଦେବାଶିଷ ପୃଷ୍ଟି ନାମକ ଜଣେ ବ୍ୟକ୍ତି ଏକ ବିଜୁ ପକ୍କା ଘର ପାଇଁ ବିଧାୟକଙ୍କଠାରୁ ଲିଖିତ ଭାବେ ଆଣିବା ପରେ ବିଡିଓଙ୍କୁ ଦେଇଥିଲେ। ବିଡିଓ ଏହାକୁ ତଦନ୍ତ କରିବା ପାଇଁ ପିଇଓ ଦାସମାଥ ମୁର୍ମୁଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ପିଇଓ ଏଥିପ୍ରତି ସମୟ ଗଡାଇ ଚାଲିଥିଲେ। ଦେବାଶିଷ ପିଇଓ ମୁର୍ମୁଙ୍କୁ ଉକ୍ତ କାର୍ଯ୍ୟକୁ ଶୀଘ୍ର କରିବାକୁ ୫ ହଜାର ଟଙ୍କା ଗୁରୁବାର ପୁରୁଣା ବାରିପଦା ତେଲ ଟାଙ୍କି ନିକଟରେ ଦେଉଥିବା ବେଳେ ନିକଟରେ ଛପି ରହିଥିବା ଭିଜିଲାନ୍ସ କର୍ମଚାରୀ କାବୁ କରିନେଇଥିଲେ। ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରାଯାଇ ବାଲେଶ୍ୱର ଭିଜିଲାନ୍ସ ଅଫିସକୁ ନିଆଯାଇଛି।

## ଅବସରକାଳୀନ ସମ୍ବର୍ଦ୍ଧନା

**ଉଦଳା, ୭।୨(ଡି.ଏନ.ଏ.)**

ଉଦଳା ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ସହକାରୀ ଜିଲା ମଙ୍ଗଳ ଅଧିକାରୀ ତ୍ରିଲୋଚନ ଦାଶଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅନୁଷ୍ଠିତ ସଭାରେ ଉପଜିଲାପାଳ ଭଗବାନ ବେହେରା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ମୁଖ୍ୟ କିରାଣି ଅଜୟ ସେଠୀ, ରମେଶ ଚନ୍ଦ୍ର ପୃଷ୍ଟି ଯୋଗ ଦେଇଥିଲେ। ତ୍ରିଲୋଚନଙ୍କ ଜନମଙ୍ଗଳ କାର୍ଯ୍ୟ ସହ ସାଧାରଣ ଲୋକଙ୍କ ସେବାକୁ ଅନ୍ୟ ସରକାରୀ ଅଧିକାରୀ ଏବଂ କର୍ମଚାରୀ ଭୂୟସୀ ପ୍ରଶଂସା କରିଥିଲେ।

# ପୋଷ୍ଟ ଅଫିସ ବନ୍ଦ ନେଇ ଗ୍ରାହକ ଅସନ୍ତୁଷ୍ଟ

**ବଡ଼ସାହି, ୭।୨(ସ୍ୱ.ପ୍ର)**

କର୍ମଚାରୀ ଅଭାବରୁ ମଙ୍ଗଳବାର ବଡ଼ସାହି ଡାକଘର ସେବା ସକାଳ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବନ୍ଦ ରହିଥିଲା। ଫଳରେ ବହୁ ଉପଭୋକ୍ତା ଡାକ ସେବା ପାଇବାରୁ ବଞ୍ଚିତ ହୋଇ ଫେରିଥିଲେ। ସ୍ୱାସ୍ଥ୍ୟଗତ କାରଣ ଥିବାରୁ ପୋଷ୍ଟ ମାଷ୍ଟର ସତ୍ୟ ମହାନ୍ତ ଛୁଟିରେ ଥିଲେ ।ଡାକଘରେ କେବଳ ଜଣେ କର୍ମଚାରୀ ଥିବାରୁ ଏଭଳି ପରିସ୍ଥିତ ଉପୁଜିଥିଲା। ଖବରପାଇ ବାରିପଦାରୁ ପୋଷ୍ଟ ମାଷ୍ଟର ସଞ୍ଜିବ କୁମାର ସେଠୀ ବଡ଼ସାହି ଠାରେ ପହଞ୍ଚି ଅପରାହ୍ନରେ ଅଫିସ କାର୍ଯ୍ୟ ତୁଲାଇଛନ୍ତି। ଏହାକୁ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଅସନ୍ତୋଷ ଦେଖାଦେଇଛି। ସରକାରୀ ସଂସ୍ଥାରେ କର୍ମଚାରୀ ଅଭାବ ପାଇଁ ପ୍ରତିଦିନ ହେଉଥିବା ଟଙ୍କାର ନେଣଦେଣ କାର୍ଯ୍ୟ ହୋଇପାରୁନାହିଁ। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ କର୍ମଚାରୀ ନିଯୁକ୍ତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।


# ବାଳସୁଧାର ଗୃହକୁ ଗଲେ ଅଭିଯୁକ୍ତ ନାବାଳକ

**ବାରିପଦା ଅଫିସ, ୭।୨**

### ଛାତ୍ରୀ ଗର୍ଭବତୀ ଘଟଣା

ମୟୂରଭଞ୍ଜ ଜିଲା ମୋରଡା ବ୍ଲକର ଏକ ଆଶ୍ରମ ସ୍କୁଲର ଜଣେ ଷଷ୍ଠ ଶ୍ରେଣୀର ଛାତ୍ରୀ ଗର୍ଭବତୀ ହେବା ଘଟଣା ଜଣାପଡିବା ପରେ ତାଙ୍କୁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲରେ ପ୍ରସୂତି ବିଭାଗର ୟୁନିଟ-୧୦ରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅଭିଯୋଗକୁ ଭିତ୍ତି କରି ମୋରଡା ପୋଲିସ ଦଫା ୩୭୬(ଜି)/୩୭୬(କ୍ଲଜ ୩)/୩୭୬(୨ଆଇଏ) ପୋସ୍କୋ ଧାରାରେ ଏକ ମାମଲା (ନଂ.୧୦/୧୯) ରୁଜୁ କରଛି। ତଦନ୍ତ ବେଳେ ଏହି ଘଟଣାରେ ନାବାଳିକାଙ୍କ ସହପାଠୀ ଅଭିଯୁକ୍ତ ନାବାଳକ ସମ୍ପୃକ୍ତ ଥିବା ଜଣାପଡିଛି। ଅଭିଯୁକ୍ତ ନାବାଳକଙ୍କୁ ଗୁରୁବାର ବାରିପଦାସ୍ଥିତ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଥିଲା। ସେଠାରେ ତାଙ୍କର ଜାମିନ ଶୁଣାଣି ସ୍ଥଗିତ ରଖଯାଇଛି। ପରେ ତାଙ୍କୁ ଅନୁଗୋଳସ୍ଥିତ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ଆସନ୍ତା ୧୪ତାରିଖରେ ଏହି ମାମଲାର ଶୁଣାଣି ହେବ ବୋଲି ଜଣାପଡିଛି।

ସୂଚନା ଅନୁସାରେ, ମୋରଡା ଥାନା ଅଞ୍ଚଳର ଜଣେ ଛାତ୍ରୀ ଏବଂ ଠେଙ୍ଗାଡାଣ୍ଡି ଅଞ୍ଚଳର ଜଣେ ଛାତ୍ର ଏକ ଆଶ୍ରମ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପଢୁଥିଲେ। ସେମାନେ ବିଦ୍ୟାଳୟ ପରିସରରେ ଥିବା ପୃଥକ ହଷ୍ଟେଲରେ ରହୁଥିଲେ। ଏହି ସମୟରେ ଉଭୟଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ଥିବା ପୋଲିସ ଜାଣିବାକୁ ପାଇଛି।



ମନୁଷ୍ୟ ହୁଏତ ଉଡ଼ି ଶିଖରକୁ ଉଠିଯିବ, କିନ୍ତୁ ସେଠାରେ ସେ ବହୁଦିନ ପର୍ଯ୍ୟନ୍ତ ରହି ନ ପାରେ।
- ବର୍ଣ୍ଣାଡ ଶ



## ସଂକ୍ଷେପରେ

### ଏଟିଏମ୍ ଭାଙ୍ଗି ଲୁଟ୍ ଉଦ୍ୟମ



ବନ୍ତ, ୭।୨ (ସ୍ୱ.ପ୍ର.): ଭଦ୍ରକ ଜିଲା ବନ୍ତ ଥାନା ଅନ୍ତର୍ଗତ ଅଢ଼ାଳପଙ୍କସ୍ଥିତ ବ୍ୟାଙ୍କ ଅଫ୍ ବରୋଦା ଶାଖା ନିକଟସ୍ଥ ଏଟିଏମ୍‌ରୁ ବୁଧବାର ରାତିରେ ଦୁର୍ବୃତ୍ତମାନେ ଟଙ୍କା ଲୁଟ୍ ଉଦ୍ୟମ କରିଥିଲେ। ସେମାନେ ଏଟିଏମ୍ ମେଶିନକୁ ଭାଙ୍ଗି ଦେଇଥିଲେ ମଧ ଟଙ୍କା ନେଇପାରି ନାହାନ୍ତି। ଗୁରୁବାର ସକାଳେ ସ୍ଥାନୀୟ ଲୋକେ ଏଟିଏମ୍ ମେଶିନ ଭାଙ୍ଗିଥିବା ଦେଖି ବନ୍ତ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ କରିବାରୁ ଟଙ୍କା ଲୁଟ୍ ହୋଇ ନ ଥିବା ଜଣାପଡ଼ିଥିଲା।

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ବାସୁଦେବପୁର, ୭।୨ (ଡି.ଏନ.ଏ.): ବାସୁଦେବପୁର ବ୍ଲକ ଅଧୀନ ଇରମ ପଞ୍ଚାୟତ ପଟଣା ଗ୍ରାମର ଶ୍ରୀଧର ଓଝା(୨୨) ବିଦ୍ୟୁତ୍ ଆଘାତରେ ଗୁରୁବାର ପ୍ରାଣ ହରାଇଛନ୍ତି। ସେ ୱେଲ୍ଡିଂ ମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ବେଳେ ଏକ ଲୁହାରଡକୁ ଉପରକୁ ଟେକିବା ସମୟରେ ଏହା ୧୧ କେଭି ବିଦ୍ୟୁତ୍ ତାରରେ ଲାଗିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଚୋରାମଦ ବିକ୍ରି ବେଳେ ଧରାପଡ଼ିଲେ ୨ ବେପାରୀ

ଭଣ୍ଡାରିପୋଖରୀ, ୭।୨ (ଡି.ଏନ.ଏ.) : ଭଣ୍ଡାରିପୋଖରୀ ଥାନା ପୋଲିସ ବୁଧବାର ରାତିରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଚୋରାମଦ ବିକ୍ରି କରୁଥିବା ବେଳେ ୨ ବେପାରୀଙ୍କୁ ଗିରଫ ସହ ମଦ ଜବତ କରିଛି। ସେମାନେ ହେଲେ ଚକ୍ରଧର ଜେନା ଓ କୁରିଗାଁ ଗ୍ରାମର ସୁବାସ ବେହେରା। ଏନେଇ ପୋଲିସ ୨ଟି ମାମଲା (ନଂ.୧୩/୧୯ ଓ ୧୪/୧୯) ରୁଜୁ କରି ୨ଜଣଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଥିଲା। କଣ୍ଟି ଗ୍ରାମ ମୁଣ୍ଡରେ ଦେଶୀମଦ ବିକ୍ରି ପାଇଁ ନେଇ ଯାଉଥିବା ଚକ୍ରଧରଙ୍କୁ ପୋଲିସ ଗିରଫ କରି ତାଙ୍କଠାରୁ ୨୫ଟି ଆସ୍କାଫର୍ଟି ଜବତ କରିଥିଲା। ସେହିପରି କୁରିଗାଁ ଗ୍ରାମର ସୁବାସ ପାନ ଦୋକାନରେ ରଖି ଦେଶୀମଦ ବିକ୍ରି କରୁଥିବା ବେଳେ ପୋଲିସ ଚଢ଼ାଉ କରି ୨୨ଟି ଆସ୍କାଫର୍ଟି ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା।

### ବିଦାୟ ସମ୍ବର୍ଦ୍ଧନା

ଭଦ୍ରକ ଅଫିସ, ୭।୨: ସ୍ଥାନୀୟ ବାଞ୍ଛାନିଧି ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ସେନାପତିଙ୍କ ସଭାପତିତ୍ୱରେ ବିଦାୟୀ ଶିକ୍ଷକ ନବକିଶୋର ପାଣିଗ୍ରାହୀ ଓ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅତିଥି ଭାବେ ପୂର୍ବତନ ଛାତ୍ର ମଦନମୋହନ ନାୟକ, ସିଆର୍‌ଏସ୍ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ନାୟକ, ସିଆର୍‌ସିସି ଦିଲୀପ ପଣ୍ଡା, ଏସ୍‌ଏମ୍‌ସି ଓ ଏସ୍‌ଏମ୍‌ଡିସି ସଭ୍ୟାସଭ୍ୟ, ସଭାପତି ପ୍ରବୀର ନାୟକ, ସରପଞ୍ଚ ରୀନାରାଣୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଧରଣୀଧର ବେଜ ଧନ୍ୟବାଦ ଅର୍ପଣ କରିଥିଲେ।

### ଶିକ୍ଷାବିତ୍‌ଙ୍କ ପରଲୋକ

ଭଦ୍ରକ ଅଫିସ, ୭।୨: ତିହିଡ଼ି ବ୍ଲକ ଆରସା ଗ୍ରାମର ଶିକ୍ଷାବିତ୍ ଜଗନ୍ନାଥ ବେହୁରିଆଙ୍କର ଭଦ୍ରକ ଜିଲା ଚିକିତ୍ସାଳୟରେ ମୃତ୍ୟୁ ଘଟିଛି। ସେ ଭଦ୍ରକର ଆଇନଜୀବୀ ଜଗତଜ୍ୟୋତି ବେହୁରିଆଙ୍କ ବାପା। ବହୁ ଶିକ୍ଷକ ଓ ଆଇନଜୀବୀ ଭଦ୍ରକ କୁଆଁସସ୍ଥିତ ତାଙ୍କ ବାସଭବନକୁ ଆସି ଶେଷ ଦର୍ଶନ କରିଥିଲେ।

### ମୃତ ଚାଷୀଙ୍କ ପରିବାରକୁ ବୀମାରାଶି

ଚାନ୍ଦବାଲି, ୭।୨ (ଡି.ଏନ.ଏ): ପଞ୍ଚୁଟିକ୍ରି ସେବା ସମବାୟ ପକ୍ଷରୁ ବଇଁଚା ଗ୍ରାମର ମୃତ ଚାଷୀ ଅଜିତ ଗାରୁଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର ବୀମାରାଶି ଚେକ୍ ଗୁରୁବାର ପ୍ରଦାନ କରାଯାଇଛି। ଅଜିତଙ୍କ ସ୍ତ୍ରୀ ମିନତି ଓ ପୁଅ ଶମ୍ଭୁନାଥଙ୍କୁ ସମବାୟ ସମିତି ପକ୍ଷରୁ ଚେକ୍ ପ୍ରଦାନ କରାଯାଇଥିଲା। ବାଲେଶ୍ୱର-ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଧାମରାର ପରିଚାଳକ ନାରାୟଣ ଚନ୍ଦ୍ର ଦାସ, ସମିତି ସଭାପତି ଶ୍ରୀନିବାସ ନାୟକ, ସମ୍ପାଦକ ରବୀନ୍ଦ୍ର ପାଢ଼ୀ, ସହକାରୀ ଅଜୟ ନାୟକ, କାଳୀଚରଣ ମାଇତି, ନୃସିଂହ ସ୍ୱାଇଁ, ବିଚିତ୍ରାନନ୍ଦ ସେଠୀ ଓ ଦେବକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତାରେ ଧାନବସ୍ତା ରଖି ବସିଲେ ଚାଷୀ

ବନ୍ତ, ୭।୨ (ଡି.ଏନ.ଏ.)



ରାସ୍ତାରେ ଧାନବସ୍ତା ରଖି ଚାଷୀମାନେ ବସିରହିଛନ୍ତି।

- **ଅତିରିକ୍ତ ମଣ୍ଡି ଖୋଲିବାକୁ ଦାବି**
- **ପ୍ରତିଶ୍ରୁତି ପରେ ମଧ ଉଠିଲେନି**

ଭଦ୍ରକ ଜିଲା ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ପାନପଦୀ ଛକଠାରେ ଶତାଧିକ ଚାଷୀ ରାସ୍ତାରେ ଧାନବସ୍ତା ରଖି ବସିଥିବାବେଳେ ଅତିରିକ୍ତ ଧାନମଣ୍ଡି ଖୋଲାଯିବାକୁ ସିପିଆଇ ପକ୍ଷରୁ ଦାବି କରାଯାଇଛି। ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ବନ୍ତ ଶାଖା ଅଧୀନ ବସନ୍ତିଆ ସେବା ସମବାୟ ସମିତି ଉପରେ ବସନ୍ତିଆ ସମେତ ଆଡିଆ ଓ ରାମଚନ୍ଦ୍ରପୁର ପଞ୍ଚାୟତର ଚାଷୀ ନିର୍ଭର କରନ୍ତି। ବସନ୍ତିଆ ସମିତିଠାରୁ ରାମଚନ୍ଦ୍ରପୁର ଓ ଆଡିଆ ପଞ୍ଚାୟତ ପ୍ରାୟ ୧୦ କି.ମି. ଦୂର। ଫଳରେ ଚାଷୀମାନେ ସିଧାସଳଖ ମଣ୍ଡିରେ ଧାନ ବିକ୍ରି କରିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିସ୍ଥଳେ ରାମଚନ୍ଦ୍ରପୁର ଓ ଆଡିଆ ପଞ୍ଚାୟତର ମଧ୍ୟସ୍ଥଳ ପାଦପଦୀ ଛକଠାରେ ବୁଧବାରଠାରୁ ଶତାଧିକ ଚାଷୀ ରାସ୍ତାରେ ଧାନବସ୍ତା ପକାଇ ବସି ରହିଛନ୍ତି। ରାସ୍ତା ଉପରେ ଶହ ଶହ ଧାନବସ୍ତା ପଡ଼ି ରହିଥିବାରୁ ଚାଷୀଙ୍କଠାରୁ ତୁରନ୍ତ ଧାନ କ୍ରୟ କରିବା ପାଇଁ ଅତିରିକ୍ତ ମଣ୍ଡି ଖୋଲାଯିବାକୁ ସିପିଆଇ ଦାବି କରିଛି।

ଉଲ୍ଲେଖନୀୟ ଯେ, ଗତବର୍ଷ ପାନପଦୀ ଛକଠାରେ ଚାଷୀମାନେ ଧାନବସ୍ତା ପକାଇ ବସିଥିବା ବେଳେ ପ୍ରଶାସନ ପକ୍ଷରୁ ଚାଷୀଙ୍କଠାରୁ ଧାନ କ୍ରୟ କରାଯାଇଥିଲା। ପୂର୍ବବର୍ଷର ପ୍ରତିଶ୍ରୁତି ଅନୁଯାୟୀ ଉକ୍ତ ସ୍ଥାନରେ ମଣ୍ଡି ଖୋଲାଯାଇ ନ ଥିବାରୁ ଚାଷୀମାନେ ରାସ୍ତାରେ ଧାନ ପକାଇ ବସି ରହିଥିବା ପ୍ରକାଶ କରିଛନ୍ତି। ସିପିଆଇ ଶାଖା ସମ୍ପାଦକ ଜୟନ୍ତ ଜେନା, ମାର୍କଣ୍ଡ ବାରିକ, ରବୀନ୍ଦ୍ର ନାୟକ, ନବଘନ ସାହୁ, ଶେଷଦେବ ସାହୁ, ଧନେଶ୍ୱର ବେହେରା, ଶରତ ରାଉତ, ଲକ୍ଷ୍ମୀଧର ବେହେରା, ବଳରାମ ଜେନା, ତପନ ସାହୁ, ବାବାଜି ବେହେରା, ନିତ୍ୟାନନ୍ଦ ସାହୁ, ରବୀନ୍ଦ୍ର ସାହୁ, ବାବାଜି ଜେନାଙ୍କ ସମେତ ବହୁ ଚାଷୀ ଏଥିରେ ସାମିଲ ହୋଇଛନ୍ତି। ଖବର ପାଇ ଏସ୍‌ଆର୍‌ସିଏସ୍ ନିରଞ୍ଜନ ମାଝି, ବ୍ଲକ ଯୋଗାଣ ଅଧିକାରୀ ସୁଶାନ୍ତ କୁମାର ସାହୁ, ଏସ୍‌ସିଏସ୍‌ଓ ମାନସ ମହାପାତ୍ର, ସମବାୟ ସମିତି ସମ୍ପାଦକ ବିବେକାନନ୍ଦ ବିଶ୍ୱାଳ ପ୍ରମୁଖ ଘଟଣାସ୍ଥଳକୁ ଯାଇ ଉକ୍ତ ସ୍ଥାନରେ ମଣ୍ଡି ଖୋଲାଯିବା ସହ ତୁରନ୍ତ ଚାଷୀଙ୍କଠାରୁ ଧାନ କ୍ରୟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତଥାପି ଚାଷୀମାନେ ସେମାନଙ୍କ ସମସ୍ତ ଧାନ କ୍ରୟ ପରେ ଯାଇ ସେଠାରୁ ଉଠିବେ ବୋଲି ଜିଦ୍‌ରେ ଅଡ଼ି ବସିଛନ୍ତି।



ବିଏମ୍ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ସୁନାଗରିକ ହେବାକୁ ପରାମର୍ଶ

ଭଦ୍ରକ ଅଫିସ, ୭।୨

ହଳଦିଡିହସ୍ଥିତ ବିଏମ୍ ପବ୍ଲିକ ସ୍କୁଲର ୪ର୍ଥ ବାର୍ଷିକ ଉତ୍ସବ ମଦିନା ମଇଦାନଠାରେ ଅନୁଷ୍ଠିତ ହୋଇଯାଇଛି। ଚେୟାରମ୍ୟାନ ଶେଖ୍ ବାବୁଜାନଙ୍କ ଅଧ୍ୟକ୍ଷତାରେ ସ୍କୁଲ ଅଧ୍ୟକ୍ଷ ଶେଖ୍ ଅଜିଜୁଲ୍ଲା କାଦରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଭଦ୍ରକ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିକାଶ ଦାସ ମୁଖ୍ୟଅତିଥି, ଭଦ୍ରକ ବ୍ଲକ ଶିକ୍ଷାଧିକାରୀ ଶମ୍ଭୁନାଥ ପାଣିଗ୍ରାହୀ, ଗ୍ୟାଙ୍ଗଟକ ଏସ୍. ବି.ଡି. ଇଣ୍ଟରନ୍ୟାସନାଲ ସ୍କୁଲର ପୂର୍ବତନ ଅଧ୍ୟକ୍ଷ ମନୋରଞ୍ଜନ ଦୀକ୍ଷିତ, ଭଦ୍ରକ ମୁସ୍‌ଲିମ ଜମାତ୍‌ର ସଭାପତି ହାଜୀ ମହମ୍ମଦ ଅବଦୁଲ ବାରୀ ଓ ଏସ୍.ଏନ୍ ନବୀ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ର ଭବିଷ୍ୟତରେ ସୁନାଗରିକ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ସବାନା କାଦରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଳାବ୍ୟାଜ୍ ପିନ୍ଧି ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଆନ୍ଦୋଳନ



ଭଣ୍ଡାରିପୋଖରୀ ଗ୍ରାମ୍ୟ କୃଷି କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ କରିଛନ୍ତି।

ଭଣ୍ଡାରିପୋଖରୀ/ପଦ୍ମପୁର, ୭।୨ (ଡି.ଏନ.ଏ.)

ଓଡ଼ିଶା ରାଜ୍ୟ ଗ୍ରାମ୍ୟ କୃଷି କର୍ମଚାରୀ ଓ ମହିଳା ଗ୍ରାମ୍ୟ କୃଷି କର୍ମଚାରୀ ସଂଘର ନିଷ୍ପତ୍ତିକ୍ରମେ ବିଭିନ୍ନ ଦାବି ନେଇ ଭଣ୍ଡାରିପୋଖରୀ ବ୍ଲକ ଗ୍ରାମ୍ୟ କୃଷି କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ କରି ଆନ୍ଦୋଳନ କରିଛନ୍ତି। ସରକାରଙ୍କ ସମସ୍ତ ଯୋଜନାକୁ ସଫଳତାର ସହ ତୃଣମୂଳସ୍ତରରେ କରିଆସୁଥିବା ବେଳେ ସେମାନଙ୍କୁ ଅଣଦେଖା କରାଯାଉଥିବା ପ୍ରତିବାଦରେ ଏଭଳି ପଦକ୍ଷେପ ନିଆଯାଇଛି ବୋଲି କୃଷି କର୍ମଚାରୀମାନେ ପ୍ରକାଶ କରିଛନ୍ତି। ସଂଘର ଅଧ୍ୟକ୍ଷ ଅଭିମନ୍ୟୁ ପରିଡା, ଜିଲା ସଭାପତି ଆଲୋକ କୁମାର ନାୟକ, ସମ୍ପାଦକ ପ୍ରମୋଦ କୁମାର ନାୟକ, ଉପଦେଷ୍ଟା ସୁଧୀର କୁମାର ନାୟକଙ୍କ ନେତୃତ୍ୱରେ ବ୍ଲକ ଗ୍ରାମ୍ୟ କୃଷି କର୍ମଚାରୀ ମମତା ମଞ୍ଜରୀ ସେଠୀ, ନିରୁପମା ନାୟକ, ଆଶିଷ ରାଉତ, କମଳା କୁମାରୀ ପାତ୍ର, ସସ୍ମିତା ବେହେରା, ଅତିଥି ଚନ୍ଦ୍ର ବିଶ୍ୱାଳ, ସ୍ମୃତିରଞ୍ଜନ ରାଉତ, ଗୀତାଞ୍ଜଳି ପତି, ଶିବନାରାୟଣ ପାଣି ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

ସେହିପରି ବାସୁଦେବପୁର ବ୍ଲକର କାର୍ଯ୍ୟରତ ଗ୍ରାମ୍ୟ କୃଷି କର୍ମଚାରୀ ଓ ମହିଳା ଗ୍ରାମ୍ୟ କୃଷି କର୍ମଚାରୀ ୪ ଦଫା ଦାବି ନେଇ କଳାବ୍ୟାଜ୍ ପରିଧାନ କରିଛନ୍ତି। ସାମୂହିକ ଛୁଟିରେ ଯିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଗତ ଜାନୁୟାରୀ ୨୧ରେ ସଂଘ ତରଫରୁ କୃଷି ସଚିବଙ୍କୁ ଅବଗତ କରାଯାଇଥିଲା। ସଂଘର ସମସ୍ତ ସଦସ୍ୟ ଆସନ୍ତା ୭ ଦିନ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ କରିବା ସହ ୧୨ ତାରିଖଠାରୁ ସାମୂହିକ ଛୁଟିରେ ଯିବାକୁ ନିଷ୍ପତ୍ତି ହୋଇଥିବା ସଭାପତି ରୂପକ କୁମାର ଦାସ ଓ ସମ୍ପାଦକ ଶଶୀକାନ୍ତ ବେହେରା ସୂଚନା ଦେଇଛନ୍ତି।

## ଜମିଜମାକୁ କେନ୍ଦ୍ରକରି ଗଣ୍ଡଗୋଳ: ୨ ଗିରଫ

ଧାମନଗର, ୭।୨ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ଥାନା ଅଧୀନ ଲେଞ୍ଜରା ଗ୍ରାମରେ ଜମିଜମା ଦଖଲକୁ କେନ୍ଦ୍ରକରି ଗୁରୁବାର ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏହି ଘଟଣାରେ ପୋଲିସ ଉଭୟ ପକ୍ଷରୁ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରମେଶ ମଳିକ ଓ ଉପେନ୍ଦ୍ର ମଳିକ। ଏନେଇ ଉଭୟ ପକ୍ଷରୁ ଅଭିଯୋଗ କ୍ରମେ ଥାନାରେ ୭ ଜଣଙ୍କ ନାମରେ ୨ ଟି ମାମଲା(ନଂ.୧୨/୧୯ ଓ ୧୩/୧୯) ରୁଜୁ କରାଯାଇଛି। ୨ ଜଣ ଗିରଫ ହୋଇଥିବା ବେଳେ ଅନ୍ୟ ୫ ଜଣ ଫେରାର ଅଛନ୍ତି। ଧୂଷୁରୀ ଥାନା ଏସ୍‌ଆଇ ସୁଦିପ୍ତା ରାଉତରାୟ ଘଟଣାର ତଦନ୍ତ କରୁଛନ୍ତି।

## 'ଶିକ୍ଷା କ୍ଷେତ୍ରରେ ମାଇଲ୍‌ଖୁଣ୍ଟ ଥିଲେ ମୁରଲୀଧର'

ଭଦ୍ରକ ଅଫିସ, ୭।୨

ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ତ୍ୟାଗଭୂମି ପରିବାର ପକ୍ଷରୁ ଶିକ୍ଷକ, ସାମାଜିକ କର୍ମୀ, ସୁସାହିତ୍ୟିକ, ସଂଗଠକ ସ୍ୱର୍ଗତ ମୁରଲୀଧର ପଣ୍ଡାଙ୍କ ଉଦ୍ଦେଶ୍ୟରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଆଇନଜୀବୀ ତୁଷାରକାନ୍ତି ମହାନ୍ତିଙ୍କ ସଂଯୋଜନା ଓ ସଭାପତି ଅଜୟ ନାୟକଙ୍କ ଆବାହକତ୍ୱରେ ସଭା ହୋଇଥିଲା। ସାମାଜିକ କର୍ମୀ ଏସ୍.ଏମ୍ ଫାରୁକ, ଭଦ୍ରକ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ରାଉତ, ଶିକ୍ଷାବିତ୍ ସଦାଶିବ ନାୟକ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ମୁରଲୀଧର ଶିକ୍ଷା କ୍ଷେତ୍ରରେ ମାଇଲ୍‌ଖୁଣ୍ଟ ଥିଲେ ବୋଲି ସଭାରେ ମତପ୍ରକାଶ ପାଇଥିଲା। ପ୍ରାଧ୍ୟାପକ ବାସୁଦେବ ବାରିକ, ଡ. ପ୍ରଭାସ ମହାନ୍ତି, ବରିଷ୍ଠ ଅଧିବକ୍ତା ପର୍ଶୁରାମ ଦ୍ୱିବେଦୀ, ବାବୁଲାଲ ଦାସ, ବସନ୍ତ ମହାନ୍ତି, କବିଚନ୍ଦ୍ରିକା ପ୍ରସାଦ ମହାପାତ୍ର, ହରମୋହନ ଜେନା, ପ୍ରାଧ୍ୟାପକ କମଳାକାନ୍ତ ସ୍ୱାଇଁ, ଗଗନ ବିହାରୀ ରାଉତ, ଚାରୁଲତା ମହାପାତ୍ର, ଭଦ୍ରକ ଜିଲା ଓକିଲ ସଂଘ ସମ୍ପାଦକ ଗଦାଧର ବଳ ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସର ଦେଢ଼ଘଣ୍ଟିଆ ରେଳରୋକୋ



ରେଳଧାରଣାରେ କଂଗ୍ରେସ କର୍ମୀମାନେ ବସିଛନ୍ତି।

ଭଦ୍ରକ ଅଫିସ, ୭।୨

ଭଦ୍ରକ ରେଳ ଷ୍ଟେଶନ ଚରମ୍ପାଠାରେ ଫ୍ଲାଏ ଓଭରବ୍ରିଜ ନିର୍ମାଣ ଏବଂ ବିଭିନ୍ନ ଦ୍ରୁତଗାମୀ ଟ୍ରେନ ରହଣି ଦାବିରେ ତାରିଣୀ ଗେଟ୍ ନିକଟରେ ଗୁରୁବାର କଂଗ୍ରେସ ପକ୍ଷରୁ ଦେଢ଼ଘଣ୍ଟିଆ ରେଳରୋକୋ କରାଯାଇଥିଲା। ସକାଳ ୭ ଟାରୁ ସାଢ଼େ ୮ଟା ପର୍ଯ୍ୟନ୍ତ ରେଳରୋକୋ କରାଯାଇଥିଲା। ଏହି ସମୟ ମଧ୍ୟରେ କରମଣ୍ଡଳ ଏକ୍ସପ୍ରେସ, ପ୍ୟାସେଞ୍ଜର ଟ୍ରେନ ଓ ୨ଟି ମାଲଗାଡ଼ି ଅଟକିଥିଲା। ରେଳ ବିଭାଗର ଅଧିକାରୀମାନେ ଆସି ଫ୍ଲାଏଓଭର ବ୍ରିଜ ପାଇଁ ଆସନ୍ତା ୨୮ ତାରିଖରେ ଟେଣ୍ଡର ହେବା ସହିତ ୫ଟି ଏକ୍ସପ୍ରେସ ଟ୍ରେନ ରହଣି ନିମନ୍ତେ ରେଳ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା ପରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରେଳରୋକୋରୁ ହଟିଥିଲେ କଂଗ୍ରେସ କର୍ମୀ।

ପ୍ରକାଶ ଯେ, କିଛିଦିନ ପୂର୍ବେ ଭଦ୍ରକର ପୂର୍ବତନ ବିଧାୟକ ନରେନ ପଲାଇଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ରେଳ କର୍ତ୍ତୃପକ୍ଷ, ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଲିଖିତ ଭାବେ ଏ ସମ୍ପର୍କରେ ଜଣାଇଥିଲେ। ଏହାମଧ୍ୟରେ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ କଂଗ୍ରେସ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ କରାଯାଇଥିଲା। ଏସବୁ ଏକ୍ସପ୍ରେସ ଅନ୍ୟ ସବୁ ଷ୍ଟେଶନରେ ରହୁଥିବା ବେଳେ ଭଦ୍ରକ ଭଳି ଗୁରୁତ୍ୱପୂର୍ଣ୍ଣ ଷ୍ଟେଶନରେ ନ ରହିବା ଦୁର୍ଭାଗ୍ୟପୂର୍ଣ୍ଣ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଭଦ୍ରକ ଚରମ୍ପା ତାରିଣୀ ମନ୍ଦିର ଲେଭେଲ କ୍ରସିଂଠାରେ ଫ୍ଲାଏଓଭରବ୍ରିଜ ନ ଥିବାରୁ ଜରୁରିକାଳୀନ ପରିସ୍ଥିତିରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରେଳ କର୍ତ୍ତୃପକ୍ଷଙ୍କୁ ଏ ନେଇ ବାରମ୍ବାର ଜଣାଯାଇଥିଲେ ମଧ ଏହାର କୌଣସି ସମାଧାନ କରା ନ ଯିବାରୁ କଂଗ୍ରେସ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିଲା। ପୂର୍ବତନ ବିଧାୟକ ତଥା ପୂର୍ବତନ ଜିଲା ସଭାପତି ନରେନ ପଲେଇଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ଆନ୍ତଃ ବିଦ୍ୟାଳୟ ବାଳିକା କ୍ରୀଡ଼ା ପ୍ରତିଯୋଗିତା

ଭଦ୍ରକ ଅଫିସ, ୭।୨

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ୯ଟି ଉଚ୍ଚ ବିଦ୍ୟାଳୟର ଛାତ୍ରୀଙ୍କୁ ନେଇ ଆନ୍ତଃ ବିଦ୍ୟାଳୟ ବାଳିକା କ୍ରୀଡ଼ା ପ୍ରତିଯୋଗିତା - ୨୦୧୯ ଅନୁଷ୍ଠିତ ହୋଇଯାଇଛି। ୯ଟି ବିଦ୍ୟାଳୟର ୫୪ରୁ ଊର୍ଦ୍ଧ୍ୱ ଛାତ୍ରୀ ଏଥିରେ ଭାଗ ନେଇଥିଲେ। ଦୋସିଙ୍ଗା ହାଇସ୍କୁଲ ଖେଳପଡ଼ିଆରେ ଏହି ଏକଦିବସୀୟ କ୍ରୀଡ଼ା କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୟାଧର ସାମଲ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ୯ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ଆଦାନୀ ଫାଉଣ୍ଡେଶନ ତରଫରୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଙ୍କ ବୌଦ୍ଧିକ ବିକାଶ ସାଙ୍ଗକୁ ଶାରୀରିକ ବିକାଶ ଏବଂ ବାଳିକାମାନଙ୍କ ମଧ୍ୟରେ ଖେଳୁଆଡ଼ ମନୋଭାବ ଆଣି ପ୍ରତିଭାସମ୍ପନ୍ନ କ୍ରୀଡ଼ାବିତ୍ ଗଢ଼ିବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଲି କୁହାଯାଇଥିଲା।



ଦୌଡ଼ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀମାନେ।

## ଶିକ୍ଷକ ନିଯୁକ୍ତି ନ ହେଲେ ଆନ୍ଦୋଳନ

ଭଣ୍ଡାରିପୋଖରୀ, ୭।୨ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିରୋଡ ଫାଣ୍ଡି ଅଧୀନ ରାଜେନ୍ଦ୍ରପୁର ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ ଦୀର୍ଘଦିନ ଧରି ଶିକ୍ଷକ ସମସ୍ୟା ଲାଗି ରହିଛି। ଫଳରେ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଏହାକୁ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସ୍କୁଲ ସମସ୍ୟା ନେଇ ଗ୍ରାମବାସୀ ବୈଠକ କରି ଶୁକ୍ରବାର ସୁଦ୍ଧା ଶିକ୍ଷକ ନିଯୁକ୍ତି ଦିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଯାଏ ୮୬ ପିଲା ପାଠ ପଢୁଛନ୍ତି। ୮ଟି ଶ୍ରେଣୀ ପାଇଁ ମାତ୍ର ୪ ଶିକ୍ଷକ ଅଛନ୍ତି। ସେମାନଙ୍କ ମଧ୍ୟରୁ ବିଜ୍ଞାନ ଶିକ୍ଷକ ସିଆର୍‌ସିସି ଭାବେ କାର୍ଯ୍ୟ କରୁଛନ୍ତି। ଶିକ୍ଷକ ଅବ୍ୟବସ୍ଥା ସମ୍ପର୍କରେ ଗ୍ରାମବାସୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି।

## କଂଗ୍ରେସ କାର୍ଯ୍ୟକାରୀ ସଭାପତି ନଳିନୀ ପୁରସ୍କୃତ

ଭଦ୍ରକ ଅଫିସ, ୭।୨

ଭଦ୍ରକ ଜିଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ନଳିନୀକାନ୍ତ ମହାନ୍ତିଙ୍କୁ ତାଙ୍କର କାର୍ଯ୍ୟଦକ୍ଷତା ପାଇଁ ଅଖିଳ ଭାରତ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପୁରସ୍କୃତ କରିଛନ୍ତି। ଜିଲାରେ ଦଳୀୟ କାର୍ଯ୍ୟକ୍ରମ 'ଶକ୍ତି'କୁ ଲୋକଙ୍କ ନିକଟରେ ପହଞ୍ଚାଇବାରେ ଦକ୍ଷତାର ସହିତ କାର୍ଯ୍ୟ କରି ସେ ରାଜ୍ୟରେ ଶ୍ରେଷ୍ଠ ବିବେଚିତ ୪ ନେତାଙ୍କ ମଧ୍ୟରେ ରହିଛନ୍ତି। ବୁଧବାର ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଗସ୍ତ ଅବସରରେ ଭବାନୀପାଟଣାଠାରେ ଅନୁଷ୍ଠିତ ସଭାରେ ତାଙ୍କୁ ସମ୍ମାନିତ କରାଯାଇଥିଲା। ଦଳୀୟ ଯୋଜନା ଶକ୍ତି ଅଭିଯାନରେ ଅଧିକ ଲୋକଙ୍କୁ ଦଳ ସହିତ ଯୋଡ଼ି ସଂଗଠନକୁ ମଜଭୁତ କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କଠାରୁ ନଳିନୀକାନ୍ତ ମହାନ୍ତି ପୁରସ୍କାର ଗ୍ରହଣ କରୁଛନ୍ତି।

# ରଟନ୍ତିକାଳୀ ପୂଜାରେ ଝଲସୁଛି ଅସୁରାଳି

ଧାମନଗର, ୭।୨ (ଡି.ଏନ.ଏ.)

ମା' ରଟନ୍ତିକାଳୀ ପୂଜାରେ ଭଦ୍ରକ ଜିଲା ଧାମନଗର ବ୍ଲକ ଅସୁରାଳି ଅଞ୍ଚଳ ଝଲସୁଛି। ଅସୁରାଳି ବଜାରରେ ରଟନ୍ତିକାଳୀ ମଣ୍ଡପରେ ୭୨ତମ ସାର୍ବଜନୀନ ମା' ରଟନ୍ତିକାଳୀ ପୂଜା ମହୋତ୍ସବ ଧୁମ୍‌ଧାମ୍‌ରେ ଚାଲିଛି। ଗତ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଏହି ପୂଜା ୮ ଦିନ ଧରି ଚାଲିବ। ଏଥିପାଇଁ ଅସୁରାଳି ବଜାରକୁ ରଙ୍ଗିନ ଆଲୋକମାଳାରେ ସାଜସଜ୍ଜା କରାଯାଇଛି। ମା'ଙ୍କ ମଣ୍ଡପ ସମ୍ମୁଖରେ ଥିବା ଯାତ୍ରା ମଞ୍ଚରେ ବିଭିନ୍ନ କାର୍ଯ୍ୟକ୍ରମ ମଧ ଜାରି ରହିଛି। ସନ୍ଧ୍ୟାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଳି ଲାଗୁଥିବାବେଳେ ମନୋହରି ଦୋକାନ, ବିଭିନ୍ନ ଦୋଳି, ଚିଡ଼ିଆଖାନା, ସର୍କସ, ମୀନାବଜାରରେ ବୁଲି ଦର୍ଶକମାନେ ମଜା ଉଠାଉଛନ୍ତି। ପୂଜା କମିଟି ଏବଂ ବଜାର କମିଟି ତରଫରୁ ପ୍ରତ୍ୟେହ ମା'ଙ୍କ ଦେବୀ ବଗଳାମୁଖୀ ଆବିର୍ଭାବ, ଚଣ୍ଡି ଆହୁତି ସମେତ ରିତିନୀତି ପୂଜା, ପ୍ରସାଦ ସେବନ ଏବଂ ସନ୍ଧ୍ୟା ଆଳତି କରାଯାଉଛି।

ଏହି ଅବସରରେ ବୁଧବାର ସନ୍ଧ୍ୟାରେ କମିଟି ତରଫରୁ ଅନୁଷ୍ଠିତ ସାଧାରଣ ସଭାରେ ବିଶିଷ୍ଟ କବି କାହ୍ନୁଚରଣ ରାଉତଙ୍କ ରଚିତ 'ଗୁନ୍ଥିଛି ମୁଁ ଏକ କବିତା ହାର' ପୁସ୍ତିକା ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ବଜାର କମିଟି ସଭାପତି ଡା. ସଦାନନ୍ଦ ଦାସ ଅଧ୍ୟକ୍ଷତା କରିଥିଲେ। ଡ. ରାମଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି, କବି କାହ୍ନୁଚରଣ ରାଉତ, ସଂଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ସୁବାସ ଚନ୍ଦ୍ର ମଲ୍ଲିକ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅମରେନ୍ଦ୍ର ନାୟକ, ଅଶୋକ ନାୟକ, ଶରତ ଚନ୍ଦ୍ର ନାୟକ, ନାଟ୍ୟ ନିର୍ଦ୍ଦେଶକ ସାରଥୀ ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ସାହୁ, ଅସୁରାଳି ସରପଞ୍ଚ ରାଜେନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କୋଠାର ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟବ୍ରତ ଭାରତୀ ଅତିଥି ପରିଚୟ ପ୍ରଦାନ ଏବଂ ଦେବରାଜ ଖଟୁଆ ଧନ୍ୟବାଦ ଦେଇଥିଲେ। ବଜାର କମିଟି ସମ୍ପାଦକ ଅଜୟ ସ୍ୱାଇଁ, ଉପସଭାପତି ହରିହର ବେହେରା, ଉପଦେଷ୍ଟା ରଘୁନାଥ ଦାସ, ଜଗନ୍ନାଥ ଦାସ, ଅକ୍ରୁର କବି ଓ ଅମୂଲ୍ୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସଭା ପରେ ବିଦ୍ୟାଳୟ ସ୍ତରୀୟ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ଗୁରୁବାରଠାରୁ ଅପେରା ଇନ୍ଦ୍ରଭୁବନ ପ୍ରଦର୍ଶନ ପାଇଁ ଅସୁରାଳି ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି।



ମଣ୍ଡପରେ ପୂଜା ପାଉଥିବା ମା' ରଟନ୍ତିକାଳୀଙ୍କ ମୃଣ୍ମୟୀ ମୂର୍ତ୍ତି।

# କେନ୍ଦୁପତ୍ର ଡିଏଫ୍ଓ କାର୍ଯ୍ୟାଳୟ ଘେରାଉ

■ମଜୁରି ଘୋଷଣାରେ ବିଳମ୍ବ
■ତୋଳାଳି, କର୍ମଚାରୀଙ୍କ ଅସନ୍ତୋଷ

କେନ୍ଦୁଝର, ୭।୨(ସ୍ୱ.ପ୍ର.)

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ କେନ୍ଦୁଝର ଡିଭିଜନ ପକ୍ଷରୁ ସ୍ଥାନୀୟ କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ (ଡିଏଫଓ)ଙ୍କ କାର୍ଯ୍ୟାଳୟକୁ ଗୁରୁବାର ଘେରାଉ କରାଯାଇଛି। କେନ୍ଦୁପତ୍ର ତୋଳାଳିଙ୍କ ବିଭିନ୍ନ ସମସ୍ୟାକୁ ନେଇ ଏହି ଘେରାଉ ହୋଇଛି। ସରକାର ସର୍ବନିମ୍ନ ମଜୁରି ନେଇ ଗତ ଅକ୍ଟୋବର ୩୦ରେ କାର୍ଯ୍ୟକାରୀ କରିଥିଲେ। ଅଦ୍ୟାବଧି କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ମୂଲ୍ୟ ଓ କର୍ମଚାରୀଙ୍କ ମଜୁରି କାର୍ଯ୍ୟକାରୀ ହୋଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ନିର୍ବାଚନ ଆଚରଣବିଧି ଲାଗୁ ହେବା ପୂର୍ବରୁ କାର୍ଯ୍ୟକାରୀ କରିବାକୁ ଡିଏଫଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦିଆଯାଇଛି। କେନ୍ଦୁପତ୍ର ତୋଳାଳି, ମୁନସୀ, ବନ୍ଧେଇ ଶ୍ରମିକ ଓ ସିଜନାଲ କର୍ମଚାରୀଙ୍କ ଉନ୍ନତି ପାଇଁ ସରକାର ବହୁ ଜନହିତକାରୀ ଯୋଜନା ପ୍ରସ୍ତୁତ କରିବା ସହ ନିଯୁକ୍ତି ଦେଇ ଆସୁଛନ୍ତି। ଚଳିତ ବର୍ଷ କେନ୍ଦୁପତ୍ର ଉତ୍ପାଦନ ଲକ୍ଷ୍ୟଧାର୍ଯ୍ୟ ହ୍ରାସ ପାଇଥିବାରୁ ନିଯୁକ୍ତି ହ୍ରାସ ଆଶଙ୍କା ଦେଖାଦେଇଛି ବୋଲି ସଙ୍ଗଠନର କେନ୍ଦୁଝର ଡିଭିଜନ ସମ୍ପାଦକ ରୋହିତ ଚୌଧୁରୀ କହିଛନ୍ତି।

ଆଦିବାସୀ ଛାତ୍ରୀଛାତ୍ରଙ୍କ ବୃତ୍ତି ଦେବା ବନ୍ଦ କରାଯିବାକୁ ନେଇ ସଂଘ ଉଦ୍‌ବେଗ ପ୍ରକାଶ କରିଛି। କେନ୍ଦୁପତ୍ର ଉପରେ ଜିଏସ୍‌ଟି ଲାଗୁ ହୋଇଛି। ଏ ନେଇ କେନ୍ଦୁପତ୍ର ବିକ୍ରୟରେ ବାଧାପ୍ରାପ୍ତ ହୋଇଛି। କେନ୍ଦୁପତ୍ର କର୍ମଚାରୀଙ୍କ ବୋନସ ଓ ମଜୁରି ହ୍ରାସ ପାଉଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କେନ୍ଦୁପତ୍ର ବିକ୍ରୟ ଲାଭାଂଶ ଶ୍ରମିକ ଓ ଜନ କଲ୍ୟାଣରେ ଉପଯୋଗ ହେଉଥିବାରୁ ଜିଏସ୍‌ଟି ହ୍ରାସ କରିବାକୁ କିମ୍ବା ସମ୍ପୂର୍ଣ୍ଣ ଉଚ୍ଛେଦ କରିବାକୁ ଦାବି ହୋଇଛି। ଏହା ବ୍ୟତୀତ କଲ୍ୟାଣ ପାଣ୍ଠିରୁ ହଜାରେ କେନ୍ଦୁପତ୍ର ବିକ୍ରୟ କରୁଥିବା ତୋଳାଳିଙ୍କୁ ସାମାଜିକ ନିରାପତ୍ତା ଦେଉଥିବା ବେଳେ ଏହାକୁ ହ୍ରାସ କରି ୫ଶହ କେନ୍ଦୁପତ୍ର ତୋଳାଳିଙ୍କୁ ଏହି ସୁବିଧା ଦେବା ସହ ସେମାନଙ୍କୁ ଇପିଏଫ୍ ପେନସନ ଭୁକ୍ତ କରିବାକୁ ଦାବି ହୋଇଛି। ଏହି ଆନ୍ଦୋଳନରେ ଡିଭିଜନର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ତୋଳାଳି, ଶ୍ରମିକ ଓ କର୍ମଚାରୀ ସାମିଲ ହୋଇଥିଲେ।


କେନ୍ଦୁପତ୍ର ତୋଳାଳି, କର୍ମଚାରୀ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

## ସଂକ୍ଷେପରେ

### ସର୍ବ ଭାରତୀୟସ୍ତରରେ ଅନୁସନ୍ଧ୍ୟା ପ୍ରଥମ



କେନ୍ଦୁଝର, ୭।୨(ସ୍ୱ.ପ୍ର.): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଳାଶପଙ୍ଗାର ଅନୁସନ୍ଧ୍ୟା ପ୍ରଧାନ ସର୍ବଭାରତୀୟ ସଂଘ ଲୋକ ସେବା ଆୟୋଗ ଦ୍ୱାରା ପରିଚାଳିତ ଯୁଗ୍ମ ଭୂ ବୈଜ୍ଞାନିକ ଏବଂ ଭୂତତ୍ତ୍ୱବିତ ୨୦୧୮ ପରୀକ୍ଷାରେ ସର୍ବ ଭାରତସ୍ତରରେ ପ୍ରଥମ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ଏ ନେଇ ରାଜ୍ୟ ତଥା ଜିଲା ଓ ପଳାଶପଙ୍ଗା ଅଞ୍ଚଳ ପାଇଁ ଗୌରବର ବିଷୟ ହୋଇଛି। ସେ ନିଜ ଗ୍ରାମରେ ଥିବା ସରସ୍ୱତୀ ଶିଶୁ ମନ୍ଦିରରେ ଅଧ୍ୟୟନ ପରେ ସନ୍ତେଭ ଉଚ୍ଚ ବିଦ୍ୟାଳୟରୁ ମେଟ୍ରିକ ପାସ କରିଥିଲେ। କେନ୍ଦୁଝରସ୍ଥିତ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟରୁ ବିଏସି ପାସ କରି ଆଇଆଇଟି ପଢିଥିଲେ। ଆଇଏସ୍‌ଏମ୍ ଧାନବାଦରୁ ୨୦୧୮ରେ ଏମଏସ୍‌ସି. (ଟେକ୍‌ଜିଓଲୋଜିକାଲ)ରେ କୃତକାର୍ଯ୍ୟ ହୋଇଥିଲେ। ଅନୁସନ୍ଧ୍ୟାଙ୍କ ବାପା ଅଭିମନ୍ୟୁ ପ୍ରଧାନ ଚମ୍ପୁଆ ଉପଖଣ୍ଡ ଯୋଡା ବ୍ଲକ ଅନ୍ତର୍ଗତ ବିଲେଇପଦା ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ ମା' ଗୀତାଞ୍ଜଳି ସେହି ବ୍ଲକର କାଳିଆବେଡା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ ମଧ କାର୍ଯ୍ୟ କରୁଛନ୍ତି।

### ଶିକ୍ଷୟିତ୍ରୀଙ୍କ ମାଡ଼ରେ ଛାତ୍ରୀ ଆହତ

ହାଟଡ଼ିହୀ, ୭। ୨(ଡି.ଏନ.ଏ.): ହାଟଡ଼ିହୀ ବ୍ଲକ ହଦଗଡ଼ ନୋଡ଼ାଲ ବିଦ୍ୟାଳୟର ଜଣେ ୫ ଶ୍ରେଣୀ ଛାତ୍ରୀ ଶିକ୍ଷୟିତ୍ରୀଙ୍କ ମାଡ଼ରେ ଆହତ ହୋଇଛନ୍ତି। ଏ ନେଇ ଛାତ୍ରୀଙ୍କ ପରିବାର ଲୋକ ଉକ୍ତ ବିଦ୍ୟାଳୟରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଗତ ମଙ୍ଗଳବାର ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଖାଇବାକୁ ଛାତ୍ରୀଙ୍କୁ ଅଣ୍ଡା ଦିଆଯାଇଥିଲା। ଛାତ୍ରୀ ଜଣଙ୍କ ଆଇସ୍କ୍ରିମ ଖାଇବା ପାଇଁ ମିଳିଥିବା ଅଣ୍ଡାକୁ ବିକି ଦେଇଥିଲେ। ତେଣୁ ଶିକ୍ଷୟିତ୍ରୀ ଛାତ୍ରୀଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଉତ୍ତେଜନା ଦେଖାଦେବାରୁ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ଚକ୍ର ଛାତ୍ରୀଙ୍କ ଘରକୁ ଯାଇ ବୁଝାସୁଝା କରିଥିଲେ। ଏ ବାବଦରେ ଏବିଇଓ ଧନେଶ୍ୱର ଖଣ୍ଡେଇଙ୍କୁ ପଚାରିବାରୁ ଘଟଣା ବାବଦରେ ଖବର ପାଇଛୁ। କୌଣସି ତଦନ୍ତ ହୋଇନି ବୋଲି ସେ କହିଛନ୍ତି।

### ଗଛ କଟା, ମୋରମ ଚାଲାଣ
#### ଅଭିଯୋଗ ପରେ କାମ ବନ୍ଦ



ଝୁମ୍ପୁରା, ୭।୨(ଡି.ଏନ.ଏ.): ଝୁମ୍ପୁରା ତହସିଲ ଅନ୍ତର୍ଗତ ୬ଟି ରାଜସ୍ୱ ସର୍କଲରେ ଲଘୁ ଖଣିଜ (ବାଲି, ମୋରମ, ପଥର) ଲୁଟ କରୁଥିବା ମାଫିଆଙ୍କ ପାଦୁର୍ଭାବ ବଢିବାରେ ଲାଗିଛି। ଜଙ୍ଗଲ ଜମିରୁ ଗଛ କାଟି, ମେଶିନ ଲଗାଇ ମୋରମ ଚାଲାଣ ହେଉଛି। ବସନ୍ତପୁର ପଞ୍ଚାୟତରେ ରାସ୍ତା ନିର୍ମାଣ ଆଳରେ ଜଙ୍ଗଲ ଜମିରୁ ଗଛକାଟି, ମେଶିନ ଦ୍ୱାରା ହାଇୱା ଟ୍ରକରେ ମୋରମ ଉତୋଳନ କରାଯାଉଛି। ଅଭିଯୋଗ ପରେ ବାମେବାରୀ ଫରେଷ୍ଟର ଯତୀନ୍ଦ୍ର ସାହୁ ଘଟଣାସ୍ଥଳକୁ ଯାଇ ମୋରମ ଉତ୍ତୋଳନ ବନ୍ଦ କରିଥିଲେ। ଏ ନେଇ ପଦକ୍ଷେପ ନିଆଯିବ ବୋଲି ଝୁମ୍ପୁରା ତହସିଲଦାର ଜନକ ନାୟକ କହିଛନ୍ତି।

### ଠିକାଦାରଙ୍କୁ ମାଡ଼ ମାରି ଜଣେ ଗିରଫ

ଯୋଡ଼ା, ୭।୨(ଡି.ଏନ.ଏ.): ଯୋଡ଼ାସ୍ଥିତ ଖଣ୍ଡବନ୍ଧ ଖଣିର ଟିପିଏଲ୍ କମ୍ପାନୀ ଠିକାଦାର ଉତ୍ପଳ ମଣ୍ଡଳଙ୍କୁ ମାଡ଼ ମାରିଥିବା ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଅଶୋକ ମଣ୍ଡଳ। ଗତ ସୋମବାର ଉକ୍ତ କମ୍ପାନୀରେ ନିଯୁକ୍ତି ପାଇଁ ପେଟି ଠିକାଦାର ଉତ୍ପଳଙ୍କୁ ଅଶୋକ ଅନୁରୋଧ କରିଥିଲେ। ସେ ଏ ନେଇ ଦୃଷ୍ଟି ନ ଦେବାରୁ ସ୍ଥାନୀୟ ଯୁବକଙ୍କ ମଧରେ ଅସନ୍ତୋଷ ଦେଖା ଦେଇଥିଲା। ଏ ନେଇ ଠିକାଦାରଙ୍କୁ ମାରପିଟ୍ କରାଯାଇଥିବା ଯୋଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା।

# ଅର୍ଥ ହଡ଼ପ ନେଇ ମାମଲା

ହାଟଡ଼ିହୀ, ୭।୨(ଡି.ଏନ.ଏ.)

ହାଟଡିହୀ ବ୍ଲକ ଉଅଁର ବୈତରଣୀ ମା' ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ବାସନ୍ତୀ ଜେନାଙ୍କ ନାମରେ ଅର୍ଥ ତୋଷାରପାତ ଅଭିଯୋଗ ହୋଇଛି। ରିଜ୍ୟୁଲେଶନ ଅନୁସାରେ ଗତ ମାର୍ଚ୍ଚ ୨୦୧୪ରେ ୧ ଲକ୍ଷ ୪୯ ହଜାର ଟଙ୍କା ସ୍ଥାନୀୟ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ଉଠାଣ ହୋଇଥିଲା। ପରବର୍ତ୍ତୀ ସମୟରେ ସେହି ଟଙ୍କା ଗୋଷ୍ଠୀ ନାମରେ ଥିବା ପାସ ବହିରେ ଜମା କରାଯାଇ ନ ଥିଲା। ଏହି ଗୋଷ୍ଠୀରେ ମୋଟ ୧୨ ଜଣ ସଦସ୍ୟା ଅଛନ୍ତି। ଅନ୍ୟ ସଦସ୍ୟାମାନେ ସଭାନେତ୍ରୀଙ୍କୁ ବାରମ୍ବାର ଟଙ୍କା ଫେରସ୍ତ ପାଇଁ କହିଥିଲେ ବି ସଭାନେତ୍ରୀ ଶୁଣି ନ ଥିଲେ। ଶେଷରେ ୧୧ ଜଣ ସଦସ୍ୟା ସଭାପତିଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୁଲିସ ସଭାନେତ୍ରୀ ବାସନ୍ତୀଙ୍କୁ ଶୁକ୍ରବାର ଥାନାରେ ହାଜର ହେବା ପାଇଁ ନୋଟିସ ଜାରି କରିଛନ୍ତି। ଗୋଷ୍ଠୀର କାମିନୀ ଜେନା, ବାସନ୍ତୀ ଜେନା, ମମତା ଜେନା, ପ୍ରତିମା ଜେନା, ରଶ୍ମିତା ଜେନା, ବସନ୍ତ ଜେନା, ପାରିଆ ଜେନା, ମନୋରମା ଜେନା, ସାବିତ୍ରୀ ଜେନା, ବିବୁନା ଜେନା ପ୍ରମୁଖ ଥାନାରେ ଅଭିଯୋଗ କରିଥିଲେ।


ଅଭିଯୋଗ କରିବାକୁ ଆସିଥିବା ମହିଳା।

# ରାସ୍ତା କାର୍ଯ୍ୟ ବନ୍ଦ କଲେ ଗ୍ରାମବାସୀ

■ ନିମ୍ନମାନର କାମକୁ ବିରୋଧ


ଗ୍ରାମବାସୀ ରାସ୍ତା କାର୍ଯ୍ୟକୁ ବନ୍ଦ କରିଛନ୍ତି।

ହାଟଡ଼ିହୀ, ୭।୨(ଡି.ଏନ.ଏ.)

ନିମ୍ନମାନର କାର୍ଯ୍ୟକୁ ବିରୋଧ କରି ରାସ୍ତା କାମକୁ ଗୁରୁବାର ଗ୍ରାମବାସୀ ବନ୍ଦ କରି ଦେଇଛନ୍ତି। ହାଟଡିହୀ ବ୍ଲକ ଆର୍‌ଡି ବିଭାଗ ଅଧୀନରେ ଇଂଚୋଳଠାରୁ ରମ୍ପାସ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ହେଉଛି। ଅଭିଯୋଗ ଅନୁସାରେ ଢ଼ଳେଇ ରାସ୍ତାରେ ଏଷ୍ଟିମେଟ ଅନୁଯାୟୀ କାର୍ଯ୍ୟ ହେଉନି। ନିମ୍ନମାନର ଚିପ୍ସ ବ୍ୟବହାର କରାଯାଉଛି। ଯେତିକି ସିମେଣ୍ଟ ଦିଆଯିବା କଥା ଦିଆଯାଉନି। ଇଚ୍ଛା ଅନୁସାରେ କାର୍ଯ୍ୟ କରାଯାଉଛି। ରାସ୍ତା କାର୍ଯ୍ୟ ସମୟରେ ଯନ୍ତ୍ରୀ ରହୁନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାସ୍ତାର ଦୁଇ ପାର୍ଶ୍ୱ ଗାର୍ଡ଼ ୱାଲର କଡ଼ରେ ଫିଲିଂ କରାଯାଉନି। ରାସ୍ତା ସମ୍ବନ୍ଧୀୟ ସୂଚନା ଫଳକ ନାହିଁ। ଏ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମର ଶତ୍ରୁଘ୍ନ ଖୁଣ୍ଟିଆ, ମହେଶ୍ୱର ସୂତାର, କୃଷ୍ଣଚନ୍ଦ୍ର ସୂତାର, ଅଭି ରାଉତ, ନବକିଶୋର ଜେନା, ଅଜୟ ବାରିକ, ଅତୁଳ ପେରେଇ, କୁଳମଣି ପଣ୍ଡା, ଶଙ୍କର୍ଷଣ ରାଉତ, ଶ୍ରୀବସ୍ତ ପେରେଇ ପ୍ରମୁଖଙ୍କ ସମେତ ବହୁ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିବା ବେଳେ ଯାହା ଅସୁବିଧା ଥିଲା ତାହା ସମାଧାନ ହୋଇଥିବା ସେ କହିଛନ୍ତି।

# ପିକ୍‌ଅପ୍ ଧକ୍କାରେ ଶିକ୍ଷକ ଗୁରୁତର

ଢେଙ୍କିକୋଟ, ୭।୨(ଡି.ଏନ.ଏ.)

ପଣ୍ଡାପଡା ଥାନା ଅନ୍ତର୍ଗତ ନୁଦୁରୁପଡ଼ା ଛକରେ ଗୁରୁବାର ୧୧ଟା ସମୟରେ ଏକ ପିକ୍‌ଅପ୍ ଧକ୍କାରେ ଜଣେ ହାଇସ୍କୁଲର ପ୍ରଧାନ ଶିକ୍ଷକ ଗୁରୁତର ହୋଇଛନ୍ତି। ସେ ହେଲେ ହରିଚନ୍ଦନପୁର ଥାନା ଅନ୍ତର୍ଗତ ମନହରପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀପତି ସାହୁ। ସ୍କୁଲ କାର୍ଯ୍ୟରେ କେନ୍ଦୁଝରକୁ ବାଇକ୍ ନଂ ଓଆର୦୯ଏଲ୍-୧୬୩୦ ଯୋଗେ ଯାଉଥିଲେ। ସେହି ସମୟରେ ଏକ ପିକ୍‌ଅପ୍ ଭ୍ୟାନ୍ ବଳଦ ବୋଝେଇ କରି ଦ୍ରୁତଗତିରେ ଆସି ତାଙ୍କ ବାଇକ ସହ ଧକ୍କା ହୋଇଥିଲା। ସେ ରାସ୍ତାରେ ଛିଟିକି ପଡିଥିଲେ। ଖବରପାଇ ପଣ୍ଡାପଡା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାହୁଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ପଠାଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି। ଢେଙ୍କିକୋଟ ପୋଲିସ ହାବିଲଦାର ବିଜୟ କୁମାର ଗିରୀ ସଦଳବଳ ନେଇ ଫେରାର ପିକ୍‌ଅପ୍‌କୁ ଜବତ କରିଥିଲେ। ଡ୍ରାଇଭରକୁ ଅଟକ ରଖି ପଣ୍ଡାପଡା ଥାନାକୁ ହସ୍ତାନ୍ତର କରାଯାଇଛି।

■ ୪ ଦଫା ଦାବି ପୂରଣ କର

# କଳାବ୍ୟାଜ ପିନ୍ଧିଲେ କର୍ମଚାରୀ


ପାଟଣା, ଢେଙ୍କିକୋଟରେ ପୋଲିସ କର୍ମଚାରୀ କଳାବ୍ୟାଜ୍ ପରିଧାନ କରିଛନ୍ତି।

ପାଟଣା/ଢେଙ୍କିକୋଟ, ୭।୨(ସ୍ୱ.ପ୍ର./ଡି.ଏନ.ଏ.)

୪ ଦଫା ଦାବି ପୂରଣ ପାଇଁ ସ୍ୱାମପାଟଣାରେ ଓଡ଼ିଶା ପୋଲିସ ହାବିଲଦାର, କନେଷ୍ଟବଳ ଓ ସିପାହୀ ମହାସଂଘ ପକ୍ଷରୁ କଳାବ୍ୟାଜ୍ ପରିଧାନ କରାଯାଇଛି। ପୋଲିସ ବିଭାଗରେ ଚୁକ୍ତି ଭିତ୍ତିକ ନିଯୁକ୍ତି ପ୍ରକ୍ରିୟା ବନ୍ଦ କରିବା, ଅଧିକ ଏକ ମାସର ପ୍ରାପ୍ୟ ବୃଦ୍ଧି, ସ୍ୱତନ୍ତ୍ର ଖାଦ୍ୟ ଭତ୍ତା ଓ ଅନ୍ୟ ଭତ୍ତା ବୃଦ୍ଧି ଓ ଚିକିତ୍ସା ବିମା ଲାଗୁ କରିବା ଆଦି ଦାବି ପୂରଣ ନେଇ ରାଜ୍ୟ ସରକାରଙ୍କ ସହ ଜାନୁୟାରୀ ୩୦।୦୧।୧୯ରେ ଆଲୋଚନା ହୋଇଥିଲା। କୌଣସି ସୁଫଳ ନ ମିଳିବାରୁ ୪।୦୨।୧୯ରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଥିଲା। ଗତ ୦୩।୦୨।୧୯ରେ ସରକାର ଆଲୋଚନା ପାଇଁ ଡାକି ଆଉ ଦୁଇ ଦିନ ସମୟ ମାଗିବାରୁ ଏହି ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିଲା। କୌଣସି ସୁଫଳ ନ ମିଳିବାରୁ କଳାବ୍ୟାଜ୍ ପରିଧାନ କରାଯାଇଥିବା ସୂଚନା ମିଳିଛି। ଦାବି ପୂରଣ ନ ହେଲେ ୦୮।୦୨।୧୯ରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ପାଟଣା ଥାନାର ହାବିଲଦାର ବିଶ୍ୱନାଥ ନାୟକ, କନେଷ୍ଟବଳ ଦୟାନିଧି ସାହୁ, ଲୋକନାଥ ନାୟକ, ବିମଳା ମାନସିଂହ, ଅମ୍ବିକା ମହାନ୍ତ, ପୂର୍ଣ୍ଣିମା ମହାନ୍ତ, ଭାଗ୍ୟଶ୍ରୀ ନାୟକ, ଲକ୍ଷ୍ମୀ ପ୍ରିୟା ବଳ, ଅସ୍ମିତି ନାୟକ, ଦିଲ୍ଲୀପ କୁମାର ବାରିକ, ଭାବଗ୍ରାହୀ ମହାନ୍ତ ଓ ଓଡିଶା ସହାୟକ ପୋଲିସ ବାହିନୀର ସବଇନ୍ସପେକ୍ଟର ବିକ୍ରମ ମୁଣ୍ଡା ଓ କନେଷ୍ଟବଳ ସୁବାସଚନ୍ଦ୍ର କିଷାନ କହିଛନ୍ତି।

ଢେଙ୍କିକୋଟ ପୋଲିସ ଫାଣ୍ଡିରେ ହାବିଲଦାର ବିଜୟ କୁମାର ଗିରି କନଷ୍ଟେବଳ ଶୁଶିଲ ମହାନ୍ତ, ସସ୍ମିତା ପ୍ରଧାନ, ରଞ୍ଜନ ସେଠୀ, ସୁଜିତ ସେଠୀ, ଜ୍ୟୋତିରଞ୍ଜନ ମହାନ୍ତ, ଦିବ୍ୟ ପ୍ରକାଶ ବାଗ ସିଂ ପ୍ରମୁଖ କଳାବ୍ୟାଟ୍ ମାରି କାର୍ଯ୍ୟରେ ଯୋଗ ଦେଇଥିଲେ। ସଂଘ ନିଷ୍ପତ୍ତି ଯାହା ନେବେ ଆମ୍ଭେ ମାନିବୁ ଏବଂ ସଂଘର ନିଷ୍ପତ୍ତିକୁ ସମ୍ମାନ ଦେବୁ ବୋଲି ହାବିଲଦାର ବିଜୟ ପ୍ରକାଶ କରିଛନ୍ତି। ଏଥିପ୍ରତି ସରକାର ତୁରନ୍ତ ଦୃଷ୍ଟି ଦେବା ପାଇଁ ଦାବି ହୋଇଛି।

# 'ଟୁ ଲଭ୍'ରେ ଗଣନାଥ

କେନ୍ଦୁଝର, ୭।୨(ସ୍ୱ.ପ୍ର.)

ପ୍ରେମ କାହାଣୀକୁ ନେଇ କ୍ଷୁଦ୍ର ସେନେମା 'ଟୁ ଲଭ୍'ର ଶୁଟିଂ ଚାଲିଛି। ଏହାର ପରିକଳ୍ପନା ଗଣନାଥ ମହାନ୍ତ କରିଛନ୍ତି। ଗଣନାଥ ଜଣେ ଶିକ୍ଷକ ହୋଇ ବି ନୃତ୍ୟ, ଗୀତ, ସିନେମା, ଡ୍ରାମା ଆଦିରେ ନିଖୁଣ ଅଭିନୟ ଓ ନିର୍ଦ୍ଦେଶନା ଦେଇଆସୁଛନ୍ତି। ଭଲ ପାଇବାରେ କେତେକ ନିବିଡ଼ତା ରହିଛି ଏହି କ୍ଷୁଦ୍ର ସିନେମାରେ। ସିନେମାରେ ଜଣେ ଭିକାରି ଓ ଭିକାରୁଣୀଙ୍କ ନିଖୁଣ ଅଭିନୟ ଦେଖିବାକୁ ମିଳିବ। ମୁଖ୍ୟ ଅଭିନୟରେ ଅସୀତା ଶତପଥୀ ଓ ଗଣନାଥ ମହାନ୍ତ ରହିଛନ୍ତି। କୀଚକେଶ୍ୱରୀ ଫିଲ୍ମସ ବ୍ୟାନରେ ନିର୍ମାଣ ହୋଇଥିବା ଏହି ସିନେମାର ନିର୍ଦ୍ଦେଶନା ରୁଦ୍ର (ମନ) ଦେଇଛନ୍ତି। ଏହା ବ୍ୟତୀତ ଏକ ଶିବ ଭଜନ ଓ ଏକ ମା' ତାରିଣୀ ଭଜନର ଶୁଟିଂ ଚାଲିଛି। ଯେଉଁଥିରେ ଗଣନାଥଙ୍କ ବ୍ୟତୀତ ରୁଦ୍ର, ପ୍ରଣିତା, ଟ୍ୱିଙ୍କଲ ଅଭିନୟ କରୁଛନ୍ତି। ଏଥିରେ କ୍ୟାମେରା ମ୍ୟାନ ଭାବରେ ଚିନୁ ରହିଛନ୍ତି। ମେକଅପ କରୁଛନ୍ତି ଶିଶିର। ଏହାର ଶୁଟିଂ କେତାଙ୍ଗ, ବାରହାଟିପୁରା, ଗୁଣ୍ଡିଚା ଘାଗୀ, ଘଟଗାଁ ଆଦି ଅଞ୍ଚଳରେ ହୋଇଥିବା ଗଣନାଥ ସୂଚନା ଦେଇଛନ୍ତି। ଭିନ୍ନକ୍ଷମ ହେଲେ ମଧ ଶିକ୍ଷକତା କରୁଥିବା ଗଣନାଥ ଅଭିନୟରେ ବେଶ୍ ପାରଙ୍ଗମ ଦେଖାଇପାରିଛନ୍ତି।


ଗଣନାଥ ଏବଂ ଅସିତା।

# ଧମକ ଦେଇ ଯୁବକ ଗିରଫ

ଯୋଡ଼ା, ୭।୨(ଡି.ଏନ.ଏ.)

ଯୋଡ଼ାସ୍ଥିତ ବନେଇକଳା ୫୨୦ ନଂ ଜାତୀୟ ରାଜପଥରେ ଥିବା ଏକ ଢାବାରୁ ବଟି ଆଦାୟ ପାଇଁ ଧମକ ଦେଇ ଜଣେ ଯୁବକ ଗିରଫ ହୋଇଛନ୍ତି। ଅଭିଯୋଗ ପାଇ ବିଜୁ ଲୋହାରଙ୍କୁ ପୋଲିସ ଗିରଫ କରିଛି। ବୁଧବାର ସନ୍ଧ୍ୟାରେ ବିଜୁ ବଟି ଆଦାୟ ପାଇଁ ଧମକ ଦେଇଥିଲେ। ଏ ନେଇ ଉକ୍ତ ଢାବାର ମାଲିକ ସଞ୍ଜୟ କୁମାର ଦାସ ଯୋଡ଼ା ଥାନାରେ ଲିଖିତ ଏତଲା ଦେଇଥିଲେ। ଯୋଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଥିଲା।

# ପ୍ରଣୟଙ୍କୁ ମିଳିଲା 'ମିଡିଆ ସମ୍ମାନ'

କେନ୍ଦୁଝର, ୭।୨(ସ୍ୱ.ପ୍ର.)

ବୈଦ୍ୟୁତିକ ଗଣମାଧ୍ୟମ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଓଡ଼ିଶା ସାମ୍ବାଦିକ ୟୁନିଅନ (ଓୟୁଜେ) ପକ୍ଷରୁ କେନ୍ଦୁଝରର ପ୍ରଣୟ କୁମାର ପାଣିଙ୍କୁ ମିଡିଆ ସମ୍ମାନରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱରଠାରେ ଅନୁଷ୍ଠିତ ୟୁନିଅନର ୨୪ତମ ବାର୍ଷିକ ଉତ୍ସବରେ ଏହି ସମ୍ମାନ ମିଳିଛି। ୧୯୯୯ରୁ ବିଭିନ୍ନ ଗଣମାଧ୍ୟମରେ କାମ କରି ପ୍ରଣୟ କ୍ରୀଡ଼ା କ୍ଷେତ୍ରରେ ମଧ ଉପଲବ୍ଧୀ ଲାଭ କରିଛନ୍ତି।


ପ୍ରଣୟ କୁମାର ପାଣି ସମ୍ମାନ ଗ୍ରହଣ କରୁଛନ୍ତି।

# ବାଲିଉସ୍ତ ନିଲାମ ପାଇଁ ୱାର୍ଡସଭା


ୱାର୍ଡସଭାରେ ଗ୍ରାମବାସୀ ଓ ଅନ୍ୟମାନେ।

ଚମ୍ପୁଆ, ୭।୨(ଡି.ଏନ.ଏ.)

ଚମ୍ପୁଆ ତହସିଲ ପକ୍ଷରୁ ଏନ୍‌ଏସି ଅଧୀନରେ ଥିବା ବାଲିଉସ୍ତ ନିଲାମ ପାଇଁ ୱାର୍ଡସଭା ଅନୁଷ୍ଠିତ ହୋଇଯାଇଛି। ୱାର୍ଡ ସଭାର ନିଷ୍ପତ୍ତି ପରେ ଏନଏସି ପକ୍ଷରୁ ତହସିଲ କାର୍ଯ୍ୟାଳୟକୁ ୱାର୍ଡବାସୀଙ୍କ ମତାମତ ପଠା ଯାଇଛି। ଏନ୍‌ଏସି ନିର୍ବାହୀ ଅଧିକାରୀ ସପନ କୁମାର ସାହୁଙ୍କ ଅଧକ୍ଷତାରେ ୱାର୍ଡ ସଭା ଅନୁଷ୍ଠିତ ହୋଇଥିଲା। ୨ ନଂ ୱାର୍ଡର ଶଙ୍କରପୁର ଓ ୫ ନଂ ୱାର୍ଡରେ ଥିବା ଘାଟକୁ ରାସ୍ତା ନ ଥିବାରୁ ବାଲି ଉଠିବା କଷ୍ଟକର ବୋଲି ମତ ପ୍ରକାଶ ପାଇଥିଲା।

# ରାସ୍ତା ଅବରୋଧ, ଯାତାୟାତ ଠପ୍

■ବିଛାଡ଼ି ହୋଇ ପଡୁଛି ପିଲେଟ ଗୋଲି
■ବୃଦ୍ଧି ପାଉଛି ଦୁର୍ଘଟଣା, ପ୍ରଶାସନ ଚୁପ

ଝୁମ୍ପୁରା, ୭।୨(ଡି.ଏନ.ଏ.)

ପଳାଶପଙ୍ଗା-ବାମେବାରୀ ରାସ୍ତା ଉପରେ ବିଛାଡି ହୋଇ ଲୌହ ପିଲେଟ ଗୋଲି ପଡୁଛି। ଏ ନେଇ ଦୁର୍ଘଟଣା ବୃଦ୍ଧି ପାଉଛି। ସବୁଜାଣି ପ୍ରଶାସନ ଚୁପ ରହିଥିବାରୁ କେତେକ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଗୁରୁବାର ରାସ୍ତା ଅବରୋଧ କରିଥିଲେ। ଗ୍ରାମବାସିନ୍ଦାଙ୍କ ସହ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଉକ୍ତ ରାସ୍ତାର ଧନୁର୍ଜୟପୁର ଗ୍ରାମ ନିକଟରେ ବସି ରହିଥିଲେ। ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ୨ ପାର୍ଶ୍ୱରେ ବହୁ ଖଣିଜ ବୋଝେଇ ଟ୍ରକ୍ ସହିତ ଯାତ୍ରୀବାହୀ ଗାଡି ଅଟକି ରହିଥିଲା। କଣ୍ଡରାପଶି, ଧନୁର୍ଜୟପୁର, ସତୀକୁଦର, କୁରଡିହି, ମଳଦା, ଧାତିକା, ଗୋଡୁଆଟୋପା ଆଦି ଗ୍ରାମ ବାସିନ୍ଦା ବାରମ୍ବାର ରାସ୍ତାରୁ ଟୋଲ ଆଦାୟ କରୁଥିବା କିଡ୍‌କୋ ଏବଂ ଆରଡେଣ୍ଟ ଷ୍ଟିଲ ପ୍ଲାଣ୍ଟ କର୍ତ୍ତୃପକ୍ଷ, ଆରଟିଓଙ୍କ ସହ ଥାନାରେ ଅଭିଯୋଗ କରି ଆସୁଛନ୍ତି। କେହି ଶୁଣିବାର ନାହିଁ। ଶେଷରେ ଲୋକେ ତାତି ଉଠିଛନ୍ତି। ପିଲେଟ ଯୋଗୁ ବାଇକ୍ ଆରୋହୀ, ସାଧାରଣ ପଥଚାରୀ ହଇରାଣ ହେଉଛନ୍ତି। ଗ୍ରାମବାସୀଙ୍କ ରାସ୍ତା ଅବରୋଧ ଯୋଗୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମୁଣ୍ଡବିନ୍ଧାର କାରଣ ହୋଇଛି।

ଖଣିଜ ବୋଝେଇ ଟ୍ରକ୍‌ଗୁଡିକରେ ତାରପୋଲିନ ଘୋଡାଇ ଠିକ ଭାବେ ପରିବହନ କରାଯାଉନି। ରାସ୍ତାରେ ବେପରୁଆ ଭାବେ ଖଣିଜ ବୋଝେଇ ଗାଡି ଚଳାଚଳ ହେଉଛି। ପରିବହନ ବିଭାଗ, ପୋଲିସ ମଧ ଯାଞ୍ଚ କରୁନି। ରାସ୍ତା ପାର୍ଶ୍ୱ ଗ୍ରାମବାସୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତାରେ ପିଲେଟ ଗୋଲି ପଡୁଛି। ପ୍ରଜନପୁର ସାଇଡିଂ ଏବଂ ନୟାଗଡ ସାଇଡିଂ ରାସ୍ତାରେ ପ୍ରବଳ ଧୂଳି ଉଡୁଛି। ଯାତାୟାତରେ ପ୍ରଭାବିତ ହେଉଥିବା ଗ୍ରାମବାସୀ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ପ୍ଲାଣ୍ଟ କର୍ତ୍ତୃପକ୍ଷ, ପରିବହନ ବିଭାଗର ମତାମତ ମିଳି ପାରିନାହିଁ। ସଦର ଥାନାଧିକାରୀ ସ୍ମୃତିପ୍ରଭା ପ୍ରଧାନଙ୍କୁ ପଚାରିବାରୁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।


ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି।

## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ହେବାକୁ ପରାମର୍ଶ


**ଔପଦା, ୭।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଔପଦା ବ୍ଲକ ସଦରସ୍ଥ ଔପଦା ଯୁକ୍ତ ୨ ମହାବିଦ୍ୟାଳୟ ପରିସରରେ ୪୧ତମ ସାଂସ୍କୃତିକ ଉତ୍ସବ ଅଧକ୍ଷ ନିତ୍ୟାନନ୍ଦ ଦାସଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଜାତୀୟ ସଙ୍ଗୀତ ପରିବେଷଣ ପରେ ଅଧାପକ ବ୍ରଜକିଶୋର ପାଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ଅଧକ୍ଷ ନିତ୍ୟାନନ୍ଦ ଦାସଙ୍କ ସ୍ୱାଗତଭାଷଣ ପ୍ରଦାନ କରିବା ପରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧାପକ (ଇଂରାଜୀ) ଡ. ଉମେଶ ଚନ୍ଦ୍ର ନାୟକ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ହେବାକୁ ପରାର୍ମଶ ଦେଇଥିଲେ। ସ୍ଥାନୀୟ ଏମ୍‌ପିଙ୍କ ପ୍ରତିନିଧି ଓ ପରିଚାଳନା କମିଟି ସଭ୍ୟ ଅଶୋକ କୁମାର ପ୍ରଧାନ ଓ ମଧୁସୂଦନ ମଲ୍ଲିକ ପ୍ରମୁଖ ଛାତ୍ରୀଛାତ୍ରମାନଙ୍କୁ କଠୋର ଅଧ୍ୟବସାୟ କରିବାକୁ ପରାମର୍ଶ ଦେଇଥିଲେ। ଅଧାପକ ପି.କେ. ଆଚାର୍ଯ୍ୟ ଧନ୍ୟବାଦ ଦେବା ପରେ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### ବିଜୁ ଯୁବବାହିନୀ ପକ୍ଷରୁ ୧୧୦ ୟୁନିଟ୍ ରକ୍ତ ସଂଗ୍ରହ



**ବାଲେଶ୍ୱର ଅଫିସ, ୭।୨:** ବିଜୁ ଯୁବବାହିନୀ ପକ୍ଷରୁ ବାଲେଶ୍ୱର ଟାଉନହଲ୍ ପରିସରରେ ଗୁରୁବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବବାହିନୀ ଜିଲା ସଂଯୋଜକ ବିଶ୍ୱମ୍ଭର ନାରାୟଣ ପ୍ରହରାଜ, ବରିଷ୍ଠ ଡା. ବସନ୍ତ କୁମାର ଉପାଧ୍ୟାୟ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲାର ବିଭିନ୍ନ ସ୍ଥାନରେ ଯୁବବାହିନୀ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ କରାଯାଇ ରକ୍ତ ଅଭାବ ସ୍ଥିତିକୁ ସୁଧାରିବା ପାଇଁ ଏକ ପ୍ରୟାସ ବୋଲି ପ୍ରହରାଜ କହିଥିଲେ। ରକ୍ତଦାନ ଶିବିରରେ ୧୧୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ପ୍ରୋଗ୍ରାମ ଅଫିସର ରାଜୀବଲୋଚନ ଜେନା ଓ ମନୋରଞ୍ଜନ ମିଶ୍ର, ସଦର ବ୍ଲକ ସଂଯୋଜକ ଭବାନୀ ଶଙ୍କର ପଣ୍ଡା, ପୌରାଞ୍ଚଳ ସଂଯୋଜକ ଦେବଶ୍ରୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳନା କରାଯାଇଥିଲା।

### ଅଗ୍ରଗାମୀ କ୍ଲବର ବାର୍ଷିକ ଉତ୍ସବ




ରୂପ୍‌ସା, ୭।୨(ଡି.ଏନ.ଏ.)- ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅନ୍ତର୍ଗତ ନିଳବାଡ଼ି ଅଗ୍ରଗାମୀ କ୍ଲବର ୧୬ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ କ୍ଲବର ସଭାପତି ପ୍ରଫୁଲ୍ଲ କୁମାର ଦାସ ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା 'ବେଦପୀୟୁଷ' ପତ୍ରିକାର ସମ୍ପାଦକ ତଥା ବିଶିଷ୍ଟ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର ପଣ୍ଡା, ମୁଖ୍ୟଅତିଥି ଆଙ୍ଗୋ ଯୋଗେନ୍ଦ୍ର ଆଞ୍ଚଳିକ ମହାବିଦ୍ୟାଳୟର ପ୍ରତିଷ୍ଠାତା ଡ. ତପନ କୁମାର ବେହେରା ଓ ସମ୍ମାନନୀୟ ଅତିଥି ଭାବେ ଦୟାନନ୍ଦ ଗୁରୁକୁଳ ଶିକ୍ଷାଶ୍ରମର ପ୍ରତିଷ୍ଠାତା ସୁରେଶ ଚନ୍ଦ୍ର ପାଣି ପ୍ରମୁଖ ଯୋଗଦେଇ ଯୁବସମାଜ ଆଧାତ୍ମିକ ଚେତନାରେ ବିଶ୍ୱାମିତ ହେଲେ ସୁସ୍ଥ ସମାଜ ଗଠନ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। କ୍ଲବର ଉପଦେଷ୍ଟା ବିଜୟ କୁମାର ରଣା ଅତିଥି ପରିଚୟ ଓ ସହସମ୍ପାଦକ ମଧୁସୂଦନ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଗ୍ରଣୀ ଚାଷୀ ସନାତନ ଦାସ ଓ ମହେଶ୍ୱର ରାଉଳ, ପ୍ରାକ୍ତନ ପ୍ରଧାନଶିକ୍ଷକ ଦୈତାରୀ ମଣ୍ଡଳ, ଆଦର୍ଶ ଗୃହିଣୀ ହୀରାମଣି ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟସ୍ତରୀୟ ସ୍ଲୋ-ସାଇକେଲ ରେସ, ମ୍ୟୁଜିକ ଚେୟାର, ଚିତ୍ରାଙ୍କନ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଉପସଭାପତି ଦେବବ୍ରତ ଗିରି ଧନ୍ୟବାଦ ଅର୍ପଣ କରିଥିଲେ। କ୍ଲବ ସଦସ୍ୟ ନିମାଇଁ ଦାସ, ରବୀନ୍ଦ୍ର ଦାସ, ରଣଜିତ ଦେ, କାର୍ତ୍ତିକ ପ୍ରଧାନ, କୋଷାଧକ୍ଷ ଯୋଗେନ୍ଦ୍ର ଦାସ ଓ ମୃତ୍ୟୁଞ୍ଜୟ ଦାସ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଜବରଦଖଲ ଉଚ୍ଛେଦ ନେଇ ଅସନ୍ତୋଷ

## ■ ସିପିଏମ, ଏସ୍‌ୟୁସିଆଇର ନିନ୍ଦା

**ଭୋଗରାଇ,୭।୨(ଡି.ଏନ.ଏ.)**



ଥାନାଛକରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

ବାଲେଶ୍ୱର ଜିଲା ଭୋଗରାଇର ଥାନାଛକ ଗୋଲେଇରେ ଥିବା ୭ ଦୋକାନକୁ ପ୍ରଶାସନ ପକ୍ଷରୁ ବୁଧବାର ଉଚ୍ଛେଦ କରାଯାଇଛି। ଅନ୍ୟ କେତେକ ଦୋକାନ ଘର ସାମ୍ନାକୁ ଆଂଶିକ ଭଙ୍ଗାଯାଇଛି। ଉଚ୍ଛେଦ ହୋଇଥିବା ଦୋକାନୀମାନେ ଗରିବ ଶ୍ରେଣୀର। ସେମାନେ କ୍ୟାବିନ୍ ପକାଇ ବେପାର କରି ଗୁଜରାଣ ମେଣ୍ଟାଉଥିବାରୁ ଉଚ୍ଛେଦ ପରେ ଅବସ୍ଥା ସଙ୍ଗିନ ହୋଇପଡ଼ିଛି। ଅନ୍ୟପକ୍ଷରେ ଏହି ଉଚ୍ଛେଦ ଝିଙ୍କିକା ମାରି ବଣି ପୋଷିବା ନୀତି ସହିତ ସମାନ ବୋଲି ସିପିଏମ୍ ଏବଂ ଏସ୍‌ୟୁସିଆଇ ପକ୍ଷରୁ ସମାଲୋଚନା କରାଯାଇଛି। ଏହା ଗରିବଙ୍କ ପେଟରେ ନାତ ମାରିବା ସହ ସମାନ ବୋଲି ସିପିଏମ୍ ନେତା ଅଧୀର ଗିରି ଗୋସ୍ୱାମୀ ଓ ଏସ୍‌ୟୁସିଆଇ ନେତା ନିରାକର ପାଣ୍ଡବ କହିଛନ୍ତି।

ଗୋଲେଇଠାରେ ଓଡ଼ିଶା ସଂସ୍କୃତି ବିଭାଗ ପକ୍ଷରୁ ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଲାଗି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟ ଗୋଲେଇରୁ ଟ୍ରାଫିକ୍ ଜାମ୍‌କୁ ହଟାଇବା ସହ ବ୍ୟାସକବିଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ୮ମିଟର ବ୍ୟାସାର୍ଦ୍ଧ ମଧ୍ୟରେ ସ୍ଥାନ ନିରୂପଣ ପାଇଁ ସିଦ୍ଧାନ୍ତ ନିଆଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ଉଚ୍ଛେଦ ପ୍ରଥମ ପର୍ଯ୍ୟାୟ, ଥାନାଛକ ଚଟାଣଠାରୁ ଦେଉଳାହାଟ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରୁ ଜବରଦଖଲ ହଟାଯିବ ବୋଲି ତହସିଲଦାର ଅଭୟ କୁମାର ନାୟକ କହିଛନ୍ତି। ଉଚ୍ଛେଦ ହୋଇଥିବା ଦୋକାନୀଙ୍କୁ ଖୁବ୍‌ଶୀଘ୍ର ଥଇଥାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଗୁରୁବାର ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ୨ଜଣ କର୍ମଚାରୀ ଥାନା ଛକକୁ ଆସି ବ୍ୟାସକବିଙ୍କ ପ୍ରତିମୂର୍ତ୍ତି ଲାଗି ସ୍ଥାନ ନିରୂପଣ କରିଛନ୍ତି।

# ଲେଭଲ କ୍ରସିଂରେ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟାରମ୍ଭ



ଅତିଥିଙ୍କ ଦ୍ୱାରା ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟର ଶୁଭ ଦିଆଯାଉଛି।

**ବାଲେଶ୍ୱର ଅଫିସ, ୭।୨**

ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ସେଟଲମେଣ୍ଟ ଅଫିସ୍ ନିକଟସ୍ଥ ଅଙ୍ଗାରଗଡ଼ିଆ ରେଲୱେ ଲେଭଲକ୍ରସିଂରେ ଗୁରୁବାର ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। କଲିକତାର ରେଲୱେ ଠିକାଦାର ଲାଖୋ-ସତ୍ୟେନ୍ଦ୍ର ଜୋଭି କମ୍ପାନୀ ଏହି କାମ କରିବ। ବାମପଦା ସୁରକ୍ଷା ମଞ୍ଚର ବାରମ୍ବାର ଆନ୍ଦୋଳନ ପରେ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ବିଧାୟକ ସୁଦର୍ଶନ ଯେନାଙ୍କ ଉଦ୍ୟମରେ ଏହି କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ବାମପଦା ସୁରକ୍ଷା ମଞ୍ଚର ସଭାପତି ବିଶ୍ୱଜିତ୍ ଘୋଷ କହିଛନ୍ତି।

ଏହି ଅବସରରେ ବାମପଦା ସୁରକ୍ଷା ମଞ୍ଚ ତରଫରୁ ଲେଭଲ କ୍ରସିଂଠାରେ ଶତାଧିକ ପଥଚାରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ବାମପଦା ସୁରକ୍ଷା ମଞ୍ଚର ଉପଦେଷ୍ଟା ଦିଲୀପ କୁମାର ନାୟକ, ଧୀରେନ୍ଦ୍ର ମହାପାତ୍ର, ଡ. ଦୀନବନ୍ଧୁ ମହାପାତ୍ର, କୈଳାସ ପତି ତିୱାରୀ, ଗୌରାଙ୍ଗ ପାଣିଗ୍ରାହୀ, ସମ୍ପାଦକ ଅନଙ୍ଗ ପଟ୍ଟନାୟକ, ସଭ୍ୟ ରାଜେନ୍ଦ୍ର ପଣ୍ଡା, ସନ୍ନ୍ୟାସୀ ବେହେରା, ରାମକୃଷ୍ଣ ରାଉତ, ରବୀନ୍ଦ୍ର ଦାସ, ସୀତାକାନ୍ତ ସ୍ୱାଇଁ, କମଳା ବିନ୍ଧାଣି, କାର୍ତ୍ତିକ ସେଠୀ, ଭାଜପା ଜିଲାସଭାପତି ମଦନ ମୋହନ ଦତ୍ତ, ଜିଲାପରିଷଦ ସଭ୍ୟ ବିପିନ ମାରାଣ୍ଡି, ସୀତାରାମ ପ୍ରଧାନ, ସରସ୍ୱତୀପୁର ସରପଞ୍ଚ ରଶ୍ମିରେଖା ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ■ ୧୭୩ କୋଟି ବ୍ୟୟରେ ହେବ 'ମେଗା ୱାଟର ସପ୍ଲାଏ ପ୍ରକଳ୍ପ'

# ଉପକୃତ ହେବେ ୧୧ ପଞ୍ଚାୟତବାସୀ

**ସଜନାଗଡ, ୭।୨(ଡି.ଏନ.ଏ.)**

ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବାକୁ ଦୀର୍ଘ ୪ବର୍ଷ ଧରି ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଦାବି କରିଆସୁଥିଲେ। ବହୁଦିନର ପ୍ରତୀକ୍ଷା ପରେ ଏହି ବିଷୟକୁ ଏମ୍‌ପି ରବୀନ୍ଦ୍ର କୁମାର ଜେନା ଗୁରୁତ୍ୱର ସହ ନେଇ ରାଜ୍ୟ ସରକାରଙ୍କଠାରେ ଦାବି ଉପସ୍ଥାପନ କରିଥିଲେ। ସରକାର ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ତରଫରୁ ଫେବୃୟାରୀ ୨ ତାରିଖରେ ୧୭୩ କୋଟି ଟଙ୍କା ବ୍ୟୟରେ ମେଗା ୱାଟର ସପ୍ଲାଏ ପ୍ରକଳ୍ପ ଲାଗି ମଞ୍ଜୁର ହୋଇଛି। ଏହି ପ୍ରକଳ୍ପ ରାଜ୍ୟ ସରକାରଙ୍କ ଯୋଜନା ବସୁଧାର ଅନ୍ତର୍ଭୁକ୍ତ। ଏହି ଖବର ପ୍ରକାଶ ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଏହି ପ୍ରକଳ୍ପ ଫଳରେ ନୀଳଗିରି ବ୍ଲକର ୧୧ଟି ପଞ୍ଚାୟତର ୧୦୦ରୁ ଊର୍ଦ୍ଧ୍ୱ ଗ୍ରାମକୁ ସୋନ ନଦୀରୁ ପାଇପ୍ ଯୋଗେ ପାଣିର ସୁବିଧା ଯୋଗାଇ ଦିଆଯିବ। ଖରାଦିନେ ଏହି ୧୧ଗୋଟି ପଞ୍ଚାୟତ ପାହାଡ଼ିଆ ହୋଇଥିବାରୁ ଭୂତଳ ଜଳସ୍ତର ବହୁ ନିମ୍ନକୁ ଚାଲିଯାଉଛି। ମେଗା ୱାଟର ସପ୍ଲାଏ ପ୍ରକଳ୍ପ ହେଲେ ସମସ୍ୟାର ସମାଧାନ ହୋଇପାରିବ। ଗ୍ରାମବାସୀ ଉଭୟ ବିଧାୟକ, ଏମ୍‌ପି ଏବଂ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ବିଦ୍ୟାଳୟର ବାର୍ଷିକୋତ୍ସବ

**ସୋର, ୭।୨(ଡି.ଏନ.ଏ.)**

ସୋର ବ୍ଲକ ସରଶଙ୍ଖ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଅନନ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସୋର ବ୍ଲକ ଶିକ୍ଷାଧିକାରୀ ବିଜୟ କୁମାର ମଲିକ, ମୁଖ୍ୟବକ୍ତା ଭାବେ ଖଇରା ମହାବିଦ୍ୟାଳୟର ଓଡ଼ିଆ ଅଧାପକ ପୂର୍ଣ୍ଣଚନ୍ଦ୍ର ନାୟକ, ସମ୍ମାନନୀୟ ଅତିଥି ଭାବେ ଶିଶୁକବି ଦେବେନ୍ଦ୍ର କୁମାର ପ୍ରଧାନ, ଏବିଇଓ ରାମଚନ୍ଦ୍ର ନାୟକ, ପ୍ରଦୀପ କୁମାର ସାହୁ, ନଦୀଗାଁ କ୍ଲଷ୍ଟର ସିଆରସିସି ଜିତେନ୍ଦ୍ର କୁମାର କର ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ଜେନା ଉପସ୍ଥିତ ଥିଲେ। ଶେଷରେ ବିଭିନ୍ନ କ୍ଷେତ୍ରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### କଳାବ୍ୟାଜ୍ ପିନ୍ଧିଲେ ପୋଲିସ୍

**ବାଲେଶ୍ୱର ଅଫିସ, ୭।୨**

ଓଡ଼ିଶା ପୋଲିସ ହାବିଲଦାର, କନଷ୍ଟେବଳ ସଂଘ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଶାଖା ପକ୍ଷରୁ ଗୁରୁବାର ସଂରକ୍ଷିତ ଆରକ୍ଷୀ ଅଫିସ୍ ସମ୍ମୁଖରେ ଏକାଠି ହୋଇ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟରେ ଯୋଗଦେଇଛନ୍ତି। ଦାବି ପୂରଣ ନହେଲେ ଶୁକ୍ରବାରଠାରୁ ଅସ୍ତ୍ର ଛାଡ଼ ଆନ୍ଦୋଳନ କରାଯିବ ବୋଲି ସିଦ୍ଧାନ୍ତ ନିଆଯାଇଥିବାର ସଂଘ ଜିଲା ସଭାପତି ଶ୍ରୀକାନ୍ତ ଷଡ଼ଙ୍ଗୀ ଜଣାଇଛନ୍ତି। ଆନ୍ଦୋଳନର ଜିଲା ଶାଖା ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା, ଉପସଭାପତି ଶ୍ରୀନାଥ ସାହୁ, ସମ୍ପାଦକ-୧ ପ୍ରେମନାଥ ସାମଲ, ସହ ସମ୍ପାଦକ-୨ କହ୍ନେଇ ଟୁଡ୍ଡୁ, କୋଷାଧକ୍ଷ ଶଶାଙ୍କ ଶେଖର ଉପାଧ୍ୟାୟ, କାର୍ଯ୍ୟକାରୀ ସଭ୍ୟ ଦୀପକ କୁମାର ପରିଡ଼ା, ରତିକାନ୍ତ ନାୟକ, ଚିତ୍ତରଞ୍ଜନ ପୃଷ୍ଟି, ପ୍ରକାଶ କୁମାର ଜେନା, ରଞ୍ଜନ କୁମାର ଦେହୁରୀ ପ୍ରମୁଖ ନେତୃତ୍ୱ ନେଇଛନ୍ତି।

# ୧୦ରୁ ଚିରନ୍ତନ ଚନ୍ଦ୍ରଶେଖର ମେମୋରିଆଲ କ୍ରିକେଟ

**ଖଇରା, ୭।୨(ଡି.ଏନ.ଏ.)**

ଖଇରା ବ୍ଲକ ଅଧୀନ ପତିରାଜପୁର ମିନିଷ୍ଟାଡିୟମରେ ଚଣ୍ଡିମାତା କ୍ଲବ ଆନୁକୂଲ୍ୟରେ ୨୨ତମ ଚିରନ୍ତନ ଚନ୍ଦ୍ରଶେଖର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୧୦ତାରିଖରୁ ଆରମ୍ଭ ହେବ। ଉଦ୍‌ଘାଟନୀ ମ୍ୟାଚରେ କଟକର ଟାଙ୍ଗି ୟୁଥ କ୍ଲବ ଚାନ୍ଦିପୁରର ବିକାଶ ମେମୋରିଆଲ କ୍ଲବକୁ ଭେଟିବ। ୧୧ତାରିଖରେ ବାଲେଶ୍ୱରର ରକି କ୍ଲବ କେନ୍ଦୁଝରର ୟୁନିକ କ୍ଲବକୁ ଏବଂ ୧୨ ତାରିଖରେ ଭୁବନେଶ୍ୱରର ସ୍କାନ ସ୍ପୋର୍ଟିଂ କେନ୍ଦୁଝରକୁ ଭେଟିବ । ସେହିଭଳି ଅନ୍ତିମ ଲିଗ୍‌ରେ ବାରିପଦାର ବିଜେଏମସିସି ଭୁବନେଶ୍ୱରର କ୍ରାଉନ କ୍ଲବକୁ ଭେଟିବ। ୧୪ରେ ପ୍ରଥମ, ୧୫ରେ ଦ୍ୱିତୀୟ ସେମିଫାଇନାଲ ଏବଂ ୧୬ତାରିଖରେ ଚିତ୍ତାକର୍ଷକ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏ ସମ୍ପର୍କରେ ମଙ୍ଗଳବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଚୂଡାନ୍ତ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ଉକ୍ତ ବୈଠକରେ କ୍ଲବର ସଭାପତି ସନ୍ତୋଷ କୁମାର ବେହେରା, ସମ୍ପାଦକ ଅକ୍ଷୟ ହାତୀ, ଅନ୍ୟତମ କର୍ମକର୍ତ୍ତା ଉଦ୍ଧବ ଘଡେଇ, ରବୀନ୍ଦ୍ର ମହାନ୍ତି, ପ୍ରଦୀପ ଘଡେଇ, ପ୍ରଭାତ ସାହୁ ସଦସ୍ୟ ରାଜେଶ ଜେନା, କୃପାସିନ୍ଧୁ ମହାନ୍ତି, ଅସିତ ନାୟକ, ରତିକାନ୍ତ ଦାସ, ଜୀବନ ପ୍ରଦୀପ ମହାପାତ୍ର, ଶୁଭକାନ୍ତ ନାୟକ, ଶଶିକାନ୍ତ ଘଡେଇ ଓ ବିଜୟ ନାୟକ ପ୍ରମୁଖ ଯୋଗ ଦେଇଥିଲେ ।

# ବିଭିନ୍ନ ଦାବିରେ ବ୍ଲକ ଆଗରେ ବିକ୍ଷୋଭ




ଭୋଗରାଇ ବ୍ଲକ ସମ୍ମୁଖରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)ର ବିକ୍ଷୋଭ ପ୍ରଦର୍ଶନ।

**ଭୋଗରାଇ, ୭।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସମ୍ମୁଖରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦାବିଗୁଡିକ ମଧ୍ୟରେ ଭୋଗରାଇର ସମସ୍ତ ଡାକ୍ତରଖାନାରେ ଅବିଳମ୍ବେ ସ୍ଥାୟୀ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ନିଯୁକ୍ତି ଦେବା, ମାଙ୍କଡ଼, ଷଣ୍ଡ ଉପଦ୍ରବକୁ ରୋକିବା ଦିଗରେ ଉପଯୁକ୍ତ ପଦକ୍ଷେପ ନେବା, ସ୍କୁଲ କଲେଜରେ ଖାଲି ପଡ଼ିଥିବା ଶିକ୍ଷକ, ଅଧାପକ, କର୍ମଚାରୀଙ୍କୁ ସ୍ଥାୟୀ ଭିତ୍ତିରେ ପଦବୀ ପୂରଣ କରିବା, ପ୍ରଥମ ଶ୍ରେଣୀରୁ ପାସ୍-ଫେଲ ପୁନଃ ପ୍ରଚଳନ କରିବା, ବିଜୁଳିକାଟ୍ ବନ୍ଦ କରି ବର୍ଦ୍ଧିତ ବିଲ୍ ବନ୍ଦ କରିବା ଓ ନିଶା କାରବାର ବନ୍ଦ କରିବା ଆଦି ଅନ୍ତର୍ଭୁକ୍ତ। ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)ର ଛାତ୍ର ସଙ୍ଗଠନ ଡିଏସ୍‌ଓ, ଗଣ ସଙ୍ଗଠନ ମହିଳା ସାଂସ୍କୃତିକ ସଂଘ ଓ ନିର୍ମାଣ ଶ୍ରମିକମାନେ ବ୍ଲକ ସମ୍ମୁଖରେ ଦୀର୍ଘ ସମୟ ଧରି ବିକ୍ଷୋଭ ଓ ପ୍ରତିବାଦ ସଭା କରିଥିଲେ। ଏସ୍‌ୟୁସିଆଇ ନେତା ନିରାକର ପାଣ୍ଡବ, ମହିଳା ସାଂସ୍କୃତିକ ସଂଘର ନେତ୍ରୀ ସରୋଜିନୀ ମହାନ୍ତି, ଡିଏସ୍‌ଓର ଛାତ୍ରନେତା ପ୍ରଶାନ୍ତ ଦାସ, ହରେକୃଷ୍ଣ ଦାସ, ଜୟକୃଷ୍ଣ ମଣ୍ଡଳ, କ୍ରିଷ୍ଣା ରାଣୀ, ନିର୍ମାଣ ଶ୍ରମିକ ନେତା ଗୁଣାଧର ମହାନ୍ତି, ସୁବାସ ଧଳ ପ୍ରମୁଖ ଦାବି ପୂରଣ ନ ନେଲେ ବୃହତର ଗଣ ଆନ୍ଦୋଳନ ହେବ ବୋଲି ପ୍ରତିବାଦ ସଭାରେ ଚେତାବନୀ ଦେଇଥିଲେ। ପରେ ଏକ ପ୍ରତିନିଧି ଦଳ ଭୋଗରାଇ ବିଡ଼ିଓ ଦୀପ୍ତିରଞ୍ଜନ ସେଠୀଙ୍କୁ ଏକ ସ୍ମାରକପତ୍ର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ।

# ସଡ଼କ ସୁରକ୍ଷା ସପ୍ତାହରେ ହେଲମେଟ୍ ବଣ୍ଟନ

**ରେମୁଣା, ୭।୨(ଡି.ଏନ.ଏ.)**

ଶେରଗଡ଼ ସ୍ଥିତ ଏସ୍‌ସି ପରିଚାଳିତ ସୋରେନ ଫିଲିଂ ଷ୍ଟେଶନ ଆନୁକୂଲ୍ୟରେ ୩୦ତମ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ଏହିଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ବିକାଶ ଚୌଧୁରୀ, ଡିଏସ୍‌ପି ମନବ୍ରତ ଶତପଥୀ ଯୋଗଦେଇ ସଡ଼କ ସୁରକ୍ଷା ସପ୍ତାହର ତାତ୍ପର୍ଯ୍ୟ ପ୍ରକାଶ କରିବା ସହିତ ରାସ୍ତାରେ ଯିବା ସମୟରେ ହେଲମେଟ୍ ପରିଧାନ କରିବା ଓ ମୋବାଇଲ୍ ବ୍ୟବହାର ନ କରିବା ଏବଂ ଅନ୍ୟ ଆନୁଷଙ୍ଗିକ ନିୟମମାନି ଚଳିବାକୁ ଲୋକମାନଙ୍କୁ ବୁଝାଇଥିଲେ। ଏହି ଅବସରରେ ଫିଲିଙ୍ଗ ଷ୍ଟେଶନ ପକ୍ଷରୁ ୧୦୦ ଜଣ ବାଇକ୍ ଚାଳକଙ୍କୁ ହେଲମେଟ୍ ବଣ୍ଟନ କରାଯାଇଥିଲା। ପୂର୍ବତନ ସରପଞ୍ଚ ସୁମନ୍ତ ଦାସ, ଉମାରାଣୀ ପତି, ଶଶଧର ପତି, ବସନ୍ତ କୁମାର ମହାପାତ୍ର, ସୁଶାନ୍ତ ମହାପାତ୍ର, ହୃଦୟରଞ୍ଜନ ଦାଶ, ଭାଗୀରଥି ମାଝି, ଅମିୟ କୁମାର ପତି, ସଞ୍ଜୟ ମହାନ୍ତି ଓ ପେଟ୍ରୋଲ ପମ୍ପର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ରବୀନ୍ଦ୍ରନାଥ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରାଯାଉଛି।

**ଖଇରା, ୭।୨(ଡି.ଏନ.ଏ.)**

ଖଇରା ବ୍ଲକ ଅଧୀନ ନିମପଲ୍ଲୀ ମିନି ଷ୍ଟାଡିୟମରେ ରବୀନ୍ଦ୍ରନାଥ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସରପଞ୍ଚ ଶୁଶାନ୍ତ ମହାକୁଡ ଏହାକୁ ଉଦ୍‌ଘାଟନ କରିଥିଲେ। କୃଷ୍ଣଦାସପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିପିନ ଚରଣ ଦାସ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ନଦୀଗାଁ ଚଣ୍ଡିମାତା କ୍ରିକେଟ ଟିମ୍ ଓ ସବିରା ୟୁଥ କ୍ଲବ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ସବିରା ୯୮ ରନ କରିଥିବା ବେଳେ ନଦୀଗାଁ ୭୬ରନ୍ କରି ପରାଜିତ ହୋଇଥିଲା। ସେହିଭଳି ୨ୟ ମ୍ୟାଚରେ ଡଗରପଡା କ୍ରିକେଟ ଆସୋସିଏଶନ ନନ୍ଦୁର କ୍ରିକେଟ ଟିମ୍‌କୁ ୫ରନରେ ପରାସ୍ତ କରିଥିଲା।

## ■ ମାଟ୍ରିକ ପରୀକ୍ଷା ପରିଚାଳନା ପାଇଁ କର୍ମଶାଳା

# କପିମୁକ୍ତ ପରୀକ୍ଷା ଉପରେ ଗୁରୁତ୍ୱ

**ବାଲେଶ୍ୱର ଅଫିସ, ୭।୨**

ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ (ରାମସା) ଓ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ମିଳିତ ସହଯୋଗରେ ଚଳିତବର୍ଷର ମାଟ୍ରିକ୍‌ପରୀକ୍ଷା ସୁପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ କର୍ମଶାଳା ବାଲେଶ୍ୱର ଜିଲା ସ୍କୁଲ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଜିଲାର ଶିକ୍ଷାଧିକାରୀମାନଙ୍କ ସମେତ ପ୍ରତ୍ୟେକ ଜିଲାରୁ ୧୦ଜଣ ଲେଖାଏ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଯୋଗଦେଇଥିଲେ। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ରାଜ୍ୟ ପରୀକ୍ଷା ନିୟନ୍ତ୍ରକ ଡ. ନିହାର ରଞ୍ଜନ ମହାନ୍ତି ପ୍ରଶିକ୍ଷକ ଭାବେ ଯୋଗଦେଇ ଆସନ୍ତା ୨୨ରୁ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଥିବା ମାଟ୍ରିକ୍ ପରୀକ୍ଷା ସୁପରିଚାଳନାର ଦିଗ ଉପରେ ଆଲୋଚନା କରିଥିଲେ। ବିଶେଷ କରି କପିମୁକ୍ତ ମାଟ୍ରିକ୍ ପରୀକ୍ଷା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଏ ନେଇ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟମାନଙ୍କ ଗୁରୁଦାୟିତ୍ୱ ସମ୍ପର୍କରେ ଡ. ମହାନ୍ତି ଅବଗତ କରାଇଥିଲେ। ପ୍ରତ୍ୟେକ ଜିଲାରୁ ଯୋଗଦେଇଥିବା ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟମାନେ ମାଷ୍ଟରଟ୍ରେନର ଭାବେ ନିଜ ଜିଲାରେ ପ୍ରଶିକ୍ଷଣ ପ୍ରଦାନ କରିବେ। ପ୍ରତ୍ୟେକ ଜିଲାରେ ସ୍ଥାପନ କରାଯାଇଥିବା ହବ୍‌ଗୁଡ଼ିକରେ କଡ଼ା ନିରାପତ୍ତା ବଳୟରେ ପରୀକ୍ଷା ପାଇଁ ପ୍ରଶ୍ନପତ୍ର ରଖାଯିବା ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ପ୍ରଶ୍ନପତ୍ର ଲିକ୍ ଭଳି ଘଟଣା ଏଡ଼ାଇବାକୁ ଚଳିତବର୍ଷ ପରୀକ୍ଷାରେ ୨ ଘଣ୍ଟା ପୂର୍ବରୁ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରଗୁଡ଼ିକୁ ପଠାଯିବ ବୋଲି ଡ. ମହାନ୍ତି କହିଥିଲେ। ଚଳିତବର୍ଷ ପରୀକ୍ଷାର୍ଥୀ, ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ସମେତ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଏବଂ ପୋଲିସ କର୍ମଚାରୀମାନଙ୍କୁ ମଧ୍ୟ ପରୀକ୍ଷା କେନ୍ଦ୍ର ମଧ୍ୟରେ ମୋବାଇଲ ବ୍ୟବହାର ଉପରେ ନିଷେଧାଦେଶ ଜାରି କରାଯାଇଥିବା ସେ ସୂଚନା ଦେଇଥିଲେ।

**ପରୀକ୍ଷାକେନ୍ଦ୍ରକୁ ମୋବାଇଲ ମନା**



କର୍ମଶାଳାରେ ଉପସ୍ଥିତ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଓ ଅନ୍ୟମାନେ।



“ଲୋକ ସଭା ନିର୍ବାଚନ ପୂର୍ବରୁ ଜେଏନ୍‌ୟୁର ପୂର୍ବତନ ସଭାପତି କହ୍ନେୟା କୁମାରଙ୍କ ବିରୋଧରେ ଦେଶଦ୍ରୋହ ମାମଲା ନେଇ ଦିଲ୍ଲୀ ପୋଲିସର ଚାର୍ଜଶିଟ୍ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହାର ଆଇନଗତ ତର୍ଜମା ହେବା ଦରକାର ।

- ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ

## ହିମପାତରେ ବୁହାହୋଇ ହସ୍ପିଟାଲ ଗଲେ ପ୍ରସୂତି



**ଶ୍ରୀନଗର,୭।୨–**ଗମନାଗମନ ଅସୁବିଧା ଯୋଗୁ ଦେଶର ବିଭିନ୍ନ ସ୍ଥାନରେ ରୋଗୀ ବୁହାହୋଇ ହସ୍ପିଟାଲକୁ ଯିବା ସାଧାରଣ ଘଟଣା। ଜମ୍ମୁ-କଶ୍ମୀରର ବାରାମୂଲ୍ଲା ଜିଲାର ଶୀରିରେ ଏଭଳି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ନାମ୍‌ବଲାନ୍ ଗ୍ରାମର ଜଣେ ପ୍ରସୂତିଙ୍କୁ ଗୁରୁବାର ଷ୍ଟ୍ରେଚରରେ ୭ କି.ମି. ବୋହି ହସ୍ପିଟାଲକୁ ନିଆଯାଇଛି। କାରଣ ପ୍ରବଳ ହିମପାତ ଯୋଗୁ ଉକ୍ତ ଗାଁକୁ ଆମ୍ବୁଲାନ୍ସ ପହଞ୍ଚିପାରି ନ ଥିଲା। ଗ୍ରାମବାସୀ ଗର୍ଭବତୀଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବୋହି ନେଉଥିବା ବେଳର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଉପତ୍ୟକାର ପାହାଡ଼ିଆ ଅଞ୍ଚଳରେ ହିମପାତ ସାଧାରଣ ଲୋକଙ୍କ ଜୀବନକୁ କିପରି ପ୍ରଭାବିତ କରିଛି ତା'ର ନିଚ୍ଛକ ଛବି ଏଥିରୁ ପ୍ରତିଫଳିତ ହୋଇଛି।

## ୩୬ ହଜାରରେ ହେବ ଆଇଏଏସ୍ ଅଧିକାରୀଙ୍କ ପୁଅ ବାହାଘର

**ବିଶାଖାପାଟନାମ୍,୭।୨–**ଆଜିକାଲି ମଧ୍ୟବିତ୍ତ ପରିବାରଗୁଡ଼ିକରେ ମଧ୍ୟ ବ୍ୟୟବହୁଳ ବିବାହ ଦେଖିବାକୁ ମିଳୁଛି। କିନ୍ତୁ ଆନ୍ଧ୍ରପ୍ରଦେଶର ଜଣେ ଆଇଏଏସ୍ ଅଧିକାରୀ ନିଜ ପୁଅ ବାହାଘର ପାଇଁ ୩୬,୦୦୦ ଟଙ୍କା ଖର୍ଚ୍ଚ କରି ଉଦାହରଣ ସୃଷ୍ଟି କରିବାକୁ ଯାଉଛନ୍ତି। ବିଶାଖାପାଟନାମ୍ ମେଟ୍ରୋପଲିଟାନ୍ ଅଞ୍ଚଳ ବିକାଶ କର୍ତ୍ତୃପକ୍ଷ କମିଶନର ପାଟନାଲା ବସନ୍ତ କୁମାରଙ୍କ ପୁଅ ବାହାଘର ଆସନ୍ତା ୧୦ରେ ହେବ। ଏଥିପାଇଁ ଖର୍ଚ୍ଚ ହେବାକୁ ଥିବା ୩୬,୦୦୦କୁ ଉଭୟ ପୁଅ ଓ ଝିଅ ଘର ସମାନ ଭାବେ ଖର୍ଚ୍ଚ କରିବେ। ଦୁଇପକ୍ଷ ୧୮,୦୦୦ ଟଙ୍କା ଲେଖାଏ ବହନ କରି ବିବାହ ପାଇଁ



ଭୋଜି ଓ ଅତିଥି ସତ୍କାର ଆଦି କରିବେ। ରାଜ୍ୟପାଳ ଇଏସ୍ଏଲ୍ ନରସିଂହା ଏହି ନବଦମ୍ପତିଙ୍କୁ ଆଶୀର୍ବାଦ ଦେବାକୁ ଯିବେ। ବସନ୍ତ କୁମାର ୨୦୧୭ରେ ଝିଅ ବାହାଘର କରିଥିଲେ, ଯେଉଁଥିପାଇଁ ତାଙ୍କୁ ୧୬,୧୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥିଲା।

## ୧୫,୦୦୦ ଗଛ ଲଗାଇବାକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୭।୨–**ଦିଲ୍ଲୀ ହାଇକୋର୍ଟ ଗୁରୁବାର ୨ ଜଣ ବ୍ୟକ୍ତି ଓ ୩ କମ୍ପାନୀଙ୍କୁ ୩,୦୦୦ ଲେଖାଏ ବୃକ୍ଷରୋପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨ଜି ଦୁର୍ନୀତି ମାମଲାରେ କୋର୍ଟ ଏମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏହା ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ହାଇକୋର୍ଟ ଏମାନଙ୍କୁ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। ୨ ବ୍ୟକ୍ତି ଓ ୩ କମ୍ପାନୀ ଜବାବ ଦାଖଲ ପାଇଁ ହାଇକୋର୍ଟଙ୍କୁ ଅଧିକ ସମୟ ମାଗିଥିଲେ। ଜଷ୍ଟିସ୍ ନାଜ୍‌ମି ୱଜିରି ଏହାର ଶୁଣାଣି କରି ସ୍ୱାନ ଟେଲିକମ୍ ପ୍ରା. ଲିଃର ପ୍ରମୋଟର ଶାହିଦ୍ ବାଲୱା, କୁସେଗାଓଁ ଫ୍ରୁଟ୍ସ ଆଣ୍ଡ ଭେଜିଟେବଲ୍ସ



ପ୍ରା.ଲିଃ. ନିର୍ଦ୍ଦେଶକ ରାଜୀବ ଅଗରୱାଲଙ୍କ ସମେତ ଡାଇନାମିକ୍ ରିଏଲିଟି, ଡିବି ରିଏଲିଟି ଲିମିଟେଡ୍ ଏବଂ ନୀହାର କନ୍‌ଷ୍ଟ୍ରକ୍‌ଶନ ପ୍ରା.ଲିଃ.କୁ ଜବାବ ଦାଖଲ ପାଇଁ ଶେଷ ସୁଯୋଗ ଦେଇଛନ୍ତି। ଇଡି ପକ୍ଷରୁ ଦାଏର ଏହି ମନିଲଣ୍ଡରିଂ ମାମଲାରେ ପୂର୍ବତନ ଟେଲିକମ୍ ମନ୍ତ୍ରୀ ଏ. ରାଜା ଏବଂ ଡିଏମ୍‌କେ ଏମ୍‌ପି କାନିମୋଝି ୨୦୧୭ ଡିସେମ୍ବର ୨୧ରେ ତଳକୋର୍ଟରେ ଖଲାସ ହୋଇଥିଲେ। ଅବଶିଷ୍ଟ ୫ ଅଭିଯୁକ୍ତ ଆସନ୍ତା ୧୫ରେ ଦକ୍ଷିଣ ଦିଲ୍ଲୀରେ ୩ ହଜାର ଲେଖାଏ ବୃକ୍ଷରୋପଣ କରିବା ପାଇଁ ବନ ଅଧିକାରୀଙ୍କ ନିକଟରେ ହାଜର ହେବେ। ମାର୍ଚ୍ଚ ୨୬ରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ।

## ସଂକ୍ଷେପରେ

### ଗଡ଼କରୀଙ୍କୁ ସୋନିଆଙ୍କ ପ୍ରଶଂସା

**ନୂଆଦିଲ୍ଲୀ,୭।୨(ପି.ଟି.)-**କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ନୀତୀନ ଗଡ଼କରୀଙ୍କ କାର୍ଯ୍ୟକୁ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଲୋକ ସଭାରେ ଉଚ୍ଚ ପ୍ରଶଂସା କରିଛନ୍ତି। ଦେଶର ଭିତ୍ତିଭୂମି ବିକାଶରେ ଗଡକରୀ ଚମତ୍କାର କରିଛନ୍ତି ବୋଲି ଲୋକ ସଭା ପ୍ରଶ୍ନକାଳରେ ସୋନିଆ କହିଥିଲେ। ସଡକ ପରିବହନ ମନ୍ତ୍ରଣାଳୟ ସମ୍ପର୍କିତ ଦୁଇଟି ପ୍ରଶ୍ନର ଉତ୍ତର ଗଡକରୀ ରଖିବା ପରେ ସୋନିଆ ଟେବୁଲ ବାଡେଇ ଏହାକୁ ସ୍ୱାଗତ କରିଥିଲେ।

### ‘କଂଗ୍ରେସ କ୍ଷମତାକୁ ଆସିଲେ ରଦ୍ଦହେବ ତିନି ତଲାକ୍ ଆଇନ’



**ନୂଆଦିଲ୍ଲୀ,୭।୨(ପି.ଟି.)-**ଆଗାମୀ ଲୋକ ସଭା ନିର୍ବାଚନ ଜିତି କଂଗ୍ରେସ କ୍ଷମତାକୁ ଆସିଲେ ତିନି ତଲାକ୍ ଆଇନକୁ ରଦ୍ଦ କରିବ ବୋଲି ଦଳର ମହିଳା ଶାଖା ସଭାନେତ୍ରୀ ସୁସ୍ମିତା ଦେବ କହିଛନ୍ତି। କଂଗ୍ରେସ ସଂଖ୍ୟାଲଘୁ ବିଭାଗ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଦେବ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତିନି ତଲାକ୍ ଆଇନ ମାଧ୍ୟମରେ ମୁସଲମାନ ପୁରୁଷ ଓ ମହିଳାଙ୍କ ମଧ୍ୟରେ ବିବାଦୀୟ ବାତାବରଣ ସୃଷ୍ଟି କରିଛନ୍ତି। ମୁସଲମାନ ପୁରୁଷଙ୍କୁ ଜେଲ୍ ପଠାଇବା ଲାଗି ମୋଦି ସରକାର ଏହାକୁ ଅସ୍ତ୍ର କରିଥିବା ସେ ଅଭିଯୋଗ କରିଛନ୍ତି। ସାରା ଦେଶରୁ ମୁସଲମାନ ମହିଳାମାନେ ଉକ୍ତ ଆଇନ ବିରୋଧରେ କୋଟି କୋଟି ପତ୍ର ଲେଖିବା ସହ ଦସ୍ତଖତ ସଂଗ୍ରହ ଅଭିଯାନ ଚଳାଇଥିବାରୁ ସେ ଏହାର ପ୍ରଶଂସା କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସର ଭ୍ରଷ୍ଟ ମାନସିକତା ଲାଗି ମୁସଲମାନ ମହିଳା ଏବଂ ଦେଶବାସୀ ଉକ୍ତ ଦଳକୁ କ୍ଷମା ଦେବେ ନାହିଁ ବୋଲି ଭାଜପା କହିଛି। କଂଗ୍ରେସ ତୁଷ୍ଟୀକରଣ ନୀତି ଆପଣାଇଥିବା ଭାଜପା ମୁଖପାତ୍ର ସମ୍ବିତ ପାତ୍ର ଅଭିଯୋଗ କରିଛନ୍ତି। ସୁପ୍ରିମକୋର୍ଟଙ୍କ ପରାମର୍ଶକ୍ରମେ ସରକାର ତିନି ତଲାକ୍ ବିଲ୍ ଆଣିଛନ୍ତି। ସଂଖ୍ୟାଲଘୁଙ୍କୁ ଖୁସି କରାଇବା ଲାଗି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶକୁ ଖାତିର କରୁନାହାନ୍ତି ବୋଲି ସମ୍ବିତ କହିଛନ୍ତି। ତିନି ତଲାକ୍ ଅସାମ୍ବିଧାନିକ ବୋଲି କହି ସୁପ୍ରିମକୋର୍ଟ ଏହାକୁ ନିଷିଦ୍ଧ କରିଥିଲେ। ଏହି ବିଲ୍ ରାଜ୍ୟ ସଭାରେ ଅଟକି ରହିବା ଫଳରେ ଗତବର୍ଷ ସେପ୍ଟେମ୍ବରରେ କେନ୍ଦ୍ର ସରକାର ଅଧାଦେଶ ଆଣିଥିଲେ। ଗତ ମାସରେ ଏହି ଅଧାଦେଶକୁ ପୁନଃ ଜାରି କରାଯାଇଛି।

## ■ ପୋଲିସ ବାବୁଙ୍କ ମେଡାଲ ଫେରାଇନେବ କେନ୍ଦ୍ର

# କାର୍ଯ୍ୟାନୁଷ୍ଠାନ ନାଁରେ ପ୍ରତିଶୋଧ

**ନୂଆଦିଲ୍ଲୀ,୭।୨**



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀଙ୍କ ସହ ଧାରଣାରେ ବସିବା ପୋଲିସ ବାବୁଙ୍କୁ ମହଙ୍ଗା ପଡ଼ିଛି। ୫ ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀଙ୍କଠାରୁ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ମେଡାଲ ଫେରାଇ ନେବାକୁ ନିଷ୍ପତ୍ତି ନେଇଛି। କେନ୍ଦ୍ର ସରକାର ଏହାକୁ ୫ ବରିଷ୍ଠ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବୋଲି କହୁଥିବାବେଳେ ଟିଏମ୍‌ସି ପ୍ରତିଶୋଧ ବୋଲି ଅଭିହିତ କରିଛି।

ସାରଦା ଓ ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ ଦୁର୍ନୀତିର ଜେରା ପାଇଁ କୋଲକାତା ପୋଲିସ କମିଶନର ରାଜୀବ କୁମାରଙ୍କ ବାସଭବନକୁ ରବିବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଟିମ୍ ଯାଇଥିଲା। ଏହାକୁ ନେଇ ବିବାଦ ହେବା ପରେ ମମତା ମେଟ୍ରୋ ଚ୍ୟାନେଲରେ ଧାରଣାରେ ବସିଥିଲେ। ତାଙ୍କ ସହ କେତେଜଣ ବରିଷ୍ଠ ପୋଲିସ ଅଧିକାରୀ ଧାରଣାସ୍ଥଳରେ ବସିଯାଇଥିଲେ। ୭୧ ଘଣ୍ଟା ପରେ ମଙ୍ଗଳବାର ଧାରଣା ପ୍ରତ୍ୟାହୃତ ହୋଇଥିଲା। ହେଲେ ଏହି ବିବାଦରେ ପୂର୍ଣ୍ଣଚ୍ଛେଦ ପଡ଼ିନାହିଁ। କାରଣ କେନ୍ଦ୍ର ସରକାର ସେହି ପୋଲିସ ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଯାଉଛନ୍ତି। ପୋଲିସ କମିଶନର ରାଜୀବ କୁମାରଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛି। ଏହାବାଦ୍ କେନ୍ଦ୍ରର ରାଡାରରେ ଥିବା ଅନ୍ୟ ଅଧିକାରୀମାନେ ହେଲେ ପଶ୍ଚିମବଙ୍ଗ ପୋଲିସ ମହାନିର୍ଦ୍ଦେଶକ ବୀରେନ୍ଦ୍ର କୁମାର, ଏଡିଜି-ସୁରକ୍ଷା ବିନୀତ କୁମାର ଗୋୟଲ, ଏଡିଜି-ଆଇନଶୃଙ୍ଖଳା ଅନୁଜ ଶର୍ମା, ପୋଲିସ କମିଶନର (ବିଧାନନଗର) ଜ୍ଞାନବନ୍ତ ସିଂ ଏବଂ କୋଲକାତାର ଅତିରିକ୍ତ ପୋଲିସ କମିଶନର ସୁପ୍ରତିମ ସରକାର। ଭଲ କାମ ପାଇଁ ଏମାନଙ୍କୁ ବିଭିନ୍ନ ସମୟରେ

### ମମତାଙ୍କ ସହ ଧାରଣାରେ ବସିଥିଲେ ୫ ଆଇପିଏସ୍ ଅଧିକାରୀ

କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ପଦକ ଓ ପୁରସ୍କାରଗୁଡ଼ିକୁ ସରକାର ଭୁଲକାର୍ଯ୍ୟ (ବିଶୃଙ୍ଖଳିତ ଆଚରଣ) ଲାଗି ଫେରାଇ ନେବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଅଧିକାରୀମାନେ ସର୍ବଭାରତୀୟ ସେବା ନିୟମ, ୧୯୬୮ ଉଲ୍ଲଂଘନ କରିଥିବା ଦର୍ଶାଇ କାର୍ଯ୍ୟାନୁଷ୍ଠାନ ନେବାକୁ ପଶ୍ଚିମବଙ୍ଗ ସରକାରଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି। ରାଜୀବ କୁମାରଙ୍କ ଘରେ ସିବିଆଇ ଅଧିକାରୀମାନେ ପହଞ୍ଚିବା ପରେ ସୃଷ୍ଟି ହୋଇଥିବା ବିବାଦକୁ ନେଇ ରାଜ୍ୟପାଳ କେଶରୀନାଥ ତ୍ରିପାଠୀ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଏକ ରିପୋର୍ଟ ଦେଇଥିଲେ। ଉକ୍ତ ରିପୋର୍ଟ ଆଧାରରେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା କୁହାଯାଉଛି।

## ଇଡି ପ୍ରଶ୍ନବ୍ୟୂହରେ ରବର୍ଟ

**ନୂଆଦିଲ୍ଲୀ,୭।୨(ପି.ଟି.)**

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦୁଇଟି ମନି ଲଣ୍ଡରିଂ ମାମଲାରେ ଗୁରୁବାର ରବର୍ଟ ଭଦ୍ରା ଏବଂ କାର୍ତ୍ତି ଚିଦାମ୍ବରମ୍‌ଙ୍କୁ ଜେରା କରିଛି। କଳାଧନକୁ ଧଳା କରିବା ଲାଗି ବେଆଇନ ଭାବେ ବିଦେଶରେ ସମ୍ପତ୍ତି କିଣିବା ଅଭିଯୋଗରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଭିଣୋଇ ରବର୍ଟଙ୍କୁ ଦ୍ୱିତୀୟ ଦିନ ପାଇଁ ପ୍ରଶ୍ନବ୍ୟୂହରେ ଘେରାଯାଇଥିବା ବେଳେ ଆଇଏନଏକ୍ସ ମିଡିଆ ମାମଲାରେ ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍‌ଙ୍କ ପୁଅ କାର୍ତ୍ତିଙ୍କୁ ଜେରା ହୋଇଛି। ବୁଧବାର ରବର୍ଟଙ୍କୁ ସାଢ଼େ ୫ ଘଣ୍ଟା ଜେରା କରାଯାଇଥିଲା। ଫେରାର ଅସ୍ତ୍ର ବ୍ୟବସାୟୀ ସଞ୍ଜୟ ଭଣ୍ଡାରୀଙ୍କ ସମ୍ପର୍କୀୟ ସୁମିତ ଚଢ଼ାଙ୍କ ସହ ରବର୍ଟଙ୍କ ମେଲ୍ ଆଦାନପ୍ରଦାନ ସମ୍ପର୍କରେ ଇଡି ଅଧିକାରୀମାନେ ଗୁରୁବାର ତାଙ୍କୁ ଗୁଡ଼େଇତୁଡ଼େଇ ପ୍ରଶ୍ନ କରିଛନ୍ତି। ଲଣ୍ଡନରେ ରବର୍ଟଙ୍କ ମାଲିକାନାରେ ୧.୯ ନିୟୁତ ପାଉଣ୍ଡ ମୂଲ୍ୟର ଅଘୋଷିତ ସମ୍ପତ୍ତି ରହିଛି। ରବର୍ଟଙ୍କ ଘନିଷ୍ଠ ସହଯୋଗୀ ମନୋଜ ଆରୋରାଙ୍କ ବିରୋଧରେ ମଧ୍ୟ ମନି ଲଣ୍ଡରିଂ ମାମଲା ଦାଏର ହୋଇଛି।

### କାର୍ତ୍ତିଙ୍କୁ ବି ଜେରା

ନୂତନ କଳାଧନ ଆଇନ ଏବଂ ଟିକସ ଆଇନରେ ଭଣ୍ଡାରୀଙ୍କ ବିରୋଧରେ ତଦନ୍ତ ବେଳେ ଆରୋରାଙ୍କ ଭୂମିକା ସାମନାକୁ ଆସିଥିଲା। ଲଣ୍ଡନ ସମ୍ପତ୍ତିକୁ ଭଣ୍ଡାରୀ କିଣି ଏହାର ବିକାଶ କରାଇଥିଲେ। ଏହା ସତ୍ତ୍ୱେ ସେ ୨୦୧୦ରେ ଉକ୍ତ ସମ୍ପତ୍ତିକୁ କିଣା ମୂଲ୍ୟରେ ଭଦ୍ରାଙ୍କୁ ବିକ୍ରି କରିଥିଲେ।



ରବର୍ଟ ଭଦ୍ରା | କାର୍ତ୍ତି ଚିଦାମ୍ବରମ୍

ପ୍ରଥମେ କାର୍ତ୍ତିଙ୍କୁ ଆଇଏନ୍‌ଏକ୍ସ ମିଡିଆ ମାମଲାରେ ଇଡି ଜେରା କରିଥିଲା। ୨୦୧୭ ମେ'ରେ ଇଡି ମନି ଲଣ୍ଡରିଂ ପ୍ରତିକାର ଆଇନରେ କାର୍ତ୍ତିଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ କରିଥିଲା। ଏହି ମାମଲାରେ ପୂର୍ବରୁ ଚିଦାମ୍ବରମ୍‌ଙ୍କୁ ମଧ୍ୟ ଜେରା କରାଯାଇଥିଲା।

## ଆମେରିକା ସହାୟତାରେ ସୁରକ୍ଷିତ ହେବ ପ୍ରଧାନମନ୍ତ୍ରୀଙ୍କ ବିମାନ ଯାତ୍ରା

**ୱାଶିଂଟନ, ୭।୨**



ଆକାଶମାର୍ଗରେ ଆମେରିକା ରାଷ୍ଟ୍ରପତିଙ୍କ ସୁରକ୍ଷିତ ଯାତ୍ରାରେ ନିୟୋଜିତ ଅତ୍ୟାଧୁନିକ ଡିଫେନ୍ସ ସିଷ୍ଟମର ଏୟାର ଫୋର୍ସ ୱାନ୍ ଭଳି ଏୟାର ଇଣ୍ଡିଆ ୱାନ ସଶକ୍ତ ହେବ। ଭାରତର ପ୍ରମୁଖ ସହଯୋଗୀ ଦେଶ ଭାବେ ଆମେରିକା ୯୦ ମିଲିୟନ ୟୁଏସ୍ ଡଲାରରେ ଘରୋଇ ଭାବେ ପ୍ରସ୍ତୁତ ଏହି ଉଚ୍ଚକ୍ଷମତାସମ୍ପନ୍ନ ମିଶାଇଲ୍ ଡିଫେନ୍ସ ସିଷ୍ଟମ ଯୋଗାଇ ଦେବ। ଭାରତର ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କ ଆକାଶମାର୍ଗ ଯାତ୍ରା ପାଇଁ ସ୍ୱତନ୍ତ୍ର ଭାବେ ବନ୍ଦୋବସ୍ତ ହୋଇଥିବା ୨ ଏୟାର ଇଣ୍ଡିଆ ୱାନ ୭୭୭ ବୋଇଙ୍ଗ୍ ବିମାନରେ ଉକ୍ତ ଡିଫେନ୍ସ ସିଷ୍ଟମ ଖଞ୍ଜାଯିବ। ଇନ୍‌ଫ୍ରାରେଡ୍ ଚାଳିତ ଏବଂ ସ୍ଥଳଭାଗରୁ ଆକାଶମାର୍ଗକୁ ନିକ୍ଷେପ କରାଯାଉଥିବା ମିଶାଇଲରୁ ସୁରକ୍ଷା ପାଇଁ ଆମେରିକା ପେଣ୍ଟାଗନ ଉଭୟ ଦେଶ ମଧ୍ୟରେ ନିରାପତ୍ତା ସହଯୋଗ ବୁଝାମଣା ଅନ୍ତର୍ଗତ ଏଲ୍ଏଆଇଆର୍‌ସିଏମ୍ ଏବଂ ଏସ୍‌ପିଏସ୍ ଡିଫେନ୍ସ ସିଷ୍ଟମ ଭାରତକୁ ଦେବ ବୋଲି ୟୁଏସ୍ ପ୍ରତିରକ୍ଷା ସୁରକ୍ଷା ସହଯୋଗ ସଂସ୍ଥା (ଡିଏସ୍‌ସିଏ) ବୁଧବାର ଅଧିସୂଚନା ଜାରି କରିଛି। ଏୟାର ଇଣ୍ଡିଆ ୱାନ୍‌କୁ ଅତ୍ୟାଧୁନିକ ଆଣ୍ଟି ମିଶାଇଲ୍‌ର ରୂପ ଦେବାକୁ ଭାରତ ସରକାର ଆମେରିକାକୁ ଅନୁରୋଧ କରିଥିଲେ।

## ■ ବିହାର ଆଶ୍ରୟ ଗୃହ ମାମଲା ଦିଲ୍ଲୀକୁ ସ୍ଥାନାନ୍ତର କଲେ ସୁପ୍ରିମକୋର୍ଟ


# ନାଗେଶ୍ୱରଙ୍କୁ ଅଦାଲତ ଅବମାନନା ନୋଟିସ

**ନୂଆଦିଲ୍ଲୀ,୭।୨(ପି.ଟି.)**

ମୁଜାଫରପୁର ଆଶ୍ରୟ ଗୃହ ଯୌନ ନିର୍ଯାତନା ମାମଲାର ତଦନ୍ତ କରୁଥିବା ସିବିଆଇ ଅଧିକାରୀଙ୍କୁ ଅଦାଲତଙ୍କ ବିନା ଅନୁମତିରେ ବଦଳି କରାଇଥିବା ତତ୍କାଳୀନ ଅନ୍ତରୀଣ ନିର୍ଦ୍ଦେଶକ ଏମ୍. ନାଗେଶ୍ୱର ରାଓଙ୍କୁ ସୁପ୍ରିମକୋର୍ଟ ଗୁରୁବାର ଭର୍ତ୍ସନା କରିଛନ୍ତି। କୋର୍ଟ ତାଙ୍କୁ ଅଦାଲତ ଅବମାନନା ନୋଟିସ ଜାରି କରିବା ସହ ଆସନ୍ତା ୧୨ ତାରିଖରେ ହାଜର ହେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।

ସୁପ୍ରିମକୋର୍ଟଙ୍କ ପୂର୍ବ ଦୁଇଟି ନିର୍ଦ୍ଦେଶର ଅବମାନନା କରାଯାଇଥିବା ନେଇ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଖପ୍ପା ହୋଇଛନ୍ତି। ସିବିଆଇର ଅନ୍ତରୀଣ ନିର୍ଦ୍ଦେଶକ କୌଣସି ବଡ଼ ନୀତିଗତ ନିଷ୍ପତ୍ତି ନେଇପାରିବେ ନାହିଁ ବୋଲି ପୂର୍ବରୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଆଶ୍ରୟ ଗୃହ ମାମଲାର ତଦନ୍ତକାରୀ ଟିମ୍‌ରୁ ତତ୍କାଳୀନ ଯୁଗ୍ମ ନିର୍ଦ୍ଦେଶକ ଏ.କେ.

### ୧୨ରେ ହାଜର ନିର୍ଦ୍ଦେଶ



ଏମ୍. ନାଗେଶ୍ୱର ରାଓ

ଶର୍ମାଙ୍କୁ ନ ହଟାଇବା ଲାଗି ଅଦାଲତ କହିଥିଲେ। ଏହା ସତ୍ତ୍ୱେ ରାଓ କୋର୍ଟଙ୍କ ଅନୁମତି ନ ନେଇ ଗତ ଜାନୁୟାରୀ ୧୭ରେ ଶର୍ମାଙ୍କୁ ସିଆରପିଏଫକୁ ବଦଳି କରିଥିଲେ।

ରାଓଙ୍କ ବ୍ୟତୀତ ଶର୍ମାଙ୍କ ବଦଳି ସହ ସମ୍ପୃକ୍ତ ପ୍ରୋସେକ୍ୟୁଶନ୍ ଇନଚାର୍ଜ ଏସ୍. ଭାସୁରାମ ଶୁଭରାମ ଓ ଅନ୍ୟ ସିବିଆଇ ଅଧିକାରୀମାନଙ୍କୁ ମଧ୍ୟ ଆସନ୍ତା ୧୨ ତାରିଖରେ କୋର୍ଟରେ ହାଜର ହେବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ବିହାର ମୁଜାଫରପୁରରେ ଏକ ଏନ୍‌ଜିଓ ସଂସ୍ଥା ଦ୍ୱାରା ପରିଚାଳିତ ଆଶ୍ରୟ ଗୃହର ଯୁବତୀମାନଙ୍କୁ ବଳାତ୍କାର ଏବଂ ଯୌନ ନିର୍ଯାତନା ଦିଆଯାଉଥିବା ଅଭିଯୋଗର ତଦନ୍ତ ଦାୟିତ୍ୱ ସିବିଆଇକୁ ଦିଆଯାଇଥିଲା।


ମୁଜାଫରପୁର ଆଶ୍ରୟ ଗୃହ ମାମଲାକୁ ବିହାରରୁ ନୂଆଦିଲ୍ଲୀର ଏକ ଅଦାଲତକୁ ସ୍ଥାନାନ୍ତର କରିବା ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆଶ୍ରୟ ଗୃହ ପରିଚାଳନାରେ ବିଫଳତାକୁ ନେଇ ଖଣ୍ଡପୀଠ ବିହାର ସରକାରଙ୍କୁ ଭର୍ତ୍ସନା କରିବା ସହ ସନ୍ତୋଷଜନକ ଜବାବ ନ ରଖିଲେ ମୁଖ୍ୟ ସଚିବଙ୍କୁ ସମନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏବେ ଉକ୍ତ ମାମଲାର ଶୁଣାଣି ନୂଆଦିଲ୍ଲୀର ସାକେତ ଜିଲା କୋର୍ଟ କମ୍ପ୍ଲେକ୍ସରେ ଥିବା ପୋକ୍ସୋ (ଶିଶୁ ଯୌନ ଅପରାଧ ସୁରକ୍ଷା) କୋର୍ଟରେ ହେବ।

## ଇତିହାସର ଆଇନାରେ

### ଫେବୃୟାରୀ ୮ର ପ୍ରମୁଖ ଘଟଣା

୧୯୭୪ ଫେବୃୟାରୀ ୮ରେ ଆମେରିକାର ସ୍ପେସ୍ ଷ୍ଟେଶନ୍ ସ୍କାଇଲାବ୍‌ରୁ ପୃଥିବୀକୁ ଫେରି ଆସିଥିଲେ ଚତୁର୍ଥ କ୍ରିଉ ସଦସ୍ୟ। ସେ ମହାକାଶରେ ୮୪ ଦିନ ବିତାଇଥିଲେ। ୧୯୭୩ ନଭେମ୍ବର ୧୬ରେ ଫ୍ଲୋରିଡାର କେନେଡି ସ୍ପେସ୍ ସେଣ୍ଟରରୁ ମହାକାଶଚାରୀଙ୍କୁ ନେଇ ଏହା ଲଞ୍ଚ୍ କରିଥିଲା।

୨୦୧୪ ଫେବୃୟାରୀ ୮ରେ ସୌଦି ଆରବର ମେଦିନାରେ ଅଗ୍ନିକାଣ୍ଡ ଯୋଗୁ ୧୫ ତୀର୍ଥଯାତ୍ରୀ ପ୍ରାଣ ହରାଇବା ସହିତ ୧୩୦ ଆହତ ହୋଇଥିଲେ। ମେଦିନା ହେଉଛି ସୌଦି ଆରବର ଅଲ୍-ମେଦିନା ରିଜିୟନ୍‌ର ପ୍ରଶାସନିକ ମୁଖ୍ୟ କାର୍ଯ୍ୟାଳୟ।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–**ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ନିର୍ମଳ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୧୮ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୪ | ୧୪.୭ |
| ଚାନ୍ଦବାଲି | ୩୩.୨ | ୧୬.୦ |
| କଟକ | ୩୪.୦ | ୧୪.୫ |
| ପାରାଦ୍ୱୀପ | ୨୯.୪ | ୧୭.୪ |
| ଭୁବନେଶ୍ୱର | ୩୪.୦ | ୧୪.୫ |
| ଗୋପାଳପୁର | ୩୦.୪ | ୧୬.୭ |
| ପୁରୀ | ୨୯.୦ | ୧୮.୦ |
| ଅନୁଗୋଳ | ୩୪.୧ | ୧୧.୮ |
| ବାରିପଦା | ୩୨.୮ | ୧୫.୮ |
| ଝାରସୁଗୁଡ଼ା | ୩୧.୭ | ୧୪.୮ |
| କେନ୍ଦୁଝର | ୩୦.୭ | ୧୪.୪ |
| ସମ୍ବଲପୁର | ୩୨.୮ | ୧୪.୫ |
| ସୁନ୍ଦରଗଡ଼ | --- | ୧୩.୫ |
| ହୀରାକୁଦ | ୩୧.୭ | ୧୫.୨ |
| ତାଳଚେର | ୩୩.୦ | ୧୫.୦ |
| ଭବାନୀପାଟଣା | --- | ୧୪.୫ |
| ବଲାଙ୍ଗୀର | ୩୨.୦ | ୧୬.୦ |
| କୋରାପୁଟ | ୩୦.୬ | ୧୦.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୧.୦ |
| ମାଲକାନଗିରି | ୩୪.୫ | ୧୨.୦ |
| ସୋନପୁର | ୩୪.୨ | ୧୪.୦ |
| ଦାରିଙ୍ଗିବାଡ଼ି | ୨୮.୦ | ୧୨.୫ |
| ଢେଙ୍କାନାଳ | --- | --- |


ଡିଗ୍ରୀ ସେଲ୍‌ସିୟସ୍

## ମାର୍ଚ୍ଚ ୯ରେ ଆକାଶ, ଶ୍ଲୋକାଙ୍କ ବିବାହ

**ମୁମ୍ବାଇ:**

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଅଧ୍ୟକ୍ଷ ତଥା ବିଶିଷ୍ଟ ଶିଳ୍ପପତି ମୁକେଶ ଏବଂ ନୀତା ଅମ୍ବାନୀଙ୍କ ପୁତ୍ର ଆକାଶ ଅମ୍ବାନୀ ଶ୍ଲୋକା ମେହେଟାଙ୍କୁ ଆସନ୍ତା ମାର୍ଚ୍ଚରେ ବିବାହ କରିବାକୁ ଯାଉଛନ୍ତି। ଶ୍ଲୋକା ହେଉଛନ୍ତି ପ୍ରସିଦ୍ଧ ହୀରା ବ୍ୟବସାୟୀ ରସେଲ୍ ଏବଂ ମୋନା ମେହେଟାଙ୍କ କନ୍ୟା। ମାର୍ଚ୍ଚ ୯ରେ ହେଉଥିବା ଏହି ବିବାହ କାର୍ଯ୍ୟକ୍ରମ ୩ଦିନ ଧରି ଅନୁଷ୍ଠିତ ହେବ। ୨୦୧୮ରେ ଅଜୟ ଏବଂ ସ୍ୱାତୀ ପିରାମଲ୍‌ଙ୍କ ପୁତ୍ର ଆନନ୍ଦ ପିରାମଲ୍‌ଙ୍କୁ ମୁକେଶଙ୍କ କନ୍ୟା ଈଶା ବିବାହ କରିଥିଲେ। ତେବେ ଚଳିତବର୍ଷ ମାର୍ଚ୍ଚରେ ଆକାଶଙ୍କୁ ବିଭାଦେବା ଲାଗି ଅମ୍ବାନୀ ପରିବାର ପୂରାଦମ୍‌ରେ ପ୍ରସ୍ତୁତ ରହିଛି।

୨୦୧୮ରେ ଆକାଶ ଓ ଶ୍ଲୋକାଙ୍କର ନିର୍ବନ୍ଧ ହୋଇଥିଲା। ଏଥିପାଇଁ ଅମ୍ବାନୀ ଏବଂ ମେହେଟା ପରିବାର ଏକ ଏନ୍‌ଗେଜ୍‌ମେଣ୍ଟ ପାର୍ଟିର ଆୟୋଜନ କରିଥିଲେ। ଏହାପରେ ଈଶା ଓ ଆନନ୍ଦଙ୍କ ନିର୍ବନ୍ଧ ହୋଇଥିଲା। ଡିସେମ୍ବର ୧୨ରେ ମୁମ୍ବାଇର ଆଣ୍ଟିଲିଆଠାରେ ଦୁହିଁଙ୍କ ମଧ୍ୟରେ ହାତଗଣ୍ଠି ପଡ଼ିଥିଲା। ଏହା ପୂର୍ବରୁ ଉଦୟପୁରଠାରେ ପ୍ରାକ୍-ପରିଣୟ ଉତ୍ସବ ଅନୁଷ୍ଠିତ ହୋଇଥିଲା।




**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର–(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ–(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି–09999032822, କଟକ ଅଫିସ–(0671)2321004, 2322004, ସମ୍ବଲପୁର–(0663) 2405816, ଢେଙ୍କାନାଳ ଅଫିସ–(06762)224254, ଫୁଲବାଣୀ ଅଫିସ–(06842)253116, 9438367053, ବଲାଙ୍ଗୀର ଅଫିସ–(06652)234333, ବରଗଡ ଅଫିସ–(06646)234789, ଅନୁଗୋଳ–(06764)237556, (ତାଳଚେର–(06760)241177, ରାଉରକେଲା ଅଫିସ–(0661)2643242, ସୁନ୍ଦରଗଡ଼–9437346088, ଯାଜପୁର ଅଫିସ–8895242449, ପାରାଦୀପ–(06722)221081, ବାଲେଶ୍ୱର ଅଫିସ–(06782)240604, ବାରିପଦା ଅଫିସ–9437018073, ଭବାନୀପାଟଣା–9437153870, ରାୟଗଡା ଅଫିସ–(06856)225625, 9437090496, କୋରାପୁଟ ଅଫିସ–06852252599, ଜୟପୁର–9437182105, ନବରଙ୍ଗପୁର–9437119068, ସୋନପୁର–9438739383, ଯାଜପୁର ରୋଡ଼–(06726)265030, ଖୋର୍ଦ୍ଧା ଅଫିସ–(06755)223444, ପୁରୀ ଅଫିସ–(06752)221922, ଆସ୍କା–(06822)273440, 272144, କେନ୍ଦୁଝର–9437197395, ଜଗତ୍‌ସିଂହପୁର ଅଫିସ–(06724)224030, 8763968203, ନୟାଗଡ ଅଫିସ–(06753)252710, ଭଦ୍ରକ ଅଫିସ–(06784)242101, ନୂଆପଡ଼ା ଅଫିସ–(06678)223068, ଝାରସୁଗୁଡ଼ା ଅଫିସ–(06645)272799, ଦେବଗଡ–9437121562, କେନ୍ଦ୍ରାପଡ଼ା ଅଫିସ–06727233825.

# ଡିଡି ଓଡ଼ିଆରେ 'ବୈଦେହୀଶ ବିଳାସ'

ଭୁବନେଶ୍ୱର,୭।୨(ବ୍ୟୁରୋ)




ରୀତିଯୁଗୀୟ ମହାକବି କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସର୍ବଶ୍ରେଷ୍ଠ ସାରସ୍ୱତ ମହାକାବ୍ୟ 'ବୈଦେହୀଶ ବିଳାସ'ର ବିଭିନ୍ନ ପ୍ରସଙ୍ଗ ଉପରେ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ପକ୍ଷରୁ ସ୍ୱତନ୍ତ୍ର ଆଲୋଚନାଧର୍ମୀ କାର୍ଯ୍ୟକ୍ରମ 'କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ବୈଦେହୀଶ ବିଳାସ' ପ୍ରସାରଣ ହେବ। ଏହି କାର୍ଯ୍ୟକ୍ରମରେ 'ବୈଦେହୀଶ ବିଳାସ'ର 'ବୈ' ଠାରୁ 'ସ' ପର୍ଯ୍ୟନ୍ତ ୭ଟି ଅକ୍ଷରକୁ ନେଇ ୭ଟି ପ୍ରସଙ୍ଗରେ ଓଡ଼ିଶାର ଲବ୍ଧପ୍ରତିଷ୍ଠିତ ଭଞ୍ଜ ସାହିତ୍ୟ ଗବେଷକମାନେ ତଥ୍ୟ ଓ ତତ୍ତ୍ୱଭିତ୍ତିକ ଆଲୋଚନା କରିବେ। ବୈଦେହୀଶ ବିଳାସରେ ଯଥାକ୍ରମେ ବୈଶିଷ୍ଟ୍ୟମୟୀ ବୈଦେହୀ, ଦେବୋତ୍ତମ ରାଘବ, ହିତାଦର୍ଶ ଓ ମର୍ଯ୍ୟାଦା, ଶବ୍ଦ ଓ ସଂଳାପ, ବିଚିତ୍ର କବିତ୍ୱ, ଲାବଣ୍ୟମୟୀ ପ୍ରକୃତି ତଥା ସରସ ସଙ୍ଗୀତର ପ୍ରସାରଣ କରାଯିବ। ଆସନ୍ତା ଫେବୃୟାରୀ ୧୦ ତାରିଖ ଶ୍ରୀପଞ୍ଚମୀ ତିଥିରୁ ଏହା ଆରମ୍ଭ ହୋଇ ୧୬ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ରାତି ୧୦ଟାରେ ଡିଡି ଓଡ଼ିଆରେ ପ୍ରସାରଣ ହେବ। ସେହିଭଳି କାର୍ଯ୍ୟକ୍ରମର ପୁନଃ ପ୍ରସାରଣ ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ସକାଳ ୮ଟା ୩୦ରେ କରାଯିବ ବୋଲି ଦୂରଦର୍ଶନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। କେନ୍ଦ୍ରର କାର୍ଯ୍ୟକ୍ରମ ମୁଖ୍ୟ ନୀଳାଦ୍ରିମୋହନ ଶତପଥୀଙ୍କ ପରିକଳ୍ପନା ଓ ମାର୍ଗଦର୍ଶନରେ ଏହା ପ୍ରସ୍ତୁତ ହୋଇଥିବା ବେଳେ କାର୍ଯ୍ୟକ୍ରମର ପ୍ରଯୋଜନା କରିଛନ୍ତି ମାନିନୀ ସାହୁ। 'ବୈଦେହୀଶ ବିଳାସ'ର କାଳଜୟୀ ବାର୍ତ୍ତାକୁ ଲୋକାଭିମୁଖୀ କରିବା ନିମନ୍ତେ ଦୂରଦର୍ଶନ, ଭୁବନେଶ୍ୱରର ଏହା ଏକ ଅଭିନବ ପ୍ରୟାସ ବୋଲି ଦର୍ଶକ ଅନୁସନ୍ଧାନ ଅଧିକାରୀ ପ୍ରାଣବନ୍ଧୁ ବେହେରା କହିଛନ୍ତି।

# ଶିଶୁପୁତ୍ରକୁ ଜନ୍ମ ଦେଲେ ଛାତ୍ରୀ

ବୌଦ୍ଧ, ୭।୨(ସ୍ୱ.ପ୍ର)

ବୌଦ୍ଧ ଜିଲା ହରଭଙ୍ଗା ଥାନା ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଛାତ୍ରୀ ଗୁରୁବାର ସନ୍ଧ୍ୟାରେ ଗୋଟେ ଶିଶୁପୁତ୍ରକୁ ଜନ୍ମ ଦେଇଛନ୍ତି। ଗର୍ଭ ବେଦନା ହେବାରୁ ତାଙ୍କୁ ହରଭଙ୍ଗା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଗୋଟେ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ପରେ ଉଭୟ ମା' ଓ ଶିଶୁର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଉଚ୍ଚତର ଚିକିତ୍ସା ପାଇଁ ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବର ପାଇ ଜିଲା ଶିଶୁ ସୁରକ୍ଷା ସମିତିର ଅଧ୍ୟକ୍ଷ ସାକ୍ଷୀଗୋପାଳ ପ୍ରଧାନ ତାଙ୍କୁ ଡାକ୍ତରଖାନାରେ ଭେଟିଛନ୍ତି।

## ପ୍ରଥମ ପୃଷ୍ଠାରୁ

### ୪ ମାସ ପାଇଁ....

କରାଯାଇଛି। ଏଥିରେ ପୁଞ୍ଜି ଖର୍ଚ୍ଚ ୨୩ ହଜାର ୭ ଶହ ୮୪ କୋଟି ଟଙ୍କା ଆକଳନ କରାଯାଇଛି, ଯାହାକି ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୪.୪%। ଆସନ୍ତା ଆର୍ଥିକ ବର୍ଷରେ ୧ ଲକ୍ଷ ୧୦ ହଜାର ୭୧୦ କୋଟି ଟଙ୍କା ରାଜସ୍ୱ ପାଇବା ନେଇ ଆକଳନ କରାଯାଇଥିବାବେଳେ ୧ ଲକ୍ଷ ୨ ହଜାର ୨୨୭ କୋଟି ବ୍ୟୟବରାଦ କରାଯାଇଛି। ୮ ହଜାର ୪୩୩ କୋଟି ଟଙ୍କା ରାଜସ୍ୱ ବଳକା ହେବ ବୋଲି ଆକଳନ କରାଯାଇଛି, ଯାହାକି ଜିଡିପିର ୧.୬%। ତେବେ ୨୦୧୯-୨୦ ଆର୍ଥିକ ବର୍ଷରେ ବିତ୍ତୀୟ ନିଅଣ୍ଟ ୧୬ ହଜାର ୧୯୩ କୋଟି ଅର୍ଥାତ୍ ରାଜ୍ୟର ମୋଟ ଘରୋଇ ଉତ୍ପାଦ(ଜିଏସ୍‌ଡିପି)ର ୩% ହେବ ବୋଲି ଅନୁମାନ କରାଯାଇଛି। ଲେଖା ଅନୁଦାନ (ଭୋଟ ଅନ୍ ଆକାଉଣ୍ଟ) ସମ୍ପର୍କରେ ସୂଚନା ଦେଇ ଅର୍ଥମନ୍ତ୍ରୀ କହିଛନ୍ତି ଯେ, ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ୪ ମାସିଆ (ଏପ୍ରିଲରୁ ଜୁଲାଇ) କାମଚଳା ବଜେଟ କରାଯାଇଛି। ୨୦୧୮-୧୯ରେ ଜାତୀୟ ଅଭିବୃଦ୍ଧି ହାର ୮.୩୫% ହେବ ବୋଲି ଆକଳନ କରାଯାଇଛି। ଗତ ୬ ବର୍ଷର ଜାତୀୟ ଆର୍ଥିକ ଅଭିବୃଦ୍ଧି ହାର ହାରାହାରି ୭.୧% ରହିଥିବାବେଳେ ଓଡ଼ିଶାର ଅଭିବୃଦ୍ଧି ହାର ୮%ଠାରୁ ଅଧିକ ରହିଛି। ବିଶ୍ୱ ଓ ଜାତୀୟ ଅର୍ଥନୀତି ଅଭିବୃଦ୍ଧି ହାର ଏହି ଧାରା ଅବ୍ୟାହତ ରହିଲେ ଆସନ୍ତା ଆର୍ଥିକ ବର୍ଷରେ ରାଜ୍ୟର ଅଭିବୃଦ୍ଧି ହାର ୮ରୁ ୮.୫ ପ୍ରତିଶତକୁ ବୃଦ୍ଧି ହେବ ବୋଲି ଅନୁମାନ କରାଯାଇଛି। ଆସନ୍ତା ବଜେଟରେ କାଳିଆ ଯୋଜନାରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୫ଟି କୃଷି ଋତୁ ପାଇଁ ପରିବାର ପିଛା ୨୫ ହଜାର ଟଙ୍କାର ଅନୁଦାନ ଦେବାକୁ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ୧୦ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରାଯିବ। ୨୦୧୯-୨୦ ଆର୍ଥିକ ବର୍ଷରେ ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ୭୦ ହଜାର କୋଟି ଖର୍ଚ୍ଚ ହେବ। ଏଥିରେ ସରକାରୀ କ୍ଷେତ୍ର ଓ ସରକାରୀ ଉଦ୍ୟୋଗ ପାଇଁ ଯଥାକ୍ରମେ ୬୬ ହଜାର କୋଟି ଓ ୪ ହଜାର କୋଟି ଟଙ୍କା ବ୍ୟୟ ହେବ। ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୨ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ରାଜ୍ୟ ଅର୍ଥରୁ ପୌର ସଂସ୍ଥା ଏବଂ ଉନ୍ନୟନ କର୍ତ୍ତୃପକ୍ଷଗୁଡ଼ିକୁ ୬ହଜାର ୪୯୦ କୋଟି ଟଙ୍କା ପ୍ରଦାନ କରାଯିବ।

ଗତ ୧୮ ବର୍ଷରେ ଓଡ଼ିଶା ବଳକା ରାଜ୍ୟ ଭାବରେ ପରିଣତ ହୋଇଛି। ରାଜ୍ୟ ଖାଦ୍ୟ ନିରାପତ୍ତା ଯୋଜନାରେ ୨୩ ଲକ୍ଷରୁ ଊର୍ଦ୍ଧ୍ୱ ଅତିରିକ୍ତ ହିତାଧିକାରୀଙ୍କୁ କିଲୋ ପିଛା ୧ ଟଙ୍କାରେ ଚାଉଳ ଯୋଗାଇବା ପାଇଁ ବଜେଟରେ ୧ ହଜାର ୨୮ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ହରିଶ୍ଚନ୍ଦ୍ର ଯୋଜନାରେ ଶେଷକୃତ୍ୟ ସମ୍ପନ୍ନ ପାଇଁ ଗ୍ରାମାଞ୍ଚଳ ସକାଶେ ୨ ହଜାର ଏବଂ ସହରାଞ୍ଚଳ ଲାଗି ୩ ହଜାର ଟଙ୍କା ଲେଖାଏ ଦିଆଯାଉଛି। ମମତା ଯୋଜନା ମାଧ୍ୟମରେ ୩୫.୬୯ ଲକ୍ଷ ଗର୍ଭବତୀ ଓ ପ୍ରସୂତି ମା'ଙ୍କ ପାଇଁ ୧ ହଜାର ୬୫୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମର ବିଭିନ୍ନ ପ୍ରକଳ୍ପ ପାଇଁ ୧ ହଜାର ୫୫୪କୋଟି ଟଙ୍କା ବ୍ୟୟ ମଞ୍ଜୁର କରାଯାଇଛି।

୨୦୧୮-୧୯ ଆର୍ଥିକ ବର୍ଷରେ ୧ ଲକ୍ଷ ୨୦ ହଜାର ୧୨୫ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସେଥିରୁ ୧ ଲକ୍ଷ ୧ ହଜାର ୮୮୩ କୋଟି ଟଙ୍କାର ରାଜସ୍ୱ ଆଦାୟ ହେବାବେଳେ ବ୍ୟୟ ୯୧ ହଜାର ୩୨୮ କୋଟି ଟଙ୍କା ହେବ। ୧୦ ହଜାର ୫ ଶହ ୫୫ କୋଟି ରାଜସ୍ୱ ବଳକା ହେବ। ବିତ୍ତୀୟ ନିଅଣ୍ଟ ୧୩ ହଜାର ୯୩୫ କୋଟି ଟଙ୍କା ମଧ୍ୟରେ ସୀମିତ ରହିବ ବୋଲି ଆକଳନ କରାଯାଇଛି। ରାଜ୍ୟରେ ୨୦୧୮ ଡିସେମ୍ବର ସୁଦ୍ଧା ୭୯ ହଜାର ୭୮୯ କୋଟି ଟଙ୍କା ଋଣ ଭାର ରହିଛି, ଯାହାକି ଜିଏସ୍‌ଡିପିର ୧୪.୪ %। ୨୦୧୮-୧୯ ଆର୍ଥିକ ବର୍ଷରେ ଋଣ ଭାର ୮୭୬୫୦ କୋଟି ଅର୍ଥାତ୍ ଜିଏସଡିପିର ୧୮%ରେ ପହଞ୍ଚିବ। ତେବେ ୨୦୧୯-୨୦ ମାର୍ଚ୍ଚ ଶେଷ ସୁଦ୍ଧା ଋଣ ଭାର ୧ ଲକ୍ଷ ୩ ହଜାର ୮୪୩ କୋଟି ଅର୍ଥାତ୍ ଜିଏସଡିପିର ୧୯.୨ % ହେବ ବୋଲି ଅନୁମାନ କରାଯାଇଛି। ବିଭିନ୍ନ ଖର୍ଚ୍ଚ ତୁଲାଇବା ପାଇଁ ରାଜ୍ୟ ସରକାର ଖୋଲା ବଜାରରୁ ୪ ହଜାର ୫୦୦ କୋଟି ଟଙ୍କାର ଋଣ ଉଠାଇଛନ୍ତି। ୨୦୧୯-୨୦ରେ ୧୪ ହଜାର ୬୭୫ କୋଟି ଟଙ୍କାର ଖୋଲା ବଜାରରୁ ଋଣ ଉଠାଇବାକୁ ସରକାର ଯୋଜନା କରିଛନ୍ତି। ନିର୍ବାଚନ ପରିଚାଳନା ପାଇଁ ୯୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବାବେଳେ ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ ଅନୁମତି ମିଳିଲେ ଭିତ୍ତିଭୂମି ନିର୍ମାଣ ପାଇଁ ୧୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଓଡ଼ିଶା ଆପତକାଳୀନ ପାଣ୍ଠିରୁ କାଳିଆ ଯୋଜନା ପାଇଁ ୭୩୫ କୋଟି ଟଙ୍କା ନେବାକୁ ସରକାର ନିଷ୍ପତ୍ତି କରିଛନ୍ତି। ଆସନ୍ତା ବଜେଟରେ ଏଥିପାଇଁ ବ୍ୟୟବରାଦ କରାଯାଇଛି। ଜିଏସ୍‌ଡିପିର ୨୫% ଯାଏ ଋଣ କରାଯାଇ ପାରିବ। ଏବେ ଋଣ ନିୟନ୍ତ୍ରଣ ମଧ୍ୟରେ ରହିଛି ବୋଲି ଅର୍ଥ ବିଭାଗ ସଚିବ ତୁହିନକାନ୍ତ ପାଣ୍ଡେ କହିଛନ୍ତି।


## MUNICIPAL OFFICE, JHARSUGUDA
"E" Procurement Notice
**Tender Call Notice No. 343/JM, Dt. 05.02.2019**

Bid Documents consisting of Work, Estimated Cost, Cost of tender paper, EMD, time of completion, Class of Contractors and the set of terms and conditions of contract and other necessary documents can be see in in Govt. Website i.e.www.tenderodisha.gov.in.

| | | | |
|---|---|---|---|
| 1 | Tender Reference | : | EO/JMC/09/2018-19 |
| 2 | Tender ID No. | : | 2019_ORULB_53172 |
| 3 | Name of the Work | : | Civil Construction works as mentioned in website. |
| 4 | No. of Works | : | 172 Nos |
| 5 | Estimated Cost | : | As per DTCN |
| 6 | Date & Time of availability of Bid Documents in the Portal | : | 08.02.2019 at 06.00 PM |
| 7 | Last date & time for receipt of bids in the portal | : | 19.02.2019 at 06.00 PM |
| 8 | Bids received online shall be opened on | : | 22.02.2019 at 03.00 P.M. |
| 9 | Name and Address of the Officer inviting | : | Executive Officer, Jharsuguda Municipality. |
| 10 | Further details can be seen from the procurement portal i.e. www.tenderodisha.gov.in | | |

Sd./- Executive Officer, Jharsuguda Municipality

## DISTRICT OFFICE: KENDRAPARA
(SOCIAL WELFARE SECTION)
Email ID: dswokendrapara@nic.in, Ph: 06727-232004, PIN: 754211
No. 359 / Dt. 05.02.2019

**TENDER CALL NOTICE**

Sealed tenders are invited from intending agencies / firms / printing press for supply of new Arunima Abhyas Pustika-I & II for pre-School students of Anganwadi Centres of the district. The tender documents should reach in the office of the District Social Welfare Officer, Kendrapara by Registered Post or Speed Post by 3.00PM on 19.02.2019 and the tender will be opened at 4.00PM on 19.02.2019 in the Office chamber of Collector, Kendrapara in presence of Tender Committee constituted for the purpose and the tenderer or their authorized representative. The tender papers received after due date and time will not be entertained.

The details of the Arunima Books are mentioned in the terms and conditions. The details tender papers and terms and conditions can be downloaded from the district website http://www.kendrapara.nic.in or can be seen in the tender notice displayed in the notice board of DSWO, Kendrapara.

The undersigned reserves the right to accept / reject any or all tender papers without assigning any reason thereof.

*Sd./- Collector, Kendrapara*

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବାରକୋଟ
ବିଜ୍ଞାପନ ସଂଖ୍ୟା– ୨୫୧ ତା: ୦୪।୦୨।୨୦୧୯

ଏତଦ୍ୱାରା ପଞ୍ଚାୟତ ସମିତି ବାରକୋଟ ଅନ୍ତର୍ଗତ ବଳମ ଗ୍ରାମପଞ୍ଚାୟତର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଏବଂ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ବର୍ଷ ୨୦୧୮-୧୯ର ପ୍ରଥମ ପର୍ଯ୍ୟାୟର ସାମାଜିକ ସମୀକ୍ଷା ନିମ୍ନସାରଣୀ ଅନୁସାରେ ଅନୁଷ୍ଠିତ ହେବ। ଏଥିରେ ଶତପ୍ରତିଶତ ମଷ୍ଟରରୋଲ ଓ କାର୍ଯ୍ୟପତ୍ର ଯାଞ୍ଚ ହେବ। ତେଣୁ ଉକ୍ତ ସାମାଜିକ ସମୀକ୍ଷା ଗ୍ରାମସଭାରେ ବଳମ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣ ଅର୍ଦ୍ଧକୁଶଳୀ ତଥା ଅଣକୁଶଳୀ ଶ୍ରମିକ, ସ୍ୱେଚ୍ଛାସେବୀ ସଙ୍ଗଠନର ପ୍ରତିନିଧି, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ତଥା ଶାରୀରିକ ଭିନ୍ନକ୍ଷମ, ବୃଦ୍ଧ, ବୃଦ୍ଧା, ବିଧବା ସଦସ୍ୟବୃନ୍ଦ ଏବଂ ଗ୍ରାମପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟା, ଗ୍ରାମପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ/ଜିପିଟିଏ ଏବଂ ଉପରୋକ୍ତ ଯୋଜନାରେ ସମ୍ପୃକ୍ତ ଥିବା ବିଭିନ୍ନ କାର୍ଯ୍ୟନିର୍ବାହୀ ସଂସ୍ଥାର ଅଧିକାରୀ ଉପସ୍ଥିତ ରହିବେ।

**ସାମାଜିକ ସମୀକ୍ଷା କାର୍ଯ୍ୟସୂଚୀ, ସ୍ଥାନ: ବଳମ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ**

| କ୍ର. ନଂ. | ଯୋଜନା | ସାମାଜିକ ସମୀକ୍ଷା ଆରମ୍ଭ ତାରିଖ | ସାମାଜିକ ସମୀକ୍ଷା ଶେଷ ତାରିଖ | ସାମାଜିକ ସମୀକ୍ଷା ଗ୍ରାମସଭା ତାରିଖ ଓ ସମୟ | ପର୍ଯ୍ୟବେକ୍ଷକ |
|---|---|---|---|---|---|
| ୧ | ଜାତୀୟ ସାମାଜିକ ସୁରକ୍ଷା | ୧୬।୦୨।୧୯ | ୧୯।୦୨।୧୯ | ୨୬।୦୨।୨୦୧୯, ଘ.୧୦.୩୦ମି. | ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ |
| ୨ | ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା | ୨୦।୦୨।୧୯ | ୨୫।୦୨।୧୯ | | |

ସ୍ୱା./– ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବାରକୋଟ

## DISTRICT EDUCATION OFFICE, GANJAM, BRAHMAPUR
**Ph : 0680 2233350 (O), Fax No. : 0680 2233251,**
**Email : deoganjam11@gmail.com**
**L. No. 1933/MDM** **Dtd. 06.02.2019**

**SHORT TENDER CALL NOTICE FOR ENGAGEMENT OF TRANSPORTING AGENTS UNDER MDM FEEDING PROGRAMME OF BRAHMAPUR / BHANJANAGAR/ CHATRAPUR SUB-DIVISION OF GANJAM DISTRICT FOR THE YEAR 2019-20**

Sealed tenders in prescribed format under two bid system are invited from intending registered firms / authorized licensed Transport Contractor / Agents having valid TIN, PAN, GST registration & clearance certificate for undertaking transportation of rice under MDM feeding programme in Brahmapur / Bhanjanagar / Chatrapur Sub-Division of Ganjam district for the year 2019-20. The tender paper (bid documents) containing detailed specification with terms and conditions can be obtained by downloading from the Ganjam district website https://ganjam.nic.in. The cost of tender paper is Rs. 10,000/- which is to be deposited in shape of D.D. in favour of District Education Officer, Ganjam and enclosed in the technical bid of the tender. Last date and time for receipt of tender paper is 23.02.2019 at 3.00 PM and will be opened on 25.02.2019 at 11.00 AM in the Collectorate, Ganjam, Chatrapur. The quotations must be sent through Registered Post / Speed Post only addressed to District Education Officer, Ganjam, Brahmapur, PIN- 760005, Dist : Ganjam Sending of quotations through couriers or by hand is not allowed. This office will not be responsible for any postal delay. The tender paper shoul be submitted in sealed cover superscribing as **"TENDER FOR UNDERTAKING TRANSPORTATION WORK UNDER MDM FEEDING PROGRAMME IN BRAHMAPUR / BHANJANAGAR / CHATRAPUR SUB-DIVISION OF GANJAM DISTRICT - 2019-20".**

The authority reserves the right to reject any or all the tenders without assigning any reason thereof.

**Sd./- Collector, Ganjam**

## GOVERNMENT OF ODISHA
## e-PROCUREMENT NOTICE
No. 1576-O
**Bid Identification No. Online tender / 11/E.E.RW Boudh/2018-19**
**Email : rw_boudh@yahoo.co.in**
**National Competitive Bidding Through e-Procurement**

Name of the Work : Road Works -9 (Nine) Nos

| | | | |
|---|---|---|---|
| 1. | Estimated cost | : | Rs. 9.00 lakhs to Rs. 22.11 lakhs (approximately) |
| 2. | Period of completion | : | 2 (Two) Calendar months |
| 3. | Date & Time of availability of Bid documents in the portal | : | From 12.02.2019, 10.00 AM to 19.02.2019, 5.00 PM |
| 4. | Last date / Time for receipt of bids in the portal | : | 19.02.2019 upto 5.00 P.M. |
| 5. | Last date / Time for seeking of Tender Clarification | : | 18.02.2019 upto 5.00 P.M. |
| 6. | Date & Time of opening of Tender / Bid | : | 20.02.2019 at 11.00 A.M |
| 7. | Name & Address of the officer inviting bid | : | Executive Engineer, R.W.Division, Boudh |

Further details, corrigendum (s) etc can be seen from the e-procurement portal "https://www.tendersorissa.gov.in".

25061/11/0009/1819 **Sd./- Executive Engineer R.W.Division, Boudh**

## OFFICE OF THE EXECUTIVE ENGINEER RURAL WATER SUPPLY & SANITATION DIVISION, MALKANGIRI
Phone - (06861) 231617 email: eerwss_mal@nic.in, eerwssmlkg@gmail.com

**QUOTATION CALL NOTICE No 01 / (EB-61) 2019 Dt. 04.02.2019**

No.1589-O: The Executive Engineer, RWS&S Division, Malkangiri on behalf of Governor of Odisha invites sealed quotations from Authorised Manufactures, Authorised Dealers, Authorised Distributers for supply of Chemicals, Glassware, Consumables of reputed makes for testing of drinking water at RWS&S Divisional Laboratory, Malkangiri/ Sub- Divisional laboratory, Mathili.

The time schedule of quotation is as follows.

**1) Date for submission of quotation:- Dt. 11.02.2019 at 10.00 A.M to 18.02.2019 up to 5.00 PM.**

**2) Date of Opening of Quotation:- Dt.19.02.2019 at 11.30 AM.**

The detail item list and term and condition are available in office of the Executive Engineer, RWS&S Division, Malkangiri during office hours or can be downloaded from www.odisha.gov.in , www.malkangiri.nic.in

25044/11/0024/1819 **Executive Engineer RWS&S Division, Malkangiri**

## ପୂର୍ତ୍ତ ବିଭାଗ ଓଡ଼ିଶା ସରକାର
## ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ (ରାସ୍ତା ଓ କୋଠାବାଡି) ବିଭାଜନ, ଅନୁଗୋଳ
**ବିଜ୍ଞପ୍ତି**

ନଂ. ୨୦୯୧ ଅନୁଗୋଳ ତା. ୦୨ ଫେବୃୟାରୀ, ୨୦୧୯

No.-1231-B ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଗମନାଗମନର ବିକାଶପାଇଁ ଏବଂ ଅନୁଗୋଳ ଜିଲ୍ଲାବାସୀଙ୍କ ବୃହତ୍ତମ ସ୍ୱାର୍ଥ ଦୃଷ୍ଟିରୁ ଜିଲ୍ଲାର କୁମୁଣ୍ଡା- କୋଶଳା ରାସ୍ତାର ପ୍ରଶସ୍ତୀକରଣ କରିବା ପାଇଁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ଉପରୋକ୍ତ ରାସ୍ତାର ପ୍ରଶସ୍ତିକରଣ ନିମନ୍ତେ ଛେଣ୍ଡିପଦା ତହସିଲ ଅନ୍ତର୍ଗତ ୨(ଦୁଇ) ଗୋଟି ମୌଜା, ଶିମିଳିସାହି– ୦.୬୪୩୭ ଏକରର ଏବଂ କୋଶଳା– ୦.୨୧୦୦ ଆବଶ୍ୟକତା ରହିଛି। ୦.୬୪୩୭ ଏକର ଓ ୦.୨୧୦୦ ଏକରର ବେସରକାରୀ ଜମିର ସବିଶେଷ ବିବରଣୀ ଯାହାକି ସବ୍ ରେଜିଷ୍ଟ୍ରାର, ଛେଣ୍ଡିପଦା ଠାରୁ ପ୍ରାପ୍ତ ହୋଇଛି, ତାହା ନିମ୍ନରେ ପ୍ରଦତ୍ତ କରାଗଲା। ଉକ୍ତ ବେସରକାରୀ ଜମିକୁ ରାଜସ୍ୱ ଓ ପ୍ରଶମନ ବିଭାଗ, ଓଡ଼ିଶା ସରକାରଙ୍କ ପତ୍ରସଂଖ୍ୟା ୧୦୨୪୧ ତା.୩୧।୦୩।୨୦୧୪ ପ୍ରଦତ୍ତ ପ୍ରଣାଳୀ ଅନୁଯାୟୀ ପୂର୍ତ୍ତ ବିଭାଗ , ଓଡ଼ିଶା ସରକାରଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀଙ୍କ ରାସ୍ତା ଓ (କୋଠାବାଡି) ବିଭାଜନ, ଅନୁଗୋଳ ଜମି ମାଲିକଙ୍କ ଠାରୁ ସିଧାସଳଖ କ୍ରୟ କରିବାକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହି ବିଷୟରେ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ଉକ୍ତ ଜମି ମାଲିକ କିମ୍ବା ତାଙ୍କର ଉତ୍ତରାଧିକାରୀ ସହ ସବିଶେଷ ଆଲୋଚନା କରିବା ସହ ବ୍ୟକ୍ତିଗତ ନୋଟିସ୍ ଜାରି କରାଯାଇଛି।

ପୁନଶ୍ଚ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଉପରୋକ୍ତ ବିଜ୍ଞପ୍ତି ମାଧ୍ୟମରେ ପ୍ରକାଶିତ କୌଣସି ଜମି ସମ୍ବନ୍ଧରେ କୌଣସି ବ୍ୟକ୍ତିର ଆଗ୍ରହ ରହିଥାଏ, ତେବେ ସେ ଏହି ବିଜ୍ଞପ୍ତି ଜାରି ହେବାର ୭ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କିମ୍ବା ଜମିର କୌଣସି ଅଂଶ ବା ସେପ୍ରକାର ଜମି ଉପରେ ରହିଥିବା ତାଙ୍କର ଅଧିକାର ସମ୍ବନ୍ଧିତ ପ୍ରସ୍ତାବକୁ ନିମ୍ନ ଲିଖିତ ଠିକଣାରେ ଜଣାଇ ପାରିବେ। ତତ୍ ସମ୍ବନ୍ଧିୟ ସବିଶେଷ ତଥ୍ୟ ଜାଣିବାକୁ ଚାହୁଁଥିଲେ ମଧ୍ୟ ନିମ୍ନ ଲିଖିତ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ କରାଗଲା।

**ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ କୋଠାବାଡି ବିଭାଜନ କାର୍ଯ୍ୟାଳୟ, ଅନୁଗୋଳ**
**ସହକାରୀ ନିର୍ବାହୀ ଯନ୍ତ୍ରୀ, (ରାସ୍ତା ଓ କୋଠାବାଡି) ଉପବିଭାଜନ, ତାଳଚେର**

**ସ୍ୱା./- ସୂର୍ଯ୍ୟ ନାରାୟଣ ଆଚାର୍ଯ୍ୟ**
**ନିର୍ବାହୀ ଯନ୍ତ୍ରୀଙ୍କ ( ରାସ୍ତା ଓ କୋଠାବାଡି) ବିଭାଜନ, ଅନୁଗୋଳ**

**ଜିଲ୍ଲା-ଅନୁଗୋଳ, ଥାନା- ଛେଣ୍ଡିପଦା, ତହସିଲ୍- ଛେଣ୍ଡିପଦା, ମୌଜା- ସିମିଳିସାହି**

| କ୍ର. ନଂ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ରଜାଙ୍କ ନାମ, ବାସସ୍ଥାନ ଠିକଣା | ପ୍ଲଟର ମୋଟ ରକବା (ଏକରରେ) | ପ୍ରକଳ୍ପ ପାଇଁ ଆବଶ୍ୟକୀୟ ରକବା (ଏକରରେ) |
|---|---|---|---|---|---|---|
| ୧ | ୯୨୧ | ୪୩୪ | ତଇଲା | ଶ୍ରୀପତି ବେହେରା , ପି– ପଞ୍ଚୁ ବେହେରା, ସା– ସିମିଳିସାହି | ୩.୮୪୮୭ | ୦.୦୭୪୧ |
| ୨ | ୯୨୧ | ୫୨୨ | ପତିତ | ଶ୍ରୀପତି ବେହେରା , ପି– ପଞ୍ଚୁ ବେହେରା, ସା– ସିମିଳିସାହି | ୦.୧୭୩୦ | ୦.୧୭୩୦ |
| ୩ | ୯୨୧ | ୫୯୧ | ତଇଲା | ଶ୍ରୀପତି ବେହେରା , ପି– ପଞ୍ଚୁ ବେହେରା, ସା– ସିମିଳିସାହି | ୦.୬୬୭୨ | ୦.୦୩୪୬ |
| ୪ | ୯୨୧ | ୫୯୦ | ତଇଲା | ଶ୍ରୀପତି ବେହେରା , ପି– ପଞ୍ଚୁ ବେହେରା, ସା– ସିମିଳିସାହି | ୦.୧୮୭୮ | ୦.୦୧୬୧ |
| ୫ | ୯୨୧ | ୫୮୯ | ଘରବାରି | ଶ୍ରୀପତି ବେହେରା , ପି– ପଞ୍ଚୁ ବେହେରା, ସା– ସିମିଳିସାହି | ୦.୧୪୮୩ | ୦.୦୧୩୬ |
| ୬ | ୯୧୪ | ୪୩୫ | ତଇଲା | ଶ୍ରୀନିବାସ ସାହୁ, ଯୁଧିଷ୍ଠିର ସାହୁ, ପିତବାସ ସାହୁ, ନେତ୍ରମଣୀ ସାହୁ, ସୁକାନ୍ତି ସାହୁ, ଅଞ୍ଜି ସାହୁ, ପି– ଗଣେଶ୍ୱର ସାହୁ, ସା– କୋଶଳା | ୦.୩୩୯୮ | ୦.୦୦୯୯ |
| ୭ | ୯୧୪ | ୫୨୧ | ପତିତ | ଶ୍ରୀନିବାସ ସାହୁ, ଯୁଧିଷ୍ଠିର ସାହୁ, ପିତବାସ ସାହୁ, ନେତ୍ରମଣି ସାହୁ, ସୁକାନ୍ତି ସାହୁ, ଅଞ୍ଜି ସାହୁ, ପି– ଗଣେଶ୍ୱର ସାହୁ, ସା– କୋଶଳା | ୦.୩୯୫୪ | ୦.୦୩୫୯ |
| ୮ | ୯୧୪ | ୫୯୨ | ତଇଲା | ଶ୍ରୀନିବାସ ସାହୁ, ଯୁଧିଷ୍ଠିର ସାହୁ, ପିତବାସ ସାହୁ, ନେତ୍ରମଣି ସାହୁ, ସୁକାନ୍ତି ସାହୁ, ଅଞ୍ଜି ସାହୁ, ପି– ଗଣେଶ୍ୱର ସାହୁ, ସା– କୋଶଳା | ୦.୩୩୧୧ | ୦.୦୦୯୯ |
| ୯ | ୩୩୨ | ୪୬୨ | ତଇଲା | ଦିନବନ୍ଧୁ ସାହୁ, ଗୋବର୍ଦ୍ଧନ ସାହୁ, ପଞ୍ଚାନନ ସାହୁ,ସୁକୁଟି ସାହୁ, ପି– ସୁକଦେବ ସାହୁ ଓଗେର, ସା– କୋଶଳା | ୦.୦୩୯୫ | ୦.୦୦୯୯ |
| ୧୦ | ୩୩୨ | ୪୬୩ | ପତିତ | ଦିନବନ୍ଧୁ ସାହୁ, ଗୋବର୍ଦ୍ଧନ ସାହୁ, ପଞ୍ଚାନନ ସାହୁ,ସୁକୁଟି ସାହୁ, ପି– ସୁକଦେବ ସାହୁ ଓଗେର, ସା– କୋଶଳା | ୦.୧୭୩୦ | ୦.୧୭୩୦ |
| ୧୧ | ୩୩୨ | ୪୬୪ | ତଇଲା | ଦିନବନ୍ଧୁ ସାହୁ, ଗୋବର୍ଦ୍ଧନ ସାହୁ, ପଞ୍ଚାନନ ସାହୁ,ସୁକୁଟି ସାହୁ, ପି– ସୁକଦେବ ସାହୁ ଓଗେର, ସା– କୋଶଳା | ୦.୨୧୧୩ | ୦.୦୯୦୨ |
| | | | | | ମୋଟ : | ୦.୬୪୩୭ |

**ଜିଲ୍ଲା-ଅନୁଗୋଳ, ଥାନା- ଛେଣ୍ଡିପଦା, ତହସିଲ୍- ଛେଣ୍ଡିପଦା, ମୌଜା- କୋଶଳା**

| କ୍ର. ନଂ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ରଜାଙ୍କ ନାମ, ବାସସ୍ଥାନ, ଠିକଣା | ପ୍ଲଟର ମୋଟ ରକବା (ଏକରରେ) | ପ୍ରକଳ୍ପ ପାଇଁ ଆବଶ୍ୟକୀୟ ରକବା (ଏକରରେ) |
|---|---|---|---|---|---|---|
| ୧ | ୯୩୧ | ୮୮୩୪ | ତଇଲା | ବୃନ୍ଦାବନ ସାହୁ, ପି– ଶୁକଦେବ ସାହୁ, ସା– କୋଶଳା | ୦.୧୨୭୩ | ୦.୦୩୪୬ |
| ୨ | ୯୩୧ | ୮୮୩୫ | ତଇଲା | ବୃନ୍ଦାବନ ସାହୁ, ପି– ଶୁକଦେବ ସାହୁ, ସା– କୋଶଳା | ୦.୧୦୫୦ | ୦.୦୦୩୫ |
| ୩ | ୯୩୧ | ୮୮୩୯ | ତଇଲା | ବୃନ୍ଦାବନ ସାହୁ, ପି– ଶୁକଦେବ ସାହୁ, ସା– କୋଶଳା | ୦.୦୯୮୮ | ୦.୦୯୮୮ |
| ୪ | ୯୩୧ | ୮୮୪୦ | ତଇଲା | ବୃନ୍ଦାବନ ସାହୁ, ପି– ଶୁକଦେବ ସାହୁ, ସା– କୋଶଳା | ୦.୦୨୯୭ | ୦.୦୦୯୯ |
| ୫ | ୯୩୧ | ୮୮୩୮ | ତଇଲା | ବୃନ୍ଦାବନ ସାହୁ, ପି– ଶୁକଦେବ ସାହୁ, ସା– କୋଶଳା | ୦.୮୬୧୨ | ୦.୦୧୯୮ |
| ୬ | ୯୩୧ | ୮୮୪୧ | ତଇଲା | ବୃନ୍ଦାବନ ସାହୁ, ପି– ଶୁକଦେବ ସାହୁ, ସା– କୋଶଳା | ୦.୦୬୦୫ | ୦.୦୨୪୭ |
| ୭ | ୯୧୪ | ୮୮୪୨ | ତଇଲା | ବୃନ୍ଦାବନ ସାହୁ, ପି– ଶୁକଦେବ ସାହୁ, ସା– କୋଶଳା | ୦.୩୭୦୧ | ୦.୦୧୯୮ |
| | | | | | ମୋଟ : | ୦.୨୧୦୦ |

34074/11/0036/1819

## GOVERNMENT OF ODISHA
**OFFICE OF THE EXECUTIVE ENGINEER, RWS&S DIVISION, MALKANGIRI**
**Tel: 06861-231617, Fax - 06861-231617, E-mail - eerwss_mal@nic.in, eerwssmlkg@gmail.com**
**INVITATIONFORBIDS**
**NATIONAL COMPETITIVE BIDDING**
**Bid Identification No: RWSS_MKG_ONLINE_07/ 2018-19 DATED: - 04.02.2019**

No. 1601-O: The Executive Engineer, RWS&S Division, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below to be eventually drawn up in P-1 contract.

| | | | | | |
|---|---|---|---|---|---|
| 1 | Name of the Work: | | Supplying all materials, labor, T&P etc. and construction of RCC OGR including drawing & design, Spring collection box, Filtration chamber, guard wall, Bleaching store, compound wall, supply & laying of pipes in rising main and distribution system, supply & installation of bleaching dozer including five years maintenance cost in connection with RPWS to village Andrahal under Khairput Block in Malkangiri District. | | |
| 2 | No. of Works | | 01 No. | | |
| 3 | Estimated cost | | Rs. 119.08 Lakhs | | |
| 4 | Tender Paper cost | | Rs.10,000/- | | |
| 5 | Class of Contractor | | Estimated cost up to Rs. 20.00 lakhs | Estimated cost more than Rs.20.00 lakhs & within Rs.40.00 lakhs | Estimated cost more than Rs.40.00 lakhs & within Rs.300.00 lakhs |
| | | | 'D' & 'C' | 'C' & 'B' | 'B' & 'A' |
| 6 | Period of Completion | | 08 (Eight) calendar months | | |
| 7 | Critical dates : | | | | |

| Procurement Officer | Bid Identification No. | Availability of Tender online for Bidding From | Availability of Tender online for Bidding To | Last Date of seeking tender Clarification | Date of opening of Bid |
|---|---|---|---|---|---|
| Executive Engineer, RWS&S Division, Malkangiri | RWSS_MKG_ ONLINE_07 of 2018-19 | 11.02.2019 at 09.00 AM | 25.02.2019 up to 05.00 PM | 23.02.2019 | 26.02.2019 at 11.00 AM |

Further details can be seen in the bidding documents, which is available in the e-procurement portal https://www.tendersorissa.gov.in.
Subsequent corrigendum if required shall be appeared in the web site.
Authority reserves the right to reject any or all tenders without assigning any reason thereof.

25044/11/0023/1819 **Executive Engineer, RWS&S Division, Malkangiri**

## OFFICE OF THE MUNICIPAL COUNCIL, BHAWANIPATNA
**No. : 263** **Dt. 06.02.2019**

**QUOTATION CALL NOTICE**

**SELECTION OF AGENCY FOR OPERATION AND MANAGEMENT OF SHELTER FOR URBAN HOMELESS UNDER BHAWANIPATNA MUNICIPALITY**

The Executive Officer Bhawanipatna Municipality on behalf of Municipal Council invites Quotation from reputed and experienced agencies/NGO or CSO with appropriate legal entity/ Federation of WSHGs/Public and private sector companies/Resident Welfare Association for Operation and Management of Shelter for Urban Homeless in Bhawanipatna Town. The quotationer should quote in Indian Rupees only. The quotation paper can be available in the office of the undersigned on working day between 11 AM to 3 PM on payment of Rs. 2000.00 + VAT Rs. 100.00 (5%) (non-refundable) in shape of Demand Draft in favour of "Executive Officer, Bhawanipatna Municipality" payable at Bhawanipatna from 08.02.2019 to 16.02.2019. The quotation should reach this office on or before 16.02.2019 at 3PM along with Earnest Money Deposit ( EMD) of Rs 10,000.00 ( Ten thousand rupees only) in shape of Demand Draft in favour of "Executive Officer Bhawanipatna Municipality" payable at Bhawanipatna,by speed post / Registered Post and the same will be opened on 16.02.2019 at 4PM. In the presence of quotationers or their authorized representatives. The Quotationers representative who is present shall sign an attendance register evidencing their attendance at the time of opening of both the bids i.e. Technical Bid and Financial Bid. In the event of the specified date of Bid opening being declared holiday for the tendering Authority, the Quotation shall be opened at the appointed time and location on the next working day. The Municipality will not be held any responsible for postal delay. Quotation submitted beyond the aforesaid date & time shall not be entertained. The Authority reserves to right to accept or cancel any or all the quotations without assigning any reason thereof.

Further details & Terms & Conditions can be available from the Bhawanipatna Municipality Office on the working days.

| Sl. No. | Description | Cost of Tender Paper | Cost of 5% VAT | EMD Rs. | Eligible of Quotationer |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | OPERATION AND MANAGEMENT OF SHELTER FOR URBAN HOMELESS UNDER BHAWANIPATNA MUNICIPALITY | Rs. 2000.00 | Rs.100.00 | Rs.10,000.00 | Registered Organization |

**Sd./- Executive Officer, Bhawanipatna Municipality**

## OFFICE OF THE EXECUTIVE ENGINEER, RWS & S DIVISION, BHADRAK
No.1600-O
**Tel: 06784-240979, e-mail: rwssdivisionbhadrak@gmail.com**
**NATIONAL COMPETITIVE BIDDING THROUGH e-Tendering**
**Identification No.21** **Dt.04.02.2019**

| | | |
|---|---|---|
| 1. | Name & Nos of work | 21 Nos of Rural piped water supply Scheme |
| 2. | Estimated Cost | Rs. 62.37 lakhs to 312.93 lakhs |
| 3. | Class of contractor | B & A / A and Spl. |
| 4. | Cost of Tender Paper | As per DTCN |
| 5. | Period of Completion | 8 Months to 11 Months |
| 6. | Mode of submission | Tender should be submitted only online in **www.tenderorissa.gov.in** |
| 7. | Period of Availability of tenders online | 10.00 hours of Dt. 11.02.2019 to 17.00hours of Date. 25.02.2019 |
| 8. | Last date & time of seeking Clarification | Date 22.02.2019 up to 5.00 P.M. |
| 9. | Last date & time of bidding online | Date 25.02.2019 up to 5.00 P.M. |
| 10. | Date & time opening of tender bid | Date 26.02.2019 at 11.00 A.M. |
| 11. | Name and address of the officer inviting tender | Executive Engineer RWS&S Division, Bhadrak |

12. Further details can be seen from the e-Procurement portal **www.tendersorissa.gov.in (https//tendersodisha.gov.in)**
13. Subsequent modification / corrigendum if required shall appear in website only.
14. Further details can be seen from the e-Procurement portal **www.tendersorissa.gov.in (https//tendersodisha.gov.in)**

25020/11/0035/1819 ***Sd./- Executive Engineer RWS&S Division, Bhadrak***

See Career Appointment on every Wednesday & Saturday



ନିର୍ମଳ କୁମାର ମିଶ୍ର

# ରେକର୍ଡ ବ୍ରେକର ବିରାଟ



କ୍ରିକେଟ ସୁପରଷ୍ଟାର ବିରାଟ କୋହଲି ଗୋଟିଏ ପରେ ଗୋଟିଏ ରେକର୍ଡ ସୃଷ୍ଟି କରିଚାଲିଛନ୍ତି। ସେ ମ୍ୟାଚ ଖେଳିଲେ ରେକର୍ଡ ଆପେ ଆପେ ତିଆରି ହୋଇଯାଉଛି। କ୍ରିକେଟର ୩ଟି ଯାକ ଫର୍ମାଟରେ ସେ ତାଙ୍କର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି। ସେ ବିଶ୍ୱର ସବୁଠାରୁ ଆକ୍ରମଣାତ୍ମକ ଅଧିନାୟକ ଏବଂ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ରୂପେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ସକ୍ଷମ ହୋଇଛନ୍ତି...

**ପୂରା ନାମ–** ବିରାଟ କୋହଲି
**ଜନ୍ମ–** ନଭେମ୍ବର, ୧୯୮୫, ଦିଲ୍ଲୀ
**ବୟସ–** ୩୦ ବର୍ଷ
**ମେଜର ଟିମ–** ଭାରତ, ଦିଲ୍ଲୀ, ଇଣ୍ଡିଆ ରେଡ୍, ୧୯ ବର୍ଷରୁ କମ୍ ଭାରତୀୟ ଦଳ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର
**ଟେଷ୍ଟ ପଦାର୍ପଣ–** ଜୁନ, ୨୦୧୧, ୱେଷ୍ଟଇଣ୍ଡିଜ
**ଦିନିକିଆ ପଦାର୍ପଣ–** ଅଗଷ୍ଟ, ୨୦୦୮, ଶ୍ରୀଲଙ୍କା
**ଟି୨୦ ପଦାର୍ପଣ–** ଜୁନ୍, ୨୦୧୦, ଜିମ୍ବାୱେ

**କ୍ୟାରିୟର**

| | ମ୍ୟାଚ୍ | ଶତକ | ଅର୍ଦ୍ଧଶତକ | ରନ |
|---|---|---|---|---|
| ଟେଷ୍ଟ | ୭୭ | ୨୫ | ୨୦ | ୬,୬୧୩ |
| ଦିନିକିଆ | ୨୨୨ | ୩୯ | ୪୯ | ୧୦,୫୩୩ |
| ଟି୨୦ | ୬୫ | ୦ | ୧୯ | ୧୫୯୨ |

ବିରାଟ କୋହଲିଙ୍କର କୌଣସି ପରିଚୟର ଆବଶ୍ୟକତା ନାହିଁ। ତାଙ୍କ ସଫଳତା ମାଧ୍ୟମରେ ଟିମ୍ ଇଣ୍ଡିଆ ଗତ କିଛି ବର୍ଷ ହେବ ତା'ର ରେକର୍ଡରେ ସୁଧାର ଆଣିବାକୁ ସକ୍ଷମ ହୋଇଛି। ସିରିଜ ପରେ ସିରିଜ ବିଜୟ ଭାରତୀୟ କ୍ରିକେଟକୁ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚାଇଛି। ବିଭିନ୍ନ ଦେଶର ଅଧିନାୟକ, ପୂର୍ବତନ ଅଧିନାୟକ, ଭାଷ୍ୟକାର ଏବଂ ପୂର୍ବତନ ଖେଳାଳିମାନେ ଏହି ଭାରତୀୟ ଅଧିନାୟକଙ୍କ ଭୂୟସୀ ପ୍ରଶଂସା କରିବାକୁ ପଛାଇନାହାନ୍ତି। ତାଙ୍କର ନେତୃତ୍ୱରେ ଭାରତୀୟ ଦଳ ବିଦେଶରେ ଗୋଟିଏ ପରେ ଗୋଟିଏ ସିରିଜ ବିଜୟ ଆଣିବାକୁ ସକ୍ଷମ ହୋଇଛି। ତାଙ୍କର ଏହି ବିରଳ ସଫଳତା ପାଇଁ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ର୍ୟାଙ୍କିଙ୍ଗ୍ ଏବଂ ଏକଦିବସୀୟ ର୍ୟାଙ୍କିଙ୍ଗରେ ଭାରତ ୧ନଂ ସ୍ଥାନ ଅଧିକାର କରିଛି। ନିକଟରେ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡରେ ଟେଷ୍ଟ ଓ ଏକଦିବସୀୟ ସିରିଜ ବିଜୟ ଭାରତକୁ ବିଶ୍ୱ କ୍ରିକେଟ୍‌ରେ ସବୁଠାରୁ ଶକ୍ତିଶାଳୀ ଦଳ ରୂପେ ଗଢ଼ି ତୋଳିଛି। ଭାରତ ଏବେ ଆଗାମୀ ବିଶ୍ୱକପ୍ ପାଇଁ ଫେଭରାଇଟ ଦଳ ଭାବେ ଉଭା ହୋଇଛି। ଏଥି ସହିତ ଯୁବ ଖେଳାଳିମାନଙ୍କ ପ୍ରଦର୍ଶନକୁ ନେଇ କୋହଲି ବେଶ ଉତ୍ସାହିତ ରହିଛନ୍ତି। ଯୁବ ଉଇକେଟ୍ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ, ସ୍ପିନର କୁଳଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲ ଏବଂ ପେସ୍ ବୋଲର ଯଶପ୍ରୀତ୍ ବୁମରା ଯେକୌଣସି ବିପର୍ଯ୍ୟୟ ସୃଷ୍ଟି କରିବାକୁ ସକ୍ଷମ ବୋଲି ସେ କହିଛନ୍ତି। ବ୍ୟାଟିଂରେ ରୋହିତ ଶର୍ମା, ଶିଖର ଧାୱନ ଏବଂ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀଙ୍କୁ ମଧ୍ୟ କୋହଲି ବେଶ୍ ପ୍ରଶଂସା କରିଛନ୍ତି। ଯେ କୌଣସି ବିଜୟକୁ ସବୁବେଳେ ଦଳଗତ ପ୍ରୟାସର ଫଳ ବୋଲି କୋହଲି କହିଥାନ୍ତି। ଏହା ତାଙ୍କ ମହନୀୟତାର ଶ୍ରେଷ୍ଠ ପରିଚାୟକ ବୋଲି କୁହାଯାଇପାରେ।

୨୦୦୮ ମସିହାରୁ ଶ୍ରୀଲଙ୍କା ବିପକ୍ଷରେ ନିଜର ଏକଦିବସୀୟ କ୍ୟାରିୟର ଆରମ୍ଭ କରିଥିବା ଏହି ମୋଷ୍ଟ ଷ୍ଟାଇଲିସ୍ ବ୍ୟାଟ୍ସମ୍ୟାନ ୨୦୧୧ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ନିଜର ପ୍ରଥମ ଟେଷ୍ଟମ୍ୟାଚ୍ ଖେଳିବା ପରେ ଆଉ ପଛକୁ ଫେରି ଚାହିଁନାହାନ୍ତି। ଯଦିଓ ଟି୨୦ ଫର୍ମାଟରେ ସେ ଅଧିକ ସଫଳ ହୋଇନାହାନ୍ତି ତଥାପି ତାଙ୍କର ଅଧିନାୟକତ୍ୱରେ ଟିମ୍ ଇଣ୍ଡିଆ ଗୋଟିଏ ପରେ ଗୋଟିଏ ସଫଳତା ପାଇବାକୁ ସକ୍ଷମ ହୋଇଛି। ୨୦୧୧ରୁ ୨୦୧୮ ମଧ୍ୟରେ ମୋଟ ୭୭ଟି ଟେଷ୍ଟମ୍ୟାଚ୍ ଖେଳି ୫୩.୭୬ ହାରରେ ସେ ୬୬୧୩ ରନ୍ ସଂଗ୍ରହ କରିବା ସହିତ ୨୫ଟି ଶତକ ଏବଂ ୨୦ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। କ୍ରିକେଟର ଏହି ରିୟଲ ଫର୍ମାଟରେ ଅପେକ୍ଷାକୃତ କମ ମ୍ୟାଚ୍ ଖେଳି କୋହଲି ସମସାମୟିକ ବ୍ୟାଟ୍ସମ୍ୟାନଙ୍କୁ ବହୁ ପଛରେ ପକାଇ ଦେଇଛନ୍ତି। ସେହିପରି ଦିନିକିଆ ଫର୍ମାଟରେ ୨୦୦୮ରୁ ଶ୍ରୀଲଙ୍କା ବିପକ୍ଷରେ ନିଜର ପ୍ରଥମ ଏକଦିବସୀୟ ମ୍ୟାଚ୍‌ଠାରୁ ୨୦୧୯ରେ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍ ସହିତ ସେ ମୋଟ ୨୨୨ଟି ମ୍ୟାଚ୍ ଖେଳିଛନ୍ତି। ଦିନିକିଆରେ ୫୯.୫୦ ହାରରେ ସେ ମୋଟ ୧୦,୫୩୩ ରନ୍ କରିଛନ୍ତି। ଏଥିରେ ସାମିଲ ରହିଛି ରେକର୍ଡ ୩୯ ଶତକ ଏବଂ ୪୯ଟି ଅର୍ଦ୍ଧଶତକ। ଏଥି ସହିତ ସେ ସମଗ୍ର ବିଶ୍ୱ କ୍ରିକେଟରେ ଇତିହାସ ରଚନା କରିବା ସହିତ ମାଇଲଷ୍ଟୋନ ପ୍ରତିଷ୍ଠା କରିବାକୁ ସକ୍ଷମ ହୋଇଛନ୍ତି।

ସେହିପରି ଜିମ୍ବାୱେ ବିପକ୍ଷରେ ୨୦୧୦ରେ ନିଜ କ୍ୟାରିୟରର ପ୍ରଥମ ଟି୨୦ ମ୍ୟାଚ ଖେଳିବା ସହିତ ଚଳିତ ୨୦୧୮ ଅଷ୍ଟ୍ରେଲିଆ ଗସ୍ତରେ ମୋଟ ୬୫ଟି ମ୍ୟାଚ ଖେଳି ୪୯.୨୫ ହାରରେ ମୋଟ ୨୧୬୭ ରନ୍ ସଂଗ୍ରହ କରିଛନ୍ତି। ଏକମାତ୍ର ବିଡମ୍ବନା ଏହି କି ଯେ କ୍ରିକେଟର ଏହି ସବୁଠାରୁ ଲୋକପ୍ରିୟ ଫର୍ମାଟରେ ସେ ଆଜି ପର୍ଯ୍ୟନ୍ତ ନିଜର ଦକ୍ଷତା ଅନୁରୂପ ସଫଳତା ତଥା ହାସଲ କରିପାରିନାହାନ୍ତି। ସେ ଏପର୍ଯ୍ୟନ୍ତ ଟି୨୦ ଫର୍ମାଟରେ ଶତକ ହାସଲ କରିପାରିନାହାନ୍ତି। ଟି୨୦ରେ ସେ ମାତ୍ର ୧୯ଟି ଅର୍ଦ୍ଧଶତକ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ଟି୨୦ କ୍ରିକେଟରେ ତାଙ୍କର ସର୍ବାଧିକ ସ୍କୋର ଅପରାଜିତ ୯୦ରନ୍ ରହିଛି। ଟେଷ୍ଟ ପଦାର୍ପଣରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଅସଫଳ ରହିଥିବା ଏହି ମହାନ୍ ବ୍ୟାଟ୍ସମ୍ୟାନ ୨୦୧୩ ରେ ଅଷ୍ଟ୍ରେଲିଆ ଏବଂ ସାଉଥ ଆଫ୍ରିକା ଗସ୍ତ ସମୟରେ ନିଜର ଅସାଧାରଣ ସଫଳତା ପାଇଁ ଦିନିକିଆ ସ୍ପେସିଆଲିଷ୍ଟ ବ୍ୟାଟ୍ସମ୍ୟାନର ମାନ୍ୟତା ପାଇବା ସହିତ ଆଇସିସି ର୍ୟାଙ୍କିଙ୍ଗ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କୋହଲି ୨୦୧୪ ଏବଂ ୨୦୧୬ରେ ଆଇସିସି ଟି୨୦ ବିଶ୍ୱକପ୍‌ରେ ମ୍ୟାନ୍ ଅଫ୍ ଦି ଟୁର୍ନମେଣ୍ଟ ବିବେଚିତ ହୋଇଥିଲେ। ୨୦୧୭ ପର୍ଯ୍ୟନ୍ତ ସେ ଆଇସିସି ର୍ୟାଙ୍କିଙ୍ଗ୍‌ର ନଂ ୧ ବ୍ୟାଟ୍ସମ୍ୟାନ ମାନ୍ୟତା ପାଇଥିଲେ। ଯାହାକି କୌଣସି ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ପାଇଁ ଏକ ସର୍ବକାଳୀନ ରେକର୍ଡ। ସେହିପରି ନିଜର ଅସାଧାରଣ ଦକ୍ଷତା ପାଇଁ ଟେଷ୍ଟ ଫର୍ମାଟରେ ୯୩୭ ଏବଂ ଏକଦିବସୀୟ ମ୍ୟାଚରେ ୯୧୧ ରେଟିଂ ପଏଣ୍ଟ ସହ ୧ ନମ୍ବର ସ୍ଥାନରେ ରହିବା ମଧ୍ୟ ଏକ ରେକର୍ଡ।

ମହେନ୍ଦ୍ର ସିଂ ଧୋନୀ କ୍ରିକେଟର ୩ଟି ଫର୍ମାଟର ଅଧିନାୟକ ଦାୟିତ୍ୱରୁ ଓହରି ଯିବା ପରେ ବିରାଟ କୋହଲି ୨୦୫ଟି ଏକଦିବସୀୟ ମ୍ୟାଚ୍ ଖେଳି ଦିନିକିଆ ଫର୍ମାଟରେ ୧୦,୦୦୦ ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରି ଅସାଧାରଣ ସଫଳତା ହାସଲ କରିଛନ୍ତି। ଦିନିକିଆରେ ଦ୍ରୁତତମ ବ୍ୟାଟ୍ସମ୍ୟାନ୍ ରୂପେ ୫ ହଜାର ରନ୍ ପୂରଣ କରି ସେ ରେକର୍ଡ ସୃଷ୍ଟି କରିଛନ୍ତି। ବିଶ୍ୱର ପ୍ରଥମ ବ୍ୟାଟ୍ସମ୍ୟାନ ରୂପେ ଖେଳ ଜାରି ରଖିଥିବା ବେଳେ ସର୍ବାଧିକ ଏକଦିବସୀୟ ଶତକ ହାସଲ କରିବାର ରେକର୍ଡ ମଧ୍ୟ ମଧ୍ୟ ତାଙ୍କ ନାମରେ ରହିଛି। ଏପରିକି ଏପର୍ଯ୍ୟନ୍ତ ଟି୨୦ ଫର୍ମାଟରେ ଶତକ ହାସଲ କରିନଥିବା ଏହି କୋହଲିଙ୍କ ନାମରେ ଟି୨୦ ଫର୍ମାଟରେ ଦ୍ରୁତତମ ୨୦୦୦ରନ୍ ସଂଗ୍ରହ କରିବାର ବିଶ୍ୱ ରେକର୍ଡ ରହିଛି। ବିଶ୍ୱର ଏକମାତ୍ର ବ୍ୟାଟ୍ସମ୍ୟାନ ରୂପେ କ୍ରିକେଟର ୩ଟି ଫର୍ମାଟରେ କୋହଲି ୫୦ ରୁ ଊର୍ଦ୍ଧ୍ୱ ହାରରେ ରନ୍ ସଂଗ୍ରହ କରି ରେକର୍ଡ ସୃଷ୍ଟି କରିଛନ୍ତି। । ପ୍ରଥମ ଭାରତୀୟ ଏବଂ ବିଶ୍ୱର ୧୦ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ରୂପେ ସେ ଦିନିକିଆରେ କ୍ରମାଗତ ୩ଟି ଶତକ ହାସଲ କରି ରେକର୍ଡ ସୃଷ୍ଟି କରିଛନ୍ତି। ୨୦୧୮ର କୋହଲିଙ୍କ ନେତୃତ୍ୱରେ ଭାରତର ପ୍ରଦର୍ଶନ ଉଚ୍ଚକୋଟୀର ହୋଇଛି। ଏସିଆ ମହାଦେଶର ପ୍ରଥମ ଅଧିନାୟକ ରୂପେ ସେ ଇଂଲଣ୍ଡ, ଅଷ୍ଟ୍ରେଲିଆ ଏବଂ ସାଉଥ ଆଫ୍ରିକାରେ ଟେଷ୍ଟ ସିରିଜ ଜିତି ବିରଳ ସଫଳତା ହାସଲ କରିଛନ୍ତି।



**ବିରାଟ କୋହଲି ଅଧିନାୟକ**

**ଟେଷ୍ଟ:** ୪୬ ମ୍ୟାଚ୍ – ୨୬ ବିଜୟ– ୧୦ ପରାଜୟ– ୧୦ ଅମୀମାଂସିତ
**ଦିନିକିଆ:** ୬୩ ମ୍ୟାଚ୍– ୪୭ ବିଜୟ –୧୪ ପରାଜୟ
**ଟି୨୦:** ୨୦ମ୍ୟାଚ– ୧୨ ବିଜୟ –୭ ପରାଜୟ

କ୍ରିକେଟର ରେକର୍ଡ ବ୍ରେକର ରୂପେ ବେଶ୍ ଲୋକପ୍ରିୟ ଭାରତୀୟ ଅଧିନାୟକ ରୂପେ କୋହଲି ଆଇସିସି କ୍ରିକେଟିୟର ଅଫ୍ ଦି ଇୟର (୨୦୧୭, ୨୦୧୮), ଆଇସିସି ଟେଷ୍ଟ ପ୍ଲେୟାର ଅଫ୍ ଦି ଇୟର (୨୦୧୮), ଆଇସିସି ଓଡ଼ିଆଇ ପ୍ଲେୟାର ଅଫ୍ ଦି ଇୟର (୨୦୧୨, ୨୦୧୭, ୨୦୧୮), ୱିସ୍‌ଡେନ୍ ଲିଡିଙ୍ଗ କ୍ରିକେଟର ଅଫ୍ ଦି ୱାଲର୍ଡ (୨୦୧୬,୨୦୧୭) ବିବେଚିତ ହୋଇଥିଲେ। ସେ ମଧ୍ୟ ଭାରତ ସରକାରଙ୍କଠାରୁ ଅର୍ଜୁନ ପୁରସ୍କାର (୨୦୧୩), ପଦ୍ମଶ୍ରୀ ସମ୍ମାନ (୨୦୧୭) ହାସଲ କରିଥିଲେ। ସେ ୨୦୧୬ରେ ଏକଦିବସୀୟ ଫର୍ମାଟରେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ରନ୍ ସଂଗ୍ରହ କରି ରେକର୍ଡ କରିଛନ୍ତି। ସେହିପରି ଟେଷ୍ଟ ଫର୍ମାଟରେ ସେ ୨୦୧୨, ୨୦୧୫ ଏବଂ ୨୦୧୬ରେ ମଧ୍ୟ ସର୍ବାଧିକ ରନ ସଂଗ୍ରହ କରି ରେକର୍ଡ କରିଛନ୍ତି।

ସେହିପରି ସେ ଅନ୍ୟ କେତୋଟି ବିରଳ ରେକର୍ଡ ମଧ୍ୟ ସୃଷ୍ଟି କରିଛନ୍ତି। ଏକମାତ୍ର ଅଧିନାୟକ ରୂପେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୧୦ଟି ଶତକ ହାସଲ କରି ବିରଳ ସଫଳତା ହାସଲ କରିଛନ୍ତି। ବିଶ୍ୱର ଏକମାତ୍ର ବ୍ୟାଟ୍ସମ୍ୟାନ ରୂପେ ସେ ୩ଟି ଫର୍ମାଟରେ ୧୫,୦୦୦ ରନ୍ ସଂଗ୍ରହ କରିଛନ୍ତି। ବିଶ୍ୱର ପ୍ରଥମ କ୍ରିକେଟର ରୂପେ ସେ ଆଇସିସି କ୍ରିକେଟର ଅଫ୍ ଦି ଇୟର, ଟେଷ୍ଟ କ୍ରିକେଟର ଅଫ୍ ଦି ଇୟର ଓ ଏକ ଦିବସୀୟ କ୍ରିକେଟର ଅଫ୍ ଦି ଇୟର ବିବେଚିତ ହେବା ଏକ ବିରଳ ଘଟଣା।

ମହେନ୍ଦ୍ର ସିଂ ଧୋନୀ ୨୦୦୭ ରୁ ୨୦୧୮ ମଧ୍ୟରେ ୨୦୦ଟି ମ୍ୟାଚରେ ଅଧିନାୟକତ୍ୱ କରି ୧୧୦ଟିରେ ବିଜୟୀ ହୋଇଥିବା ବେଳେ ତାଙ୍କର ସଫଳତାର ହାର ୫୯.୫୨ ଶତକଡା ରହିଛି। ବିରାଟ କୋହଲି ୨୦୧୩ ରୁ ୨୦୧୯ ମଧ୍ୟରେ ମୋଟ ୬୩ଟି ମ୍ୟାଚ୍‌ରେ ନେତୃତ୍ୱ ନେଇ ୪୭ଟି ବିଜୟ ହାସଲ କରିବା ସହ ୧୩ଟି ରେ ପରାଜୟ ବରଣ କରିଛନ୍ତି। କୋହଲିଙ୍କ ସଫଳତା ହାର ସର୍ବାଧିକ ୭୬.୬୧ ଶତକଡା ରହିଛି।

ଅସାଧାରଣ ପ୍ରତିଭାର ଅଧିକାରୀ ଏହି ଟିମ୍ ଇଣ୍ଡିଆର ବର୍ତ୍ତମାନର ଅଧିନାୟକ ଅନେକ ରେକର୍ଡ ପ୍ରତିଷ୍ଠା କରି ବିଶ୍ୱ କ୍ରିକେଟର ଅନ୍ୟତମ ଶ୍ରେଷ୍ଠ ଖେଳାଳିର ମାନ୍ୟତା ପାଇସାରିଛନ୍ତି। ରେକର୍ଡ ପରେ ରେକର୍ଡ ପ୍ରତିଷ୍ଠା କରି ଚାଲିଥିବା ଏହି ମହାନ ଖେଳାଳି ଅନେକ ଯୁବ କ୍ରିକେଟରଙ୍କ ଆଦର୍ଶ ବନିଯାଇଛନ୍ତି। ଭବିଷ୍ୟତରେ ଏହି ଆକ୍ରମଣାତ୍ମକ ଏବଂ ବିସ୍ମୟକାରୀ ବ୍ୟାଟ୍ସମ୍ୟାନ ତଥା ଅଧିନାୟକ ଅଧିକରୁ ଅଧିକ ରେକର୍ଡ ସ୍ଥାପନ କରିବେ, ଏହା ନିଃସନ୍ଦେହରେ କୁହାଯାଇପାରେ।

# ଗୋଟିଏ ତାରିଖରେ ଜନ୍ମଦିନ

ବିଶ୍ୱର ୩ ମହାନ ଫୁଟବଲରଙ୍କ ଜନ୍ମଦିନ ଫେବୃୟାରୀ ୫ ତାରିଖରେ ପାଳନ କରାଯାଏ। ସେମାନେ ହେଉଛନ୍ତି ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ, ଆର୍ଜେଣ୍ଟିନାର କାର୍ଲୋସ ତେଭେଜ ଓ ବ୍ରାଜିଲର ନେମାର। ଫୁଟବଲ୍‌ରେ ନିଜ ପ୍ରତିଭା ବଳରେ ଦମ୍‌ଦାର ପ୍ରଦର୍ଶନ କରି ବେଶ୍ ସଫଳ ହୋଇଥିବା ଏହି ଖେଳାଳିମାନଙ୍କ ଜନ୍ମଦିନ ଗୋଟିଏ ଦିନରେ ପଡିବା ଏକ ବିରଳ ସଂଯୋଗ ବୋଲି କୁହାଯାଇପାରେ। ପୁଣି ସବୁଠାରୁ ବଡ଼ କଥା ହେଉଛି ଏହି ଦିନରେ ଆଉ ୩ଜଣ ଫୁଟବଲର ମଧ୍ୟ ନିଜର ଜନ୍ମଦିନ ପାଳନ କରିଥାନ୍ତି। ସେମାନେ ହେଲେ ୨୪ ବର୍ଷୀୟ ବେଲଜିୟମ ପେସାଦାର ଫୁଟବଲର ଅଦନାନ ଜାନୁଜାଜ, କ୍ରୋଏସିଆର ୩୩ ବର୍ଷୀୟ ଫୁଟବଲର ଭେଡ୍ରାନ କୋରଲୁକା ଓ ରୋମାନିଆର ୫୪ ବର୍ଷୀୟ ପୂର୍ବତନ ପେସାଦାର ଫୁଟବଲର ଘେଓରଘେ ହାଗି।



କ୍ରିଷ୍ଟିଆନୋ ରୋନାଲ୍ଡୋ, ନେମାର, କାର୍ଲୋସ ତେଭେଜ, ଆଦନାନ ଜାନୁଜାଜ, ଭେଡ୍ରାନ କୋରଲୁକା ଓ ଘେଓରଘେ ହାଗି

କ୍ରିଷ୍ଟିଆନୋ ରୋନାଲ୍ଡୋ, ନେମାର ଓ କାର୍ଲୋସ ତେଭେଜଙ୍କ ମଧ୍ୟରେ ଗୋଟିଏ ବଡ଼ ସାମଞ୍ଜସ୍ୟ ରହିଛି। ତାହା ହେଉଛି ଏହି ଫୁଟବଲରମାନଙ୍କ ଜନ୍ମଦିନ। ଏହି ୩ ଖେଳାଳି ଫୁଟବଲ ଖେଳିଥାନ୍ତି। ତେବେ ଏମାନଙ୍କର ଜନ୍ମଦିନ ଗୋଟିଏ ଦିନରେ ପଡିଥାଏ, ଏ କଥା ସବୁ ଫୁଟବଲ ପ୍ରଶଂସକ ଜାଣି ନ ଥିବେ। ଗୋଟିଏ ଦିନ ଅର୍ଥାତ୍ ଫେବୃୟାରୀ ୫ ତାରିଖରେ ହିଁ ଏହି ୩ ଫୁଟବଲରଙ୍କ ସମେତ ଅନ୍ୟ ୩ଜଣ ଖେଳାଳି ମଧ୍ୟ ଜନ୍ମ ନେଇଛନ୍ତି। ପର୍ତ୍ତୁଗାଲ ସୁପରଷ୍ଟାର ରୋନାଲ୍ଡୋ ୩୪ ବର୍ଷରେ ପଦାର୍ପଣ କରିଛନ୍ତି। ତାଙ୍କର ପୂର୍ବତନ ମାଞ୍ଚେଷ୍ଟର ୟୁନାଇଟେଡ ଟିମ୍‌ମେଟ୍ ତଥା ଆର୍ଜେଣ୍ଟିନା ତାରକା ଫୁଟବଲର ତେଭେଜ ୩୫ ବର୍ଷରେ ପଦାର୍ପଣ କରିଛନ୍ତି। ସେହିପରି ବ୍ରାଜିଲ ସୁପରଷ୍ଟାର ନେମାର ତାଙ୍କର ୨୭ତମ ଜନ୍ମଦିନ ପାଳନ କରିଛନ୍ତି।

୫ଥର ବାଲନ ଡି'ଅର ପୁରସ୍କାର ହାସଲ କରିଥିବା ରୋନାଲ୍ଡୋ କିଛି ଦିନ ତଳେ ନିଜର ପ୍ରିୟ କ୍ଲବ ରିୟଲ ମାଡ୍ରିଡ ଛାଡି ଆଶ୍ଚର୍ଯ୍ୟଜନକ ଭାବେ ଜୁଭେଣ୍ଟସ୍‌ରେ ଯୋଗ ଦେଇ ସମସ୍ତଙ୍କୁ ଚକିତ କରିଥିଲେ। ଅନ୍ୟପଟେ ତେଭେଜ ବୋକା ଜୁନିୟର୍ସ କ୍ଲବ୍‌ରେ ଯୋଗ ଦେଇ ନିଜ ଘରୋଇ କ୍ଲବ୍‌କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେହିପରି ନେମାରେ ବାର୍ସିଲୋନା ଛାଡି ପ୍ୟାରିସ୍ ସେଣ୍ଟ ଜର୍ମେନ (ପିଏସ୍‌ଜି) କ୍ଲବ୍‌ରେ ଯୋଗ ଦେଇଛନ୍ତି। ନେମାର ଏବେ ଗୋଡରେ ଆଘାତ ସମସ୍ୟା କାରଣରୁ ଖେଳରୁ ଦୂରେଇ ରହିଛନ୍ତି। ନେମାର ନିଜ ଜନ୍ମଦିନ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରିଛନ୍ତି। ସେ ଏଥିପାଇଁ ପ୍ୟାରିସ୍‌ରେ ପାର୍ଟି ଦେଇଥିଲେ। ଏଥିରେ ତାଙ୍କ ପରିବାର, ପିଏସ୍‌ଜି ଦଳୀୟ ସାଥୀମାନଙ୍କ ବ୍ୟତୀତ ଅନ୍ୟ ସେଲିବ୍ରିଟିମାନେ ଅଂଶଗ୍ରହଣ କରିଥିଲେ।

ରୋନାଲ୍ଡୋ ପର୍ତ୍ତୁଗାଲର ମାଡେଇରାର ଫଞ୍ଚାଲରେ ୧୯୮୫ରେ ଜନ୍ମ ଗ୍ରହଣ କରିଥିଲେ। ୬ ଫୁଟ ୨ ଇଞ୍ଚ୍ ଉଚ୍ଚତା ବିଶିଷ୍ଟ ଏହି ରୋନାଲ୍ଡୋଙ୍କ ଜୁଭେଣ୍ଟସ୍ ଜର୍ସି ନମ୍ବର ୭। ପର୍ତ୍ତୁଗାଲ ଜାତୀୟ ଦଳ ତରଫରୁ ଖେଳିବା ସହ ସେ ଏକାଧିକ ନାମୀଦାମୀ କ୍ଲବ୍ ତରଫରୁ ଅଂଶଗ୍ରହଣ କରିଛନ୍ତି। ସେ ମାଞ୍ଚେଷ୍ଟର ୟୁନାଇଟେଡ, ରିୟଲ ମାଡ୍ରିଡକୁ ବାଦ୍ ଦେଲେ ସ୍ପୋର୍ଟିଂ ସିପି ବି ଓ ସ୍ପୋର୍ଟିଂ ସିପି ତରଫରୁ ସିନିୟର ଫୁଟବଲ ଖେଳିଛନ୍ତି। ପର୍ତ୍ତୁଗାଲ ଜାତୀୟ ଦଳ ତରଫରୁ ରୋନାଲ୍ଡୋ ଏପର୍ଯ୍ୟନ୍ତ ୧୫୪ଟି ମ୍ୟାଚ୍ ଖେଳି ୮୫ଟି ଗୋଲ ସ୍କୋର କରିଛନ୍ତି। ରୋନାଲ୍ଡୋ ପର୍ତ୍ତୁଗାଲ

**କ୍ରିଷ୍ଟିଆନୋ ରୋନାଲ୍ଡୋ**
ଜନ୍ମ: ୫ ଫେବୃୟାରୀ ୧୯୮୫
ବୟସ: ୩୪ ବର୍ଷ
ଉଚ୍ଚତା: ୬ ଫୁଟ ୨ ଇଞ୍ଚ୍
କ୍ଲବ: ଜୁଭେଣ୍ଟସ୍
ଦେଶ: ପର୍ତ୍ତୁଗାଲ
ମ୍ୟାଚ୍: ୧୫୪
ଗୋଲ: ୮୫

**ନେମାର**
ଜନ୍ମ: ୫ ଫେବୃୟାରୀ ୧୯୯୨
ବୟସ: ୨୭ ବର୍ଷ
ଉଚ୍ଚତା: ୫ ଫୁଟ ୯ ଇଞ୍ଚ୍
କ୍ଲବ୍: ପ୍ୟାରିସ୍ ସେଣ୍ଟ ଜର୍ମେନ
ଦେଶ: ବ୍ରାଜିଲ
ମ୍ୟାଚ୍: ୯୬
ଗୋଲ: ୬୦

**କାର୍ଲୋସ ତେଭେଜ**
ଜନ୍ମ: ୫ ଫେବୃୟାରୀ ୧୯୮୪
ବୟସ: ୩୫ ବର୍ଷ
ଉଚ୍ଚତା: ୫ ଫୁଟ ୮ ଇଞ୍ଚ୍
କ୍ଲବ: ବୋକା ଜୁନିୟର୍ସ
ଦେଶ: ଆର୍ଜେଣ୍ଟିନା
ମ୍ୟାଚ୍: ୭୬
ଗୋଲ: ୧୩

୧୫,୧୭,୨୦,୨୧ ଓ ୨୩ ବର୍ଷରୁ କମ୍ ଦଳ ତରଫରୁ ଖେଳି ବେଶ୍ ସଫଳତା ହାସଲ କରିଥିଲେ।

ଅନ୍ୟପଟେ ବ୍ରାଜିଲ ସୁପରଷ୍ଟାର ନେମାର ୧୯୯୨ରେ ବ୍ରାଜିଲର ମୋଗି ଡାସ୍ କ୍ରୁଜେସ୍‌ରେ ଜନ୍ମଗ୍ରହଣ କରିଥିଲେ। ୫ ଫୁଟ ୯ ଇଞ୍ଚ୍ ଉଚ୍ଚତା ବିଶିଷ୍ଟ ନେମାର ବାର୍ସିଲୋନକୁ ବାଦ୍ ଦେଲେ ସାଣ୍ଟୋସ୍ ତରଫରୁ ମଧ୍ୟ ସିନିୟର ଖେଳାଳିଭାବେ ଫୁଟବଲ ଖେଳି ବେଶ୍ ସଫଳତା ହାସଲ କରିଛନ୍ତି। ଏକଦା ବିଶ୍ୱର ସବୁଠାରୁ ଦାମୀ ଖେଳାଳିଭାବେ ପରିଚିତ ଥିବା ନେମାର ବ୍ରାଜିଲ ପାଇଁ ୯୬ଟି ମ୍ୟାଚ୍ ଖେଳି ୬୦ଟି ଗୋଲ ସ୍କୋର କରିଛନ୍ତି। ବ୍ରାଜିଲ ୧୭, ୨୦ ଓ ୨୩ ବର୍ଷରୁ କମ୍ ଦଳ ତରଫରୁ ମଧ୍ୟ ଅଂଶଗ୍ରହଣ କରିଛନ୍ତି।

ରୋନାଲ୍ଡୋ ଓ ନେମାରଙ୍କଠାରୁ ବୟସରେ ଯଥେଷ୍ଟ ବଡ଼ ହୋଇଥିବା ଆର୍ଜେଣ୍ଟିନାର କାର୍ଲୋସ ତେଭେଜ୍ ରାଜଧାନୀ ବୁଏନ୍ସ ଆରିଜ୍‌ର ସିୟୁଡାଡେଲାରେ ୧୯୮୪ରେ ଜନ୍ମଗ୍ରହଣ କରିଥିଲେ। ୫ ଫୁଟ୍ ୮ ଇଞ୍ଚ୍ ଉଚ୍ଚତା ବିଶିଷ୍ଟ ତେଭେଜ୍ ୯ଟି କ୍ଲବ୍ ତରଫରୁ ସିନିୟର ଫୁଟବଲ ଖେଳିଛନ୍ତି। ସେ ବୋକା ଜୁନିୟର୍ସ, ୱେଷ୍ଟହାମ ୟୁନାଇଟେଡ, ମାଞ୍ଚେଷ୍ଟର ସିଟି, ମାଞ୍ଚେଷ୍ଟର ୟୁନାଇଟେଡ, ଜୁଭେଣ୍ଟସ୍‌ଙ୍କ ଭଳି କ୍ଲବ ତରଫରୁ ଖେଳି ବେଶ୍ ସଫଳ ରହିଛନ୍ତି। ଏହି ୩ ଫୁଟବଲରଙ୍କ ଜନ୍ମଦିନରେ ବିଶ୍ୱବ୍ୟାପୀ ଫୁଟବଲର ପ୍ରଶଂସକଙ୍କଠାରୁ ଅଭିନନ୍ଦନ ତଥା ଶୁଭେଚ୍ଛାର ସୁଅ ଛୁଟିଥିଲା। ଗତ ଫିଫା ବିଶ୍ୱକପ୍‌ରେ ଏହି ୩ ସୁପରଷ୍ଟାର ସେଭଳି ଖାସ୍ କିଛି କରି ଦେଖାଇବାରେ ବିଫଳ ହୋଇଥିଲେ। ଯାହା ଫଳରେ ପର୍ତ୍ତୁଗାଲ, ଆର୍ଜେଣ୍ଟିନା ଓ ବ୍ରାଜିଲ ଆଶାନୁରୂପ ପ୍ରଦର୍ଶନ କରିବାରେ ବିଫଳ ହୋଇଥିଲା।

# ଏନ୍‌କରେଜ୍‌ମେଣ୍ଟ

ନ୍ୟୁଜିଲାଣ୍ଡଠାରୁ ନ୍ୟୁଜିଲାଣ୍ଡ ମାଟିରେ
ୱାନ୍‌ଡେରେ ସିରିଜ ଜିତି
ୱିନ୍ ତାଲିକାରେ ଆଉ ଏକ ଫର୍ଦ୍ଦ
ଯୋଡି ଅଛି ଟିମ୍ ଜାତି
ବିରାଟ ବାହିନୀ ମାତି
ଏହି ଫରଫର୍‌ମାନ୍‌ସ ବଜାୟ ରଖିଲେ
ୱାର୍ଲ୍ଡକପ୍ ଏଥର ସାଥୀ ।।୧

କିଲିମାଞ୍ଜାରୋ ଶୃଙ୍ଗ ଆରୋହଣ କଲେ
ଲିପିକା ସେଠ ଓ କୁଶ
ତ୍ରିରଙ୍ଗା ପତାକା ଉଡାଇ ସେଠାରେ
କୁଶ ମୋଡୁଅଛି ନିଶ
ଧନ୍ୟ ତାଙ୍କ ପାଇଁ ଦେଶ
ଏନ୍‌କରେଜମେଣ୍ଟ ପାଇଁ ବଣମଲ୍ଲୀ
ଏଭଳି ମହକେ ବାସ ।।୨



ଭାରତୀୟ ଲେଡି କ୍ରିକେଟ ଟିମ୍‌ର
ନ୍ୟୁଜିଲାଣ୍ଡ ସଫଳତା
ୱାନ୍‌ଡେରେ ସିରିଜ କବ୍‌ଜା କରିଛି
ମନ୍ଧାନା ସ୍ମୃତି ଏକତା
ଝିଅ ନୁହେଁ ଆଉ ପିତା
ଏନ୍‌କରେଜମେଣ୍ଟ ସୁଯୋଗ ଆଣିଛି
ସବୁ ବିଭାଗରେ ସୀତା ।।୩


–ସୁବାସ ଚନ୍ଦ୍ର ପ୍ରଧାନ

Dollar 71.45 | Sensex 4.14 ↓ 36,971.09 | Nifty 6.95 ↑ 11,069.40 | Gold ₹270 ↓ 34,180.00 | Silver ₹270 ↑ 41,500.00

"ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟକୁ ଦଣ୍ଡବିଧାନ କ୍ଷମତା ପ୍ରଦାନ କରାଯିବା ନେଇ ସରକାର ବିଚାର କରୁଛନ୍ତି।"
–ଜୟନ୍ତ ସିହ୍ନା, କେନ୍ଦ୍ର ବେସାମରିକ ବିମାନ ଚଳାଚଳ ରାଷ୍ଟ୍ର ମନ୍ତ୍ରୀ



"୨୦୨୨ ବେଳକୁ ଦେଶରେ ୬୫,୦୦୦ କିମିର ରାଜପଥ ନିର୍ମାଣ କରିବାକୁ ସରକାର ଯୋଜନା ରଖିଛନ୍ତି।"
–ନୀତିନ ଗଡ଼କରୀ, କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ



## ସଂକ୍ଷେପରେ

### ଦକ୍ଷିଣ ପୂର୍ବ ରେଳପଥର ନୂଆ ମୁଖ୍ୟ ସତର୍କତା ଅଧିକାରୀ



ଭୁବନେଶ୍ୱର,୭-୨
ଦକ୍ଷିଣ ପୂର୍ବ ରେଳପଥ ନୂଆ ମୁଖ୍ୟ ସତର୍କତା ଅଧିକାରୀ ଭାବେ ଶଙ୍କର୍ଷଣ ନାୟକ ଯୋଗ ଦେଇଛନ୍ତି। ଏହା ପୂର୍ବରେ ସେ ପୂର୍ବତଟ ରେଳପଥର ମୁଖ୍ୟ ଟ୍ରାକ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। ସେହିଭଳି ସେ ରାଇଟସର ମହାପ୍ରବନ୍ଧକ ଏବଂ ପୂର୍ବତଟ ରେଳପଥର ମୁଖ୍ୟ ଯନ୍ତ୍ରୀ ଭାବେ ସୁଚାରୁ ରୁପେ କାର୍ଯ୍ୟ କରିଛନ୍ତି।

### ୫୦% ପାନ୍ ସହ ସଂଯୋଗ ହୋଇନି ଆଧାର

ନୂଆଦିଲ୍ଲୀ,୭-୨: ପାନ୍ କାର୍ଡକୁ ଆଧାର ସହ ଯୋଡ଼ିବାର ସମୟସୀମା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଛି। ଏହି ସମୟ ପାଖେଇ ଆସୁଥିବା ବେଳେ ଅଦ୍ୟାବଧି ୫୦% ପାନ୍‌କାର୍ଡ ଧାରକ ନିଜର ପରିଚୟକୁ ପାନ୍ ସହ ଯୋଡି ନାହାନ୍ତି। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ ଅଧକ୍ଷ ସୁଶୀଲ ଚନ୍ଦ୍ରା ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଅଦ୍ୟାବଧି ୪୨ କୋଟି ସ୍ଥାୟୀ ଖାତା ସଂଖ୍ୟା(ପାନ୍) ଜାରି କରାଯାଇଛି। ଏଥିରୁ ୨୩ କୋଟିକୁ ଆଧାର ସହ ସଂଯୋଗ କରାଯାଇଛି। ସୂଚନାଥାଉ କି, ସୁପ୍ରିମକୋର୍ଟ ପାନ୍ ସହ ଆଧାର ସଂଯୋଗ ସମୟସୀମାକୁ ଚଳିତ ବର୍ଷ ମାର୍ଚ୍ଚ ୩୧ ଯାଏ ଧାର୍ଯ୍ୟ କରିଛନ୍ତି। ଆସୋଚାମ୍‌ର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି ଯେ, ଆଧାର ସହ ପାନ୍‌କୁ ଯୋଡାଯିବା ଦ୍ୱାରା ନକଲି ପାନ୍ ସମ୍ପର୍କରେ ସୂଚନା ମିଳିବ। ଫଳରେ ନକଲି ପାନ୍‌କୁ ତୁରନ୍ତ ରଦ୍ଦ କରାଯାଇପାରିବ। ପାନ୍ ସହ ଆଧାର ଓ ବ୍ୟାଙ୍କ ଆକାଉଣ୍ଟ ଯୋଡି ହେବା ଯୋଗୁ ଆୟକର ବିଭାଗ ଟିକସଦାତାଙ୍କ ଖର୍ଚ୍ଚ କରିବାର ପଦ୍ଧତି ତଥା ଅନ୍ୟ ସୂଚନା ସହଜରେ ପାଇପାରିବ। ଏଥିସହିତ ସମାଜ କଲ୍ୟାଣକାରୀ ଯୋଜନାଗୁଡ଼ିକର ଲାଭ ଲୋକମାନେ ପାଉଛନ୍ତି କି ନା ସହଜରେ ଜାଣିହେବ। ସେ କହିଛନ୍ତି ଯେ, ଚଳିତ ବର୍ଷ ଅଦ୍ୟାବଧି ୬.୩୧କୋଟି ରିଟର୍ନ ଦାଖଲ ହୋଇଛି।

■ବଦଳିଲା ଆର୍‌ବିଆଇ ନୀତି


# ଶସ୍ତା ହେବ ସମସ୍ତ ପ୍ରକାର ଋଣ

ମୁମ୍ବାଇ,୭-୨

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗୁରୁବାର ନିଜର ମୁଦ୍ରାନୀତିରେ ପରିବର୍ତ୍ତନ ଆଣିଛନ୍ତି। ରେପୋ ରେଟ୍ ୦.୨୫% ହ୍ରାସ ଘୋଷଣା କରିଛନ୍ତି। ଏହାଦ୍ୱାରା ସମସ୍ତ ପ୍ରକାର ଋଣ ଶସ୍ତା ହେବାକୁ ଯାଉଛି। ସାଧାରଣ ଋଣଗ୍ରହୀତାଙ୍କ ମାସିକ କିସ୍ତି ପରିମାଣ କମିବ। ୬ ଜଣିଆ ଏମ୍‌ପିସି କମିଟିର ୩ଦିନିଆ ବୈଠକ ଶେଷରେ ଗଭର୍ନର ଶକ୍ତିକାନ୍ତ ଦାସ ମୁଦ୍ରାନୀତି ଘୋଷଣା କରିଥିଲେ। ରେପୋ ରେଟ ହ୍ରାସ ପାଇବାକୁ ଯାଉଥିବାରୁ ସମସ୍ତ ପ୍ରକାର ଋଣ ଉପରେ ସୁଧ ଶସ୍ତା ହେବାକୁ ଯାଉଛି। ଏହାଦ୍ୱାରା ଇଏମ୍‌ଆଇ ହ୍ରାସ ପାଇବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ପ୍ରକାଶ କରାଯାଇପାରେ ଯେ, ରିଜର୍ଭ ବ୍ୟାଙ୍କ ପକ୍ଷରୁ ଯେଉଁ ହାରରେ ବ୍ୟାଙ୍କଗୁଡ଼ିକୁ ଋଣ ଦିଆଯାଏ ତାହାକୁ ରେପୋ ରେଟ୍ କହନ୍ତି। ସୁଧ ହାର ଦୃଷ୍ଟିକୋଣକୁ କଠୋରରୁ ନରମ ରଖିବା ଲାଗି ଏମ୍‌ପିସିର ସମସ୍ତ ସଦସ୍ୟ ଏକମତ ହୋଇଥିବା ଗଭର୍ନର ଦାସ ପ୍ରକାଶ କରିଛନ୍ତି। ଏହାର ଅର୍ଥ ଆଗାମୀ ଦିନରେ ସୁଧ ହାର ଆହୁରି ହ୍ରାସ ପାଇବା ସମ୍ଭାବନା ରହିଛି। ଏମ୍‌ପିସିର ପରବର୍ତ୍ତୀ ବୈଠକ ଏପ୍ରିଲ ୨ରୁ ୪ ତାରିଖ ଯାଏ ଚାଲିବ ବୋଲି ସେ ସୂଚନା ଦେଇଛନ୍ତି।

**ଶକ୍ତିକାନ୍ତଙ୍କ ପ୍ରଥମ ବୈଠକ**

ବ୍ୟୁରୋକ୍ରାଟ୍‌ରୁ ରିଜର୍ଭ ବ୍ୟାଙ୍କର ଗଭର୍ନର ହୋଇଥିବା ଶକ୍ତିକାନ୍ତ ଦାସ ତିନି ଦିନିଆ ଏମ୍‌ପିସି ବୈଠକରେ



ଶକ୍ତିକାନ୍ତ ଦାସ

ଅଧ୍ୟକ୍ଷତା କରିଥିଲେ। ଡ.ଉର୍ଜିତ ପଟେଲଙ୍କ ଅଚାନକ ଇସ୍ତଫା ପରେ ସେ ଗତବର୍ଷ ଡିସେମ୍ବରରେ ଆର୍‌ବିଆଇ ଗଭର୍ନର ହୋଇଥିଲେ।

**ମୁଦ୍ରାସ୍ଫୀତି ଅନୁମାନ ୨.୮%କୁ ହ୍ରାସ**

ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି ଘୋଷଣା କରି ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି ଯେ, ଚଳିତ ଆର୍ଥିକ ବର୍ଷର ଅନ୍ତିମ ତ୍ରୈମାସ ଲାଗି ଖୁଚୁରା ମୁଦ୍ରାସ୍ଫୀତି ଅନୁମାନକୁ ୨.୮%କୁ ହ୍ରାସ କରାଯାଇଛି। ସେ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ, ମୌସୁମୀ ଭଲ ରହିବାର ସମ୍ଭାବନା ମଧ୍ୟରେ ମୁଦ୍ରାସ୍ଫୀତି ହ୍ରାସ ପାଇବ ବୋଲି ଆର୍‌ବିଆଇ ଅନୁମାନ କରିଛି। ସେହିପରି ଆସନ୍ତା ଆର୍ଥିକ ବର୍ଷର ପ୍ରଥମ ୬ ମାସ ଲାଗି ମୁଦ୍ରାସ୍ଫୀତି ୩.୨ରୁ ୩.୪% ରହିବ ବୋଲି ଅନୁମାନ କରାଯାଇଥିବା ବେଳେ ୨୦୧୯-୨୦ର ତୃତୀୟ ତ୍ରୈମାସ ଲାଗି ଏହା ୩.୯% ରହିବ ବୋଲି ଆଶାବ୍ୟକ୍ତ କରାଯାଇଛି। ଏଥିପୂର୍ବରୁ ଗତ ଦ୍ୱିମାସିକ ମୁଦ୍ରାନୀତିରେ ଆର୍‌ବିଆଇ ଆସନ୍ତା ଆର୍ଥିକ ବର୍ଷର ପ୍ରଥମ ୬ ମାସ ଲାଗି ମୁଦ୍ରାସ୍ଫୀତି ୩.୮ରୁ ୪.୨% ରହିବ ବୋଲି ଅନୁମାନ ଦର୍ଶାଇଥିଲା।

**୭.୪% ରହିପାରେ ଜିଡିପି**

ଆସନ୍ତା ଆର୍ଥିକ ବର୍ଷ ଲାଗି ମୋଟ ଘରୋଇ ଉତ୍ପାଦ(ଜିଡିପି) ୭.୪% ରହିପାରେ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ଆଶାବ୍ୟକ୍ତ କରିଛି। ସୂଚନାଥାଉ କି, କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ସିଏସ୍‌ଓ) ପକ୍ଷରୁ ଚଳିତ ଆର୍ଥିକ ବର୍ଷ ଲାଗି ଜିଡିପି ୭.୨% ରହିବ ବୋଲି ଅନୁମାନ କରିଥିଲା। ସେହିପରି ଆର୍ଥିକ ବର୍ଷ ୨୦୧୯-୨୦ରେ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ଜିଡ଼ିପି ୭.୨ରୁ ୭.୪% ତଥା ତୃତୀୟ ତ୍ରୈମାସରେ ଏହା ୭.୫% ରହିବ ବୋଲି ଅନୁମାନ କରାଯାଇଛି। ତେବେ ଆସନ୍ତା ଆର୍ଥିକ ବର୍ଷରେ ମୋଟ ବ୍ୟାଙ୍କ ଋଣ ବୃଦ୍ଧି ପାଇବା ଯୋଗୁ ଉଦ୍ୟୋଗ ଜଗତରେ ମୋଟ ଆର୍ଥିକ ପ୍ରବାହ ବୃଦ୍ଧି ପ୍ରଭାବିତ ହେବ ବୋଲି ରିଜର୍ଭ ବ୍ୟାଙ୍କ ଦର୍ଶାଇଛି। ଅଶୋଧିତ ତୈଳ ଦର କମିବା ଏବଂ ରପ୍ତାନି ବୃଦ୍ଧି ପାଇବା ଯୋଗୁ ଟଙ୍କାର ମୂଲ୍ୟ ବୃଦ୍ଧି ପାଇଛି। ବିଶ୍ୱରେ ଚାହିଦା କମୁଥିବାରୁ ଆର୍ଥିକ ଅଭିବୃଦ୍ଧି ହାର ପ୍ରଭାବିତ ହେବ ବୋଲି ରିଜର୍ଭ ବ୍ୟାଙ୍କ ଦର୍ଶାଇଛି।

**ଅନ୍ୟାନ୍ୟ ନିଷ୍ପତ୍ତି**

କେନ୍ଦ୍ରୀୟ ବ୍ୟାଙ୍କ ଥୋକ ଜମା ପରିଭାଷାକୁ ସଂଶୋଧିତ କରିଛନ୍ତି। ଏଣିକି ୧ କୋଟି ଟଙ୍କା ବଦଳରେ ଗୋଟିଏ ଥରରେ ୨ କୋଟି ଅଥବା ଦଦୂର୍ଦ୍ଧ୍ୱ ଜମାକୁ ଏହି ଶ୍ରେଣୀଭୁକ୍ତ କରାଯାଇଛି। ଏହାଛଡ଼ା ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ(ଏନ୍‌ବିଏଫ୍‌ସି)ରେ ତାଳମେଳକୁ ନେଇ ଗାଇଡଲାଇନ ଜାରି କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଟଙ୍କାର ମୂଲ୍ୟରେ ସ୍ଥିରତା ଆଣିବା ଲାଗି ବିଦେଶୀ ମୁଦ୍ରା ବଜାର ପାଇଁ କର୍ମଚାରୀ ନିଯୁକ୍ତି ଦେବାକୁ ପ୍ରସ୍ତାବ ଦିଆଯାଇଛି। ସେହିପରି କମ୍ପାନୀ ବଣ୍ଡ ବଜାରରେ ବିଦେଶୀ ପୋର୍ଟଫୋଲିଓ ନିବେଶକଙ୍କ ନିବେଶ ଉପରେ ଥିବା କଟକଣାକୁ ହଟାଇ ନିଆଯାଇଛି।

### ବିନା ଗ୍ୟାରେଣ୍ଟିରେ ଚାଷୀ ନେଇପାରିବେ ୧.୬ ଲକ୍ଷ ଋଣ



ଚାଷୀଙ୍କ ଆର୍ଥିକ ସ୍ଥିତି ଫେରାଇବା ଲାଗି କେନ୍ଦ୍ର ସରକାର ଅନ୍ତରୀଣ ବଜେଟରେ ୬ ହଜାର ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ଗୁରୁବାର ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଚାଷୀଙ୍କୁ ଆଉ ଏକ ଉପହାର ଦେଇଛନ୍ତି। ଏଣିକି ଚାଷୀମାନେ ବିନା ଗ୍ୟାରେଣ୍ଟିରେ ୧.୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇପାରିବେ ବୋଲି ଗଭର୍ନର ଶକ୍ତିକାନ୍ତ ଦାସ ପ୍ରକାଶ କରିଛନ୍ତି। ପୂର୍ବରୁ ଏହି ସୀମା ୧ ଲକ୍ଷ ଟଙ୍କା ଥିଲା। ଆର୍‌ବିଆଇର ଏହି ନିଷ୍ପତ୍ତି ଯୋଗୁ ଭୂମିହୀନ ଚାଷୀଙ୍କୁ ଏହାଦ୍ୱାରା ଫାଇଦା ମିଳିବ। ସୂଚନାଥାଉ କି, ରିଜର୍ଭ ବ୍ୟାଙ୍କ ୨୦୧୦ରେ ଗ୍ୟାରେଣ୍ଟିବିହୀନ ଋଣ ପ୍ରଦାନ ସୀମାକୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଧାର୍ଯ୍ୟ କରିଥିଲେ। କୃଷି ଋଣ ସମ୍ପର୍କିତ ମାମଲାଗୁଡ଼ିକୁ ଦେଖିବା ଲାଗି ଏକ ୱାର୍କିଂ ଗ୍ରୁପ୍ ଗଠନ କରାଯିବ ବୋଲି ଦାସ ଘୋଷଣା କରିଛନ୍ତି। ସୂଚନାଥାଉ କି, ଫେବୃୟାରୀ ପହିଲାରେ ଅନ୍ତରୀଣ ବଜେଟରେ ୨ ହେକ୍ଟର ପର୍ଯ୍ୟନ୍ତ ଚାଷ ଜମିଥିବା କୃଷକଙ୍କୁ ତିନୋଟି କିସ୍ତିରେ ୬ ହଜାର ଟଙ୍କାର ସହାୟତା ଘୋଷଣା କରାଯାଇଥିଲା। ଏହାଛଡ଼ା ପଶୁପାଳନ ଓ ମତ୍ସ୍ୟ ଚାଷ ପାଇଁ କିଷାନ କ୍ରେଡିଟ କାର୍ଡରୁ ନିଆଯାଇଥିବା ଋଣ ଉପରେ ୨% ଛାଡ଼ ଦିଆଯିବ। ଋଣ ପୁନର୍ଗଠନ ପରେ ଏହା ଫେରସ୍ତ କରାଯିବା କ୍ଷେତ୍ରରେ ସୁଧ ହାରରେ ୩% ର ଅତିରିକ୍ତ ଛାଡ଼ ଦିଆଯିବ। ଏଭଳି ଭାବେ ମୋଟ୍ ୫% ସୁଧ ଛାଡ଼ ସୁବିଧା ପ୍ରଦାନ କରାଯାଇଛି।

### ହିଲିୟସ ୱାଚ୍ ଷ୍ଟୋର ପକ୍ଷରୁ ସପ୍ତମ ବାର୍ଷିକୀ ପୂର୍ତ୍ତି



ଭୁବନେଶ୍ୱର,୭-୨

ଟାଇଟାନ କମ୍ପାନୀ ଲିମିଟେଡ୍‌ର ମଲ୍ଟି ବ୍ରାଣ୍ଡ ଅନ୍ତର୍ଜାତୀୟ ୱାଚ୍ ରିଟେଲର ହିଲିୟସ ପକ୍ଷରୁ ଏହାର ଭୁବନେଶ୍ୱର ଷ୍ଟୋରର ସପ୍ତମ ବାର୍ଷିକୀ ପୂର୍ତ୍ତି ପାଳନ କରାଯାଇଛି। ଷ୍ଟୋରଟି ବର୍ତ୍ତମାନ ମାଷ୍ଟର କ୍ୟାଣ୍ଟିନ ଷ୍ଟେଶନ ଛକକୁ ସ୍ଥାନାନ୍ତରିତ ହୋଇଛି। ଏହି ଅବସରରେ ଷ୍ଟୋର ପକ୍ଷରୁ ଗ୍ରାହକଙ୍କୁ ରିହାତି ସୁବିଧା ପ୍ରଦାନ କରାଯାଉଛି। ୨୦୧୨ଠାରୁ ଗ୍ରାହକଙ୍କୁ ଏହା ନିରନ୍ତର ସେବା ଯୋଗାଣ ଦିଗରେ କାର୍ଯ୍ୟ କରୁଛି। ବର୍ତ୍ତମାନ ପର୍ଯ୍ୟନ୍ତ ୬,୦୦୦ ଗ୍ରାହକଙ୍କୁ ସେବା ଯୋଗାଣ କରିବାକୁ ଉକ୍ତ ଷ୍ଟୋର ସକ୍ଷମ ହୋଇଛି। ଗ୍ରାହକଙ୍କ ଚାହିଦାକୁ ଧ୍ୟାନରେ ରଖି ଏଠାରେ ୨୦୦୦ରୁ ଊର୍ଦ୍ଧ୍ୱ ଅଗ୍ରଣୀ ବ୍ରାଣ୍ଡର ପ୍ରଡକ୍ଟ ଉପଲବ୍ଧ କରାଯାଉଛି। ଷ୍ଟୋରରେ ସଦ୍ୟତମ କଲେକ୍ସନ ଯଥା-ମୋଭାଡୋ, ଫ୍ରିଡେରିକ କନଷ୍ଟାଣ୍ଟ, ସିକୋ, ଜିସି, ଭିକ୍ଟୋଇନକ୍ସ, ଗେସ୍, ଏମ୍ପୋରିଓ,ଅର୍‌ମାନି, ଟମି ହିଲ୍‌ଫିଗର, ଫୋଲିସ୍, ଫସିଲ୍, ଡାନିଏଲ୍ ୱେଲିଂଟନ, ଫିଟବିଟ, ଗ୍ରାମୀନ ଏବଂ ଫୋସିଲ ଜେନ ୪ ଭଳି ପ୍ରଡକ୍ଟ ସାମିଲ ରହିଛି। ଗ୍ରାହକଙ୍କ ଲାଗି ଇଏମ୍‌ଆଇ ଏବଂ ବିକ୍ରି ପରବର୍ତ୍ତୀ ସେବା ମଧ୍ୟ ଏଠାରେ ଉପଲବ୍ଧ ହେଉଛି। ଏହି ଅବସରରେ ଗ୍ରାହକମାନେ ସବୁ ଅଣ ରିହାତି ଘଡି ଉପରେ ମୋଟ ୧୦% ରିହାତି ପାଇପାରିବେ। କାର୍ଯ୍ୟକ୍ରମ ଅବସରରେ ଷ୍ଟୋରର ସ୍ୱତ୍ୱାଧିକାରୀ ମାନିକ ହଂସ ଏବଂ ହିଲିୟସର ଏବିଏମ୍ ଅନ୍ୱେଷା ଚାଟାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।

### ହୋଣ୍ଡା କାର୍‌ସ ଇଣ୍ଡିଆର ନୂଆ ଲିମିଟେଡ୍ ଏଡିଶନ

ଭୁବନେଶ୍ୱର,୭-୨

ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ ପକ୍ଷରୁ ନୂଆ ଲିମିଟେଡ ଏଡ଼ିଶନ ବଜାରକୁ ଆସିଛି। ଏହା ମଧ୍ୟରେ ହୋଣ୍ଡା ଆମେଜ, ହୋଣ୍ଡା ଜାଜ୍ ଏବଂ ହୋଣ୍ଡା ଡବ୍ଲ୍ୟୁଆର୍-ଭି ଭଳି ମଡେଲ ସାମିଲ ରହିଛି। ଏକ୍ସକ୍ଲୁସିଭ ଏଡ଼ିଶନଗୁଡ଼ିକ ନୂଆ ରେଡିଆଣ୍ଟ ରେଡ୍ ମେଟାଲିକ, ଅର୍ଚିଡ ହ୍ୱାଇଟ୍ ପର୍ଲ ରଙ୍ଗରେ ଆସିଥିବା କମ୍ପାନୀ ସୂଚନା ଦେଇଛି। ମଡେଲଗୁଡ଼ିକ ପ୍ରଭାବଶାଳୀ ଏକ୍ସଟେରିୟର, ସଂଯୁକ୍ତ ଇଣ୍ଟେରିୟର ୟୁଟିଲିଟି ସହ ଆସୁଛି। ହୋଣ୍ଡା ଆମେଜରେ ଗ୍ରାହକମାନେ ଭିଏକ୍ସ ଗ୍ରେଡ୍‌ରେ ଡିଜେଲ ଏବଂ ପେଟ୍ରୋଲ ଭାରିଆଣ୍ଟ ପାଇପାରିବେ। ଡବ୍ଲ୍ୟୁଆର୍-ଭି ମଡେଲରେ ଡିଜେଲ ପେଟ୍ରୋଲ ଭାରିଆଣ୍ଟ, ସ୍ୱତନ୍ତ୍ର ବଡି ଗ୍ରାଫିକ୍ସ ସହ ଅନ୍ୟାନ୍ୟ ବୈଶିଷ୍ଟ୍ୟ ରହିଛି। ହୋଣ୍ଡା ଜାଜ ଭିଏକ୍ସ ସିଭିଟି ପେଟ୍ରୋଲ ଭାରିଆଣ୍ଟରେ ଆସୁଛି। ନୂତନତ୍ୱ ସଂଯୋଗ କରିବା ଲକ୍ଷ୍ୟ ରହିଥିବା କମ୍ପାନୀର ବରିଷ୍ଠ ଉପସଭାପତି ରାଜେଶ ଗୋଏଲ କହିଛନ୍ତି।

## ଗ୍ରାହକଙ୍କ ଆକାଉଣ୍ଟରୁ ଅନଧିକୃତ ଉଠାଣ ପାଇଁ ବ୍ୟାଙ୍କ ଦାୟୀ: ହାଇକୋର୍ଟ

କୋଚି,୭-୨

ଗ୍ରାହକଙ୍କ ଆକାଉଣ୍ଟରୁ ଅନଧିକୃତ ଭାବେ ଟଙ୍କା ଉଠାଣ କ୍ଷେତ୍ରରେ ବ୍ୟାଙ୍କ ନିଜ ଦାୟିତ୍ୱକୁ ଖସାଇ ଦେଇପାରିବେ ନାହିଁ ବୋଲି କେରଳ ହାଇକୋର୍ଟ ଏକ ରାୟରେ ଉଲ୍ଲେଖ କରିଛନ୍ତି। ଜଷ୍ଟିସ ପି.ବି. ସୁରେଶ କୁମାର ଏ ସଂକ୍ରାନ୍ତ ଏକ ମାମଲାରେ ରାୟ ପ୍ରକାଶ କରି କହିଛନ୍ତି ଯେ, ଏଭଳି ମାମଲାରେ ଉପଭୋକ୍ତା ଏସ୍‌ଏମ୍‌ଏସ୍ ଆଲର୍ଟ ଉପରେ କୌଣସି ପ୍ରତିକ୍ରିୟା ନ ଦେଲେ ମଧ୍ୟ ଏଥିପାଇଁ ବ୍ୟାଙ୍କ ଦାୟୀ ରହିବେ। ଅଦାଲତ କହିଛନ୍ତି ଯେ, ଏସ୍‌ଏମ୍‌ଏସ୍ ଆଲର୍ଟ ପଠାଇବା ପରେ ଉପଭୋକ୍ତାଙ୍କ ପ୍ରତି ବ୍ୟାଙ୍କଗୁଡ଼ିକର ଦାୟିତ୍ୱ ଶେଷ ହୋଇଯାଉନି। ଏଭଳି ବହୁ ଗ୍ରାହକ ଅଛନ୍ତି, ଯିଏ କି ବାରମ୍ବାର ଏସ୍‌ଏମ୍‌ଏସ୍ ଦେଖନ୍ତି ନାହିଁ। ଏହା ସେମାନଙ୍କର ଅଭ୍ୟାସରେ ନାହିଁ। ଷ୍ଟେଟ୍ ବ୍ୟାଙ୍କର ଆବେଦନକୁ କେରଳ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ଅଣଅଧିକୃତ ଭାବେ ଆକାଉଣ୍ଟରୁ ୨.୪ ଲକ୍ଷ ଉଠାଣ କ୍ଷେତ୍ରରେ ସମ୍ପୃକ୍ତ ଗ୍ରାହକଙ୍କୁ ଏହି ଟଙ୍କା ପ୍ରଦାନ ଲାଗି ନିମ୍ନ ଅଦାଲତ ଷ୍ଟେଟ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଗ୍ରାହକଙ୍କୁ ସତର୍କ ରହିବା ଲାଗି ବ୍ୟାଙ୍କ ପକ୍ଷରୁ ବିଭିନ୍ନ ସମୟରେ ଏସ୍‌ଏମ୍‌ଏସ୍ ପଠାଯାଉଥିବା ବ୍ୟାଙ୍କ କହିଥିଲା।

■ପିଏମ୍-କିଷାନ ଯୋଜନା

## ସରକାରୀ ଚାକିରିଆ, ଟିକସଦାତାଙ୍କ ପରିବାରକୁ ମିଳିବନି ସହାୟତା

ନୂଆଦିଲ୍ଲୀ,୭-୨

ସରକାରୀ ଚାକିରି କରୁଥିବା, ପେନ୍‌ସନ ପାଉଥିବା ସରକାରୀ କର୍ମଚାରୀ, ବର୍ତ୍ତମାନ ଅଥବା ପୂର୍ବତନ ସାଂସଦ, ବିଧାୟକ ଏବଂ ମନ୍ତ୍ରୀ, ପଞ୍ଚାୟତ ଅଧ୍ୟକ୍ଷଙ୍କ ପରିବାରକୁ ବଜେଟରେ ଘୋଷିତ ପିଏମ୍-କିଷାନ ଯୋଜନା ଅଧୀନରେ ମିଳିବାକୁ ଥିବା ୬୦୦୦ ଟଙ୍କାର ଚାଷୀ ସହାୟତା ମିଳିବ ନାହିଁ। କେନ୍ଦ୍ର କୃଷି ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ଜାରି କରାଯାଇଥିବା ଗାଇଡଲାଇନରେ ଏହା ଉଲ୍ଲେଖ କରାଯାଇଛି। ଏଥିରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ପରିବାର ସମ୍ପର୍କରେ ସଂଜ୍ଞା ନିରୂପଣ କରାଯାଇଛି। ସ୍ୱାମୀ-ସ୍ତ୍ରୀ, ନାବାଳକ/ନାବାଳିକାଙ୍କ ନିକଟରେ ୨ ହେକ୍ଟର ପର୍ଯ୍ୟନ୍ତ ଜମି ଥିବା ପରିବାରକୁ କ୍ଷୁଦ୍ର ତଥା ନାମମାତ୍ର ଚାଷୀ ପରିବାର ବୋଲି ଧାର୍ଯ୍ୟ କରାଯାଇଛି। ଗାଇଡଲାଇନ ଅନୁଯାୟୀ ପରିବାରର ଜଣେ ଅବସରପ୍ରାପ୍ତ ସଦସ୍ୟ ମାସକୁ ୧୦ ହଜାର ଟଙ୍କା ପେନ୍‌ସନ ପାଉଥିଲେ, ଗ୍ରୁପ-ସି, ଗ୍ରୁପ-ଡିରେ କାର୍ଯ୍ୟ କରୁଥିବା ସରକାରୀ କର୍ମଚାରୀଙ୍କ ପରିବାର ମଧ୍ୟ ଉକ୍ତ ସହାୟତା ପାଇବେ ନାହିଁ। ଏହାବାଦ ଯେଉଁ ଚାଷୀ ପରିବାରର ଜଣେ ସଦସ୍ୟ ଡାକ୍ତର, ଇଞ୍ଜିନିୟର, ଓକିଲ, ଚାର୍ଟର୍ଡ ଆକାଉଣ୍ଟାଣ୍ଟ କିମ୍ବା ଆର୍କିଟେକ୍ଟ ହୋଇଥିବେ ସେହି ପରିବାର ମଧ୍ୟ ସହାୟତା ପାଇବେ ନାହିଁ। ଚାଷୀ ପରିବାର ନିଜର ଆୟ ସମ୍ପର୍କରେ ଜଣାଇବେ ନିଜେ ଘୋଷଣା କରିବେ। ରାଜ୍ୟ ସରକାର ଆଗୁଆ ଏହାକୁ ସଂଗ୍ରହ କରିବେ। ଟଙ୍କା ପାଇବା ପରେ ମିଛ କହିଥିବା ଧରାପଡିଲେ ତାଙ୍କଠାରୁ ସହାୟତା ଫେରସ୍ତ ନିଆଯିବ ଏବଂ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମନ୍ଦିର, କୌଣସି ଟ୍ରଷ୍ଟ ଅଥବା ଅନ୍ୟ ସଂସ୍ଥାଙ୍କ ହାତରେ ରହିଥିବା ଜମିକୁ ଏହି ଯୋଜନାରେ ସାମିଲ କରାଯିବ ନାହିଁ। ଏଥିରେ ଦର୍ଶାଯାଇଛି ଯେ, ସ୍ୱାମୀ କିମ୍ବା ସ୍ତ୍ରୀଙ୍କ ମଧ୍ୟରୁ ଜଣେ ଉକ୍ତ ଶ୍ରେଣୀଭୁକ୍ତ ହୋଇଥିଲେ ସେହି ପରିବାର ସହାୟତାରୁ ବଞ୍ଚିତ ହେବେ। ସେହିପରି ୨୦୧୮ ଡିସେମ୍ବର ପହିଲାରୁ ୨୦୧୯ ଜାନୁୟାରୀ ୩୧ ମଧ୍ୟରେ ଜମି ବିକ୍ରି, ହସ୍ତାନ୍ତର, ଉପହାର ଭାବେ ଦିଆଯିବା କ୍ଷେତ୍ରରେ ମଧ୍ୟ ଏହି ସହାୟତା ମିଳିବ। ଉଲ୍ଲେଖଥାଉ କି, ପିଏମ୍-କିଷାନ ଯୋଜନା ଲାଗି କେନ୍ଦ୍ର ସରକାର ୭୫ ହଜାର କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଚଳିତ ଆର୍ଥିକ ବର୍ଷ ପାଇଁ ଏହା ୨୦ ହଜାର କୋଟି ଟଙ୍କା ଧାର୍ଯ୍ୟ ହୋଇଛି।


**Government of Odisha**
**"e"Procurement Notice** No.1541-0

**Bid Identification No.: Online-AGL16 of 2018-2019**

| | | | |
|---|---|---|---|
| 1. | Name of the work | : | Road Works |
| 2. | Estimated Cost. | : | Rs. 4.40 lakhs to Rs.17.86 lakhs |
| 3. | Period of Completion | : | 01 (One), 02 (Two) Calendar Months |
| 4. | Date & time of availability of bid document in the portal | : | From 11.02.2019 to 19.02.2019 up to 5.00 P.M. |
| 5. | Last date / time for receipt of bids in the portal | : | 19.02.2019 up to 5.00 P.M. |
| 6. | Name & Address of the OIT | : | Executive Engineer, Rural Works Division, Angul |

Further details can be seen from the Govt. website **www.tendersorissa.gov.in**

**Sd./-**
Executive Engineer,
R.W Division, Angul

25096/11/0009/1819

INSTITUTE OF ENTREPRENEURSHIP DEVELOPMENT, ODISHA
*An Institute of*
MSME Department, Govt. of Odisha

**NOTICE INVITING TENDER**

The Institute of Entrepreneurship Development, Odisha (IEDO) Sector-A, Zone-A, Mancheswar Industrial Estate, Bhubaneswar - 751010 invites Tender in sealed cover from licensed registered Civil Engineers / Contractors having minimum five years experience in Building Construction for establishment of Common Facility Center (CFC) for Maa Durgadevi Producer Company Limited (SPV) at Brundagadi, Athapada, Via - Udala, Mayurbhanj District, Odisha.

| Date of Commencement of Tender | Last Date & Time of Submission of Tender | Date & Time for Opening of Tender |
|---|---|---|
| 08.02.2019 | 28.02.2019 at 5 PM | 01.03.2019 at 11AM |
| Cost of Tender Paper : ₹ 500/- (Rupees five hundred only) | | |

A complete set of the Bid documents containing the details of the terms and conditions may be downloaded from the website: **www.iedodisha.com** and the same can be submitted along with cost of tender paper in shape of Bank Draft. Any corrigendum/ addendum/ information related to this NIT will only be uploaded in IEDO website which will not be published in Newspapers. The authority reserves the right to accept / reject any part or all the bids without assigning any reason thereof. The authority has the right to increase/ decrease / cancel the quantity of construction without assigning any reason thereof.

**Sd/-**
**Chief Executive Officer, IED Odisha, Bhubaneswar**

**BHUBANESWAR MUNICIPAL CORPORATION**

**No. 4860** **NOTICE INVITING TENDER (NIT)** **Date. 07.02.2019**

**NATIONAL COMPETITIVE BIDDING THROUGH e-Procurement**
**Tender/Bid Identification No. BMC-CE-(II) 01/2018-2019 Dt.07.02.2019**

On behalf of the Commissioner, Bhubaneswar Municipal Corporation (BMC), City Engineer, Bhubaneswar Municipal Corporation invites **Percentage Rate Bids through e-Procurement** in conformity with the terms and conditions of the Detailed Tender Call Notice (DTCN) in Two Bid system (Part-I: General & Technical Bid and Part-II: Financial Bid/Price Bid/BOQ) from intending **bidders** fulfilling the minimum eligibility criteria as and other detailed qualifying requirements given in this DTCN and to be eventually drawn up in the standard $P_1$ Contract Form of BMC. The bid should be submitted on-line through the website ***www.tendersorissa.gov.in*** by eligible class of contractors. The bidders should have the necessary Portal Enrolment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrolment, but shall have to subsequently undergo registration with the appropriate authority of the State Government before signing agreement as per prevalent registration norms of state.

| Sl. No. | Name of the work | Amount put to Tender (Rs. Lakhs) | E.M.D (Rs. Lakhs) | Cost of Documents Including GST in Rs. | Period of Completior in days | Class of Contractor Eligible to Participate |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Provision of Street Light from Kesuria Chhak to Sai Temple Chhak along Cuttack-Puri by-pass Road. | 9964099.58 | 99640.00 | 11200.00 | 90 | H.V |
| 2 | Provision of Street Light from Pandra Chhak to Kesura Chhak along Cuttack-Puri by-pass Road. | 5345631.43 | 53500.00 | 11200.00 | 90 | H.V |
| 3 | Provision of Street Light from Sai Temple Chhak to Lingipur Chhak along Cuttack-Puri by-pass Road. | 8773222.31 | 87800.00 | 11200.00 | 90 | H.V |

**Critical Dates:-**

| S.No | Description | Critical Dates |
|---|---|---|
| I | Period of availability of tenders on-line | 08.02.2019 at 11 AM to 23.02.2019 at 5.00 PM |
| ii | Last date & time of seeking clarification | 23.02.2019 at dt.4.00 PM |
| iii | Last date & time of bidding on-line | 23.02.2019 at 5.00 PM |
| iv | Last Date & time of submission of hard copies of uploaded documents | 26.02.2019 at 5.00 PM |
| v | Date & time of opening of Technical Bid | 27.02.2019 at 11.00 AM |
| vi | Date of Opening of the Financial Bid : | Will be intimated to Technically Qualified Bidder later on. |

Sd/-
City Engineer
Bhubaneswar Municipal Corporation

**Progress Through Partnership for a Better Bhubaneswar**

## ସଂକ୍ଷେପରେ

### ପ୍ରତ୍ୟାବର୍ତ୍ତନରେ ମିରାବାଈଙ୍କୁ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୭।୨(ପି.ଟି.)-ବିଶ୍ୱ ଚାମ୍ପିୟନ ଭାରତୀୟ ଭାରୋତ୍ତୋଳନକାରୀ ମିରାବାଈ ଚାନୁ ଥାଇଲାଣ୍ଡରେ ଅନୁଷ୍ଠିତ ଇଜିଏଟି କପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପିଠିରେ ସମସ୍ୟା ଲାଗି ୨୦୧୮ ସିଜନରେ ଅଧା ସମୟ ଦୂରେଇ ରହିଥିବା ମିରାବାଈ ପ୍ରତ୍ୟାବର୍ତ୍ତନ ପରେ ଏହା ତାଙ୍କର ପ୍ରଥମ ପ୍ରତିଦ୍ୱନ୍ଦ୍ୱିତାମୂଳକ ପ୍ରତିଯୋଗିତା ଥିଲା। ୪୮ କି.ଗ୍ରା. ବର୍ଗରେ ସେ ଏହି ସଫଳତା ପାଇଛନ୍ତି। ଏହି ବର୍ଗରେ ମୀରାବାଈ ସ୍ନାଚ୍‌ରେ ୮୨କି.ଗ୍ରା. ଓ କ୍ଲିନ୍ ଆଣ୍ଡ୍ ଜର୍କରେ ୧୧୦ କି.ଗ୍ରା. ସହ ମୋଟ୍ ୧୯୨ କି.ଗ୍ରା. ଭାର ଉଠାଇଥିଲେ। ଚାନୁ ଗତବର୍ଷ ମଧ୍ୟ ବିଶ୍ୱ ଚାମ୍ପିୟନଶିପ୍ ସମେତ ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ ଗେମ୍ସ ପ୍ରତିଯୋଗିତା ମଧ୍ୟ ମିସ୍ କରିଥିଲେ। ଶେଷଥର ପାଇଁ ଗୋଲ୍ଡକୋଷ୍ଟରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ଅଂଶଗ୍ରହଣ କରି ମୋଟ୍ ୧୯୬ (୮୬ +୧୧୦) କି.ଗ୍ରା. ଭାର ଉଠାଇ ସ୍ୱର୍ଣ୍ଣ ପଦକ ସଫଳତା ପାଇଥିଲେ। ଏହା ରାଜ୍ୟଗୋଷ୍ଠୀ କ୍ରୀଡ଼ା ସମେତ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ଥିଲା।

### ଜାତୀୟ କାୟାକିଂ, କାନୋଇଂ ଦଳରେ ଓଡ଼ିଶାର ୩

କଟକ ଅଫିସ, ୭।୨-ନ୍ୟୁଜିଲାଣ୍ଡର କେମ୍ବ୍ରିଜଠାରେ ଓସିଆନ କାନୋସ୍ପ୍ରିଣ୍ଟ ଜୁନିୟର ଚାମ୍ପିୟନଶିପ୍ ଆସନ୍ତା ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥି ନିମନ୍ତେ ଭାରତୀୟ କାୟାକିଂ, କାନୋଇଂ ସଂଘ ପକ୍ଷରୁ ଗୁରୁବାର ଘୋଷିତ ଜାତୀୟ ଦଳରେ ଓଡ଼ିଶାର ୩ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ନାନୋ ମିତାଇ(ବାଳକ ବର୍ଗ), ଓନିମା ବିଦ୍ୟାପତି ଓ ହାରିଷା ଦେବୀ(ଉଭୟ ବାଳିକା ବର୍ଗ)। ନ୍ୟୁଜିଲାଣ୍ଡ ଗସ୍ତ ପୂର୍ବରୁ ଭୋପାଳଠାରେ ଜାତୀୟ ଦଳର ପ୍ରସ୍ତୁତି ଶିବିର ଅନୁଷ୍ଠିତ ହେବ। ନିକଟ ଅତୀତରେ ଭୋପାଳଠାରେ ଅନୁଷ୍ଠିତ ଜାତୀୟ ଜୁନିୟର ଓ ସବ୍‌ଜୁନିୟର କାୟାକିଂ, କାନୋଇଂ ଚାମ୍ପିୟନଶିପ୍‌ରେ ଓଡ଼ିଶା ସବ୍‌ଜୁନିୟର ବାଳକ ଦଳ ଚାମ୍ପିୟନ ହୋଇଥିବା ବେଳେ ଜୁନିୟର ବାଳିକା ଦଳ ରନର୍ସଅପ୍ ହୋଇଥିଲା। ଉପରୋକ୍ତ ୩ ଖେଳାଳି ଉଚ୍ଚକୋଟୀର ପ୍ରଦର୍ଶନ କରି ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ। ତିନି ଜଣଙ୍କୁ ଓଡ଼ିଶା କାୟାକିଂ ଓ କାନୋଇଂ ସଂଘ ସମ୍ପାଦକ ବିପିନ ଦାସ ଶୁଭେଚ୍ଛା ଜଣାଇଛନ୍ତି ।

# କଳିଙ୍ଗରେ ହେବ କଡ଼ା ଟକ୍କର

ଆସନ୍ତା ୯ରୁ ୧୫ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଛି ହିରୋ ଗୋଲ୍ଡ କପ୍ ଚତୁଃରାଷ୍ଟ୍ରୀୟ ଅନ୍ତର୍ଜାତୀୟ ସିନିୟର ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ। ଏଥିରେ ଆୟୋଜକ ଭାରତ ବ୍ୟତୀତ ମ୍ୟାନ୍‌ମାର, ଇରାନ ଓ ନେପାଳ ଅଂଶଗ୍ରହଣ କରୁଛନ୍ତି। ୪ଟି ଯାକ ସମକକ୍ଷ ଦଳ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟର ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଥିବାରୁ କଳିଙ୍ଗ ଷ୍ଟାଡିୟମରେ କଡ଼ା ଟକ୍କର ଦେଖିବାକୁ ମିଳିବ ବୋଲି ପୂର୍ବାନୁମାନ କରିଛନ୍ତି ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ। ମହିଳା ଫୁଟବଲର ଉନ୍ନତି ପାଇଁ ସେ ବଦ୍ଧପରିକର ଏବଂ ଯେତେବେଳେ ଯେଉଁ ଦାୟିତ୍ୱ ମିଳିବ ତାହା ତୁଲାଇବାକୁ ପ୍ରସ୍ତୁତ ବୋଲି ଗୁରୁବାର ଏକ ସାକ୍ଷାତକାର ଅବସରରେ ପ୍ରକାଶ କରିଛନ୍ତି ଏହି କିମ୍ବଦନ୍ତୀ ମହିଳା ଫୁଟବଲର।

ସାକ୍ଷାତ: ତପନ ସ୍ୱାଇଁ



■ **ଭାରତରେ ପ୍ରଥମଥରପାଇଁ ଏକ ସିନିୟର ମହିଳା ଅନ୍ତର୍ଜାତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ହେବାକୁ ଯାଉଛି, ଏହା ପୁଣି ଓଡ଼ିଶାରେ ଆୟୋଜନ ହେଉଛି, କେମିତି ଦେଖୁଛନ୍ତି ?**

● ସର୍ବପ୍ରଥମେ ମୁଁ ଅଲ୍‌ଇଣ୍ଡିଆ ଫୁଟବଲ ଫେଡେରେଶନ(ଏଆଇଏଫ୍ଏଫ୍), ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶାକୁ ଧନ୍ୟବାଦ ଜଣାଇବାକୁ ଚାହିଁବି। ଏ ସମସ୍ତଙ୍କ ଉଦ୍ୟମରେ ପ୍ରଥମଥରପାଇଁ ହିରୋ ଗୋଲ୍ଡ କପ୍ ଆୟୋଜନ ହେବାକୁ ଯାଉଛି। ମୋ ପରି ଫୁଟବଲକୁ ଭଲ ପାଉଥିବା ସମସ୍ତ ବ୍ୟକ୍ତି ଏହି ଟୁର୍ଣ୍ଣାମେଣ୍ଟକୁ ଅତ୍ୟନ୍ତ ଆଗ୍ରହର ସହ ଅପେକ୍ଷା କରିଛୁ। ଏଠାରେ ଭାରତୀୟ ମହିଳା ଫୁଟବଲ ଦଳ ଅନ୍ୟ ୩ଟି ବଡ଼ ଦଳ ସହ ଖେଳିବ। ଏହା ଏକ ଭଲ ପଦକ୍ଷେପ। ଏହା ଦ୍ୱାରା ଆମ ଦେଶରେ ମହିଳା ଫୁଟବଲର ଉନ୍ନତି ହୋଇପାରିବ। ଭୁବନେଶ୍ୱର ଅଘୋଷିତଭାବେ ଦେଶର କ୍ରୀଡ଼ା ରାଜଧାନୀ ପାଲଟିଯାଇଛି। ଫଳରେ ଏଠାରେ ହକି, ଆଥଲେଟିକ୍ସ, ରଗ୍‌ବୀ, ଟେନିସ ପରେ ଏବେ ମହିଳା ଫୁଟବଲର ବଡ଼ ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବାକୁ ଯାଉଛି। ଏହା ମୋ ପାଇଁ ଅତ୍ୟନ୍ତ ଗର୍ବର କଥା। ଏଠାରେ ଆଇଏସଏଲ ହୋଇଛି, ଆଇ-ଲିଗ୍ ଚାଲିଛି, ସୁପର କପ୍ ଏବଂ ମହିଳା ଫୁଟବଲ ଆୟୋଜନ ହେବାକୁ ଯାଉଛି। ତେଣୁ ଓଡ଼ିଶାର ଫୁଟବଲପ୍ରେମୀଙ୍କ ପାଇଁ ଏହା ଏକ ବଡ଼ ସୁଯୋଗ ବୋଲି କହିବାକୁ ହେବ। ଆମ ରାଜ୍ୟ ପରି ଅନ୍ୟ ରାଜ୍ୟ ସରକାର ପ୍ରୋତ୍ସାହନ ଦେଲେ ଦେଶରେ ମହିଳା ଫୁଟବଲ ଅଧିକ ଶକ୍ତିଶାଳୀ ହୋଇପାରିବ।

■ **ଭାରତର ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ପ୍ରସ୍ତୁତିରେ ଏହା କିପରି ସହାୟକ ହେବ ?**

● ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ପାଇଁ ଏହି ଟୁର୍ଣ୍ଣାମେଣ୍ଟ ଏକ ପ୍ଲାଟ୍‌ଫର୍ମ ବୋଲି କହିବାକୁ ହେବ। କାରଣ ଯେଉଁ ୪ଟି ଦଳ ଏଠାରେ ଖେଳିବାକୁ ଯାଉଛନ୍ତି ସମସ୍ତେ ଅଲିମ୍ପିକ୍ସ ଯୋଗ୍ୟତାର ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ତେଣୁ ସମସ୍ତ ଦଳ ନିଶ୍ଚିତ ପ୍ରସ୍ତୁତ ହୋଇ ଆସୁଥିବେ। ଏହି ଟୁର୍ଣ୍ଣାମେଣ୍ଟରେ ସେମାନେ ନିଜର ଶକ୍ତି ଓ ଦୁର୍ବଳତା ସମ୍ପର୍କରେ ଜାଣି ପାରିବେ।

■ **ମ୍ୟାନ୍‌ମାର, ନେପାଳ ଓ ଇରାନ ଉପସ୍ଥିତିରେ ଭାରତର ସମ୍ଭାବନା କିପରି ରହିବ?**

● ସମସ୍ତେ ଭଲ ଟିମ୍। ମ୍ୟାନ୍‌ମାର ର୍‍ୟାଙ୍କିଙ୍ଗ୍‌ର ୪୪ତମ ସ୍ଥାନରେ ଥିବାରୁ ନିଶ୍ଚିତ ଅନ୍ୟମାନଙ୍କଠାରୁ ଆଗରେ ରହିଛି। ଇରାନ ୬୦ରେ ଅଛି। ନେପାଳ ମଧ୍ୟ କିଛି ବର୍ଷ ଧରି ଭଲ ପ୍ରଦର୍ଶନ କରି ଆସୁଛି। ଭାରତର ପ୍ରଦର୍ଶନରେ ଯଥେଷ୍ଟ ଉନ୍ନତି ହୋଇଛି। ନିକଟରେ ହଂକଂ ଓ ଇଣ୍ଡୋନେସିଆରେ ବିଜୟୀ ହୋଇଥିବାରୁ ଦଳର ମନୋବଳ ବହୁ ଉପରେ ରହିଛି। ତେଣୁ କଳିଙ୍ଗ ଷ୍ଟାଡିୟମରେ କଡ଼ା ଟକ୍କର ଦେଖିବାକୁ ମିଳିବ।

■ **ଭାରତର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ଇରାନ, ଏହି ମ୍ୟାଚର କେତେ ଗୁରୁତ୍ୱ ରହିବ ?**

● ପ୍ରତି ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ ସବୁବେଳେ ଗୁରୁତ୍ୱପୂର୍ଣ୍ଣ। ଉଭୟ ଦଳ ନିଶ୍ଚିତ ଜିତିବାକୁ ଚାହିଁବେ। ବିଜୟ ହାସଲ କରିବା ଦଳର ମନୋବଳ ନିଶ୍ଚିତ ଦୃଢ଼ ରହିବ। ତେଣୁ ଭାରତ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ।

■ **ଭାରତୀୟ ଦଳରେ ସ୍ଥାନ ପାଇଥିବା ଓଡ଼ିଆ ଖେଳାଳିଙ୍କୁ ଆପଣ କ’ଣ କହିବାକୁ ଚାହିଁବେ ?**

● ନିଜ ମାଟିରେ ଦେଶ ପକ୍ଷରୁ ଖେଳିବା ବହୁତ ବଡ଼ କଥା। ମହିଳା ଫୁଟବଲରେ ଏପରି ବହୁତ କମ୍ ସୁଯୋଗ ମିଳେ। ଏବେ ଆମ ଓଡ଼ିଆ ଖେଳାଳିମାନେ ସେହି ସୁଯୋଗ ପାଇଛନ୍ତି, ତେଣୁ ସେମାନେ ତା’ର ସଦୁପଯୋଗ କରି ଟୁର୍ଣ୍ଣାମେଣ୍ଟକୁ ସ୍ମରଣୀୟ କରନ୍ତୁ ବୋଲି ମୁଁ ଚାହିଁବି।

■ **ଆପଣଙ୍କ ଖେଳିବା ସମୟ ଓ ବର୍ତ୍ତମାନର ଖେଳ ଷ୍ଟାଇଲରେ କିଛି ପରିବର୍ତ୍ତନ ହୋଇଛି କି ?**

● ପୂର୍ବାପେକ୍ଷା ଖେଳ ଷ୍ଟାଇଲରେ ଅନେକ ପରିବର୍ତ୍ତନ ଆସିଛି। ଏବେ ପିଲାମାନେ ଅଧିକରୁ ଅଧିକ ମ୍ୟାଚ ଖେଳିବା ସୁଯୋଗ ପାଉଛନ୍ତି। ଗେମ୍ ଫାଷ୍ଟ ହେବାଦ୍ୱାରା ପିଲାଙ୍କୁ ଫିଟ୍‌ନେସ ଉପରେ ଅଧିକ ଧ୍ୟାନ ଦେବାକୁ ପଡୁଛି। ଜଣେ ପେସାଦାର ଖେଳାଳି ବର୍ଷସାରା ଫିଟ୍ ରହିଲେ ଯାଇ ଦଳରେ ସ୍ଥାନ ପାଇପାରିବେ ଏବଂ ଶ୍ରେଷ୍ଠ ପ୍ରଦର୍ଶନ କରିପାରିବେ। ଏବେ ପ୍ରତିଯୋଗିତା ବଢ଼ିଛି, ସେତେବେଳେ ଗୋଟେ ହେଉଥିଲେ ଏବେ ୧୦ଟି ହେଉଛି। ସେତେବେଳେ ଜଣେ ଖେଳାଳି ୪ଥର ବିଦେଶ ଯିବାକୁ ସୁଯୋଗ ପାଉଥିବାବେଳେ ଏବେ ୪୦ ଥର ଯାଇ ପାରୁଛନ୍ତି।

■ **ଭାରତରେ ମହିଳା ଫୁଟବଲର ଭବିଷ୍ୟତକୁ କିପରି ଦେଖୁଛନ୍ତି ?**

● ଭାରତରେ ମହିଳା ଫୁଟବଲର ଭବିଷ୍ୟତ ବହୁତ ଉଜ୍ଜ୍ୱଳ। କାରଣ ଏବେ ଆମ ପିଲାମାନେ ଯାଇ ବାହାର ଦେଶର ଲିଗ୍‌ରେ ଖେଳିଲେଣି। ବିଦେଶୀ ଖେଳାଳିମାନେ ମଧ୍ୟ ଏବେ ଭାରତରେ ଖେଳିବାକୁ ପସନ୍ଦ କଲେଣି। ତେଣୁ ଭାରତରେ ଫୁଟବଲର ଲୋକପ୍ରିୟତା ବଢୁଛି। ଏହା ବ୍ୟତୀତ ଫୁଟବଲକୁ କ୍ୟାରିୟର କରୁଥିବା ପିଲାମାନେ ଏବେ ରେଲୱେ, ସିଆର୍‌ପିଏଫ୍, ବିଏସ୍‌ଏଫ୍, ଓଡ଼ିଶା ପୋଲିସ ଆଦି ବିଭିନ୍ନ ସଂସ୍ଥାରେ ଚାକିରି ମଧ୍ୟ ପାଉଛନ୍ତି।

■ **ଓଡ଼ିଶାରେ ଫୁଟବଲ ପ୍ରତି ଦର୍ଶକ ଏତେଟା ଆଗ୍ରହ ଦେଖାଉ ନାହାନ୍ତି, ଏହାର କାରଣ କ’ଣ ?**

● ଗତବର୍ଷ ଆଇଏସ୍‌ଏଲ୍‌ରେ କିଛି ଦର୍ଶକ ମ୍ୟାଚ ଉପଭୋଗ କରିଥିଲେ। ରାଜ୍ୟରେ ଫୁଟବଲର ଲୋକପ୍ରିୟତା ବଢୁଛି, ମାତ୍ର ଆହୁରି ଅଧିକ ଲୋକ ଷ୍ଟାଡିୟମକୁ ଆସିବା ଆବଶ୍ୟକ ବୋଲି ମୁଁ ଅନୁଭବ କରୁଛି। ଅଧିକରୁ ଅଧିକ ଦର୍ଶକ ଷ୍ଟାଡିୟମ ଆସି ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟକୁ ଉପଭୋଗ କରନ୍ତୁ ବୋଲି ମୁଁ ନିଶ୍ଚିତ ଅନୁରୋଧ କରିବି। ଅନ୍ୟପକ୍ଷରେ ଫୁଟବଲକୁ ନେଇ ଆଉଟିକେ ଅଧିକ ପ୍ରଚାର କରାଯିବା ଆବଶ୍ୟକ ରହିଛି। ଏହା ହୋଇ ପାରିଲେ ନିଶ୍ଚିତ ଅଧିକ ଦର୍ଶକ ଫୁଟବଲ ପ୍ରତି ଆକୃଷ୍ଟ ହେବେ ଏବଂ ମ୍ୟାଚ ଉପଭୋଗ କରିବେ।

■ **ପୂର୍ବରୁ ଭାରତରେ ସିନିୟର ମହିଳା ଅନ୍ତର୍ଜାତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ ହୋଇ ନ ଥିଲା। ଖେଳ ଜୀବନ କଥା ମନେ ପକାଇଲେ କିଛି ଅବସୋସ ରହିଛି କି ?**

● ଅତୀତ ସବୁବେଳେ ଅତୀତ। ଏବେ ଅନେକ ପରିବର୍ତ୍ତନ ଆସିଛି। ପୂର୍ବାପେକ୍ଷା ଭାରତୀୟ ମହିଳା ଖେଳାଳିଙ୍କୁ ଅଧିକରୁ ଅଧିକ ମ୍ୟାଚ ଖେଳିବାକୁ ସୁଯୋଗ ମିଳୁଛି। ନିକଟରେ ଦଳ ତୁର୍କୀ ଯିବାର କାର୍ଯ୍ୟକ୍ରମ ରହିଛି, ଏହାପରେ ସାଫ୍ ଗେମ୍ସରେ ଖେଳିବ। ହଁ, ସେତେବେଳେ ଏପରି ଏକ ଟୁର୍ଣ୍ଣାମେଣ୍ଟ ଆୟୋଜନ ହୋଇଥାନ୍ତା ତେବେ ମୋ ପାଇଁ ନିଶ୍ଚିତ ସ୍ମରଣୀୟ ହୋଇଥାନ୍ତା। ନିଜ ଗ୍ରାଉଣ୍ଡରେ ଖେଳିବାଠାରୁ ଆଉ ଖୁସିର କଥା କିଛି ଥାଇ ନ ପାରେ।

■ **ରାଜ୍ୟରେ ମହିଳା ଫୁଟବଲର ଲୋକପ୍ରିୟତା ଓ ଉନ୍ନତି ପାଇଁ ଆଉ କ’ଣ ଆବଶ୍ୟକ ?**

● ରାଜ୍ୟରେ ଓଡ଼ିଶା ପିଲାଙ୍କ ପାଇଁ ଅଧିକରୁ ଅଧିକ ଟୁର୍ଣ୍ଣାମେଣ୍ଟ କରାଯିବା ଆବଶ୍ୟକ। ଆମ ପିଲା ବାହାରକୁ ଗଲେ ଏବଂ ବାହାର ରାଜ୍ୟର ପିଲା ଆମ ରାଜ୍ୟରେ ଆସି ଖେଳିଲେ ଭାବର ଆଦାନ ପ୍ରଦାନ ହେବ। ଏହାଦ୍ୱାରା ପିଲାଙ୍କ ପ୍ରଦର୍ଶନରେ ନିଶ୍ଚିତ ଉନ୍ନତି ଆସି ପାରିବ। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ଫୁଟବଲ ଆସୋସିଏଶନ ମିଶିକରି ମହିଳା ଫୁଟବଲର ଉନ୍ନତି ପାଇଁ ବହୁତ କିଛି ଯୋଜନା କରିଛନ୍ତି। ରାଜ୍ୟରେ ଜାତୀୟ ଓ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବାଦ୍ୱାରା ଆମ ପିଲାମାନେ ଅତି ନିକଟରୁ ବଡ଼ ଖେଳାଳିଙ୍କ ପ୍ରଦର୍ଶନକୁ ଦେଖି ପାରୁଛନ୍ତି। ତେଣୁ ପରୋକ୍ଷରେ ଏହା ମଧ୍ୟ ସେମାନଙ୍କ ପ୍ରଦର୍ଶନରେ ସୁଧାର ଆଣି ପାରିବ।

■ **ଖେଳାଳି ଜୀବନ ପରେ ଆପଣ ବିଭିନ୍ନ ସମୟରେ କୋଚ୍ ଓ ଚୟନକର୍ତ୍ତା ଦାୟିତ୍ୱକୁ କିପରି ଉପଭୋଗ କରୁଛନ୍ତି ?**

● ଖେଳୁଥିବାବେଳେ ବ୍ୟକ୍ତିଗତଭାବେ କିପରି ଭଲ ଖେଳିବି ଏବଂ ଅଧିନାୟିକା ଭାବେ ଦଳ କିପରି ଭଲ ଖେଳିବ ତା’ ଉପରେ ଫୋକସ କରୁଥିଲି। ଏବେ ଦାୟିତ୍ୱ ବଢ଼ିଛି। କୋଚ୍ ଏବଂ ଚୟନକର୍ତ୍ତା ଦାୟିତ୍ୱକୁ ମୁଁ ଭିନ୍ନଭାବେ ଉପଭୋଗ କରୁଛି। ଜଣେ କୋଚ୍ ହେଉ କି ଚୟନକର୍ତ୍ତା ଯେତେବେଳେ ଯେଉଁ ଦାୟିତ୍ୱ ମିଳିଥାଏ ତାକୁ ଦାୟିତ୍ୱର ସହ ସମ୍ପାଦନ କରିଥାଏ। ଫୁଟବଲ ସହିତ ଜଡ଼ିତ ହୋଇ ରହିଥିବାରୁ ଏହାଠାରୁ ଖୁସିକଥା ମୋ ପାଇଁ କିଛି ନାହିଁ।

■ **ଭବିଷ୍ୟତର ଲକ୍ଷ୍ୟ କ’ଣ ରହିଛି ?**

● ମୋ ନିଯୁକ୍ତିଦାତା ନାଲ୍‌କୋର ସମର୍ଥନ ଯୋଗୁ ମୁଁ ଆଜି ଏଠାରେ ପହଞ୍ଚି ପାରିଛି। ତେଣୁ ମୁଁ ନିଶ୍ଚିତ ନାଲ୍‌କୋକୁ ଧନ୍ୟବାଦ ଦେବାକୁ ଚାହିଁବି। ଓଡ଼ିଶାରେ ଫୁଟବଲର ଉନ୍ନତି ପାଇଁ ମୁଁ ସବୁବେଳେ ସ୍ୱପ୍ନ ଦେଖି ଆସୁଛି। ରାଜ୍ୟ ଆସୋସିଏଶନ ଏବଂ ସରକାର ଯେତେବେଳେ ମୋତେ ଯେଉଁ ଦାୟିତ୍ୱ ଦେବେ ତାହା ନିର୍ବାହ କରିବାକୁ ମୁଁ ସବୁବେଳେ ପ୍ରସ୍ତୁତ ଅଛି।


## ଓଡ଼ିଶା ସରକାର

# ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

### ଘୋଷଣା

ସଂଖ୍ୟା - ୧୦୦୮୬ ତା :୨୧।୧୨।୨୦୧୮

No. XXIII-03:- ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା- କେଛୋବାହାଲ, ଥାନା- ବ୍ରଜରାଜନଗର, ତହସିଲ- ଝାରସୁଗୁଡ଼ା, ଜିଲ୍ଲା- ଝାରସୁଗୁଡ଼ାରେ ନିମ୍ନସୂଚିତ ‘କ’ ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଲଇକେରାରୁ କେଛୋବାହାଲ ରେଳପଥ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା- ୭୭୯, ତା୨୯।୦୧।୨୦୧୮ ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ, ଏହା ଘୋଷଣା କରାଯାଉଅଛି ଯେ, ମୌଜା- କେଛୋବାହାଲ, ଥାନା- ବ୍ରଜରାଜନଗର, ଜିଲ୍ଲା- ଝାରସୁଗୁଡ଼ାରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.jharsuguda.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ www.odisha.gov.in/revenueରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ଝାରସୁଗୁଡ଼ା ତହସିଲ- ଝାରସୁଗୁଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| କେଛୋବାହାଲ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୪.୧୨.୬୯ ଡି | ଏଥିସହିତ ସଂଲଗ୍ନ |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ଝାରସୁଗୁଡ଼ା ତହସିଲ- ଝାରସୁଗୁଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୦୧.୦୨.୨୦୧୯

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ଝରାସୁଗୁଡ଼ା

LAND SCHEDULE (Private Land)
ମୌଜା: କେଛୋବାହାଲ, ଥାନା: ବ୍ରଜରାଜନଗର, ତହସିଲ: ଝାରସୁଗୁଡ଼ା, ଜିଲ୍ଲା: ଝାରସୁଗୁଡ଼ା

| କ୍ର.ନଂ. | ଖାତା ନଂ. | ପ୍ଲଟ୍ ନଂ. | କିସମ | ମୋଟ ରକବା | ଅର୍ଜନ ହେଉଥିବା ରକବା (ଏକରରେ) | ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧୨ | ୧୦୨୫ | ଆ.ସା. | ୦.୭୭ | ୦.୦୩ | ଗଙ୍ଗାଧର ଗଣ୍ଡା, ସୀତାରାମ ଗଣ୍ଡା, ପି: ହରିଶ୍ଚନ୍ଦ୍ର ଗଣ୍ଡା, ତୀର୍ଥ ଗଣ୍ଡା, ପି: ଉଝଟ ଗଣ୍ଡା, ସୁବୋଧନ ଗଣ୍ଡା, ଭୁଲୁକୁ ଗଣ୍ଡା, କିର୍ତ୍ତନ ଗଣ୍ଡା, ପି: ହରି ଗଣ୍ଡା, ଆସମତୀ ଗଣ୍ଡା, ସ୍ୱା: ହରି ଗଣ୍ଡା, ଜା: ଗଣ୍ଡା, ବା: ନିଜଗାଁ |
| | | ୧୦୨୯ | ଆ.ସା. | ୦.୨୮ | ୦.୧୬ | |
| | | ୧୦୩୦ | ମା.ସା. | ୦.୬୨ | ୦.୧୦ | |
| | | ୧୦୩୨ | ମା.ସା. | ୧.୫୭ | ୦.୨୮ | |
| | | ୧୦୪୩ | ମା.ସା. | ୧.୩୦ | ୦.୧୪ | |
| | | ୧୦୪୯ | ମା.ସା. | ୦.୭୮ | ୦.୦୨ | |
| ୨ | ୧୬ | ୧୧୪୫ | ମା.ପା.-୨ | ୦.୨୫ | ୦.୨୫ | ଗଣେଶ ପ୍ରସାଦ ସାହୁ, ରୁକ୍ ଧର ସାହୁ, ପି: ଋଷି ସାହୁ, ଜା: କୁଲିତା, ବା: ନିଜଗାଁ |
| | | ୧୧୪୭ | ବେ.ପା.-୨ | ୦.୧୪ | ୦.୦୮ | |
| ୩ | ୨୧ | ୩୧୮/୧୬୫୧ | ଆ.ସା. | ୫.୧୪ | ୧.୩୦ | ଛତିଶ ଭୋଏ, କୁମୋଦ ଭୋଏ, ପି: ଗିରିଧାରୀ ଭୋଏ, ଜା: କୁଲତା, ବା: ରେମଜା |
| ୪ | ୨୨ | ୫୬୪ | ଆ.ସା. | ୦.୮୨ | ୦.୪୦ | ଗୁରୁବାରୀ ଖଡ଼ିଆ, କାୟ ଖଡ଼ିଆ, ପି: ମିଟୁ ଖଡ଼ିଆ, ଜା: ଖଡ଼ିଆ, ବା: ନିଜଗାଁ |
| ୫ | ୨୫ | ୧୦୪୬ | ମା.ସା. | ୧.୪୧ | ୦.୨୬ | ଗୋବର୍ଦ୍ଧନ ରୋହିଦାସ, ପି: ଚିନ୍ତାମଣି ରୋହିଦାସ, ଜା: ଚମାର, ବା: ନିଜଗାଁ |
| ୬ | ୨୮ | ୪୭୫ | ଆ.ସା. | ୦.୫୩ | ୦.୦୧ | ଗୋବିନ୍ଦ ବଡ଼ାଇ, ଧ୍ରୁବ ବଡ଼ାଇ, ରାମଚନ୍ଦ୍ର ବଡ଼ାଇ, ପି: ସଂକିର୍ତ୍ତନ ବଡ଼ାଇ, କେଶବ ବଡ଼ାଇ, ଟିକନାଥ ବଡ଼ାଇ, ପି: କୃଷ୍ଣ ବଡ଼ାଇ, ଯୁଧିଷ୍ଠିର ବଡ଼ାଇ, ପି: ନବଘନ ବଡ଼ାଇ, ଜା: କୁଲତା, ବା: ନିଜଗାଁ |
| | | ୪୭୫/୧୭୭୨ | ଆ.ସା. | ୦.୫୩ | ୦.୪୧ | |
| ୭ | ୩୨ | ୫୫୪ | ଆ.ସା. | ୧.୧୯ | ୦.୫୨ | ଚମାର ପଧାନ, ପିତା: ମସତ ପଧାନ, ବୃନ୍ଦାବତୀ ପଧାନ, ସ୍ୱାମୀ: ଗଣ୍ଡା ପଧାନ, ପବିତ୍ର ପଧାନ, ପିତା: ଗଣ୍ଡା ପଧାନ, ରତନ ପଧାନ, ଟିକୁନୁ ପଧାନ, ପିତା: ମୁଟୁ ପଧାନ, ବାସସ୍ଥାନ: ନିଜଗାଁ, ରାଧା ସିଂ, ସ୍ୱାମୀ: ମନବୋଧ ସିଂ, ବାସସ୍ଥାନ: ଜମେରା, ବୁନ୍ଦେ ସା, ସ୍ୱାମୀ: ଡିବା ସା, ଜାତି: ଭୂୟାଁ, ବାସସ୍ଥାନ: ଘୁସୁରାମୁଣ୍ଡା |
| | | ୫୬୮ | ଆ.ସା. | ୦.୫୩ | ୦.୩୦ | |
| | | ୧୧୪୬ | ମା.ପା.-୨ | ୦.୭୪ | ୦.୫୩ | |
| ୮ | ୩୬ | ୧୧୨୫ | ଆ.ସା. | ୦.୯୫ | ୦.୨୮ | ଛବିଲ ପାଣ୍ଡେ, ପି: ଦୁସମନ ପାଣ୍ଡେ, ଜା: କେଉଟ, ବା: ନିଜଗାଁ |
| ୯ | ୩୭ | ୧୧୨୪ | ମା.ପା.-୨ | ୨.୩୦ | ୦.୩୨ | ଛବିଲ ପାଣ୍ଡେ, ଗୋକୁଳ ପାଣ୍ଡେ, ପି: ଦୁସମନ ପାଣ୍ଡେ, ମାନ ପାଣ୍ଡେ, ପି: ତିହାଡ଼ି ପାଣ୍ଡେ, ଜା: କେଉଟ, ବା: ନିଜଗାଁ |
| | | ୧୧୦୭ | ଆ.ସା. | ୦.୧୫ | ୦.୦୧ | |
| ୧୦ | ୪୩ | ୫୬୯ | ଆ.ସା. | ୦.୩୯ | ୦.୨୨ | ଯୁକେଷ୍ଟି ସାହୁ, ପି: ବୃନ୍ଦାବନ ସାହୁ, ଜା: କୁଲତା, ବା: ନିଜଗାଁ |
| ୧୧ | ୧୦୩/୬୨ | ୩୧୮/୧୭୧୫ | ଆ.ସା. | ୦.୪୦ | ୦.୩୦ | କେଶର ରୋହିଦାସ, ପି: ଭୋଲା ରୋହିଦାସ, ଜା: ଚମାର, ବା: ନିଜଗାଁ |
| ୧୨ | ୪୪ | ୩୦୮ | ମା.ସା | ୦.୯୨ | ୦.୨୦ | ଜୟ ନାରାୟଣ ବିଶି, ପି: କୃଷ୍ଣ ବିଶି, ଜା: କୁଲତା, ବା: ଗଣ୍ଡଘୋର, ତୁଳାଧର ସାହୁ, ପି: ଲମ୍ବୋଦର ସାହୁ, ବା: ପଣ୍ଡରୀ ପଥର, ଥାନା: ବଡ଼ମାଲ |
| | | ୩୦୯ | ମା.ସା. | ୧.୦୬ | ୦.୨୮ | |
| | | ୩୧୬ | ଆ.ସା. | ୦.୧୨ | ୦.୦୫ | |
| | | ୩୧୭ | ଆ.ସା. | ୦.୦୯ | ୦.୦୪ | |
| ୧୩ | ୧୦୩/୭୫ | ୩୧୭/୧୮୭୩ | ଘରବାରୀ | ୧.୪୩ | ୦.୩୮ | ଗଣେଶ ଭଇଁଷା, ପି: ଖଦୁ ଭଇଁଷା, ଜା: ଗଉଡ଼, ବା: ବଞ୍ଜାରୀ, ଥାନା: ଝାରସୁଗୁଡ଼ା, ଜି: ଝାରସୁଗୁଡ଼ା |
| ୧୪ | ୪୫ | ୨୯୪ | ମା.ପା.-୨ | ୨.୩୦ | ୦.୫୫ | ଠୁନୁକୁ ସାହୁ, ଖୁଲୁ ସାହୁ, ପି: ଅର୍କ୍ଷିତ ସାହୁ, ଅର୍ଜୁନ ସାହୁ, କୁନୁ ସାହୁ, ପି: ଜଗତରାମ ସାହୁ, ଜା: ଭୂୟାଁ, ବା: ନିଜଗାଁ |
| | | ୨୯୬ | ପତିତ | ୧.୫୦ | ୦.୫୦ | |
| ୧୫ | ୫୫ | ୪୬୬ | ଆ.ସା. | ୨.୪୪ | ୦.୫୫ | ନିଶାବତୀ ସାହୁ, ସ୍ୱା: ତୁଳାଧର ସାହୁ, କୁଶା ସାହୁ, ପି: ଗୌରାଙ୍ଗ ସାହୁ, ନିଶାବତୀ ସାହୁ, ପି: ପରମା ସାହୁ, କ୍ଷିତିପତି ସାହୁ, ପି: ହରିଶଙ୍କର ସାହୁ, ଜା: ଭୂୟାଁ, ବା: ନିଜଗାଁ |
| ୧୬ | ୫୬ | ୫୫୦ | ଆ.ସା. | ୦.୨୫ | ୦.୨୫ | ପଞ୍ଚାନନ କୁମୁରା, ପି: ଶ୍ରୀମତ କୁମୁରା, ଶ୍ରୀଧର କୁମୁରା, ପି: ଚିନ୍ତାମଣି କୁମୁରା, ଶଙ୍କର କୁମୁରା, ବୃଷଭ କୁମୁରା, ପି: ସନ୍ନ୍ୟାସି କୁମୁରା, ପାନିବୁଡ଼ି କୁମୁରା, ସ୍ୱା: ସନ୍ନ୍ୟାସି କୁମୁରା, ଅର୍ଜୁନ କୁମୁରା, ଲିଙ୍ଗରାଜ କୁମୁରା, ହରିରାମ କୁମୁରା, ପି: ରାମଚନ୍ଦ୍ର କୁମୁରା, ଫଗୁ କୁମୁରା, ପି: ନଟ କୁମୁରା, ଜା: ଗଣ୍ଡ, ବା: ନିଜଗାଁ |
| | | ୫୭୨ | ଆ.ସା. | ୦.୨୦ | ୦.୦୧ | |
| ୧୭ | ୫୭ | ୫୫୧ | ଆ.ସା. | ୦.୨୨ | ୦.୨୨ | ପ୍ରଶ୍ନ କୁମାର ସାଏ, ପି: ଘନଶ୍ୟାମ ସାଏ, ଜା: ଚୁହାନ, ବା: ନିଜଗାଁ |
| | | ୫୭୫ | ମା.ପା.-୨ | ୦.୬୧ | ୦.୧୦ | |
| ୧୮ | ୫୮ | ୧୧୮୩ | ପତିତ | ୦.୧୦ | ୦.୦୨ | ପ୍ରଶ୍ନ କୁମାର ସାଏ, ହରିଶ୍ଚନ୍ଦ୍ର ସାଏ, ବସନ୍ତ କୁମାର ସାଏ, ପି: ଘନଶ୍ୟାମ ସାଏ, ଜା: ଚୁହାନ, ବା: ନିଜଗାଁ |
| ୧୯ | ୧୦୩/୫୮ | ୧୧୮୩/୧୮୩୬ | ପତିତ | ୧.୪୨ | ୦.୦୨ | ନଟବର ସାହୁ, ପି: ରୂପଧର ସାହୁ, ଜା: କୁଲତା, ବା: ନିଜଗାଁ |
| ୨୦ | ୫୯ | ୧୧୭୦ | ମା.ପା.-୨ | ୦.୮୧ | ୦.୧୦ | ବସନ୍ତ କୁମାର ସାଏ, ପି: ଘନଶ୍ୟାମ ସାଏ, ଜା: ଚୌହାନ, ବା: ନିଜଗାଁ |
| ୨୧ | ୬୪ | ୩୧୦ | ମା.ସା. | ୦.୦୯ | ୦.୦୯ | ଭରତ ସାହୁ, ପି: ଗୋପାଲ ସାହୁ, ପାଟ ପଧାନ, ପି: ଗଧୋଲୋ ସାହୁ, ସ୍ୱା: ବଟ ପଧାନ, ବୁଦ୍ଧୁ ସାହୁ, କାର୍ତ୍ତିକ ସାହୁ, ପି: ଅବଧୂତ ସାହୁ, ହଲ ସାହୁ, ତିଲ ସାହୁ, ପି: ଦୁର୍ଜନ ସାହୁ, କୁବେର ସାହୁ, ପି: ଲକ୍ଷ୍ମୀଚାନ୍ଦ ସାହୁ, ପୂର୍ଣ୍ଣଚାନ୍ଦ ସାହୁ, ପି: ଶ୍ୟାମସୁନ୍ଦର ସାହୁ, ଜା: ଭୂୟାଁ, ବା: ନିଜଗାଁ |
| | | ୩୧୧ | ଆ.ସା. | ୦.୦୫ | ୦.୦୧ | |
| | | ୩୧୨ | ଆ.ସା. | ୦.୮୦ | ୦.୩୭ | |
| | | ୩୪୧ | ମା.ପା.-୨ | ୨.୬୧ | ୦.୦୪ | |
| ୨୨ | ୬୧ | ୧୦୪୩/୧୬୪୭ | ଆ.ସା. | ୨.୫୫ | ୦.୧୬ | ସୁଶାନ୍ତ ମିର୍ଦ୍ଧା, ରାଜକୁମାର ମିର୍ଦ୍ଧା, ଅରୁଣ ମିର୍ଦ୍ଧା, ପି: ଇନ୍ଦ୍ର ମିର୍ଦ୍ଧା, ଜା: ଖଡ଼ିଆ, ବା: ନିଜଗାଁ |
| ୨୩ | ୭୧ | ୧୧୮୮ | ଆ.ସା. | ୦.୮୬ | ୦.୦୧ | ମନବୋଧ ନେଟି, ପି: ଭୁଡୁଲୁ ନେଟି, ଗୁଲାବତି ନେଟି, ସ୍ୱା: ଭୁଡୁଲୁ ନେଟି, ମୁଳା ନେଟି, ସ୍ୱା: ଅର୍ଜୁନ ନେଟି, ଜା: ଗଣ୍ଡ, ବା: ନିଜଗାଁ |
| ୨୪ | ୬୮ | ୧୧୫୨ | ମା.ପା.-୨ | ୦.୦୫ | ୦.୦୨ | ମଙ୍ଗଲ ଖଡ଼ିଆ, ପି: ଶୁକ୍ରୁ ଖଡ଼ିଆ, ସୁନାବରୀ ଖଡ଼ିଆ, ସ୍ୱା: ଶୁକ୍ରୁ ଖଡ଼ିଆ, ଜା: ଖଡ଼ିଆ, ବା: ନିଜଗାଁ |
| ୨୫ | ୭୫ | ୧୦୩୮ | ଆ.ସା. | ୦.୪୪ | ୦.୧୭ | ରାଇବାରି ଖଡ଼ିଆ, ସ୍ୱା: ମୁରାହା, ଖଡ଼ିଆ, ଉଜଲ ଖଡ଼ିଆ, ପ୍ରେମ ଖଡ଼ିଆ, ବେଲମତୀ ଖଡ଼ିଆ, ରଇବାରି ଖଡ଼ିଆ, ବୈଶାଖୁ ଖଡ଼ିଆ, ଦ୍ରୌପଦି ଖଡ଼ିଆ, ପି: ମାଙ୍ଗରା ଖଡ଼ିଆ, ଧ୍ରୁବେନ ଖଡ଼ିଆ, ସ୍ୱା: ମାଙ୍ଗରା ଖଡ଼ିଆ, ବୁଧୁରାମ ଖଡ଼ିଆ, ପି: ମୁରାହା ଖଡ଼ିଆ, ଦଶିଆ ଖଡ଼ିଆ, ମଳିଆ ଖଡ଼ିଆ, ପି: ଚଙ୍ଗା ଖଡ଼ିଆ, ଜା: ଖଡ଼ିଆ, ବା: ନିଜଗାଁ |
| ୨୬ | ୮୦ | ୨୯୬/୧୬୫୨ | ଆ.ସା. | ୧.୨୫ | ୦.୦୨ | ଋଷି ସାହୁ, ପି: ଦୟାନିଧି ସାହୁ, ତୁଲେନ୍ଦ୍ରି ପ୍ରଧାନ, ପି: କୃତ୍ତିବାସ ସାହୁ, ଧ୍ରୁବେନ ସାହୁ, ସ୍ୱା: କୃତ୍ତିବାସ ସାହୁ, ନିରଞ୍ଜନ ସାହୁ, ଟିକନାଥ ସାହୁ, ପି: ମଦନ ସାହୁ, ଦହତି ସାହୁ, ସ୍ୱା: ମଦନ ସାହୁ, ଜା: କୁଲତା, ବା: ନିଜଗାଁ |
| ୨୭ | ୮୭ | ୫୬୬ | ଆ.ସା. | ୦.୨୬ | ୦.୧୦ | ଶଙ୍କର ଗଣ୍ଡ, ପି: ଛାଲ ଗଣ୍ଡ, ଭକ୍ତ ଗଣ୍ଡ, ପି: ନାରାୟଣ ଗଣ୍ଡ, ମନବୋଧ ଗଣ୍ଡ, ପି: ଭୁଡୁଲୁ ଗଣ୍ଡ, ଗୁଲାବତୀ ଗଣ୍ଡ, ସ୍ୱା: ଭୁଡୁଲୁ ଗଣ୍ଡ, ମୁଲାବତୀ ଗଣ୍ଡ, ସ୍ୱା: ଅର୍ଜୁନ ଗଣ୍ଡ, ଗାନ୍ଧି ଗଣ୍ଡ, ମେମ୍ବର ନେଟୀ, ପି: ଶୁଭାରାମ ନେଟୀ, ଗଜାସା ଗଣ୍ଡ, ମକୁନ୍ଦ ଗଣ୍ଡ, ଭଲକୁ ଗଣ୍ଡ, ପି: ନୀଳ ଗଣ୍ଡ, ଜଟି ଗଣ୍ଡ, ପି: ଅବଧୂତ ଗଣ୍ଡ, ଜା: ଗଣ୍ଡ, ବା: ନିଜଗାଁ |
| | | ୫୭୦ | ଆ.ସା. | ୦.୨୨ | ୦.୦୭ | |
| ୨୮ | ୮୯ | ୫୭୧ | ଆ.ସା. | ୦.୦୮ | ୦.୦୨ | ଶଙ୍କର ଜଗତ, ବୃଷଭାନୁ ଜଗତ, ପି: ସନ୍ନ୍ୟାସୀ ଜଗତ, ଅର୍ଜୁନ ଜଗତ, ଲିଙ୍ଗରାଜ ଜଗତ, ପି: ରାମଚନ୍ଦ୍ର ଜଗତ, ଜା: ଗଣ୍ଡ, ବା: ନିଜଗାଁ |
| ୨୯ | ୯୦ | ୫୬୩ | ଆ.ସା. | ୦.୨୬ | ୦.୦୨ | ଶନିଶ୍ଚର ଖଡ଼ିଆ, ପି: ସମରା ଖଡ଼ିଆ, ଜା: ଖଡ଼ିଆ, ବା: ନିଜଗାଁ |
| | | ୧୧୪୪ | ମା.ପା.-୨ | ୦.୮୦ | ୦.୩୫ | |
| | | ୧୧୫୩ | ମା.ପା.-୨ | ୦.୨୬ | ୦.୦୨ | |
| ୩୦ | ୯୬ | ୧୧୫୧ | ମା.ପା.-୨ | ୦.୦୪ | ୦.୦୪ | ସୁନା ଖଡ଼ିଆ, ପି: ଚଡ ଖଡ଼ିଆ, ଜା: ଖଡ଼ିଆ, ବା: ନିଜଗାଁ |
| ୩୧ | ୯୮ | ୧୧୬୯ | ମା.ପା.-୨ | ୦.୯୬ | ୦.୪୨ | ହରିଶ୍ଚନ୍ଦ୍ର ସାଏ, ପି: ଘନଶ୍ୟାମ ସାଏ, ଜା: ଚୌହାନ, ବା: ନିଜଗାଁ |
| ୩୨ | ୯୯ | ୨୯୩ | ମା.ପା.-୨ | ୦.୮୦ | ୦.୧୨ | ହୁତାଧର ସା, ଧ୍ରୁବେନ ସା, ପି: ବାସୁଦେବ ସା, ଛାଲ ସା, କେଶବ ସା, ପି: ଶୁକଦେବ ସା, ଭୁଲା ସା, ରୋହିଣୀ ସା, କାଶି ସା, ରୁଟୀ ସା, ପୂର୍ଣ୍ଣବାସୀ ସା, ପି: ଗଣ୍ଡା ସା, ଝୀମ ସା, ସ୍ୱା: ଗଣ୍ଡା ସା, ଧନୁ ସା, ବେଣୁ ସା, ପି: ଲଛିନ୍ଦ୍ର ସା, ଚମାର ସା, ପି: ରାଜେନ୍ଦ୍ର ସା, ଜା: ଭୂୟାଁ, ବା: ନିଜଗାଁ |
| | | ୨୮୦ | ଆ.ସା. | ୦.୧୭ | ୦.୧୭ | |
| | | ୨୮୮ | ବା.ପା.-୨ | ୧.୮୬ | ୦.୧୫ | |
| | | ୪୮୩ | ଆ.ସା. | ୦.୭୩ | ୦.୨୫ | |
| | | ୨୯୩/୧୬୫୪ | ବା.ପା.-୨ | ୧.୮୬ | ୦.୨୩ | |
| | | ୨୭୯/୧୬୫୫ | ମା.ପା.-୨ | ୦.୮୦ | ୦.୨୨ | |
| ୩୩ | ୧୦୩/୫୦ | ୧୧୦୯ | ମା.ସା. | ୨.୨୦ | ୦.୧୦ | ଦୟାନନ୍ଦ ପ୍ରଧାନ, ପି: ଉଗ୍ରସେନ ପ୍ରଧାନ, ଜା: ଭୂୟାଁ, ବା: ନିଜଗାଁ |
| ୩୪ | ୧୦୩/୬୯ | ୪୭୭ | ଆ.ସା. | ୦.୦୩ | ୦.୦୩ | ରଘୁଲାଲ ସାଏ, ପି: ବସନ୍ତ କୁମାର ସାଏ, ଜା: ଚୌହାନ, ବା: ନିଜଗାଁ |
| | | ୪୮୦ | ଆ.ସା. | ୦.୪୫ | ୦.୨୯ | |
| ମୋଟ ଖାତା ସଂ. ୩୪, ପ୍ଲଟ୍ ସଂ. ୬୨ | | | | ୫୪.୬୪ | ୧୨.୬୯ | |

24022/14/0002/1819

ଧରିତ୍ରୀ DHARITRI
ଶୁକ୍ରବାର, ୮ ଫେବୃୟାରୀ, ୨୦୧୯



## ସଂକ୍ଷେପରେ

### କ୍ୱାର୍ଟରରେ ହାରିଲା ଓଡ଼ିଶା

କଟକ ଅଫିସ, ୭।୨: କେରଳର କୋଲାମଠାରେ ଚାଲିଥିବା ୯ମ ଜାତୀୟ ଜୁନିୟର ବାଳିକା ହକି ଚାମ୍ପିୟନଶିପ(ଡିଭିଜନ-ଏ)ର କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ପରାସ୍ତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଛି। ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଓଡ଼ିଶା ୦-୩ ଗୋଲରେ ମିଜୋରାମଠାରୁ ହାରିଯାଇଛି।

### ରାହାନେ ଅବଶିଷ୍ଟ ଭାରତ ଅଧିନାୟକ

ନୂଆଦିଲ୍ଲୀ, ୭।୨ (ପି.ଟି.): ରଣଜୀ ଟ୍ରଫି ଚାମ୍ପିୟନ ବିଦର୍ଭ ବିପକ୍ଷ ଇରାନୀ କପ୍ ମ୍ୟାଚରେ ଟେଷ୍ଟ ଉପ ଅଧିନାୟକ ଅଜିଙ୍କ୍ୟ ରାହାନେ ଅବଶିଷ୍ଟ ଭାରତ ଦଳର ନେତୃତ୍ୱ ନେବେ। ଏହି ମ୍ୟାଚ ନାଗପୁରରେ ଫେବୃୟାରୀ ୧୨ ରୁ ୧୬ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏହାର ଦିନକ ପରେ ୱାୟାନାଡ୍‌ଠାରେ ଟେଷ୍ଟ ଓପନର କେ.ଏଲ୍. ରାହୁଲ ଇଂଲଣ୍ଡ ଲାୟନ୍ସ ବିପକ୍ଷ ଦ୍ୱିତୀୟ ଅନ୍ ଅଫିସିଆଲ ଦ୍ୱିତୀୟ ଟେଷ୍ଟରେ ଭାରତ ଏ' ଦଳର ନେତୃତ୍ୱ ନେବେ। ଅବଶିଷ୍ଟ ଭାରତୀୟ ଦଳରେ ବର୍ତ୍ତମାନ ଭାରତୀୟ ଦଳର କେତେଜଣ ଖେଳାଳି ସ୍ଥାନ ପାଇଛନ୍ତି। ରାହାନେଙ୍କ ବ୍ୟତୀତ ମୟଙ୍କ ଅଗ୍ରୱାଲଙ୍କ ଭଳି ସିନିୟର ଖେଳାଳିଙ୍କୁ ଦଳରେ ନିଆଯାଇଛି। ନିକଟରେ ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ସେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ହନୁମା ବିହାରୀ, ଶ୍ରେୟାସ ଆୟାର, ଉଇକେଟ କିପର ଇଶାନ କିଷାନ ଏବଂ ଅଫ୍ ସ୍ପିନର କ୍ରିଷ୍ଣାପ୍ପା ଗୋଥାମଙ୍କୁ ମଧ ଏଥିରେ ସ୍ଥାନ ମିଳିଛି। ରଣଜୀ ଟ୍ରଫି ଫାଇନାଲରେ ଶତକ ହାସଲ କରିଥିବା ସୌରାଷ୍ଟ୍ର କିପର-ବ୍ୟାଟ୍ସମ୍ୟାନ ସ୍ନେଲ ପଟେଲ ଏବଂ ୫୦ରୁ ଅଧିକ ଉଇକେଟ ହାସଲ କରିଥିବା ବାମହାତୀ ସ୍ପିନର ଧର୍ମେନ୍ଦ୍ର ଜାଡେଜାଙ୍କୁ ମଧ ଦଳରେ ସ୍ଥାନ ମିଳିଛି। ଅବଶିଷ୍ଟ ଭାରତ ଏକାଦଶ: ଅଜିଙ୍କ୍ୟ ରାହାନେ (ଅଧିନାୟକ), ମୟଙ୍କ ଅଗ୍ରୱାଲ, ଅନ୍‌ମୋଲପ୍ରୀତ୍ ସିଂ, ହନୁମା ବିହାରୀ, ଶ୍ରେୟାସ ଆୟାର, ଇଶାନ କିଷାନ (ଉଇକେଟ କିପର), କ୍ରିଷ୍ଣାପ୍ପା ଗୋଥାମ, ଧର୍ମେନ୍ଦ୍ର ସିଂ ଜାଡେଜା, ରାହୁଲ ଚହର, ଅଙ୍କିତ ରାଜପୁତ, ତନଭୀର ଉଲ୍-ହକ୍, ରୋନିତ୍ ମୋରେ, ସନ୍ଦୀପ ୱାରିୟର, ରିଙ୍କୁ ସିଂ ଓ ସ୍ନେଲ ପଟେଲ।

ଭାରତ ଏ' ଦଳ: କେ.ଏଲ୍. ରାହୁଲ (ଅଧିନାୟକ), ଏ.ଆର୍. ଈଶ୍ୱରନ, ପ୍ରିୟଙ୍କ ପଞ୍ଚାଲ, ଅଙ୍କିତ ବାଓନେ, କରୁନ ନାୟାର, ରିକି ଭୁଇ, ସିଦ୍ଧେଶ ଲାଡ୍. କେ.ଏସ୍. ଭରତ, ଶାହବାଜ ନଦିମ, ଜଲଜ ସାକ୍‌ସେନା, ମୟଙ୍କ ମାର୍କଣ୍ଡେ, ଶାର୍ଦ୍ଦୁଳ ଠାକୁର, ନବଦୀପ୍ ସଇନୀ ଓ ବରୁଣ ଆରୋନ।



"ମ୍ୟାଚର ବିଭିନ୍ନ ପରିସ୍ଥିତିରେ ଚାପକୁ ହାତେଇବାର କୌଶଳ ହାସଲ ଯୋଗୁ ବିଦର୍ଭ ଦଳ କ୍ରମାଗତ ଦ୍ୱିତୀୟ ଥର ପାଇଁ ରଣଜୀ ଟ୍ରଫି ଜିତିଛି।"
– ଚନ୍ଦ୍ରକାନ୍ତ ପଣ୍ଡିତ, ବିଦର୍ଭ କ୍ରିକେଟ ଦଳ କୋଚ୍

"ଚିକିତ୍ସା ନିମିତ୍ତ ସାଇ ଅଫିସିଆଲମାନେ ଆର୍ଥିକ ସହାୟତା ମଞ୍ଜୁର କରିବାରେ ବିଳମ୍ବ କରୁଥିବାରୁ ମୋ କ୍ୟାରିୟର ପ୍ରତି ବିପଦ ଦେଖାଦେଇଛି।"
– ମନୋଜ କୁମାର, ଭାରତୀୟ ବକ୍ସର



# ରଣଜୀ ଟାଇଟଲ ଜିତିଲା ବିଦର୍ଭ

ନାଗପୁର, ୭।୨(ପି.ଟି.)

ଭାରତୀୟ ଘରୋଇ କ୍ରିକେଟର ସବୁଠାରୁ ସମ୍ମାନଜନକ ପ୍ରତିଯୋଗିତା ରଣଜୀ ଟ୍ରଫିର ୮୫ତମ ସଂସ୍କରଣ ଗୁରୁବାର ଶେଷ ହୋଇଯାଇଛି। ବିଦର୍ଭ କ୍ରିକେଟ ଟିମ୍ ଲଗାତର ୨ୟ ଥର ଲାଗି ରଣଜୀ ଟ୍ରଫି ଟାଇଟଲ୍ ଜିତିବାର ସୌଭାଗ୍ୟ ଲାଭ କରିଛି। ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଘରୋଇ ବିଦର୍ଭ ୭୮ ରନରେ ତାରକା ଖଚିତ ସୌରାଷ୍ଟ୍ର ଟିମ୍‌କୁ ପରାସ୍ତ କରିଛି। ଗତବର୍ଷ ଦିଲ୍ଲୀକୁ ହରାଇ ବିଦର୍ଭ ପ୍ରଥମଥର ଲାଗି ରଣଜୀ ଟ୍ରଫି ଚାମ୍ପିୟନ ହୋଇଥିଲା।

ବିଦର୍ଭ ପକ୍ଷରୁ ଧାର୍ଯ୍ୟ ୨୦୬ ରନର ଟାର୍ଗେଟ୍‌କୁ ପିଛା କରିଥିବା ଜୟଦେବ ଉନାଡକଟ୍‌ଙ୍କ ସୌରାଷ୍ଟ୍ର ଦଳ ବୁଧବାର ୪ର୍ଥ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୫୮ ରନରେ ୫ ଉଇକେଟ୍ ହରାଇ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଗୁରୁବାର ମ୍ୟାଚ୍‌ର ଅନ୍ତିମ ଦିବସ ହୋଇଥିବାରୁ ବିଦର୍ଭକୁ ବିଜୟ ଲାଗି ୫ ଉଇକେଟ୍ ଓ ସୌରାଷ୍ଟ୍ରକୁ ଆଉ ୧୪୮ ରନ ଆବଶ୍ୟକ ହେଉଥିଲା। ତେବେ ସୌରାଷ୍ଟ୍ର ନିଜ ପୂର୍ବଦିନର ଅସମାପ୍ତ ୨ୟ ଇନିଂସ ସ୍କୋରରେ ଆଉ ୬୯ ରନ୍ ଯୋଗ କରି ଅବଶିଷ୍ଟ ୫ ଉଇକେଟ ହରାଇ ପରାଜୟବରଣ କରିଥିଲା। ଭ୍ରମଣକାରୀ ସୌରାଷ୍ଟ୍ର ପକ୍ଷରୁ ବୈଷବରାଜ ଜାଡେଜା ସର୍ବାଧିକ ୫୨ ରନ କରିଥିଲେ। ତେବେ ଦଳର ଷ୍ଟାର୍ ବ୍ୟାଟ୍ସମ୍ୟାନ ଚେତେଶ୍ୱର ପୂଜାରା (୧ ଓ ୦) ମ୍ୟାଚ୍‌ର ଉଭୟ ଇନିଂସରେ ବିଫଳ ହେବା ସୌରାଷ୍ଟ୍ରକୁ ଅଧିକ ନିରାଶ କରିଥିଲା। ଚାମ୍ପିୟନ ବିଦର୍ଭ ପକ୍ଷରୁ ବାମହାତୀ ସ୍ପିନର ଆଦିତ୍ୟ ସରୱାତେ ଉଭୟ ଇନିଂସରେ ଯଥାକ୍ରମେ ୫ ଓ ୬ ସହ ମ୍ୟାଚ୍‌ରେ ମୋଟ୍ ୧୫୭ ରନ ବ୍ୟୟରେ ୧୧ ଉଇକେଟ୍ ଅକ୍ତିଆର କରିଥିଲେ। ଏହା ତାଙ୍କର ପ୍ରଥମ ୧୦ ଉଇକେଟ୍ ସଫଳତା ଥିଲା। ଏହି ବାମହାତୀ ସ୍ପିନର ୨ୟ ଇନିଂସରେ ମଧ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ୪୯ ରନର ଇନିଂସ ଖେଳିଥିଲେ। ମ୍ୟାଚ୍ ବିଜୟୀ ସ୍ପେଲ୍ ଲାଗି ତାଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।



ରଣଜୀ ଟ୍ରଫି ଚାମ୍ପିୟନ ବିଦର୍ଭ ଦଳ ଟ୍ରଫି ସହ।

**ସଂକ୍ଷିପ୍ତ ସ୍କୋର**

**ବିଦର୍ଭ ପ୍ରଥମ ଇନିଂସ:** ୩୧୨/ଅଲଆଉଟ (ଅକ୍ଷୟ କନୱର-୭୩*, ଉନାଡକଟ୍-୩/୫୪)।

**ସୌରାଷ୍ଟ୍ର ପ୍ରଥମ ଇନିଂସ:** ୩୦୭/ଅଲଆଉଟ(ସ୍ନେଲ ପଟେଲ-୧୦୨, ଆଦିତ୍ୟ ସରୱତେ- ୫/୯୮)।

**ବିଦର୍ଭ ୨ୟ ଇନିଂସ:** ୨୦୦/୧୦ (ସରୱାତେ-୪୯, ଧର୍ମେନ୍ଦ୍ର ଜାଡେଜା-୬/୯୬)।

**ସୌରାଷ୍ଟ୍ର ୨ୟ ଇନିଂସ:** ୫୮.୪ ଓଭରରେ ୧୨୭/ଅଲଆଉଟ, (ବୈଷବରାଜ -୫୨, ଧର୍ମେନ୍ଦ୍ର-୧୭, କମଲେଶ ମାକଭାନ-୧୪, ପୂଜାରା-୦, ସରୱତେ- ୬/୫୯)।

# ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ଭାରତ

ଅକ୍‌ଲାଣ୍ଡ,୭।୨(ପି.ଟି.)

**ଆଜି ଦ୍ୱିତୀୟ ଟି୨୦**
- **ସମୟ: ପୂର୍ବାହ୍ନ ୧୧.୩୦**
- **ସ୍ଥାନ: ଅକ୍‌ଲାଣ୍ଡ, ଇଡେନ ପାର୍କ**
- **ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ**

ଶୁକ୍ରବାର ଦ୍ୱିତୀୟ ଟି୨୦ ମୁକାବିଲାରେ ଭାରତ ଓ ଘରୋଇ ନ୍ୟୁଜିଲାଣ୍ଡ ମୁହାଁମୁହିଁ ହେବେ। ଅକଲାଣ୍ଡର ଇଡେନ ପାର୍କରେ ଖେଳାଯିବାକୁଥିବା ଏହି ମ୍ୟାଚ୍‌ରେ ଭାରତ ଦୃଢ଼ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରହିଛି। ୱେଲିଂଟନରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଭାରତ ୮୦ ରନରେ ପରାସ୍ତ ହୋଇଥିଲା। ରନ ଦୃଷ୍ଟିକୋଣରୁ ସର୍ବବୃହତ୍ ପରାଜୟବରଣ କରିଥିଲା। ନ୍ୟୁଜିଲାଣ୍ଡ ଓପନର ଟିମ ସେଇଫର୍ଟ ଚମତ୍କାର ପ୍ରଦର୍ଶନ କରି ଭାରତ ହାତରୁ ମ୍ୟାଚ୍ ଛଡାଇ ନେଇଥିଲେ। ଭାରତର ସବୁ ବୋଲର ସଂଘାତିକ ଭାବେ ବିଫଳ ହୋଇଥିଲେ। ଖଲିଲ ଅହମ୍ମଦ କିମ୍ବା ମହମ୍ମଦ ସିରାଜଙ୍କ ବଦଳରେ ସିଦ୍ଧାର୍ଥ କାଉଲଙ୍କୁ ଦଳରେ ସାମିଲ କରାଯାଇ ପାରେ। ସ୍ପିନର କ୍ରୁନାଲ ପାଣ୍ଡ୍ୟା ଓ ୟୁଜବେନ୍ଦ୍ର ଚହଲ ସେତେଟା ଖରାପ ଖେଳି ନ ଥିଲେ ମଧ ଚାଇନାମ୍ୟାନ କୁଲଦୀପଙ୍କୁ ଦଳରେ ନିଆଯାଇପାରେ। ୯ ବ୍ୟାଟ୍ସମ୍ୟାନଙ୍କୁ ନେଇ ମଧ ଭାରତ ରନ୍ ଚେଜ୍ କରିପାରି ନ ଥିଲା। ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଭାରତ ୧-୦ରେ ପଛରେ ରହିଛି। ଫଳରେ ସିରିଜ ବଞ୍ଚାଇବା ପାଇଁ ଭାରତ କର ବା ମର ପରିସ୍ଥିତିର ସମ୍ମୁଖୀନ ହୋଇଛି।

ଅପରପକ୍ଷରେ ଦଳର ପ୍ରଦର୍ଶନରେ ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ ବେଶ୍ ଖୁସ୍ ଅଛନ୍ତି। ଅଭିଜ୍ଞ ଦ୍ରୁତ ବୋଲର ଟିମ୍ ସାଉଦି, ସ୍ପିନର ଇଶ୍ ସୋଧୀ ଓ ସାଣ୍ଟନର ପ୍ରଥମ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିଥିଲେ। ଦଳର ଓପନିଂ ଯୋଡି ମଧ କମାଲ କରିଥିଲେ। ଅଗ୍ରଣୀ ଥିବାରୁ ନ୍ୟୁଜିଲାଣ୍ଡ ଏହି ମ୍ୟାଚ୍ ଜିତି ସିରିଜ ହାତେଇ ଦିନିକିଆ ସିରିଜ ପରାଜୟର ପ୍ରତିଶୋଧ ନେବା ଲକ୍ଷ୍ୟରେ ରହିଛି।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଶିଖର ଧାୱନ, ରିଷଭ ପନ୍ତ, ଦୀନେଶ କାର୍ତ୍ତିକ, କେଦାର ଯାଦବ, ମହେନ୍ଦ୍ର ସିଂ ଧୋନୀ, କ୍ରୁନାଲ ପାଣ୍ଡ୍ୟା, କୁଲଦୀବ ଯାଦବ, ୟୁଜବେନ୍ଦ୍ର ଚହଲ, ଭୁବନେଶ୍ୱର କୁମାର, ସିଦ୍ଧାର୍ଥ କାଉଲ, ଖଲିଲ ଅହମ୍ମଦ, ଶୁବମନ ଗିଲ, ବିଜୟ ଶଙ୍କର, ହାର୍ଦ୍ଦିକ ପାଣ୍ଡ୍ୟା ଓ ମହମ୍ମଦ ସାମି।

**ନ୍ୟୁଜିଲାଣ୍ଡ ଦଳ:** କେନ୍ ୱିଲିୟମସନ (ଅଧିନାୟକ), ଡଗ୍ ବ୍ରାସୱେଲ୍, କଲିନ୍ ଡି ଗ୍ରାଣ୍ଡହୋମ, ଲୋକି ଫର୍ଗୁସନ, ସ୍କଟ କୁଗେଲେଜିନ୍, କଲିନ୍ ମୁନରୋ, ଡାରେଲ ମିଚେଲ, ମିଚେଲ ସାଣ୍ଟନର, ଟିମ୍ ସେଇଫର୍ଟ, ଟିମ୍ ସାଉଦି, ରସ୍ ଟେଲର, ବ୍ଲେୟାର ଟିକନର ଓ ଜେମ୍ସ ନିଶାମ।

# ଆଜି ଚେନ୍ନାଇ ବନାମ ଆରୋଜ୍

ଭୁବନେଶ୍ୱର, ୭।୨(କ୍ରୀଡ଼ା ପ୍ରତିନିଧି)

**ଆଇ-ଲିଗ୍ ଫୁଟ୍‌ବଲ**

ଚେନ୍ନାଇ ସିଟି ଏଫ୍‌ସି ଓ ଇଣ୍ଡିଆନ ଆରୋଜ୍ ମଧ୍ୟରେ ଚଳିତ ଆଇ ଲିଗ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଘରୋଇ ପରିବେଶରେ ଖେଳୁଥିବା ଆରୋଜ୍ ପୂର୍ବ ମ୍ୟାଚ୍‌ରେ ଏଠାରେ ଗତଥରର ଚାମ୍ପିୟନ ମିନର୍ଭା ପଞ୍ଜାବକୁ ହରାଇଥିବାରୁ ଆଗାମୀ ମ୍ୟାଚ୍‌ରେ ମଧ ସେହି ପ୍ରଦର୍ଶନ ବଜାୟ ରଖି ଆଉ ଏକ ବିପର୍ଯ୍ୟୟ ସୃଷ୍ଟି ଲକ୍ଷ୍ୟରେ ରହିଛି। ଅନ୍ୟପକ୍ଷରେ ଦୀର୍ଘଦିନ ଧରି ପଏଣ୍ଟ ଟେବୁଲର ଶୀର୍ଷରେ ରହି ଏବେ ଦ୍ୱିତୀୟ ସ୍ଥାନକୁ ଖସିଥିବା ଚେନ୍ନାଇ ସିଟି ବିଜୟ ହାସଲ ସହ ପୁଣି ଶୀର୍ଷକୁ ଉଠିବା ଆଶା ରଖିଛି। ମ୍ୟାଚ୍ ଅପରାହ୍ନ ୨ଟାରେ ଆରମ୍ଭ ହେବ।

ଆଇ-ଲିଗ୍ ଚଳିତ ସଂସ୍କରଣର ଉଦ୍‌ଘାଟନୀ ମ୍ୟାଚ୍‌ରେ ଉଭୟ ଦଳ ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ସ୍ୱାନିଶ୍ ସ୍ନିପର ପେଦ୍ରୋ ମାନ୍‌ଜିଙ୍କ ହ୍ୟାଟ୍ରିକ ବଳରେ ଚେନ୍ନାଇ ୪-୧ ଗୋଲରେ ଆରୋଜ୍‌କୁ ପରାସ୍ତ କରିଥିଲା। ଚଳିତ ଲିଗ୍‌ରେ ପ୍ରଥମ ହ୍ୟାଟ୍ରିକ ଅର୍ଜନ କରିଥିବା ମାଞ୍ଜି ସ୍କୋରିଂଧାରା ବଜାୟ ରଖି ୧୩ଟି ଗୋଲ ଦେଇସାରିଥିବାରୁ ଆରୋଜ୍ ପାଇଁ ମଧ ବିପଜ୍ଜନକ ସାବ୍ୟସ୍ତ ହେବା ସମ୍ଭାବନା ରହିଛି। ତେଣୁ ତାଙ୍କ ଉପରେ ଆରୋଜ୍‌ର ନଜର ରହିବ। ଅନ୍ୟପକ୍ଷରେ ସିଜନ ଆରମ୍ଭ ମ୍ୟାଚ୍‌ରେ ପରାଜିତ ହେବା ପରେ ଆରୋଜ୍ ସଫଳ ପ୍ରତ୍ୟାବର୍ତ୍ତନ କରି ୧୬ ପଏଣ୍ଟ ହାସଲ ସହ ଟେବୁଲର ୭ମ ସ୍ଥାନ ଅଧିକାର କରିଛି। ୧୬ ମ୍ୟାଚ୍‌ରୁ ୧୦ଟିରେ ପରାଜିତ ହୋଇଥିଲେ ହେଁ ୧ ଡ୍ର ଓ ୫ ବିଜୟ ସହ ଶ୍ରେଷ୍ଠ ପ୍ରଦର୍ଶନର ରେକର୍ଡ କରିଛି।

# ଷ୍ଟାର୍କ ବାଦ୍, ମାର୍ଶ, ସିଡଲ୍‌ଙ୍କୁ ଅଣଦେଖା

ମେଲବୋର୍ନ, ୭।୨(ପି.ଟି.)

ଚଳିତ ମାସ ୨୪ରୁ ଘରୋଇ ଭାରତ ବିପକ୍ଷରେ ଖେଳାଯିବାକୁ ଥିବା ସୀମିତ ଓଭର ବିଶିଷ୍ଟ ସିରିଜ ଲାଗି ଗୁରୁବାର ଅଷ୍ଟ୍ରେଲିଆ କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ମାଂସପେଶୀଜନିତ ଆଘାତ କାରଣରୁ ଅଭିଜ୍ଞ ବାମହାତୀ ଦ୍ରୁତ ବୋଲର ମିଚେଲ ଷ୍ଟାର୍କଙ୍କୁ ଏହି ଗସ୍ତରୁ ବାଦ୍ ଦିଆଯାଇଛି। ଆରୋନ୍ ଫିଞ୍ଚଙ୍କ ନେତୃତ୍ୱରେ ଘୋଷିତ ୧୬ ଜଣିଆ ଦଳରୁ ୧୨ଜଣ ଖେଳାଳି ଗତମାସରେ ଭାରତ ବିପକ୍ଷରେ ଘରୋଇ ମାଟିରେ ଖେଳାଯାଇଥିବା ସିରିଜରେ ଅଂଶଗ୍ରହଣ କରିଥିଲେ। ଅଷ୍ଟ୍ରେଲିଆ ଗସ୍ତରେ ଭାରତ ଦିନିକିଆ ସିରିଜକୁ ୨-୧ରେ ଜିତିଥିବାବେଳେ ଟି୨୦ ସିରିଜ ୧-୧ରେ ଡ୍ର' ରଖିଥିଲା।


ଷ୍ଟାର୍କଙ୍କ ସ୍ଥାନରେ କେନ୍ ରିଚାର୍ଡଶନଙ୍କୁ ଦଳରେ ସାମିଲ କରାଯାଇଛି। ସେହିଭଳି ପିଠିଜନିତ ସମସ୍ୟା ଦେଇ ଗତି କରୁଥିବା ଅନ୍ୟତମ ଦ୍ରୁତ ବୋଲର ଜୋଶ୍ ହାଜେଲଉଡ୍‌ଙ୍କୁ ମଧ ଭାରତ ବିପକ୍ଷ ଆଗାମୀ ସିରିଜରେ ସ୍ଥାନ ମିଳିନାହିଁ। ପିଟର ସିଡଲ ଓ ଅଲ୍‌ରାଉଣ୍ଡର ମିଚେଲ ମାର୍ଶଙ୍କୁ ମଧ ଏହି ସିରିଜରୁ ଅଣଦେଖା କରାଯାଇଛି। ୨୦୧୦ ପରେ ଭାରତ ବିପକ୍ଷ ସିରିଜରେ ନିକଟରେ ପ୍ରତ୍ୟାବର୍ତ୍ତନ କରିଥିବା ସିଡଲ ୩ଟି ଦିନିକିଆରେ ୧୬୨ ରନ୍ ବ୍ୟୟ କରି ମାତ୍ର ୨ଟି ଉଇକେଟ୍ ନେଇଥିଲେ। ସିନିୟର ବ୍ୟାଟ୍ସମ୍ୟାନ ଶନ୍ ମାର୍ଶ ପିତୃତ୍ୱ ଲାଭ କରିଥିବାରୁ ବିଳମ୍ବରେ ଭାରତରେ ପହଞ୍ଚିବେ ବୋଲି ଜଣାପଡ଼ିଛି। ଅଷ୍ଟ୍ରେଲିଆ କ୍ରିକେଟ ଦଳ ଚଳିତ ମାସର ୩ୟ ସପ୍ତାହରେ ଭାରତ ଗସ୍ତରେ ଆସି ଘରୋଇ ଦଳ ବିପକ୍ଷରେ ୨ଟି ଟି୨୦ ଓ ୫ଟି ଦିନିକିଆ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଦୁଇଟି ଟି୨୦ ଯଥାକ୍ରମେ ଫେବୃୟାରୀ ୨୪ ଓ ୨୭ରେ ବିଶାଖାପାଟଣା ଓ ବେଙ୍ଗାଲୁରୁରେ ଖେଳାଯିବ। ଏହାପରେ ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍ ମାର୍ଚ୍ଚ ୨ରେ ହାଇଦ୍ରାବାଦ୍‌ରେ ଅନୁଷ୍ଠିତ ହେବ।

**ଅଷ୍ଟ୍ରେଲିଆ ଟି୨୦ ଓ ଦିନିକିଆ ଦଳ:** ଆରୋନ୍ ଫିଞ୍ଚ (ଅଧିନାୟକ), ପ୍ୟାଟ୍ କୁମିନ୍ସ, ଆଲେକ୍ସ କେରୀ, ଜାସନ ବେହରେନଡ୍ରଫ୍, ନାଥନ କୋଲ୍ଟର-ନାଇଲ୍, ପିଟର୍ ହ୍ୟାଣ୍ଡ୍ସକମ୍ବ, ଉସମାନ ଖ୍ୱାଜା, ନାଥନ ଲିୟନ, ଶନ୍ ମାର୍ଶ, ଗ୍ଲେନ ମ୍ୟାକ୍ସୱେଲ, ଜୟ ରିଚାର୍ଡଶନ, କେନ୍ ରିଚାର୍ଡଶନ, ଡି' ଆର୍ଚି ଶର୍ଟ, ମାର୍କସ ଷ୍ଟୋଇନିସ, ଆଷ୍ଟନ ଟର୍ନର ଓ ଆଡାମ ଜାମ୍ପା।

DSPL-389
# ଜାତୀୟ କୃମିନାଶ ଦିବସ
୮ ଫେବୃଆରୀ, ୨୦୧୯ (ଶୁକ୍ରବାର)

ଏହିଦିନ ୧ -୧୯ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କୁ ନିରାପଦ କୃମି ନାଶକ ଔଷଧ ବିନାମୂଲ୍ୟରେ ଅଙ୍ଗନୱାଡି କେନ୍ଦ୍ର ଓ ସ୍କୁଲ ମାନଙ୍କରେ ଖାଇବାକୁ ଦିଆଯିବ। ଅଙ୍ଗନୱାଡି କେନ୍ଦ୍ରରେ ପଞ୍ଜୀକୃତ ହୋଇନଥିବା କିମ୍ବା ବିଦ୍ୟାଳୟ ଯାଉନଥିବା ପିଲାମାନଙ୍କୁ ମଧ୍ୟ ଏହି ଔଷଧ ଖାଇବାକୁ ଦିଆଯିବ।

ଏହା ସହିତ ନିମ୍ନ ପ୍ରଦତ୍ତ ଉପାୟ ଦ୍ୱାରା ନିଜକୁ କୃମି ସଂକ୍ରମଣରୁ ରକ୍ଷା କରନ୍ତୁ।




ଏଣୁ, ସମସ୍ତ ପିଲାଙ୍କୁ (୧-୧୯ ବର୍ଷ) ତା ୮ ଫେବୃଆରୀ ୨୦୧୯ ରିଖରେ କୃମିନାଶକ ଔଷଧ ନିଶ୍ଚୟ ଖୁଆଇ ସେମାନଙ୍କୁ ପୁଷ୍ଟିହୀନତା, ରକ୍ତହୀନତାରୁ ଦୂରେଇ ରଖିବା ସହିତ ସେମାନଙ୍କ ମାନସିକ ତଥା ଶାରୀରିକ ଅଭିବୃଦ୍ଧିରେ ସହାୟକ ହୁଅନ୍ତୁ।

ଧ୍ୟାନ ଦିଅନ୍ତୁ :
ଅନୁଗୁଳ,ଭଦ୍ରକ,ଗଞ୍ଜାମ ଓ ନୟାଗଡ଼ ଜିଲ୍ଲା ବ୍ୟତୀତ ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲାରେ ୧ ବର୍ଷରୁ ୧୯ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ କୃମିନାଶକ ଔଷଧ ଖାଇବାକୁ ଦିଆଯିବ। ତା ୮-୨-୨୦୧୯ ରିଖରେ ବାଦ୍ ପଡିଥିବା ପିଲାମାନେ ତା ୧୪-୨-୨୦୧୯ ରିଖରେ କୃମିନାଶକ ଔଷଧ ଖାଇପାରିବେ।

ଅଧିକ ସୂଚନା ପାଇଁ ଆଶାଦିଦି /ଅଙ୍ଗନୱାଡି କର୍ମୀ କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ।

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା
10003/13/0103/1819
facebook.com/HFWOdisha http://www.health.odisha.gov.in/ @HFWOdisha

"ଫାଇଲେରିଆ ନିରାକରଣ ଅଭିଯାନ-୨୦୧୯"
ଅନୁଗୁଳ,ଭଦ୍ରକ,ଗଞ୍ଜାମ ଓ ନୟାଗଡ ଜିଲ୍ଲାରେ
# ସାମୁହିକ ଔଷଧ ସେବନ
୮ ଫେବୃଆରୀ (ଶୁକ୍ରବାର)
DSPL-390



ଫାଇଲେରିଆ ବା ବାତଜ୍ୱର (ଗୋଦର) ନିରାକରଣ ନମନ୍ତେ ଚଳିତ ବର୍ଷ ଫେବୃଆରୀ ୮ ତାରିଖରେ ରାଜ୍ୟର ୪ଟି ବାତଜ୍ୱର ପ୍ରବଣ ଜିଲ୍ଲା ଯଥା-ଅନୁଗୁଳ,ଭଦ୍ରକ, ଗଞ୍ଜାମ ଓ ନୟାଗଡ ଜିଲ୍ଲାରେ ଫାଇଲେରିଆ ପ୍ରତିରୋଧକ ଡି.ଇ.ସି. ଓ ଆଲବେଣ୍ଡାଜଲ ବଟିକା ସେବନ ବ୍ୟବସ୍ଥା କରାଯାଇଛି।

- ଆଶାକର୍ମୀ କିମ୍ବା ସ୍ୱେଚ୍ଛାସେବୀମାନେ ଘରକୁ ଘର ଯାଇ ବିନା ମୂଲ୍ୟରେ ଔଷଧ ଖୁଆଇବେ।
- କେବଳ ଗର୍ଭବତୀ ମହିଳା,୨ ବର୍ଷରୁ କମ୍ ବୟସର ଶିଶୁ, ଗୁରୁତର ଅସୁସ୍ଥ ବ୍ୟକ୍ତି ଏହି ବଟିକା ଖାଇବେ ନାହିଁ।
- ଯଦି କୌଣସି କାରଣବଶତଃ ପ୍ରଥମ ଦିନ ଏହି ବଟିକା ଖାଇପାରିନଥିବେ,ତେବେ ପରବର୍ତ୍ତି ଦୁଇଦିନ ଅର୍ଥାତ୍ ୯ ଓ ୧୦ ତାରିଖରେ ଆଶାକର୍ମୀ କିମ୍ବା ସ୍ୱେଚ୍ଛାସେବୀମାନେ ଘରକୁ ଘର ଯାଇ ଔଷଧ ଖୁଆଇବେ।

ଫାଇଲେରିଆ ପ୍ରତିରୋଧକ ବଟିକା ସେବନ କରି ଫାଇଲେରିଆ ନିରାକରଣ ଅଭିଯାନକୁ ସଫଳ କରାନ୍ତୁ।

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା
10003/13/0104/1819

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଶୁକ୍ରବାର, ଫେବୃୟାରୀ ୮/୨୦୧୯ Balasore, Friday, February 8/2019




# ଆର୍‌ଆଇ କାର୍ଯ୍ୟାଳୟରେ ସ୍ୱଳ୍ପ ଜମାକାରୀଙ୍କ ଉତ୍ତେଜନା

**ବାହାନଗା, ୭।୨(ଡି.ଏନ.ଏ.)**

ଚିଟ୍‌ଫଣ୍ଡ ସଂସ୍ଥାରେ ଟଙ୍କା ରଖିଥିବା ଜମାକାରୀଙ୍କୁ ଟଙ୍କା ଫେରସ୍ତ ମିଳିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ବାହାନଗା ବ୍ଲକ ଗୋପାଳପୁର ଆରଆଇ କାର୍ଯ୍ୟାଳୟକୁ ଆସିଥିବା ସ୍ୱଳ୍ପ ଜମାକାରଙ୍କ ନାମ ତାଲିକା ଯାଞ୍ଚ କରାଯାଉଥିବା କେତେକ ଜମାକାରୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା।

୧୦ହଜାର ଟଙ୍କା ମଧ୍ୟରେ ରଖିଥିବା ସଳ୍ପ ଜମାକାରୀଙ୍କୁ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ଟଙ୍କା ଫେରାଇବା ନେଇ ଘୋଷଣା କରିବା ପରେ ୨ବର୍ଷ ପୂର୍ବରୁ ଜମାକାରୀମାନେ କାଗଜପତ୍ର କଟକସ୍ଥିତ କମିଶନରଙ୍କଠାରେ ଦାଖଲ କରିଥିଲେ। ସେହି ଅନୁଯାୟୀ ସଳ୍ପ ଜମାକାରୀଙ୍କ କାଗଜପତ୍ର ପୂର୍ବରୁ ଦୁଇଥର ଯାଞ୍ଚ କରାଯାଇ ଜେରକ୍ସ କପି ଜମାକାରୀଙ୍କଠାରୁ ସରକାର ଆରଆଇଙ୍କ ଦ୍ୱାରା ନେଇଥିଲେ। କାଗଜପତ୍ର ଯାଞ୍ଚ ପରେ ଏବେ ଟଙ୍କା ପାଇବାକୁ ଥିବା ସଳ୍ପ ଜମାକାରୀଙ୍କ ନାମ ତାଲିକା ଓ ପାଇବାକୁ ଥିବା ଟଙ୍କାର ପରିମାଣ ତହସିଲ କାର୍ଯ୍ୟାଳୟକୁ ଆସିଛି। ତହସିଲଦାର ସମ୍ପୃକ୍ତ କାଗଜପତ୍ରଗୁଡିକୁ ଆରଆଇମାନଙ୍କ ଦ୍ୱାରା ଯାଞ୍ଚ କରାଇ ଜମାକାରୀମାନେ ପାଇଥିବା ଅରିଜିନାଲ ବଣ୍ଡ ଉପରେ ଆରଆଇମାନେ ରିଜେକ୍ଟ ଲେଖି ଷ୍ଟାମ୍ପ ମାରୁଛନ୍ତି। କେତେକ ଜମାକାରୀଙ୍କର ରଖିଥିବା ଟଙ୍କାର ମାସିକିଆ କିସ୍ତି ୧୨୦ ଟଙ୍କା, ୯୦ ଟଙ୍କା ଓ ୨ଶହ ଟଙ୍କା ଭଳି ପରିମାଣ ଆସିଥିବା ନେଇ ସେମାନେ ଉତ୍ତ୍ୟକ୍ତ ହୋଇ ଆରଆଇ କାର୍ଯ୍ୟାଳୟରେ ପାଟିତୁଣ୍ଡ ଆରମ୍ଭ କରିଥିଲେ। ଏ ସମ୍ପର୍କରେ ବାହାନଗା ତହସିଲିର ଅତିରିକ୍ତ ତହସିଲଦାର ସଂଗ୍ରାମ କେଶରୀ ପରିଡା କହନ୍ତି ଯେଉଁ ଜମାକାରୀମାନେ ରଖିଥିବା ଟଙ୍କାର ରସିଦ୍ ଯେତେ ଦେଖାଇଛନ୍ତି ସେହି ଅନୁଯାୟୀ ସେମାନଙ୍କ ନାମରେ ସେତକ ଟଙ୍କା ଆସିଛି। ଅଳ୍ପ କେତେକ ଲୋକଙ୍କର ସେଭଳି ଆସିଛି। ଅନ୍ୟମାନଙ୍କର ଟଙ୍କା ଠିକ୍ ଆସିଛି ବୋଲି କହିଛନ୍ତି।


ଆର୍‌ଆଇ କାର୍ଯ୍ୟାଳୟ ଆଗରେ ସ୍ୱଳ୍ପ ଜମାକାରୀ।

# ତହସିଲଦାରଙ୍କୁ ୨୦ ହଜାର ଜରିମାନା

**କେନ୍ଦୁଝର, ୭।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବାଂଶପାଳ ତହସିଲ ଅଞ୍ଚଳରେ ଜଙ୍ଗଲ ଜମିରେ ମଣ୍ଟେ କାର୍ଲୋ କମ୍ପାନୀର କାରଖାନା ନିର୍ମାଣକୁ ନେଇ ନୂଆଦିଲ୍ଲୀ ନ୍ୟାସନାଲ ଗ୍ରୀନ ଟ୍ରିବୁନାଲ ବାଂଶପାଳ ତହସିଲଦାରଙ୍କୁ ୨୫ ହଜାର ଟଙ୍କା ଜରିମାନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳ ଓ ଡିଏଫଓଙ୍କୁ ମଧ୍ୟ 25 ହଜାର ଟଙ୍କା ଲେଖାଁଏ ଜରିମାନ କରାଯାଇଥିବା ଜଣାଯାଇଛି। ଜଙ୍ଗଲ ଜମିରେ ଥିବା କାରଖାନା ସ୍ଥାନାନ୍ତରଣ କରି ୪ ସପ୍ତାହ ମଧ୍ୟରେ ଟ୍ରିବୁନାଲକୁ ଆଫିଡେଭିଟ ମାଧ୍ୟମରେ ଜଣାଇବାକୁ ନୋଟିସ କରାଯାଇଥିଲା। ଠିକ ସମୟରେ ଉତ୍ତର ଦେଇ ନ ଥିବାରୁ ଏଭଳି ଏନଜିଟି ଜରିମାନ କରିଥିବା କୁହାଯାଇଛି। ତହସିଲର ଖାମଖିଆଲ ପାଇଁ ଜିଲାପାଳ ଅଡୁଆରେ ପଡିଥିବା ଆଲୋଚନା ହେଉଛି। କାରଖାନା ଓ କ୍ୟାମ୍ପ ପାଇଁ କମ୍ପାନୀ ତହସିଲକୁ ଜମି ମାଗିଥିଲେ ହେଁ ତହସିଲ ପକ୍ଷରୁ ଠିକ ଚିହ୍ନଟ କରି ଜମି ଦେଇ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ରାଜସ୍ୱ ବିଭାଗର ଜମିଜମା ସଂକ୍ରାନ୍ତୀୟ ରିପୋର୍ଟକୁ ଭିତ୍ତିକରି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାରଖାନା ବସାଇବାକୁ ଅନୁମତି ଦେଇଥିଲେ। ଏ ନେଇ ସ୍ଥାନୀୟ ଲୋକ ଅଭିଯୋଗ ପରେ ମାମଲା ଏନଜିଟିକୁ ଯାଇଥିଲା।

## ଅଙ୍ଗନୱାଡି ସହାୟିକା ଚୟନରେ ଅନିୟମିତତା

# ସିଡିପିଓ, ସୁପରଭାଇଜରଙ୍କୁ ଅଟକ ରଖିଲେ ଗ୍ରାମବାସୀ

**ବସ୍ତା, ୭।୨(ସ୍ୱ.ପ୍ର.)**

ବସ୍ତା ବ୍ଲକ କରୁଆ ପଞ୍ଚାୟତର ଉଜୁଡା ୧ ଅଙ୍ଗନୱାଡି କେନ୍ଦ୍ରରେ ସହାୟିକା ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ଏହାର ବିରୋଧ କରି ବସ୍ତା ବ୍ଲକ ସିଡିପିଓ ଓ ଦୁଇ ସୁପରଭାଇଜରଙ୍କୁ ଦୀର୍ଘ ସମୟ ଧରି ଅଟକ ରଖିଥିଲେ। ସିଂଲା ପୋଲିସ ଖବରପାଇ ସମସ୍ତଙ୍କୁ ଉଦ୍ଧାର କରିଛି।

ଉକ୍ତ ଅଙ୍ଗନୱାଡି କେନ୍ଦ୍ରରେ ଅଙ୍ଗନୱାଡି ସହାୟିକା ଚୟନ ନିମନ୍ତେ ବସ୍ତା ସିଡିପିଓ ଚମ୍ପାବତୀ ମୁର୍ମୁ ଓ ଦୁଇ ସୁପର୍‌ଭାଇଜର ଆସିଥିଲେ। ଚୟନ ପ୍ରକ୍ରିୟାରେ ଅନିୟମିତତା ଦର୍ଶାଇ ଗ୍ରାମବାସୀ ସିଡିପିଓଙ୍କଠାରେ ଅଭିଯୋଗ କରିଥିଲେ। ତେବେ ସିଡିପିଓ ସବୁ ଠିକ୍‌ଠାକ୍ ଚାଲିଛି ବୋଲି କହିବା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ପଦବୀ ଲାଗି ବିଧବା ଏବଂ ଦିବ୍ୟାଙ୍ଗଙ୍କୁ ପ୍ରାଧାନ୍ୟ ଦିଆଯିବ କଥା। ଏଥିରେ ଅନିୟମିତତା ହୋଇଥିବା ଗ୍ରାମବାସୀ ଜାଣିବା ପରେ ଅସନ୍ତୋଷ ବ୍ୟକ୍ତ କରି ଦୁଇ ସୁପରଭାଇଜର୍‌ଙ୍କ ସମେତ ସିଡିପିଓଙ୍କୁ ଅଙ୍ଗନୱାଡି କେନ୍ଦ୍ରରେ ଏକ ଘରେ ରଖି ଦୀର୍ଘ ସମୟ ଧରି ଅଟକ ରଖିଥିଲେ। ଶେଷରେ ଚୟନ ପ୍ରକ୍ରିୟାକୁ ସିଡିପିଓ ବାତିଲ୍ କରିବା ପରେ ଉତ୍ତେଜନା ହ୍ରାସ ପାଇଥିଲା।

# ଶୁଝିପାରିଲେନି ଋଣ ଖିଲାପିଙ୍କ ଘର ସିଲ୍ କଲା ବ୍ୟାଙ୍କ

**ତିହିଡ଼ି, ୭।୨ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ବଜାର ସ୍ଥିତ ପୂର୍ବତନ ଡାକ୍ତର ସ୍ୱର୍ଗତ ଦିବାକର ସାମନ୍ତଙ୍କ ପୁଅ ଶୁଭେନ୍ଦୁ ଋଣ ନେଇ ଶୁଝି ନ ପାରିବାରୁ ୟୁକୋ ବ୍ୟାଙ୍କର ତିହିଡ଼ି ଶାଖା ପକ୍ଷରୁ ଗୁରୁବାର ତାଙ୍କ ଘରକୁ ସିଲ୍ କରି ଦିଆଯାଇଛି। ଭାଟପଡ଼ା ପଞ୍ଚାୟତ ମିର୍ଜାପୁର ମୌଜା ଅଧୀନ ତିହିଡ଼ି ବଜାରରେ ରହୁଥିବା ଶୁଭେନ୍ଦୁ ୨୦୦୭ ଜାନୁୟାରୀ ୧୫ ଠାରୁ ବିଭିନ୍ନ ସମୟରେ ସ୍ଥାନୀୟ ୟୁକୋ ବ୍ୟାଙ୍କରୁ ୪୩ ଲକ୍ଷ ଟଙ୍କା ଋଣ ଆକାରରେ ନେଇଥିଲେ। ବ୍ୟାଙ୍କ ପକ୍ଷରୁ ବିଭିନ୍ନ ସମୟରେ ନୋଟିସ୍ କରାଯିବା ପରେ ମଧ୍ୟ ସେ ଋଣ ପରିଶୋଧ କରିବାରେ ସକ୍ଷମ ହୋଇପାରି ନ ଥିଲେ। ଫଳରେ ବ୍ୟାଙ୍କ ତାଙ୍କ ବାପା ସ୍ୱର୍ଗତ ଦିବାକରଙ୍କ ନାମରେ ଥିବା ଘରକୁ ନିଜ ଅକ୍ତିଆରକୁ ନେଇଯାଇଛି। ତହସିଲଦାର କୈଳାସ ଚନ୍ଦ୍ର ମହାଲିକ, ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର, ବ୍ୟାଙ୍କର ଏଲ୍‌ଡିଏମ୍ ଅରୂପ କୁମାର ରାୟ, ଶାଖା ପରିଚାଳକ ରୁଦ୍ରନାରାୟଣ ପଣ୍ଡା, ଫିଲ୍ଡ ଅଫିସର ପ୍ରୀତିରଞ୍ଜନ ମହାରଣାଙ୍କ ଉପସ୍ଥିତିରେ ଘର ସିଲ୍ କରାଯାଇଥିଲା। ଏ ସମ୍ପର୍କରେ ଶୁଭେନ୍ଦୁଙ୍କୁ ପଚାରିବାରୁ କହିଛନ୍ତି, ଗତବର୍ଷ ମାର୍ଚ୍ଚ ମାସରେ ସେ ୬ ଲକ୍ଷ ଟଙ୍କା ଋଣ ପରିଶୋଧ କରିଥିବା ବେଳେ ଅବଶିଷ୍ଟ କିସ୍ତିରେ ଶୁଝିବେ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ କହିଥିଲେ। ମାତ୍ର ତାଙ୍କ କଥାକୁ ବ୍ୟାଙ୍କ କର୍ତ୍ତୃପକ୍ଷ ଗୁରୁତ୍ୱ ନ ଦେଇ ଏଭଳି ପଦକ୍ଷେପ ନେଇଛନ୍ତି।

# ବେଆଇନ ବାଲି ପରିବହନ: ୯ ହାଇୱା ଜବତ

**ଭଣ୍ଡାରିପୋଖରୀ, ୭।୨ (ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ତହସିଲ ଅଧୀନ ବୈତରଣୀ ନଦୀର ବିଭିନ୍ନ ଘାଟରୁ ଖୋଲାଖୋଲି ଭାବେ ବାଲି ଉତ୍ତୋଳନ କରାଯାଇ ଚୋରା ଚାଲାଣ ହେଉଛି। ୧୬ ନମ୍ବର ଜାତୀୟ ରାଜପଥରେ ବେଆଇନ ଭାବେ ହାଇୱା ଯୋଗେ ଯାଜପୁର ଜିଲାର ବିଭିନ୍ନ ଘାଟରୁ ବାଲି ଉତ୍ତୋଳନ କରି ପରିବହନ କରାଯାଉଥିବା ବେଳେ ଭଣ୍ଡାରିପୋଖରୀ ଅତିରିକ୍ତ ତହସିଲଦାର ଶରତ ଚନ୍ଦ୍ର ସ୍ୱାଇଁ ଚଢ଼ାଉ କରିଛନ୍ତି। ୯ଟି ବାଲି ବୋଝେଇ ହାଇୱା ଜବତ କରାଯାଇ ତହସିଲରେ ଅଟକ ରଖାଯାଇଛି। ହାଇୱାଗୁଡ଼ିକ ଯାଜପୁର ଅଞ୍ଚଳରୁ ବାଲି ଉଠାଇ ଭଦ୍ରକ ଆଡ଼କୁ ଯାଉଥିଲେ। ଚାଳକ ୱାଇ ଫର୍ମ ଦେଖାଇ ନ ପାରିବାରୁ ଗାଡ଼ିଗୁଡ଼ିକ ଜବତ କରାଯାଇଥିଲା।

# ବ୍ୟାଙ୍କ ଆକାଉଣ୍ଟରୁ ୨୦ ହଜାର ଟଙ୍କା ଗାଏବ

**ଯୋଡ଼ା, ୭।୨(ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ଷ୍ଟେଟ୍ ବ୍ୟାଙ୍କରେ ଥିବା ଜଣେ ଗ୍ରାହକଙ୍କ ଆକାଉଣ୍ଟରୁ ୨୦ ହଜାର ଟଙ୍କା ଗାଏବ ହୋଇଥିବା ହୋଇଛି। ଯୋଡ଼ା ବ୍ଲକ ଭୂୟାଁରୋଇଡା ପଞ୍ଚାୟତ ଅନ୍ତର୍ଗତ କୁନ୍ଦୁରୁପାଣି ଗ୍ରାମର ଇଶ୍ୱର ପାତ୍ରଙ୍କ ଆକାଉଣ୍ଟରୁ ଟଙ୍କା ଉଠାଣ ହୋଇଥିବା ଜଣାଯାଇଛି। ଗତ ୧ରେ ଆକାଉଣ୍ଟରୁ ଉକ୍ତ ଟଙ୍କା ଝାଡ଼ଖଣ୍ଡର ହଜାରିବାଗ ଏଟିଏମ୍ କାଉଣ୍ଟରରୁ ଉଠା ହୋଇଥିବା ତାଙ୍କର ମୋବାଇଲ୍ ନଂକୁ ମେସେଜ୍ ଆସିଥିଲା। ଇଶ୍ୱରଙ୍କ ପାଖରେ ବ୍ୟାଙ୍କ ଖାତା ଏବଂ ଏଟିଏମ୍ କାର୍ଡ ଥାଇ କିପରି ଟଙ୍କା ଉଠାଣ ହେଲା ସତ୍ୟାସତ୍ୟ ପାଇଁ ବ୍ୟାଙ୍କ ମ୍ୟାନେଜରଙ୍କୁ ଲିଖିତ ଭାବେ ଜଣାଇଥିଲେ। ବ୍ୟାଙ୍କ ମ୍ୟାନେଜର ଏ ନେଇ ଯୋଡା ଥାନାରେ ଲିଖିତ ଭାବେ ଅଭିଯୋଗ କରିବାକୁ ଇଶ୍ୱରଙ୍କୁ କହିଥିଲେ। ଇଶ୍ୱର ଯୋଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଇଶ୍ୱର ତାଙ୍କ ଟଙ୍କା ଫେରି ପାଇନାହାନ୍ତି। ବ୍ୟାଙ୍କ କର୍ତ୍ତୃପକ୍ଷ ଉକ୍ତ ଘଟଣା ସମ୍ପର୍କରେ ଜଣାଉନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

# ଜାଲ୍ ଦସ୍ତଖତ କରି ଟଙ୍କା ହଡ଼ପ ଉଦ୍ୟମ: ଜଣେ ଅଟକ

**ତିହିଡ଼ି, ୭।୨ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ଥାନା ପାଳିଆବିନ୍ଧା ଗ୍ରାମର ଦେବଦତ୍ତ ନାୟକ ନାମକ ଜଣେ ବ୍ୟକ୍ତିଙ୍କ ଦସ୍ତଖତକୁ ବ୍ୟାଙ୍କ ଚେକ୍‌ରେ ଜାଲ୍ କରି ଦୋଳସାହି ୟୁକୋ ବ୍ୟାଙ୍କରୁ ଅଢ଼େଇ ଲକ୍ଷ ଟଙ୍କା ହଡ଼ପ ଉଦ୍ୟମ ହୋଇଥିବା ଅଭିଯୋଗ କରାଯାଇଛି। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଭଦ୍ରକାଳୀସାହି ଗ୍ରାମର ଆନନ୍ଦ ଦୀକ୍ଷିତ ନାମକ ଜଣେ ବ୍ୟକ୍ତି ଅନ୍ୟ ଜଣଙ୍କ ଆକାଉଣ୍ଟକୁ ଏହି ଟଙ୍କା ଟ୍ରାନ୍ସଫର ପାଇଁ ଉଦ୍ୟମ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ତିହିଡ଼ି ଥାନା ପୋଲିସ ଏ ନେଇ ଏକ ମାମଲା(ନଂ.୪୩/୧୯) ରୁଜୁ କରି ଗୁରୁବାର ଆନନ୍ଦଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ, ଦେବଦତ୍ତଙ୍କ ଷ୍ଟିଲ୍ ଫାର୍ମରେ ଆନନ୍ଦ କାର୍ଯ୍ୟ କରୁଥିଲେ। ସେ କୌଶଳକ୍ରମେ ଦେବଦତ୍ତଙ୍କର ଏକ ବ୍ୟାଙ୍କ ଚେକ୍‌କୁ ଚୋରି କରି ନେଇଯାଇଥିଲେ। ଚେକ୍‌ରେ ଦେବଦତ୍ତଙ୍କ ଜାଲ୍ ଦସ୍ତଖତ କରି ଅଢ଼େଇ ଲକ୍ଷ ଟଙ୍କା ଦୋଳସାହି ୟୁକୋ ବ୍ୟାଙ୍କରେ ଜମା କରିଥିଲେ। ସେହି ଟଙ୍କାକୁ ଅନ୍ୟ ଜଣଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିବାକୁ ଗତମାସ ୧୦ ତାରିଖରେ ବ୍ୟାଙ୍କରେ ଚେକ୍ ଦାଖଲ କରିଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷ ସନ୍ଦେହ କରି ଦେବଦତ୍ତଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଦେବଦତ୍ତ ବ୍ୟାଙ୍କରେ ପହଞ୍ଚି ଏହି ଜାଲିଆତି ସମ୍ପର୍କରେ ଜାଣିବା ପରେ ତିହିଡ଼ି ଥାନାର ଦ୍ୱାରସ୍ଥ ହୋଇଥିଲେ।




Accessories shown in the picture may not be a part of standard equipment. * Down payment of Rs. 3,250 applicable only on Scooty Pep+. *Savings up to Rs.6,300 applicable only on Ntorq. #Finance at the sole discretion of the financier. ^Paytm offer valid till 28th February 2019. Schemes cannot be clubbed. Other T&C apply.

**FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BALASORE:** Sita TVS, Ph.: 7852935605. **BARIPADA**: Allied TVS, Ph: 7852935617. **BHADRAK**: Sanjay TVS, Ph : 7854962653. BARBIL: Anjali TVS, Ph.: 7852944821. KEONJHAR: Kumar Automotives, Ph : 9870326414 **Authorised Dealers : Jaleswar**, Champa Motors, Ph.: 9437216037; Baliapal, Sanjeev Motors, Ph.: 9937194603; Chandaneswar, Sanjiv Automobiles, Ph.: 9937194603; Soro, Tarini Motors, Ph.: 06788-221845; Rairangpur, Pipal India Vehicles Pvt Ltd, Ph.: 7064403120; Basta, S.R. Motors, Ph.: 9040526003; Udhala, Pattanayak Motors, Ph : 9437238807; Joda, N & B Motors, Ph : 9439084443; Harichandanpur, Laranya Motors, Ph : 9437633978; Dhenkikot, Ali Motors, Ph : 7008797779; Betnoti, Sai Motors, Ph : 9776142684; Karanjia, Avoni Metal Traders, Ph : 9437037270; Dhamnagar, Sanju Automobiles, Ph : 9437265354: Chandbali, A S Laxmi Automobiles, Ph: 9238514769; Tihidi, Shree Motors, Ph : 9040123010.

McCann/Blr/Tvs/210/02/19



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ